ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ମାର୍ଚ୍ଚ ୭/୨୦୨୨ (୮+୮=୧୬ ପୃଷ୍ଠା) | Sambalpur, Monday, March 7/2022 | Page 16 | ₹ 7.00 | ★★

୧୮ଶ ଭାଗ ୮୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ₹୭/-



**ଝିଅଙ୍କୁ ଡାକ୍ତର କରିବାକୁ ଚାହୁଁଥିଲେ ଶ୍ରୀଦେବୀ**
ବଲିଉଡ୍ ଇଣ୍ଡଷ୍ଟ୍ରିର ପ୍ରଥମ ମହିଳା ସୁପରଷ୍ଟାର ଶ୍ରୀଦେବୀ ବଡ଼ ଝିଅ ଜାହ୍ନବୀଙ୍କୁ ଡାକ୍ତର କରିବାକୁ ଚାହୁଁଥିଲେ।

୦୭

୦୮

**ପୂଜା ବସ୍ତ୍ରକାର ପ୍ଲେୟର ଅଫ୍ ଦି ମ୍ୟାଚ**
ପାକିସ୍ତାନ ବିପକ୍ଷ ଆଇସିସି ମହିଳା ବିଶ୍ୱକପ୍ ମ୍ୟାଚରେ ଭାରତର ପୂଜା ବସ୍ତ୍ରକାର ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି।



# ବିଶ୍ୱ ଅର୍ଥନୀତି ପ୍ରଭାବିତ

**ମସ୍କୋ/ୱାଶିଂଟନ/ଲଣ୍ଡନ,୬।୩**

ଆମେରିକା ଓ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ୟୁକ୍ରେନ୍ ଆକ୍ରମଣକୁ ନେଇ ରୁଷିଆ ଉପରେ ଗୋଟିଏ ପରେ ଗୋଟିଏ ଆର୍ଥିକ କଟକଣା ଜାରି କରିବାରେ ଲାଗିଛନ୍ତି। ଆଧୁନିକ ବିଶ୍ୱର ଇତିହାସରେ ଅଦ୍ୟାବଧି କୌଣସି ବୃହତ୍ ଅର୍ଥନୀତି ବିରୋଧରେ ଏତେ କଠୋର କଟକଣା ଲାଗି ନ ଥିଲା। ଫେବୃୟାରୀ ୨୪ରେ ରୁଷୀୟ ସୈନ୍ୟ ୟୁକ୍ରେନ୍‌କୁ ଟାର୍ଗେଟ କରିବା ପରଠାରୁ ଆମେରିକା ସମେତ ୟୁରୋପୀୟ ସଂଘ (ଇୟୁ) ସଦସ୍ୟ ରାଷ୍ଟ୍ରଗୁଡ଼ିକ ଲଗାଇଥିବା କଟକଣା ପ୍ରଭାବରେ ରୁଷିଆ ଅର୍ଥନୀତି ବହୁଳ ପ୍ରଭାବିତ ହୋଇଛି। ଏହାର ମୁଦ୍ରା ରୁବଲ ୩୮% ତଳକୁ ଖସିଛି। ଏସବୁ ସତ୍ତ୍ୱେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଯୁଦ୍ଧଖୋର ମନୋବୃତ୍ତି ନରମିବା ଦେଖାଯାଉନାହିଁ। ଇତିମଧ୍ୟରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ୧୦ ବର୍ଷର ରେକର୍ଡ ଭାଙ୍ଗି ବ୍ୟାରେଲ ପିଛା ୧୨୦ ଡଲାର ନିକଟତର ହୋଇଛି। ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ରୁଷିଆର ତେଲ ଉପରେ କଟକଣା ଜାରି କଲେ କ୍ରୁଡ୍ ମୂଲ୍ୟ ୧୫୦ ଡଲାରକୁ ଛୁଇଁବ ବୋଲି ବିଶେଷଜ୍ଞମାନେ



ମତ ଦେଇଛନ୍ତି। ବିଶ୍ୱ ଅର୍ଥନୀତି ମହାମାରୀ କବଳରୁ ମୁକୁଳି ଅଣ୍ଟା ସଳଖି ଛିଡ଼ା ହେବାକୁ ଉଦ୍ୟମ କରୁଥିବାବେଳେ ବର୍ତ୍ତମାନର ତୈଳ ଦର ବୃଦ୍ଧିଜନିତ ମୁଦ୍ରାସ୍ଫୀତି ଯୋଗୁ ଜରୁରୀ ସାମଗ୍ରୀର ଦରଦାମ ବଢ଼ିବାରେ ଲାଗିଛି। ଯୁଦ୍ଧ ଓ ତଜ୍ଜନିତ କଟକଣା ଯୋଗୁ କେବଳ ରୁଷିଆ ନୁହେଁ, ବରଂ ଭାରତ ସମେତ ସମଗ୍ର ବିଶ୍ୱର ଅର୍ଥନୀତି ପ୍ରଭାବିତ ହେବ। ଏଥିରେ ୟୁରୋପୀୟ ରାଷ୍ଟ୍ର ସର୍ବାଧିକ କ୍ଷତିଗ୍ରସ୍ତ ହେବେ ବୋଲି ଅର୍ଥନୀତିଜ୍ଞମାନେ ସତର୍କ କରାଇଛନ୍ତି।

ରୁଷିଆ ଆକ୍ରମଣ କରୁଥିବାବେଳେ ୟୁକ୍ରେନ୍ ଆତ୍ମରକ୍ଷା କରୁଛି। କିନ୍ତୁ ମନେହେଉଛି, ସତେଯେପରି ଯୁଦ୍ଧ ଭିତରେ ବିଶ୍ୱ ଅର୍ଥନୀତି ଫସିଯାଇଛି। ରୁଷିଆ ଉପରେ ଆର୍ଥିକ ସଙ୍କଟର ବାଦଲ ପ୍ରଥମ ଥର ଦେଖାଦେଇନି। ୨୫ ବର୍ଷ ମଧ୍ୟରେ ମସ୍କୋ ଏପରି କଟକଣା ୪ ଥର ଦେଖିସାରିଛି। ୧୯୯୮-୯୯ରେ ରୁଷିଆ ଅନ୍ୟ ରାଷ୍ଟ୍ରଗୁଡ଼ିକୁ ଋଣ ☞ପୃଷ୍ଠା-୪

## ଅଭିବୃଦ୍ଧି ହାର ୧% ହ୍ରାସ ପାଇବ

> **କଟକଣା ଆର୍ଥିକ ବଜାର ପାଇଁ ଅତିରିକ୍ତ କ୍ଷତି: ଆଇଏମ୍ଏଫ୍**

ୟୁକ୍ରେନ୍ ସହ ଯୁଦ୍ଧ ପରିପ୍ରେକ୍ଷୀରେ ରୁଷିଆ ଉପରେ ଅଧିକ କଟକଣା ଜାରି କଲେ ବିଶ୍ୱ ଅର୍ଥନୀତି ବହୁଳ ପ୍ରଭାବିତ ହେବ ବୋଲି ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ପକ୍ଷରୁ ସତର୍କ କରାଯାଇଛି। ଖାଦ୍ୟ ଓ ଶକ୍ତି କ୍ଷେତ୍ରରେ ମୂଲ୍ୟ ବଢ଼ିଚାଲିଥିବାବେଳେ ଅତିରିକ୍ତ କଟକଣାଜନିତ ମୁଦ୍ରାସ୍ଫୀତି ଚାପକୁ ନୀତି ନିର୍ଦ୍ଧାରକମାନେ ସମ୍ଭାଳିପାରିବେ ନାହିଁ ବୋଲି ଶନିବାର ଆଇଏମ୍ଏଫ୍ କହିଛି। ସେହିପରି ଜେପି ମୋର୍ଗାନ୍ ଚେସ୍ ଆଣ୍ଡ କୋ ଅର୍ଥନୀତିଜ୍ଞମାନେ ବିଶ୍ୱ ଅର୍ଥନୀତି ପାଇଁ ପୂର୍ବରୁ ଚଳିତ ବର୍ଷ ଲାଗି ଅଭିବୃଦ୍ଧିର ଯେଉଁ ହାର ଆକଳନ କରିଥିଲେ, ସେଥିରେ ୧% ହ୍ରାସ କରିଛନ୍ତି। ଏଥିସହ ମୁଦ୍ରାସ୍ଫୀତି ୧% ଅଧିକ ବଢ଼ିବ ବୋଲି କହିଛନ୍ତି। ୟୁକ୍ରେନ୍ ସଙ୍କଟ ପରିପ୍ରେକ୍ଷୀରେ ବିଶ୍ୱବ୍ୟାପୀ ଷ୍ଟକ୍ ପ୍ରାଇସ୍ ପ୍ରଭାବିତ ହୋଇଛି। ବିଶେଷକରି ଗରିବ ପରିବାର ଉପରେ ଏହି ବୋଝ ବଢ଼ିଛି। ଦୁଇଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଲେ ଆର୍ଥିକ କ୍ଷତି ମଧ୍ୟ ବଢ଼ିବ। ରୁଷିଆ ଉପରେ କଟକଣା ବୃଦ୍ଧି ବିଶ୍ୱ ଅର୍ଥନୀତି ଓ ଆର୍ଥିକ ବଜାର ପାଇଁ ଅତିରିକ୍ତ କ୍ଷତି ଆଣିଦେବ ବୋଲି ଆଇଏମ୍ଏଫ୍ ସତର୍କ କରାଇଛି। ଯୁଦ୍ଧ ପ୍ରଭାବିତ ୟୁକ୍ରେନ୍ ଆଇଏମ୍ଏଫ୍‌କୁ ୧.୪ ବିଲିୟନ୍ ଡଲାର ଆର୍ଥିକ ସହାୟତା ମାଗିଛି। ଏହା ଉପରେ ଆଇଏମ୍ଏଫ୍ ଅଧିକାରୀମାନେ ଆସନ୍ତା ସପ୍ତାହରେ ନିଷ୍ପତ୍ତି ନେବେ ବୋଲି ଏକ ବିବୃତିରେ କୁହାଯାଇଛି। ତେବେ ଉଭୟ ରୁଷିଆ ଓ ବିଶ୍ୱ ଅର୍ଥନୀତି ପାଇଁ ଯୁଦ୍ଧ ବନ୍ଦ ହେବା ଜରୁରୀ ହୋଇପଡ଼ିଛି।

## ଭାରତରେ ଜରୁରୀ ସାମଗ୍ରୀ ଆହୁରି ମହଙ୍ଗା ହେବ



**ନୂଆଦିଲ୍ଲୀ, ୬।୩**

ସୋମବାର ସପ୍ତମ ପର୍ଯ୍ୟାୟ ଉତ୍ତର ପ୍ରଦେଶ ନିର୍ବାଚନ ଶେଷ ହେବା ପରେ ଭାରତରେ ତୈଳ ଓ ଗ୍ୟାସ୍ ଦର ବୃଦ୍ଧି ପାଇବ। ତଦନୁସାରେ ପରିବହନଜନିତ ଖର୍ଚ୍ଚ ଏବଂ ମୁଦ୍ରାସ୍ଫୀତି ମଧ୍ୟ ବଢ଼ିବ। ଫଳରେ ଜରୁରୀ ସାମଗ୍ରୀଗୁଡ଼ିକ ଆହୁରି ମହଙ୍ଗା ହେବ। ଡଲାର ତୁଳନାରେ ଟଙ୍କା ଦୁର୍ବଳ ହେବାରେ ଲାଗିଥିବାରୁ ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍ଆଇଆଇ)ମାନେ ଭାରତୀୟ ପୁଞ୍ଜି ବଜାରରୁ ଓହରିବାରେ ଲାଗିଛନ୍ତି। ଫଳରେ ସେନ୍‌ସେକ୍ସ ଓ ନିଫ୍ଟି ସୂଚକାଙ୍କ କ୍ରମାଗତ ଭାବେ ଧରାଶାୟୀ ହେବାରେ ଲାଗିଛି। ରବିବାର ଡଲାର ତୁଳନାରେ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ ୭୬.୩୭ ଟଙ୍କା ଥିବାବେଳେ ୟୁରୋ ତୁଳନାରେ ଏହା ୮୩.୪୮ ଟଙ୍କା ରହିଛି। ସୋମବାରଠାରୁ ଏହି ମୂଲ୍ୟ ଆହୁରି ତଳକୁ ଖସିବା ଆଶଙ୍କା କରାଯାଉଛି। ଭାରତ ରୁଷିଆଠାରୁ ୨୦୨୧ରେ ୪୩,୪୦୦ ବିପିଡି (ବ୍ୟାରେଲ ପର୍ ଡେ) ଆମଦାନୀ କରିଛି, ଯାହାକି ମୋଟ ଆମଦାନୀର ୧%। ସେହିପରି ଗତବର୍ଷ ୧.୮ ନିୟୁତ ଟନ୍ କୋଇଲା ମଧ୍ୟ ଭାରତ ରୁଷିଆରୁ ଆମଦାନୀ କରିଥିଲା। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଯୁଦ୍ଧ: ଆର୍ଥିକ କଷ୍ଟ






# ଭାଜପା କାର୍ଯ୍ୟାଳୟରେ ଭଙ୍ଗାରୁଜା

## ଟିକେଟ ନ ମିଳିବାରୁ ତାତିଲେ ସମର୍ଥକ

ଭବାନୀପାଟଣା,୬।୩(ସ୍ୱ.ପ୍ର.)


ଭାଜପା ଦଳୀୟ କାର୍ଯ୍ୟାଳୟରେ ଭଙ୍ଗାରୁଜା କରାଯାଇଛି ।

ପୌର ନିର୍ବାଚନ ସକାଶେ କଳାହାଣ୍ଡି ଜିଲା ଭବାନୀପାଟଣାରେ ପ୍ରବଳ ଉତ୍କଣ୍ଠା ପରିଲକ୍ଷିତ ହେଉଛି। ଗତ ବୁଧବାରଠାରୁ ପୌର ନିର୍ବାଚନ ସକାଶେ କାଉନସିଲର ଏବଂ ପୌର ଅଧ୍ୟକ୍ଷା, ଅଧ୍ୟକ୍ଷ ପଦ ପାଇଁ ନାମାଙ୍କନ ସକାଶେ ଆବେଦନପତ୍ର ବିକ୍ରି ଆରମ୍ଭ ହୋଇଛି। ଆସନ୍ତା ୭ ତାରିଖ ମଧ୍ୟରେ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଶେଷ ହେବ। ଏହି ପରିପ୍ରେକ୍ଷୀରେ ଭବାନୀପାଟଣା ମ୍ୟୁନିସିପାଲିଟି ପାଇଁ ରବିବାର ଭାଜପା ପ୍ରାର୍ଥୀ ଘୋଷଣା କରିଛି। ଏଥିରେ ଭବାନୀପାଟଣା ମ୍ୟୁନିସିପାଲିଟି ଅଧ୍ୟକ୍ଷା ପାଇଁ ଦଳ ବିନିତା ଦାଶଙ୍କୁ ଚୟନ କରିଛି। ତେବେ ଅଧ୍ୟକ୍ଷା ପଦ ପାଇଁ ପୂର୍ବତନ ଜିଲା ସଭାନେତ୍ରୀ ପୁଷ୍ପାଞ୍ଜଳି ତାଣ୍ଡି ଆଶାୟୀ ରହିଥିଲେ। ହେଲେ ଦଳ ବିନିତାଙ୍କ ନାମ ଘୋଷଣା କରିଥିବାରୁ ଏହାକୁ ନେଇ ପୁଷ୍ପାଞ୍ଜଳିଙ୍କ ସମର୍ଥକମାନେ ତାତିଛନ୍ତି। ଭବାନୀପାଟଣାସ୍ଥିତ ଦଳୀୟ କାର୍ଯ୍ୟାଳୟରେ ପହଞ୍ଚି ସେମାନେ ଚୌକି ଭଙ୍ଗାରୁଜା କରିବା ସହ ଏହାର ପ୍ରତିବାଦ କରିଥିଲେ। ଫଳରେ ଦଳୀୟ କାର୍ଯ୍ୟାଳୟ ରଣକ୍ଷେତ୍ର ପାଲଟିଥିଲା।

# ମୋଦିଙ୍କ ସଭାରେ ରାଜ୍ୟପାଳଙ୍କୁ ସମାଲୋଚନା କଲେ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ

ପୁଣେ,୬।୩

ମହାରାଷ୍ଟ୍ରର ପୁଣେଠାରେ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏକ ସଭାରେ ଉପସ୍ଥିତ ଥିବା ରାଜ୍ୟପାଳ ଭଗତ ସିଂ କୋଶିୟାରୀଙ୍କୁ ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର ସମାଲୋଚନା କରିଛନ୍ତି। ଉଚ୍ଚ ପଦ ପଦବୀରେ ଥିବା କେତେଜଣ ଲୋକ ଅନାବଶ୍ୟକ ମନ୍ତବ୍ୟ ଦେଉଛନ୍ତି, ଯାହା ରାଜ୍ୟବାସୀଙ୍କ ପାଇଁ ଗ୍ରହଣୀୟ ନୁହେଁ ବୋଲି ଅଜିତ ରାଜ୍ୟପାଳଙ୍କୁ ଇଙ୍ଗିତ କରି କହିଥିଲେ। ପ୍ରଧାନମନ୍ତ୍ରୀ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ କରିବାକୁ ଯାଇଥିବାବେଳେ ପୁଣେର ଏମ୍‌ଆଇଟି କଲେଜ ପଡ଼ିଆରେ ଏକ ସଭାରେ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ସମର୍ଥ ରାମଦାସ ଛତ୍ରପତି ଶିବାଜୀଙ୍କ ଗୁରୁ ଥିଲେ ବୋଲି ରାଜ୍ୟପାଳ କୋଶିୟାରୀ ନିକଟରେ ଏକ ବିବାଦୀୟ ମନ୍ତବ୍ୟ ଦେଇଥିଲେ। ଏହାକୁ ମହାବିକାଶ ଅଘାଡ଼ି ସରକାରର କେତେକ ନେତା ଏବଂ ଭାଜପା ପକ୍ଷରୁ ବିରୋଧ କରାଯାଇଥିଲା। ଅଜିତ ପାୱାର କହିଛନ୍ତି, ଛତ୍ରପତି ଶିବାଜୀ ମହାରାଜ ଓ ତାଙ୍କ ମାଆ ରାଜମାତା ଜିଜାଉ ସ୍ୱରାଜ୍ୟ ଗଠନ କରିଥିଲେ। ମହାତ୍ମା ଜ୍ୟୋତିବା ଫୁଲେ ଏବଂ କ୍ରାନ୍ତିଜ୍ୟୋତି ସାବିତ୍ରୀବାଈ ଫୁଲେ ନାରୀ ଶିକ୍ଷାର ମୂଳଦୁଆ ପକାଇଥିଲେ।

ଅଭିନନ୍ଦନ
ଚଳିତ ପଞ୍ଚାୟତ ନିର୍ବାଚନରେ ଦେଓଗାଁ ବ୍ଲକ ଅନ୍ତର୍ଗତ ବନ୍ଧପଡା ପଞ୍ଚାୟତର ଜନସାଧାରଣ ମୋତେ ବିପୁଳ ସଂଖ୍ୟାରେ ଭୋଟ ଦେଇ ପଞ୍ଚାୟତବାସୀଙ୍କ ସେବା କରିବାର ସୁଯୋଗ ଦେଇଥିବାରୁ ଜନସାଧାରଣଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରିବା ସହ ଅଭିନନ୍ଦନ ଜଣାଉଛି ।

ଗୋପାଳ ଚନ୍ଦ୍ର ମିଶ୍ର
ସରପଞ୍ଚ, ବନ୍ଧପଡା

ଅଭିନନ୍ଦନ
ଚଳିତ ପଞ୍ଚାୟତ ନିର୍ବାଚନରେ ଦେଓଗାଁ ବ୍ଲକ ଅନ୍ତର୍ଗତ ବ୍ରାହ୍ମଣୀଯୋର ପଞ୍ଚାୟତର ଜନସାଧାରଣ ମୋତେ ବିପୁଳ ସଂଖ୍ୟାରେ ଭୋଟ ଦେଇ ପଞ୍ଚାୟତବାସୀଙ୍କ ସେବା କରିବାର ସୁଯୋଗ ଦେଇଥିବାରୁ ଜନସାଧାରଣଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରିବା ସହ ଅଭିନନ୍ଦନ ଜଣାଉଛି ।

ମହେନ୍ଦ୍ର ମଲ୍ଲିକ
ସରପଞ୍ଚ, ବ୍ରାହ୍ମଣୀଯୋର

ଅଭିନନ୍ଦନ
ଚଳିତ ପଞ୍ଚାୟତ ନିର୍ବାଚନରେ ଦେଓଗାଁ ବ୍ଲକ ଅନ୍ତର୍ଗତ ସାରସମାଲ ପଞ୍ଚାୟତର ଜନସାଧାରଣ ମୋତେ ବିପୁଳ ସଂଖ୍ୟାରେ ଭୋଟ ଦେଇ ପଞ୍ଚାୟତବାସୀଙ୍କ ସେବା କରିବାର ସୁଯୋଗ ଦେଇଥିବାରୁ ଜନସାଧାରଣଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରିବା ସହ ଅଭିନନ୍ଦନ ଜଣାଉଛି ।

ଗୋପାଳକୃଷ୍ଣ ବାଗ
ସରପଞ୍ଚ, ସାରସମାଲ ପଞ୍ଚାୟତ

ଅଭିନନ୍ଦନ
ଚଳିତ ପଞ୍ଚାୟତ ନିର୍ବାଚନରେ ଦେଓଗାଁ ବ୍ଲକ ଅନ୍ତର୍ଗତ ଗାଇବାହାଲ ପଞ୍ଚାୟତର ଜନସାଧାରଣ ମୋତେ ବିପୁଳ ସଂଖ୍ୟାରେ ଭୋଟ ଦେଇ ପଞ୍ଚାୟତବାସୀଙ୍କ ସେବା କରିବାର ସୁଯୋଗ ଦେଇଥିବାରୁ ଜନସାଧାରଣଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରିବା ସହ ଅଭିନନ୍ଦନ ଜଣାଉଛି ।

ତ୍ରିଲୋଚନ ନାଗ
ସରପଞ୍ଚ, ଗାଇବାହାଲ

ଅଭିନନ୍ଦନ
ଚଳିତ ପଞ୍ଚାୟତ ନିର୍ବାଚନରେ ଦେଓଗାଁ ବ୍ଲକ ଅନ୍ତର୍ଗତ ସାଲେପାଲି ପଞ୍ଚାୟତର ଜନସାଧାରଣ ମୋତେ ବିପୁଳ ସଂଖ୍ୟାରେ ଭୋଟ ଦେଇ ପଞ୍ଚାୟତବାସୀଙ୍କ ସେବା କରିବାର ସୁଯୋଗ ଦେଇଥିବାରୁ ଜନସାଧାରଣଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରିବା ସହ ଅଭିନନ୍ଦନ ଜଣାଉଛି ।

ବଲ୍ଲଭୀ ସାହୁ
ସରପଞ୍ଚ, ସାଲେପାଲି

ଅଭିନନ୍ଦନ
ଚଳିତ ପଞ୍ଚାୟତ ନିର୍ବାଚନରେ ଦେଓଗାଁ ବ୍ଲକ ଅନ୍ତର୍ଗତ ହାତୀସର ପଞ୍ଚାୟତର ଜନସାଧାରଣ ମୋତେ ବିପୁଳ ସଂଖ୍ୟାରେ ଭୋଟ ଦେଇ ପଞ୍ଚାୟତବାସୀଙ୍କ ସେବା କରିବାର ସୁଯୋଗ ଦେଇଥିବାରୁ ଜନସାଧାରଣଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରିବା ସହ ଅଭିନନ୍ଦନ ଜଣାଉଛି ।

କେଲୋ ଡାଙ୍ଗ
ସରପଞ୍ଚ, ହାତିସରା ପଞ୍ଚାୟତ

ଅଭିନନ୍ଦନ
ଚଳିତ ପଞ୍ଚାୟତ ନିର୍ବାଚନରେ ଦେଓଗାଁ ବ୍ଲକ ଅନ୍ତର୍ଗତ ବଡ଼ବନ୍ଧ ପଞ୍ଚାୟତର ଜନସାଧାରଣ ମୋତେ ବିପୁଳ ସଂଖ୍ୟାରେ ଭୋଟ ଦେଇ ପଞ୍ଚାୟତବାସୀଙ୍କ ସେବା କରିବାର ସୁଯୋଗ ଦେଇଥିବାରୁ ଜନସାଧାରଣଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରିବା ସହ ଅଭିନନ୍ଦନ ଜଣାଉଛି ।

ଜଗବନ୍ଧୁ ମେହେର
ସରପଞ୍ଚ, ବଡ଼ବନ୍ଧ

ଅଭିନନ୍ଦନ
ଚଳିତ ପଞ୍ଚାୟତ ନିର୍ବାଚନରେ ଦେଓଗାଁ ବ୍ଲକ ଅନ୍ତର୍ଗତ ରାମଚନ୍ଦ୍ରପୁର ପଞ୍ଚାୟତର ଜନସାଧାରଣ ମୋତେ ବିପୁଳ ସଂଖ୍ୟାରେ ଭୋଟ ଦେଇ ପଞ୍ଚାୟତବାସୀଙ୍କ ସେବା କରିବାର ସୁଯୋଗ ଦେଇଥିବାରୁ ଜନସାଧାରଣଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରିବା ସହ ଅଭିନନ୍ଦନ ଜଣାଉଛି ।

ପଦ୍ମିନୀ ମିଶ୍ର
ସରପଞ୍ଚ, ରାମଚନ୍ଦ୍ରପୁର

ଅଭିନନ୍ଦନ
ଚଳିତ ପଞ୍ଚାୟତ ନିର୍ବାଚନରେ ଦେଓଗାଁ ବ୍ଲକ ଅନ୍ତର୍ଗତ ଡୁମେରପିଟା ପଞ୍ଚାୟତର ଜନସାଧାରଣ ମୋତେ ବିପୁଳ ସଂଖ୍ୟାରେ ଭୋଟ ଦେଇ ପଞ୍ଚାୟତବାସୀଙ୍କ ସେବା କରିବାର ସୁଯୋଗ ଦେଇଥିବାରୁ ଜନସାଧାରଣଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରିବା ସହ ଅଭିନନ୍ଦନ ଜଣାଉଛି ।

ବାସନ୍ତୀ ପଟେଲ
ସରପଞ୍ଚ, ସାଲେପାଲି

ଅଭିନନ୍ଦନ
ଚଳିତ ପଞ୍ଚାୟତ ନିର୍ବାଚନରେ ଦେଓଗାଁ ବ୍ଲକ ଅନ୍ତର୍ଗତ ବଡବାହାଲ ପଞ୍ଚାୟତର ଜନସାଧାରଣ ମୋତେ ବିପୁଳ ସଂଖ୍ୟାରେ ଭୋଟ ଦେଇ ପଞ୍ଚାୟତବାସୀଙ୍କ ସେବା କରିବାର ସୁଯୋଗ ଦେଇଥିବାରୁ ଜନସାଧାରଣଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରିବା ସହ ଅଭିନନ୍ଦନ ଜଣାଉଛି ।

ଜ୍ୟୋତ୍ସ୍ନାମୟୀ ରଣା
ସରପଞ୍ଚ, ବଡବାହାଲ ପଞ୍ଚାୟତ

ଅଭିନନ୍ଦନ
ଚଳିତ ପଞ୍ଚାୟତ ନିର୍ବାଚନରେ ଦେଓଗାଁ ବ୍ଲକ ଅନ୍ତର୍ଗତ ସିଂହମୁଣ୍ଡା ପଞ୍ଚାୟତର ଜନସାଧାରଣ ମୋତେ ବିପୁଳ ସଂଖ୍ୟାରେ ଭୋଟ ଦେଇ ପଞ୍ଚାୟତବାସୀଙ୍କ ସେବା କରିବାର ସୁଯୋଗ ଦେଇଥିବାରୁ ଜନସାଧାରଣଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରିବା ସହ ଅଭିନନ୍ଦନ ଜଣାଉଛି ।

ଜାହ୍ନବୀ ମାହାଣା
ସରପଞ୍ଚ, ସିଂହାମୁଣ୍ଡା

ଅଭିନନ୍ଦନ
ଚଳିତ ପଞ୍ଚାୟତ ନିର୍ବାଚନରେ ଦେଓଗାଁ ବ୍ଲକ ଅନ୍ତର୍ଗତ ଜରାସିଂହା ପଞ୍ଚାୟତର ଜନସାଧାରଣ ମୋତେ ବିପୁଳ ସଂଖ୍ୟାରେ ଭୋଟ ଦେଇ ପଞ୍ଚାୟତବାସୀଙ୍କ ସେବା କରିବାର ସୁଯୋଗ ଦେଇଥିବାରୁ ଜନସାଧାରଣଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରିବା ସହ ଅଭିନନ୍ଦନ ଜଣାଉଛି ।

କୁଶ ମେହେର
ସରପଞ୍ଚ, ଜରାସିଂହା ପଞ୍ଚାୟତ

ଅଭିନନ୍ଦନ
ଚଳିତ ପଞ୍ଚାୟତ ନିର୍ବାଚନରେ ଦେଓଗାଁ ବ୍ଲକ ଅନ୍ତର୍ଗତ ମହଲେଇ ପଞ୍ଚାୟତର ଜନସାଧାରଣ ମୋତେ ବିପୁଳ ସଂଖ୍ୟାରେ ଭୋଟ ଦେଇ ପଞ୍ଚାୟତବାସୀଙ୍କ ସେବା କରିବାର ସୁଯୋଗ ଦେଇଥିବାରୁ ଜନସାଧାରଣଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରିବା ସହ ଅଭିନନ୍ଦନ ଜଣାଉଛି ।

ଚିତରଞ୍ଜନ ସାହୁ
ସରପଞ୍ଚ, ମହଲେଇ

ଅଭିନନ୍ଦନ
ଚଳିତ ପଞ୍ଚାୟତ ନିର୍ବାଚନରେ ଦେଓଗାଁ ବ୍ଲକ ଅନ୍ତର୍ଗତ ଉଦର ପଞ୍ଚାୟତର ଜନସାଧାରଣ ମୋତେ ବିପୁଳ ସଂଖ୍ୟାରେ ଭୋଟ ଦେଇ ପଞ୍ଚାୟତବାସୀଙ୍କ ସେବା କରିବାର ସୁଯୋଗ ଦେଇଥିବାରୁ ଜନସାଧାରଣଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରିବା ସହ ଅଭିନନ୍ଦନ ଜଣାଉଛି ।

ପଞ୍ଚମୀ ଦିପ
ସରପଞ୍ଚ, ଉଡ଼ାର

ଅଭିନନ୍ଦନ
ଚଳିତ ପଞ୍ଚାୟତ ନିର୍ବାଚନରେ ଦେଓଗାଁ ବ୍ଲକ ଅନ୍ତର୍ଗତ ଉପରଝର ପଞ୍ଚାୟତର ଜନସାଧାରଣ ମୋତେ ବିପୁଳ ସଂଖ୍ୟାରେ ଭୋଟ ଦେଇ ପଞ୍ଚାୟତବାସୀଙ୍କ ସେବା କରିବାର ସୁଯୋଗ ଦେଇଥିବାରୁ ଜନସାଧାରଣଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରିବା ସହ ଅଭିନନ୍ଦନ ଜଣାଉଛି ।

ଯଶୋବନ୍ତୀ ନାଏକ
ସରପଞ୍ଚ, ଉପରଝର

ଅଭିନନ୍ଦନ
ଚଳିତ ପଞ୍ଚାୟତ ନିର୍ବାଚନରେ ଦେଓଗାଁ ବ୍ଲକ ଅନ୍ତର୍ଗତ ଧଣ୍ଡମାଳ ପଞ୍ଚାୟତର ଜନସାଧାରଣ ମୋତେ ବିପୁଳ ସଂଖ୍ୟାରେ ଭୋଟ ଦେଇ ପଞ୍ଚାୟତବାସୀଙ୍କ ସେବା କରିବାର ସୁଯୋଗ ଦେଇଥିବାରୁ ଜନସାଧାରଣଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରିବା ସହ ଅଭିନନ୍ଦନ ଜଣାଉଛି ।

ସଞ୍ଜୁ ସିକା
ସରପଞ୍ଚ, ଧଣ୍ଡାମାଳ

ଅଭିନନ୍ଦନ
ଚଳିତ ପଞ୍ଚାୟତ ନିର୍ବାଚନରେ ଦେଓଗାଁ ବ୍ଲକ ଅନ୍ତର୍ଗତ ଲଣ୍ଡାପଥର ପଞ୍ଚାୟତର ଜନସାଧାରଣ ମୋତେ ବିପୁଳ ସଂଖ୍ୟାରେ ଭୋଟ ଦେଇ ପଞ୍ଚାୟତବାସୀଙ୍କ ସେବା କରିବାର ସୁଯୋଗ ଦେଇଥିବାରୁ ଜନସାଧାରଣଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରିବା ସହ ଅଭିନନ୍ଦନ ଜଣାଉଛି ।

ଦେବାନ୍ତି କ୍ଷେତୀ
ସରପଞ୍ଚ, ଲଣ୍ଡାପଥର

ଅଭିନନ୍ଦନ
ଚଳିତ ପଞ୍ଚାୟତ ନିର୍ବାଚନରେ ଦେଓଗାଁ ବ୍ଲକ ଅନ୍ତର୍ଗତ ଗୁଡଖପଲ ପଞ୍ଚାୟତର ଜନସାଧାରଣ ମୋତେ ବିପୁଳ ସଂଖ୍ୟାରେ ଭୋଟ ଦେଇ ପଞ୍ଚାୟତବାସୀଙ୍କ ସେବା କରିବାର ସୁଯୋଗ ଦେଇଥିବାରୁ ଜନସାଧାରଣଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରିବା ସହ ଅଭିନନ୍ଦନ ଜଣାଉଛି ।

ଜୀବନୀ ଦାଶ
ସରପଞ୍ଚ, ଗୁଡଖପଲ ପଞ୍ଚାୟତ

ଅଭିନନ୍ଦନ
ଚଳିତ ପଞ୍ଚାୟତ ନିର୍ବାଚନରେ ଦେଓଗାଁ ବ୍ଲକ ଅନ୍ତର୍ଗତ ମୁକୁନ୍ଦପୁର ପଞ୍ଚାୟତର ଜନସାଧାରଣ ମୋତେ ବିପୁଳ ସଂଖ୍ୟାରେ ଭୋଟ ଦେଇ ପଞ୍ଚାୟତବାସୀଙ୍କ ସେବା କରିବାର ସୁଯୋଗ ଦେଇଥିବାରୁ ଜନସାଧାରଣଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରିବା ସହ ଅଭିନନ୍ଦନ ଜଣାଉଛି ।

ଜାନକୀ ସାହୁ
ସରପଞ୍ଚ, ମୁକୁନ୍ଦପୁର

ଅଭିନନ୍ଦନ
ଚଳିତ ପଞ୍ଚାୟତ ନିର୍ବାଚନରେ ଦେଓଗାଁ ବ୍ଲକ ଅନ୍ତର୍ଗତ ଗୌଡଗୋଠ ପଞ୍ଚାୟତର ଜନସାଧାରଣ ମୋତେ ବିପୁଳ ସଂଖ୍ୟାରେ ଭୋଟ ଦେଇ ପଞ୍ଚାୟତବାସୀଙ୍କ ସେବା କରିବାର ସୁଯୋଗ ଦେଇଥିବାରୁ ଜନସାଧାରଣଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରିବା ସହ ଅଭିନନ୍ଦନ ଜଣାଉଛି ।

ରଞ୍ଜିତା ସାହୁ
ସରପଞ୍ଚ, ଗୌଡଗୋଠ ପଞ୍ଚାୟତ

ଅଭିନନ୍ଦନ
ଚଳିତ ପଞ୍ଚାୟତ ନିର୍ବାଚନରେ ଦେଓଗାଁ ବ୍ଲକ ଅନ୍ତର୍ଗତ କୁଲତାପଡା ପଞ୍ଚାୟତର ଜନସାଧାରଣ ମୋତେ ବିପୁଳ ସଂଖ୍ୟାରେ ଭୋଟ ଦେଇ ପଞ୍ଚାୟତବାସୀଙ୍କ ସେବା କରିବାର ସୁଯୋଗ ଦେଇଥିବାରୁ ଜନସାଧାରଣଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରିବା ସହ ଅଭିନନ୍ଦନ ଜଣାଉଛି ।

ଦୁଷ୍ମନ୍ତ ସାହୁ
ସରପଞ୍ଚ, କୁଲତାପଡା

ଅଭିନନ୍ଦନ
ଚଳିତ ପଞ୍ଚାୟତ ନିର୍ବାଚନରେ ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁ ପଞ୍ଚାୟତର ଜନସାଧାରଣ ମୋତେ ବିପୁଳ ସଂଖ୍ୟାରେ ଭୋଟ ଦେଇ ପଞ୍ଚାୟତବାସୀଙ୍କ ସେବା କରିବାର ସୁଯୋଗ ଦେଇଥିବାରୁ ଜନସାଧାରଣଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରିବା ସହ ଅଭିନନ୍ଦନ ଜଣାଉଛି ।

ନିନା ଛତ୍ରିଆ
ସରପଞ୍ଚ, ଦେଓଗାଁ

ଅଭିନନ୍ଦନ
ଚଳିତ ପଞ୍ଚାୟତ ନିର୍ବାଚନରେ ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଶାନ୍ଦ ପଞ୍ଚାୟତର ଜନସାଧାରଣ ମୋତେ ବିପୁଳ ସଂଖ୍ୟାରେ ଭୋଟ ଦେଇ ପଞ୍ଚାୟତବାସୀଙ୍କ ସେବା କରିବାର ସୁଯୋଗ ଦେଇଥିବାରୁ ଜନସାଧାରଣଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରିବା ସହ ଅଭିନନ୍ଦନ ଜଣାଉଛି ।

ଯଶୋଦା ମେହେର
ସରପଞ୍ଚ, ଦେଷଣ୍ଡ

ଅଭିନନ୍ଦନ
ଚଳିତ ପଞ୍ଚାୟତ ନିର୍ବାଚନରେ ଦେଓଗାଁ ବ୍ଲକ ଅନ୍ତର୍ଗତ କୁଟୁରୁଲା ପଞ୍ଚାୟତର ଜନସାଧାରଣ ମୋତେ ବିପୁଳ ସଂଖ୍ୟାରେ ଭୋଟ ଦେଇ ପଞ୍ଚାୟତବାସୀଙ୍କ ସେବା କରିବାର ସୁଯୋଗ ଦେଇଥିବାରୁ ଜନସାଧାରଣଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରିବା ସହ ଅଭିନନ୍ଦନ ଜଣାଉଛି ।

ତେଜ ହରପାଲ
ସରପଞ୍ଚ, କୁଟୁର୍ଲା

ଅଭିନନ୍ଦନ
ଚଳିତ ପଞ୍ଚାୟତ ନିର୍ବାଚନରେ ଦେଓଗାଁ ବ୍ଲକ ଅନ୍ତର୍ଗତ ଅର୍ଜ୍ଜୁନପୁର ପଞ୍ଚାୟତର ଜନସାଧାରଣ ମୋତେ ବିପୁଳ ସଂଖ୍ୟାରେ ଭୋଟ ଦେଇ ପଞ୍ଚାୟତବାସୀଙ୍କ ସେବା କରିବାର ସୁଯୋଗ ଦେଇଥିବାରୁ ଜନସାଧାରଣଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରିବା ସହ ଅଭିନନ୍ଦନ ଜଣାଉଛି ।

ଗୀତା ଜଗଦଳା
ସରପଞ୍ଚ, ଅର୍ଜ୍ଜୁନପୁର

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪୪,୫୯,୨୧,୯୯୯ | ୬୦,୧୭,୮୨୧ | ୩୭,୯୦,୩୭,୫୮୨ |
| ଭାରତ | ୪,୨୯,୭୨,୯୫୩ | ୫,୧୫,୦୬୩ | ୪,୨୩,୮୮,୪୭୫ |
| ଓଡ଼ିଶା | ୧୨,୮୫,୮୮୯ | ୯୧୦୧(+୫୩) | ୧୨,୭୫,୫୪୨ |

ରବିବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର



ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତା ଦୟାନଦୀରେ ରବିବାର ଜଣେ ବ୍ୟକ୍ତି ଖେପା ଜାଲ ପକାଇ ମାଛ ଧରୁଛନ୍ତି।

# ଭୋଟ ଗ୍ରହଣ ପରେ ସୁରକ୍ଷିତ ରହିବ ଇଭିଏମ୍

## ଏସ୍ଓପି ଜାରି କଲେ ଏସ୍ଇସି

ଭୁବନେଶ୍ୱର, ୬।୩(ବ୍ୟୁରୋ)

ରାଜ୍ୟର ପୌର ସଂସ୍ଥାଗୁଡ଼ିକରେ ହେବାକୁ ଥିବା ନିର୍ବାଚନର ଭୋଟଗ୍ରହଣ ପରେ ଇଭିଏମ୍ଗୁଡ଼ିକୁ ସୁରକ୍ଷିତ ରଖାଯିବ। ଏଥିଲାଗି ଷ୍ଟ୍ରଙ୍ଗରୁମ୍ ସ୍ଥାପନ, ନିର୍ବାଚନ ସମୟରେ ଓ ଭୋଟଗ୍ରହଣ ପରେ ଗଣତି ପାଇଁ ଷ୍ଟ୍ରଙ୍ଗରୁମ୍ ଖୋଲିବା ଏବଂ ବନ୍ଦ କରିବାକୁ ରାଜ୍ୟ ନିର୍ବାଚନ କମିଶନ(ଏସ୍ଇସି) ଏସ୍ଓପି ସ୍ଥିର କରିଛନ୍ତି। ଏହାକୁ ସମସ୍ତ ନିର୍ବାଚନ ଅଧିକାରୀ ଠିକ୍ ଭାବେ ପାଳନ କରିବାକୁ ଏସ୍ଇସି ରବିବାର ନିର୍ଦ୍ଦେଶ ଦେଇଛନ୍ତି। ପ୍ରତ୍ୟେକ ପୌରପରିଷଦ ୩ ପ୍ରକାରର ଷ୍ଟ୍ରଙ୍ଗରୁମ୍ ସ୍ଥାପନ କରିବେ। କାଉନ୍ସିଲର/କର୍ପୋରେଟର ପଦବୀ, ଅଧ୍ୟକ୍ଷ/ମେୟର ପଦବୀ ଏବଂ ସଂରକ୍ଷିତ ଇଭିଏମ୍ ରଖିବା ଲାଗି ଏହିପରି ୩ଟି ଷ୍ଟ୍ରଙ୍ଗରୁମ୍ ସ୍ଥାପନ କରାଯିବ। ଯଦି ଗୋଟିଏ ପ୍ରକାରର ଷ୍ଟ୍ରଙ୍ଗରୁମ୍ରେ ସମସ୍ତ ଇଭିଏମ୍କୁ ରଖିବାକୁ ସ୍ଥାନ ଅଭାବ ଦେଖାଯାଏ ତେବେ ଅନ୍ୟ ଏକ ଷ୍ଟ୍ରଙ୍ଗରୁମ୍ରେ ସବୁ ରଖାଯିବ। ସେହି ଷ୍ଟ୍ରଙ୍ଗରୁମ୍ର ପ୍ରବେଶ ଦ୍ୱାରରେ ଠିକ୍ ଭାବେ ଚିହ୍ନଟ କରାଯିବ।

ପ୍ରତ୍ୟେକ ଷ୍ଟ୍ରଙ୍ଗରୁମ୍କୁ ଯିବା ଆସିବା ପାଇଁ ଗୋଟିଏ ମାତ୍ର ଦ୍ୱାର ବା ପ୍ରବେଶ ପଥ ରହିବ। ଯଦି ଷ୍ଟ୍ରଙ୍ଗରୁମ୍ରେ ପୂର୍ବରୁ ଝରକା କିମ୍ବା ଏକାଧିକ ଦ୍ୱାର ଥାଏ ତେବେ ସେଗୁଡ଼ିକୁ ଇଟା ଦ୍ୱାରା ଠିକ୍ ଭାବେ ସିଲ୍ କରିଦିଆଯିବ। ଷ୍ଟ୍ରଙ୍ଗରୁମ୍ ଭିତରେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇ ଷ୍ଟ୍ରଙ୍ଗରୁମ୍



ବାହାରେ ମେନ୍ସୁଇଚ୍ ରହିବ। ନିର୍ବାଚନ କମିଶନଙ୍କ ଦ୍ୱାରା ନିର୍ଦ୍ଧାରିତ ନିର୍ବାଚନ ସାମଗ୍ରୀ ଓ ଦସ୍ତାବିଜ୍ ମତଦାନ ସଂଗୃହୀତ ହୋଇଥିବା ଇଭିଏମ୍ ସହ ଷ୍ଟ୍ରଙ୍ଗରୁମ୍ରେ ରହିବ। ଷ୍ଟ୍ରଙ୍ଗରୁମ୍ରେ ଇଭିଏମ୍ଗୁଡ଼ିକୁ ଗଚ୍ଛିତ କରି ରଖିବା ପୂର୍ବରୁ ନିର୍ବାଚନ ଅଧିକାରୀମାନେ ଷ୍ଟ୍ରଙ୍ଗରୁମ୍ ନିର୍ମାଣ କରିଥିବା କର୍ତ୍ତୃପକ୍ଷଙ୍କଠାରୁ ଷ୍ଟ୍ରଙ୍ଗରୁମ୍ର ସ୍ଥାୟିତ୍ୱ ଓ ଗୁଣବତ୍ତା ସମ୍ପର୍କିତ ଏକ ପ୍ରମାଣପତ୍ର ଆଣି ନିଜ ପାଖରେ ରଖିବେ। ଷ୍ଟ୍ରଙ୍ଗରୁମ୍ଗୁଡ଼ିକର ସୁରକ୍ଷା ଓ ନିରାପତ୍ତା ନିମନ୍ତେ ଡବଲ ଲକ୍ ବ୍ୟବସ୍ଥା କରାଯାଇ ୨ଟି ଚାବିକୁ ଅଲଗା ଅଲଗା ୨ଜଣ ଅଧିକାରୀଙ୍କ ଦାୟିତ୍ୱରେ ରଖାଯିବ। ଗୋଟିଏ ଚାବି ନିର୍ବାଚନ ଅଧିକାରୀ ଏବଂ ଅନ୍ୟଟି ଜିଲା କୋଷାଗାର ଅଧିକାରୀ କିମ୍ବା ଉପକୋଷାଗାର ଅଧିକାରୀ କିମ୍ବା ଜିଲାପାଳ ତଥା ଜିଲା ମାଜିଷ୍ଟ୍ରେଟ୍ଙ୍କ ଦ୍ୱାରା ପ୍ରାଧିକୃତ ଅଧିକାରୀଙ୍କ ନିକଟରେ ରଖାଯିବ। ଷ୍ଟ୍ରଙ୍ଗରୁମ୍ଗୁଡ଼ିକୁ ସଶସ୍ତ୍ର ପୋଲିସଫୋର୍ସ ଦ୍ୱାରା ୨୪ ଘଣ୍ଟିଆ ସୁରକ୍ଷା ଦିଆଯିବ। ଇଭିଏମ୍ କମିଶନିଂ ଦିନଠାରୁ ଭୋଟଗଣତି ପର୍ଯ୍ୟନ୍ତ ଷ୍ଟ୍ରଙ୍ଗରୁମ୍ଗୁଡ଼ିକରେ ସିସିଟିଭି ସହ ଡିଜିଟାଲ ଭିଡିଓ ରେକର୍ଡର ଲଗାଯିବ। ପ୍ରାର୍ଥୀ କିମ୍ବା ତାଙ୍କର ପ୍ରାଧିକୃତ ପ୍ରତିନିଧିଙ୍କୁ ଷ୍ଟ୍ରଙ୍ଗରୁମ୍ ଖୋଲିବା/ବନ୍ଦ କରିବା ସମୟରେ ଉପସ୍ଥିତ ରହିବା ପାଇଁ ଅନୁମତି ଦେବା ସହ ଏହାର ସମ୍ପୂର୍ଣ୍ଣ ଭିଡିଓଗ୍ରାଫି କରାଯିବ ବୋଲି ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି।

ଇଭିଏମ୍ଗୁଡ଼ିକୁ କମିଶନିଂ କରିବା ପୂର୍ବରୁ ଲିଖିତ ଭାବେ ତାହାର ସ୍ଥାନ, ସମୟ ଓ ତାରିଖ ସମ୍ପର୍କରେ ସମସ୍ତ ପ୍ରାର୍ଥୀଙ୍କୁ ଜଣାଇ ଦିଆଯିବ। ଯାହାଦ୍ୱାରା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀ କିମ୍ବା ତାଙ୍କର ପ୍ରାଧିକୃତ ପ୍ରତିନିଧିମାନେ ଇଭିଏମ୍ କମିଶନିଂ ସମୟରେ ଉପସ୍ଥିତ ରହିବେ। ଇଭିଏମ୍ଗୁଡ଼ିକୁ ୨ଟି ଭିନ୍ନଭିନ୍ନ ଷ୍ଟ୍ରଙ୍ଗରୁମ୍ରେ ରଖାଯିବ। ବିଜ୍ଞାପିତ ଅଞ୍ଚଳ ପରିଷଦ/ମ୍ୟୁନିସିପାଲିଟିର କାଉନ୍ସିଲର ଓ ଅଧ୍ୟକ୍ଷ ନିର୍ବାଚନ ନିମନ୍ତେ ଗୋଟିଏ ଷ୍ଟ୍ରଙ୍ଗରୁମ୍ ଏବଂ ମହାନଗର ନିଗମର କର୍ପୋରେଟର ସହ ମେୟର ନିର୍ବାଚନ ନିମନ୍ତେ ଅନ୍ୟ ଗୋଟିଏ ଷ୍ଟ୍ରଙ୍ଗରୁମ୍ରେ ଇଭିଏମ୍ଗୁଡ଼ିକୁ ରଖାଯିବ। କେଉଁ ଷ୍ଟ୍ରଙ୍ଗରୁମ୍ରେ କେଉଁ ପ୍ରାର୍ଥୀଙ୍କ ପାଇଁ ଇଭିଏମ୍ ରହିଛି, ଷ୍ଟ୍ରଙ୍ଗରୁମ୍ ବାହାରେ ଠିକ୍ ଭାବେ ଚିହ୍ନିତ କରାଯିବ। ଅନ୍ୟ ଏକ ଷ୍ଟ୍ରଙ୍ଗରୁମ୍ରେ ଅବ୍ୟବହୃତ ଓ ଖରାପ ହୋଇଥିବା ଇଭିଏମ୍ଗୁଡ଼ିକୁ ଅନ୍ୟ ଗୋଟିଏ ସଂରକ୍ଷିତ ଷ୍ଟ୍ରଙ୍ଗରୁମ୍ରେ ରଖାଯିବାକୁ ନିର୍ଦ୍ଦେଶ ରହିଛି। ଭୋଟଗ୍ରହଣ ପରେ ଇଭିଏମ୍ଗୁଡ଼ିକୁ କଡ଼ା ସୁରକ୍ଷା ମଧ୍ୟରେ ଅଣାଯାଇ ଷ୍ଟ୍ରଙ୍ଗରୁମ୍ ଭିତରେ କ୍ରମିକ ସଂଖ୍ୟାନୁସାରେ ନିର୍ଦ୍ଦିଷ୍ଟ ବୁଥ୍ ନିମନ୍ତେ ଚିହ୍ନଟ ହୋଇଥିବା ବର୍ଗାକାର ମଧ୍ୟରେ ରଖାଯିବ। ଯଦି ଷ୍ଟ୍ରଙ୍ଗରୁମ୍ର ପ୍ରବେଶ ପଥ ଦୃଶ୍ୟମାନ ହେଉ ନ ଥିବ ତେବେ ସିସିଟିଭିର ବ୍ୟବସ୍ଥା କରାଯିବ। କଣ୍ଟ୍ରୋଲ ୟୁନିଟ୍ଗୁଡ଼ିକୁ ନିର୍ବାଚନ ପିଟିଶନ୍ ସମୟ ଅର୍ଥାତ୍ ଭୋଟଗଣତି ଓ ଫଳାଫଳ ଘୋଷଣାର ୪୫ ଦିନ ପର୍ଯ୍ୟନ୍ତ ଷ୍ଟ୍ରଙ୍ଗରୁମ୍ରେ ସୁରକ୍ଷିତ ଭାବେ ରଖିବା ନିମନ୍ତେ ନିର୍ବାଚନ କମିଶନ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଟ୍ରେନ୍ରୁ ଖସି ଯୁବକ ଗୁରୁତର

**ନିରାକାରପୁର,୬।୩(ଡି.ଏନ୍.ଏ.):** ଖୋର୍ଦ୍ଧା ରେଳ ଡିଭିଜନ ସୋଲରି-ଗଙ୍ଗାଧରପୁର ଷ୍ଟେଶନ ମଧ୍ୟବର୍ତ୍ତି ମାଇଲ ଖମ୍ବ ନଂ.୫୧୫/୨୫ ନିକଟରେ ଚଳନ୍ତା ଟ୍ରେନ୍ରୁ ଖସିପଡ଼ି ରବିବାର ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ତେବେ ଗୁରୁତର ଯୁବକଙ୍କ ପରିଚୟ ମିଳିପାରି ନାହିଁ। ଖବରପାଇ ଚିଲିକା ଅଗ୍ନିଶମ କର୍ମଚାରୀ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରି ଟାଙ୍ଗୀ ମେଡିକାଲରେ ଭର୍ତ୍ତି କରିଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ଏମ୍ସ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପଟେ ଯୁବକଙ୍କ ମୃତ୍ୟୁ ହୋଇଥିବା ଭାବି ଟ୍ରେନ ଚାଳକ ଓ କର୍ମଚାରୀ ମେମୋ କାଟିଦେଇଥିଲେ।

## ବିଧାନସଭାର ୟୁଟ୍ୟୁବ୍ ଚ୍ୟାନେଲ ଖୋଲିଲା

### ଖୁବ୍ଶୀଘ୍ର ଖୋଲିବ ଟିଭି ଚ୍ୟାନେଲ

**ଭୁବନେଶ୍ୱର, ୬।୩(ବ୍ୟୁରୋ):** ଓଡ଼ିଶା ବିଧାନସଭାର ୟୁଟ୍ୟୁବ୍ ଚ୍ୟାନେଲ ଶନିବାରଠାରୁ ଆରମ୍ଭ ହୋଇଛି। ଖୁବ୍ଶୀଘ୍ର ବିଧାନସଭା ଟିଭି ମଧ୍ୟ ଆରମ୍ଭ ହେବ ବୋଲି ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ସୂଚନା ଦେଇଛନ୍ତି। ବିଧାନସଭା ପତ୍ରିକା ନାମକ ମାସିକ ପତ୍ରିକା ବି ଆରମ୍ଭ ହେବ ବୋଲି ସେ କହିଛନ୍ତି। ତେବେ ପାର୍ଲାମେଣ୍ଟ ଢାଞ୍ଚାରେ ଓଡ଼ିଶା ବିଧାନସଭା ଟିଭି ଚ୍ୟାନେଲ କାର୍ଯ୍ୟକାରୀ ହେବ। ବିଧାନସଭା ଅଧିବେଶନ ସମୟରେ ଏଥିରେ ସିଧା ପ୍ରସାରଣ ହେବ। ଏଥିସହିତ ବିଧାନସଭା ସଂକ୍ରାନ୍ତୀୟ ଖବର ମଧ୍ୟ ପ୍ରସାରିତ ହେବ। ବିଜୁ ଜୟନ୍ତୀରେ ୟୁଟ୍ୟୁବ୍ ଚ୍ୟାନେଲର ଶୁଭାରମ୍ଭ ହୋଇଛି। ଏବେ ୟୁଟ୍ୟୁବ୍ରେ ଏହାର ପ୍ରସାରଣ କରାଯିବ। ପରେ ସାଟେଲାଇଟ୍ ହେବାର ଯୋଜନା ରହିଛି। ଏଥିପାଇଁ ବିଧାନସଭା ପରିସରରେ ଏହାର ଷ୍ଟୁଡିଓ ତିଆରି ଚାଲିଛି। ପରବର୍ତ୍ତୀ ସମୟରେ ବିଧାନସଭା ଟିଭି ଆରମ୍ଭ ହେବ। ଏଥିସହ ବିଧାନସଭା ପତ୍ରିକା ନାମକ ମାସିକ ପତ୍ରିକା ପ୍ରକାଶ କରାଯିବ। ଏ ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ବାଚସ୍ପତି କହିଛନ୍ତି।

# ଆଜି ନାମାଙ୍କନ ପତ୍ର ଦାଖଲ ଶେଷ

### ପୌର ନିର୍ବାଚନ

ଭୁବନେଶ୍ୱର, ୬।୩(ବ୍ୟୁରୋ)

ଆସନ୍ତା ୨୪ ତାରିଖରେ ରାଜ୍ୟରେ ୧୦୬ ମ୍ୟୁନିସିପାଲିଟି, ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍ଏସି) ଏବଂ ୩ ମହାନଗର ନିଗମରେ ନିର୍ବାଚନ ଅନୁଷ୍ଠିତ ହେବ। ସୋମବାର ଅପରାହ୍ନ ୫ଟା ସୁଦ୍ଧା ନାମାଙ୍କନ ପତ୍ର ଦାଖଲ ଶେଷ ହେବ। ଏ ନେଇ ରବିବାର ବିଭିନ୍ନ ପୌର ପରିଷଦରେ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ପ୍ରାର୍ଥିପତ୍ର ଦାଖଲ ନେଇ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି। ଆସନ୍ତା ୯ ତାରିଖରେ ପ୍ରାର୍ଥିପତ୍ର ଯାଞ୍ଚ କରାଯିବ। ୧୦ ତାରିଖରେ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ବୈଧ ପ୍ରାର୍ଥୀଙ୍କ ନାମ ପ୍ରକାଶ କରାଯିବ। ୧୪ ତାରିଖ ଅପରାହ୍ନ ୩ଟା ମଧ୍ୟରେ ପ୍ରାର୍ଥିପତ୍ର ପ୍ରତ୍ୟାହାର କରାଯାଇ ପାରିବ। ସେହି ଦିନ ଅପରାହ୍ନ ୫ଟା ସୁଦ୍ଧା ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ କରାଯିବ। ମାର୍ଚ୍ଚ ୨୪ରେ ଭୋଟଗ୍ରହଣ କରାଯିବ। ୨୬ ତାରିଖରେ ଭୋଟ ଗଣତି ହେବ। ୨୯ ତାରିଖରେ ନିର୍ବାଚିତ ହୋଇଥିବା ମେୟର, ପୌରାଧ୍ୟକ୍ଷ ଏବଂ କର୍ପୋରେଟରମାନଙ୍କର ନାମ ରାଜ୍ୟ ନିର୍ବାଚନ କମିଶନଙ୍କ ଗେଜେଟ୍ରେ ପ୍ରକାଶ କରାଯିବ। ମାର୍ଚ୍ଚ ୩୧ରେ ଡେପୁଟି ମେୟର ନିର୍ବାଚନ ସକାଶେ ନିର୍ବାଚିତ ମେୟର ଓ କର୍ପୋରେଟରମାନଙ୍କର ଏକ ସ୍ୱତନ୍ତ୍ର ବୈଠକ ଡକାଯିବ। ଏପ୍ରିଲ ୮ ତାରିଖରେ ଡେପୁଟି ମେୟର ନିର୍ବାଚନ ଅନୁଷ୍ଠିତ ହେବ।

# ଶିକାରୀଙ୍କ ଗୁଳିରେ ଯୁବତୀ ଆହତ



ସୁନ୍ଦରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଯୁବତୀ ଚିକିତ୍ସିତ ହେଉଛନ୍ତି।

ସୁନ୍ଦରଗଡ଼, ୬।୩(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ସଦର ବ୍ଲକ ଧରୁଆଡିହି ଥାନା ଅନ୍ତର୍ଗତ ଲମଟି ଗ୍ରାମ ନିକଟବର୍ତ୍ତୀ ଜଙ୍ଗଲରେ ରବିବାର ଅଭାବନୀୟ ଘଟଣା ଘଟିଛି। ମହିଳାମାନଙ୍କ ସହ ଜଙ୍ଗଲକୁ ଜାଳେଣି କାଠ ସଂଗ୍ରହ କରିବାକୁ ଯାଇଥିବା ଉର୍ବଶୀ ନାଏକ (୧୮) ନାମ୍ନୀ ଜଣେ ଯୁବତୀ ବାର୍ହା ଶିକାରୀଙ୍କ ଗୁଳିରେ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ଯୁବତୀଙ୍କୁ ଉଦ୍ଧାରକରି ସୁନ୍ଦରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଯୁବତୀଙ୍କ ଘର ଧୂମାଗଡ଼ା ଗ୍ରାମରେ। ସେ ଲମଟି ଗ୍ରାମରେ ତାଙ୍କ ମାମୁ ଘରେ ରହି ବିରବିରା କଲେଜରେ ପଢୁଛନ୍ତି।

ପୂର୍ବାହ୍ନରେ ଯୁବତୀ ଜଣକ ଅନ୍ୟ କେତେଜଣ ମହିଳାଙ୍କ ସହ ମିଶି ଜଙ୍ଗଲରୁ ଶୁଖିଲା କାଠ ସଂଗ୍ରହ କରୁଥିଲେ। ଏହି ସମୟରେ ବାର୍ହା ଶିକାର ପାଇଁ ଜଙ୍ଗଲରେ ଛପିଥିବା ଶିକାରୀମାନେ ଶବ୍ଦ ଶୁଣିଥିଲେ। ବାର୍ହା ଶବ୍ଦ କରୁଥିବା ଭାବି ଶବ୍ଦ ଆସୁଥିବା ସ୍ଥାନକୁ ଲକ୍ଷ୍ୟ କରି ଗୁଳି ଚଳାଇଥିଲେ। ଗୁଳିଟି ଯାଇ ଏହି ଯୁବତୀଙ୍କ ପଛ ପାଖରେ ବାଜିଥିଲା। ଗୁଳି ବାଜିବା ମାତ୍ରେ ଯୁବତୀ ଚିତ୍କାର କରିଥିଲେ। ପାଖରେ ଥିବା ମହିଳାମାନେ ତାଙ୍କୁ ଉଦ୍ଧାର କରି ସଙ୍ଗେ ସଙ୍ଗେ ଗାଁକୁ ଆଣିଥିଲେ। ଗାଁ ଲୋକଙ୍କ ସହାୟତାରେ ସୁନ୍ଦରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଚିକିତ୍ସା ପରେ ଯୁବତୀ ଜଣକ ବିପଦମୁକ୍ତ ଅଛନ୍ତି। ଖବରପାଇ ଧରୁଆଡିହି ଥାନା ଆଇଆଇସି ଅଲେଖ ଚନ୍ଦ୍ର ସେଠୀ ସଦଳବଳ ପହଞ୍ଚି ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଲମଟି ଜଙ୍ଗଲକୁ ଘେରାଉ କରି ଖାନତଲାସି ଚଳାଇଛନ୍ତି।

# ବକ୍ସାଇଟ ବୋଝେଇ ଗାଡ଼ି ଚାପାରେ ୨ ଶ୍ରମିକ ମୃତ

- ଉଭୟ ପରିବାରକୁ ୧୩ ଲକ୍ଷ ଲେଖାଏଁ ସହାୟତା ପ୍ରଦାନ
- ଲାଞ୍ଜିଗଡ଼ସ୍ଥିତ ବେଦାନ୍ତରେ ଅଘଟଣ

ଲାଞ୍ଜିଗଡ଼,୬।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ସ୍ଥିତ ବେଦାନ୍ତ କାରଖାନା ପରିସରରେ ଏକ ଅଘଟଣ ଘଟିଛି। ବକ୍ସାଇଟ ବୋଝେଇ ଗାଡ଼ି ଚାପାରେ ୨ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ଝାରଖଣ୍ଡ ଅଞ୍ଚଳର ମୁକେଶ ଟୁଡୁ (୩୩) ଓ ଅଭିମନ୍ୟୁ କୁମାର ଜେନା (୩୫)। ସୂଚନା ଅନୁସାରେ ଶନିବାର ବିଳମ୍ବିତ ରାତିରେ ବକ୍ସାଇଟ ବୋଝେଇ ହାଇଓ୍ୱା ଗାଡି କମ୍ପାନୀର ବକ୍ସାଇଟ ୟାର୍ଡକୁ ଅନ୍ଲୋଡିଂ କରିବାକୁ ଯାଉଥିଲା। ଏହି ସମୟରେ ସେପଟୁ ଉପରୋକ୍ତ ଦୁଇ ଜଣ ଶ୍ରମିକ ପାଣି ଆଣିବା ପାଇଁ ଆସୁଥିବା ବେଳେ ଗାଡ଼ି ଭାରସାମ୍ୟ ହରାଇ ତାଙ୍କ ଉପରେ ପଡିଯାଇଥିଲା। ଫଳରେ ଶ୍ରମିକ ଦ୍ୱୟ ଗୁରୁତର ଆହତ ହୋଇଥିଲେ। ନିକଟରେ ଥିବା ଅନ୍ୟ ଶ୍ରମିକମାନେ ତାଙ୍କୁ ଉଦ୍ଧାର କରି କମ୍ପାନୀ ଆମ୍ବୁଲାନ୍ସ ଯୋଗେ ଲାଞ୍ଜିଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଉଭୟ ଶ୍ରମିକଙ୍କୁ ମୃତ ଘୋଷଣା କରିଥିଲେ। ଏହି ମୃତ୍ୟୁ ପରେ ଶ୍ରମିକ ମହଲରେ ଶୋକର ଛାୟା ଖେଳିଯାଇଛି। ଖବର ପାଇ ଲାଞ୍ଜିଗଡ଼ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ମାମଲା (ନଂ.୧୨/୨୨) ରୁଜୁକରି ତଦନ୍ତ ଜାରି ରଖିଛି। ରବିବାର ସକାଳେ ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ଗାଁକୁ ପଠାଇ ଦିଆଯାଇଛି। କମ୍ପାନୀ ପକ୍ଷରୁ ଦୁଇ ପରିବାରବର୍ଗଙ୍କୁ ୧୩ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଏବଂ ଶବ ସତ୍କାର ପାଇଁ ୧ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରାଯାଇଛି।

Government of India
Azadi Ka Amrit Mahotsav
प्रधानमंत्री भारतीय जन औषधि परियोजना



"To ensure availability of high quality medicines at low prices, thousands of Jan Aushadhi Kendras have been opened across the country, where medicines are being sold at 50% - 90% cheaper rates compared to market rates. These have greatly benefited not only the poor but also the middle class."
Narendra Modi

ଜନ ଔଷଧୀ ଜନ ଉପଯୋଗୀ
ଜନ ଔଷଧୀ ଦିବସ
୭ ମାର୍ଚ୍ଚ, ୨୦୨୨ ଅବସରରେ
ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି
ଜନ ଔଷଧୀ କେନ୍ଦ୍ର ମାଲିକ ଓ ହିତାଧିକାରୀଙ୍କ ସହିତ ବାର୍ତ୍ତାଳାପ କରିବେ
(ଅପରାହ୍ନ ୧୨.୩୦ରୁ ଡିଡି ନିଉଜ୍ରେ ସିଧା ପ୍ରସାରଣ)

୩୬ଟି ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ୭୩୯ ଜିଲ୍ଲାରେ ୮୬୭୫ ଜନ ଔଷଧୀ କେନ୍ଦ୍ର କାମ କରୁଅଛି ।
ଡବ୍ଲ୍ୟୁଏଚ୍ଓ – ଜିଏମ୍ପି ଏବଂ ଏନ୍ଏବିଏଲ୍ ପ୍ରମାଣିତ ଗୁଣବତ୍ତାସମ୍ପନ୍ନ ଔଷଧ ।
୧୪୫୧ ଉଚ୍ଚ ଗୁଣମାନର ଔଷଧ ଏବଂ ୨୪୦ ଅସ୍ତ୍ରୋପଚାର ଉପକରଣ
ବିଗତ ୭ ବର୍ଷରେ ଜେନେରିକ୍ ଔଷଧର ଉପଯୋଗ ମାଧ୍ୟମରେ ଜନସାଧାରଣଙ୍କ ଟ.୧୩,୦୦୦ କୋଟି ସଞ୍ଚୟ ।
ଜନ ଔଷଧୀ କେନ୍ଦ୍ର ଖୋଲିବା ପାଇଁ ଟ. ୫ ଲକ୍ଷର ଆର୍ଥିକ ସହାୟତା ।
ମହିଳା ଉଦ୍ୟୋଗୀ, ଦିବ୍ୟାଙ୍ଗଜନ, ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି, ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ଓ ପାହାଡ଼ିଆ ଅଞ୍ଚଳର ଆବେଦନକାରୀଙ୍କ ପାଇଁ ଟ.୨ ଲକ୍ଷର ଅତିରିକ୍ତ ଆର୍ଥିକ ସହାୟତା

ପରିଯୋଜନାର ଅଧିକ ବିବରଣୀ ପାଇଁ, ଦୟାକରି ୱେବ୍ସାଇଟ୍ janaushadhi.gov.in ପରିଦର୍ଶନ କରନ୍ତୁ କିମ୍ବା ଟୋଲ୍ ଫ୍ରି ହେଲ୍ପଲାଇନ୍ ନଂ. 1800 180 8080ରେ କଲ୍ କରନ୍ତୁ ।

**ଆଜିର ମନ୍ତବ୍ୟ**

ୟୁକ୍ରେନ୍‌ରେ ରୁଷିଆର ଆତଙ୍କକୁ ପ୍ରତିରୋଧ କରିବା ଦିଗରେ ବିଶ୍ୱ ସମୁଦାୟ ଯତ୍ନବାନ ହେଉ।
-ବୋରିସ୍ ଜନ୍‌ସନ୍, ବ୍ରିଟେନ ପ୍ରଧାନମନ୍ତ୍ରୀ



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଳସୁଆ କେହି ତା' ଠଉଁ ନାହିଁ**
**କୁଟାକୁ ଦି' ଖଣ୍ଡ କରଇ ନାହିଁ ।**

ଅତି ଅଳସୁଆ। ଏତେ ଅଳସୁଆ ଯେ କୁଟାକୁ ଦି' ଖଣ୍ଡ କରିବାକୁ ମଧ ଇଚ୍ଛା ନାହିଁ। କିଛି ବ୍ୟକ୍ତି କାମଦାମ ନ କରି ଖାଇପିଇ ଅୟସରେ ଦିନ ବିତାଇଥାନ୍ତି। କାମ କରିବା କଥା କହିଲେ ନାନା ବାହାନା ଦେଖାଇ କାମରୁ ମୁହଁ ଫେରାଇ ନେଇଥାନ୍ତି। କୌଣସି କାମରେ ଦେହ ନ ହଲେଇବା ଲୋକ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅଭାଗ୍ୟ କୁ ଏମିତି ଘଟେ**
**ଅଣ୍ଟି ସୁନା ପିତଳ ପାଲଟେ ।**

ଭାଗ୍ୟ ଯେତେବେଳେ ବାମ ହୁଏ, ସେତେବେଳେ ମଣିଷ କିଂକର୍ତ୍ତବ୍ୟବିମୂଢ଼ ହୋଇଯାଏ। ଭାଗ୍ୟ ସାଥ୍ ନ ଦେଲେ ମଣିଷ ହତାଶ ହୋଇଯିବା ସାର ହୋଇଥାଏ। ସେହିପରି ଭାଗ୍ୟର ବିପର୍ଯ୍ୟୟ ଘଟିଲେ ହାତରେ ଥିବା ସୁନା ମଧ ମାଟି ପାଲଟି ଯାଇଥାଏ। ଭାଗ୍ୟହୀନ ବ୍ୟକ୍ତିର ଅସରନ୍ତି ଧନ ଉଭେଇ ଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# 'ମ୍ୟାଜିକ୍ ପ୍ୟାନ୍'ରେ କଶ୍ମୀର ଖାଦ୍ୟ

**ଭୁବନେଶ୍ୱର, ୬।୩(ବ୍ୟୁରୋ)**

ରାଜଧାନୀରେ ବର୍ଷତମାମ ବିଭିନ୍ନ ସମୟରେ ମେଳା ପଡ଼ିଥାଏ। ଏସବୁ ମେଳାରେ ଖାଦ୍ୟ ଷ୍ଟଲ ମଧ ଖୋଲିଥାଏ। ରାଜ୍ୟ ତଥା ରାଜ୍ୟ ବାହାର ଖାଦ୍ୟର ପସରା ଗ୍ରାହକଙ୍କୁ ସବୁବେଳେ ଭିନ୍ନ ସ୍ୱାଦ ଦେଇଥାଏ। ସେହିଭଳି ବଡ଼ ବଡ଼ ହୋଟେଲ ମଧ ବିଭିନ୍ନ ରାଜ୍ୟର ଖାଦ୍ୟ ମେଳା କରିଥାନ୍ତି। କେବଳ ସେହି ସମୟରେ ହିଁ ଭୁବନେଶ୍ୱରବାସୀ ଦେଶ ବିଦେଶର ଖାଦ୍ୟ ଖାଇବାର ସୁଯୋଗ ପାଆନ୍ତି। ଚାହିଦାକୁ ଦେଖି ଏବେ ସହରରେ ବିଭିନ୍ନ ହୋଟେଲ, ରେଷ୍ଟୁରାଣ୍ଟ ଓ ଫାଷ୍ଟଫୁଡ୍ ସେଣ୍ଟରରେ ପଞ୍ଜାବ, ମୁମ୍ବାଇ, ଦିଲ୍ଲୀ, ଗୁଜରାଟ, ହାଇଦ୍ରାବାଦର ଖାଦ୍ୟ ଉପଲବ୍ଧ ହେଉଥିବାବେଳେ କିଛିଦିନ ହେବ କଶ୍ମୀର ଖାଦ୍ୟର ସୁଆଦ ରାଜଧାନୀବାସୀଙ୍କ ମନ ଜିଣୁଛି। ଭୁବନେଶ୍ୱରର ମନୀଷା ପଣ୍ଡାଙ୍କ 'ମ୍ୟାଜିକ୍ ପ୍ୟାନ୍' କିଚେନ୍‌ରୁ ଏଭଳି ନିଆରା ଖାଦ୍ୟର ସ୍ୱାଦ ଓ ବାସ୍ନା ଧୀରେ ଧୀରେ ସହରର ସବୁଠି ପହଞ୍ଚିବାରେ ଲାଗିଛି।

'ମ୍ୟାଜିକ୍ ପ୍ୟାନ୍'ର ସ୍ୱତନ୍ତ୍ରତା ହେଉଛି କଶ୍ମୀର ଖାଦ୍ୟ। ଏହା ମଧରେ ରହିଛି ମଟନ ରୋଗାନ ଜୁସ୍, ମଟନ ରିସ୍ତା, ଗୁସ୍ତଭା, ତବାକ ମାଜ୍ ଭଳି ବିଭିନ୍ନ ସୁଆଦିଆ ଡିସ୍। ଏଥି ସହିତ ଅନ୍ୟାନ୍ୟ ଇଣ୍ଡିଆନ୍ ଫୁଡ୍ ଓ ଚାଇନିଜ୍ ଖାଦ୍ୟ ମଧ ମିଳୁଛି। ତେବେ ଏହାର କୌଣସି ଆଉଟ୍‌ଲେଟ୍ ନ ଥିବାବେଳେ ସତ୍ୟନଗରରେ ରହିଛି ରୋଷେଇଶାଳା। ଅନ୍‌ଲାଇନ୍ ଅର୍ଡର କଲେ ହିଁ 'ମ୍ୟାଜିକ୍ ପ୍ୟାନ୍'ରୁ ସ୍ୱାଦର ଯାଦୁ ମିଳିପାରିବ। ଏଥିପାଇଁ ସ୍ୱିଗି ଓ ଜୋମାଟୋରେ ଅର୍ଡର କରିହେବ। ସେହିଭଳି ସତ୍ୟନଗରସ୍ଥିତ ମ୍ୟାଜିକ୍ ପ୍ୟାନ୍‌ର ରୋଷଇଶାଳାରୁ ମଧ ଅର୍ଡର ଦେଇ ସିଧାସଳଖ ଖାଦ୍ୟ ଆଣିପାରିବେ। 'ମ୍ୟାଜିକ୍ ପ୍ୟାନ୍' ସ୍ୱାଦର ମ୍ୟାଜିକ୍ ଓ ତାଙ୍କ ପ୍ରୟାସ ସମ୍ପର୍କରେ ମନୀଷା କୁହନ୍ତି, ଗତ ୧୨ ବର୍ଷ ଧରି ଓଡ଼ିଶା ବାହାରେ ବିଭିନ୍ନ ରାଜ୍ୟରେ ରହିଆସିଛି। ସେଠାକାର ଘରୋଇ ତଥା ପ୍ରସିଦ୍ଧ ଖାଦ୍ୟ ବି ଖାଇଛି। ମୋର ବହୁତ ଜଣ କଶ୍ମୀର ସାଙ୍ଗ ଅଛନ୍ତି। ସେମାନଙ୍କ ଘରକୁ ଗଲେ ହାତରନ୍ଧା ଖାଦ୍ୟ ଖାଉଥିଲି ଓ ତାହାର ସ୍ୱାଦ ମୋତେ ଭାରି ଭଲ ଲାଗୁଥିଲା। ଏପରି କି ସେମାନଙ୍କ ରୋଷେଇ ଶୈଳୀକୁ ଦେଖିବା ଓ ଜାଣିବାର ସୁଯୋଗ ମିଳିଥିଲା। ସେଥିରୁ ମୁଁ ପ୍ରେରଣା ପାଇଥିଲି। ଓଡ଼ିଶା ଫେରିବା ପରେ ମୁଁ କଶ୍ମୀର ଖାଦ୍ୟ ଓଡ଼ିଶାବାସୀଙ୍କୁ ଦେବା ପାଇଁ ଭାବିଥିଲି। ଏଥିପାଇଁ ବର୍ଷେ ତଳେ 'ମ୍ୟାଜିକ୍ ପ୍ୟାନ୍' ଖୋଲିବା ଲାଗି ଚିନ୍ତା କଲି। ତେବେ ବହୁକଷ୍ଟରେ ୬ଜଣ ରୋଷେୟାଙ୍କୁ ଖୋଜି ପାଇଲୁ। ପୂରା ପ୍ରସ୍ତୁତ ହେବା ପରେ ଗତ ୩ ମାସ ହେବ ଏହା ଖୋଲିଛି। ବ୍ରାଣ୍ଡ ଆୱାରନେସ୍ ପାଇଁ ପ୍ରଥମେ ପ୍ରଥମେ ବହୁତ କଷ୍ଟ କରିବାକୁ ପଡ଼ିଥିଲା। ଏଠାରେ ଲୋକେ କଶ୍ମୀର ଖାଦ୍ୟ ଖାଇ ନ ଥିବାରୁ ସେମାନଙ୍କୁ ଏକ ନୂଆ ଟେଷ୍ଟ ଦେବା ପାଇଁ ଚେଷ୍ଟା କରୁଛୁ। ଆମ ମ୍ୟାଜିକ୍ ପ୍ୟାନ୍ ଧୀରେ ଧୀରେ ଗ୍ରାହକଙ୍କ ପସନ୍ଦ ହେବାରେ ଲାଗିଛି। ଆଗକୁ ଆହୁରି ଭଲ ରେସ୍‌ପଣ୍ଡ୍ କରିବ ବୋଲି ଆଶା କରୁଛୁ। ଆସନ୍ତା ଏକ ମାସ ଭିତରେ ଏକ ନୂଆ ଆଉଟ୍‌ଲେଟ୍ ଖୋଲାଯିବ। ଯେଉଁଠି ଲୋକେ ବସି ଖାଇବାର ବ୍ୟବସ୍ଥା ରହିବ। ତେବେ ସ୍ୱାମୀଙ୍କ ସହ ମିଶି ସେ ଏହି କିଚେନ ଚଳାଉଛନ୍ତି। ଦୁଇଜଣ ଚାକିରିଆ ହୋଇ ମଧ ଖାଦ୍ୟ ବିଶେଷକରି କଶ୍ମୀର ଡିସ୍ ପ୍ରତି ଦୁର୍ବଳତା ଥିବାରୁ ଆମକୁ ଏଥିପାଇଁ ସମୟ ଦେଇ ଖୁସି ଲାଗୁଥିବା ମନୀଷା କହିଛନ୍ତି।





### ମନୀଷା ପଣ୍ଡାଙ୍କ ନିଆରା କିଚେନ



ମନୀଷା ପଣ୍ଡା

## ଗାଡ଼ି ଧକ୍କାରେ ହରିଣ ଆହତ

ଭୁବନେଶ୍ୱର,୬।୩(ବ୍ୟୁରୋ)- ଚନ୍ଦକା ଜଙ୍ଗଲରୁ ବାହାରି ଆସିଥିବା ଏକ ହରିଣ ରବିବାର ଓମଫେଡ ଛକ ନିକଟରେ ଏକ ଅଜଣା ଗାଡି ଧକାରେ ଦୁର୍ଘଟଣାର ଶିକାର ହୋଇଛି। ହରିଣର ଗୋଡ ଓ ଶିଙ୍ଗରେ ଗଭୀର ଆଘାତ ଲାଗିଛି। ଖବର ପାଇଁ ପିସିଆର ଭ୍ୟାନ ଘଟଣା ସ୍ଥଳରେ ପହଞ୍ଚି ହରିଣକୁ ଉଦ୍ଧାର କରିଥିଲା। ଜଙ୍ଗଲ ବିଭାଗର ଏକ ଟିମ୍ ପହଞ୍ଚି ହରିଣର ଚିକିତ୍ସା ଆରମ୍ଭ କରିଥିଲେ। ହରିଣ ସୁସ୍ଥ ହୋଇ ଚାଲିବାକୁ ଅତିକମରେ ୨୧ ଦିନ ଲାଗିବ ବୋଲି ଚିକିତ୍ସା କରୁଥିବା ପ୍ରାଣୀ ଚିକିତ୍ସକ କହିଛନ୍ତି।


# classifieds Everyday
0674-2580101, 2549302



**SALE**

Plot for sale at Chhatabar per sqft. @99/-. 7381268181, 9583295832. D-23294

**Residential plot near AIIMS, Bhubaneswar, Sole Owner, 2000 sqft. 18 Lakhs. Contact- 8917645241.** D-23305

Gharabari land 1707sqft. near AIIMS Hospital, Police Academy back side Bhubaneswar @2500/- per sqft. for sale. Contact: 9438376959. D-71478

କଟକ-ଭୁବନେଶ୍ୱର ମଧଭାଗରେ ନିର୍ମିତ ଓଡ଼ିଶାର Biggest Commercial Hub "GrandBazar" ସମ୍ମୁଖରୁ ଅଳ୍ପଦୂରରେ ବାସୋପଯୋଗୀ ଘରବାରି ପ୍ଲଟ୍ ଶସ୍ତାରେ କିଣନ୍ତୁ। 8249310759. D-73204

BDA plot Pitapalli NHକୁ ଲାଗି Electricity, Boundary ଥାଇ ମିଳୁଅଛି। Contact: 9437285016, 7735888421. D-23268

**ପିପିଲି ମେଡିକାଲଠାରୁ ପୁରୀ ଯିବା ରାସ୍ତାରେ BSNL/ Fire Office ନିକଟବର୍ତ୍ତୀ ଘରବାରି boundary, road, electricpoll ସହିତ ପିଚୁ ରାସ୍ତାକୁ ଲାଗି ପ୍ଲଟ୍ ମିଳୁଛି। 9438122777, 9556622939.** D-71799

ଭୁବନେଶ୍ୱର ରବିଟକିଜ୍ ସାଇ ମନ୍ଦିର ପୂର୍ବରୁ ରାସ୍ତା ପାଚେରି ଥାଇ ପ୍ଲଟ୍ ବିକ୍ରିହେବ। 9827119799. D-71954

ଭୁବନେଶ୍ୱର ଜଟଣୀଗେଟ୍ ନିକଟରେ sqft.-300/- ଏବଂ ତ୍ରିନାଥବଜାର ନିକଟରେ sqft.-240/- (outright). 9776974912. D-23286



**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-23285

**GENERAL**

**SALE**

ବାରମଜା ଫ୍ୟାକ୍ଟ୍ରି କରିବାକୁ 2 ବର୍ଷର ପୁରୁଣା ମେସିନ୍, ଯନ୍ତ୍ରପାତି କିଣିବାକୁ ଯୋଗାଯୋଗ କରନ୍ତୁ। 9937707932. D-23321



To-let One room with attached Bath & Kitchen at Rasulgarh, Bhubaneswar. Mob: 8763157287. D-23322



Ashirvaad Saloon and SPA get good massage for your health tha best therapy. 7077181074. D-71870

Newly opening SPA positively health benefits with expert therapist. 8917332216. D-71953

**Relax, Refresh your Body, Mind at Lotus Spa with Best Therapies. 8018891951.** D-23276

Newly open SPA positively health benefit with expert. Contact: 7749976301. D-71951

**Relax, Refresh your body, mind at SAIKRUPA SPA with best therapies. 8984068077.** D-23219

Refreshing your mind and body with the best therapy, 7873794731. D-23292



ଅଗରବତି ମେସିନ୍ ବସାଇ ଆମ ମାଧମରେ ଦିନକୁ ୧୦୦୦-୧୫୦୦ ରୋଜଗାର କରନ୍ତୁ। 8114845472. D-71479

**AFFIDAVIT**

By virtue of an affidavit before Executive Magistrate, BBSR dt. 03.03.2022, I have changed my name from Ashish Dash to Asish Dash for all purposes. D-71873

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଜାଲ ବିଛାଉଛନ୍ତି ଡିଜିଟାଲ ସୁନ୍ଦରୀ

### ସତର୍କ କଲା ରାଜ୍ୟ ପୋଲିସ

**ଭୁବନେଶ୍ୱର,୬।୩(ବ୍ୟୁରୋ)**

ପ୍ରତିଦିନ ସାଇବର ଠକମାନେ ନୂଆ ନୂଆ ପନ୍ଥା ଆପଣାଇ ଟଙ୍କା ଲୁଟୁଛନ୍ତି। ବିଶେଷ କରି ସୋସିଆଲ ମିଡ଼ିଆରେ ଡିଜିଟାଲ ସୁନ୍ଦରୀମାନେ ମାତିଛନ୍ତି। ସେମାନେ ଜାଲ ବିଛାଇ ଯୁବକଙ୍କୁ ଫାଶରେ ପକାଉଛନ୍ତି। ଯୁବକଙ୍କ ସହ ଅଶ୍ଳୀଳ ଚାଟ୍ କରିବା ପରେ ବ୍ଲାକ୍‌ମେଲ୍ କରି ଟଙ୍କା ଲୁଟୁଛନ୍ତି। ପୂର୍ବରୁ ଏଭଳି ଘଟଣା ସାମ୍ନାକୁ ଆସିଛି। ଅନେକ ଯୁବକ ଲୋକଲଜ୍ୟା ଭୟରେ ଥାନାରେ ଅଭିଯୋଗ କରୁନାହାନ୍ତି। ତେବେ ଏପରି ସ୍ଥିତିରେ ଏହି ଡିଜିଟାଲ୍ ସୁନ୍ଦରୀଙ୍କଠାରୁ ଦୂରେଇ ରହିବା ପାଇଁ ରାଜ୍ୟ ପୋଲିସ ରବିବାର ଟୁଇଟ୍ କରି ସତର୍କ କରାଇଛି। ରାଜ୍ୟ ପୋଲିସ ପକ୍ଷରୁ କୁହାଯାଇଛି ଯେ, ସୋସିଆଲ୍ ମିଡ଼ିଆରେ ମାତିଛନ୍ତି ଡିଜିଟାଲ୍ ସୁନ୍ଦରୀ, ତେଣୁ ଆପଣମାନେ ଅଶ୍ଳୀଳ ଭିଡିଓ ଚାଟ୍‌ରୁ ଦୂରେଇ ରୁହନ୍ତୁ। ଫେକ୍ ଆକାଉଣ୍ଟ ଜରିଆରେ ଅଶ୍ଳୀଳ ଭିଡିଓ ଚାଟ୍ କରି ବ୍ଲାକମେଲିଂ ଜରିଆରେ ଆପଣଙ୍କଠୁ ଏମାନେ ଅନେକ ଟଙ୍କା ଲୁଟିନେଇ ପାରନ୍ତି। ସାଇବର ଠକଙ୍କ ଏ ନୂତନ କୌଶଳ ପ୍ରତି ସାବଧାନ ରୁହନ୍ତୁ। ଅଜଣା ଲୋକଙ୍କ ଭିଡ଼ିଓ କଲ୍ ଉଠାନ୍ତୁ ନାହିଁ। ଲୋକଲଜ୍ୟା ଭୟରେ ଏମାନଙ୍କୁ ପ୍ରଶ୍ରୟ ଦିଅନ୍ତୁ ନାହିଁ। ଆପଣ କିମ୍ବା ଆପଣଙ୍କ ପ୍ରିୟଜନ ଏପରି ପରିସ୍ଥିତିର ସାମ୍ନା କଲେ ସଙ୍ଗେସଙ୍ଗେ ପୋଲିସ ସହ ଯୋଗଯୋଗ କରିବାକୁ କୁହାଯାଇଛି।

# ଖଟିରେ ଚଢ଼ାଉ, ନିଶାସକ୍ତଙ୍କ ଉପରେ ନଜର

### ଶୃଙ୍ଖଳିତ ପୌର ନିର୍ବାଚନ ପାଇଁ କମିଶନରେଟ ପୋଲିସର ସ୍ୱତନ୍ତ୍ର ଅଭିଯାନ

**ଭୁବନେଶ୍ୱର,୬।୩(ବ୍ୟୁରୋ)**

ଆସନ୍ତା ୨୪ ତାରିଖରେ ପୌର ନିର୍ବାଚନ ଅନୁଷ୍ଠିତ ହେବ। ତେଣୁ ଏହା ପୂର୍ବରୁ ସର୍ବସାଧାରଣରେ ଅନେକ ଅସାମାଜିକ ବ୍ୟକ୍ତି ଖଟି କରିବା ସହ ମଦର ଆସର ଜମାଇବେ। ମାସେ ପୂର୍ବରୁ ଭୁବନେଶ୍ୱରର ପ୍ରତ୍ୟେକ ୱାର୍ଡରେ ରାଜନୈତିକ ଉଷ୍ମତା ଲାଗି ରହିଛି। ତେବେ ଏସବୁ ଜାରି ରହିଲେ ରାଜଧାନୀରେ ରାଜନୈତିକ ହିଂସା ସୃଷ୍ଟି ହେବା ସହ ଆଇନଶୃଙ୍ଖଳା ପରିସ୍ଥିତି ବ୍ୟାଘାତ ହେବାର ଆଶଙ୍କା ରହିଛି। ତେଣୁ ଏସବୁକୁ ଦୃଷ୍ଟିରେ ରଖି ଶୃଙ୍ଖଳିତ ନିର୍ବାଚନ ପାଇଁ କମିଶନରେଟ ପୋଲିସ ପକ୍ଷରୁ ଗତ ୨ ତାରିଖରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି। ପୋଲିସ ଟିମ୍ ବିଭିନ୍ନ ସ୍ଥାନରେ ହେଉଥିବା ଖଟି ଉପର ଅତର୍କିତ ଚଢ଼ାଉ କରିବା ସହ ସର୍ବସାଧାରଣ ସ୍ଥାନରେ ମଦ୍ୟପାନ ଓ ନିଶା ସେବନ କରୁଥିବା ନିଶାସକ୍ତଙ୍କ ଉପରେ କଡ଼ା ନଜର ରଖାଯାଉଛି। ପୋଲିସ ପାଟ୍ରୋଲିଂକୁ ତ୍ୱରାନ୍ୱିତ କରାଯାଇଛି। ବିଶେଷକରି ରାତିରେ ଅତର୍କିତ ଚଢ଼ାଉ କରାଯାଇ ଜରିମାନା ଆଦାୟ କରାଯାଉଛି। ଇତିମଧରେ ୨୦୦ ଜଣ ନିଶାସକ୍ତଙ୍କଠାରୁ ୫୦୦ ଟଙ୍କା ଲେଖାଏ ମୋଟ ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆଦାୟ କରାଯାଇଛି। ସେହିପରି ଖଟି କରୁଥିବା ୯୨ ଜଣଙ୍କଠାରୁ ୫୦୦ ଟଙ୍କା ଲେଖାଏ ୪୬ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଆଦାୟ କରାଯାଇଛି। ସେହିପରି ୧୨ଟି ଖଟି ଗ୍ରୁପ୍‌କୁ ପୋଲିସ ଭାଙ୍ଗିଥିବା ଥିବା କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅଭିଯାନ ପୌର ନିର୍ବାଚନ ଶେଷ ହେବା ପର୍ଯ୍ୟନ୍ତ ଜାରି ରହିବ। ଏଥିସହ ଅଭିଯାନକୁ ଆଗକୁ ଜୋରାଦାର କରାଯିବ ବୋଲି ଅତିରିକ୍ତ ଡିସିପି ପ୍ରକାଶ ଚନ୍ଦ୍ର ପାଲ କହିଛନ୍ତି।

### ପ୍ରଥମ ପୃଷ୍ଠାରୁ...

## ବିଶ୍ୱ ଅର୍ଥନୀତି ...

ପରିଶୋଧରେ ଖିଲାପି (ଡେଟ୍ ଡିଫଲ୍ଟ) କରିଥିଲା। ସେତେବେଳେ ରୁବଲ ୭୦% ତଳକୁ ଖସିଥିଲା। ୨୦୦୮-୦୯ରେ ବିଶ୍ୱ ଅର୍ଥନୀତି ସଙ୍କଟ ଦେଇ ଗତି କରୁଥିବାବେଳେ ରୁଷିଆ ଜର୍ଜିଆ ବିରୋଧରେ ଯୁଦ୍ଧ କରି ସ୍ଥିତିକୁ ଆହୁରି ସଙ୍ଗିନ କରିଦେଇଥିଲା। ସେହିପରି ୨୦୧୪-୧୫ରେ ମସ୍କୋର କ୍ରିମିଆ ଦଖଲ ବେଳେ ବିଦେଶୀ ନିବେଶକ ରୁଷିଆ ବଜାରରୁ ପୁଞ୍ଜି ପ୍ରତ୍ୟାହାର କରିନେଇଥିଲେ। ଏବେ ୟୁକ୍ରେନ୍ ଆକ୍ରମଣ କରି ରୁଷିଆ କେବଳ ନିଜ ପାଇଁ ନୁହେଁ, ବରଂ ପାଶ୍ଚାତ୍ୟ ଦେଶଗୁଡ଼ିକ ଲାଗି ଗାତ ଖୋଳିଛି। ମୁଡିଜ୍ ରୁଷିଆର ରେଟିଂ କମାଇ 'ଜଙ୍କ୍' କରିଦେଇଛି। ଫିଚ୍ ରୁଷିଆକୁ ଡାଉନ୍‌ଗ୍ରେଡ୍ କରି 'ବି' ରେଟିଂ ଦେବା ସହ 'ନେଗେଟିଭ୍ ୱାଚ୍‌ଲିଷ୍ଟ'ରେ ରଖିଛି। ଆମେରିକୀୟ ଫାଇନାନ୍ସ କମ୍ପାନୀ ଏମ୍‌ଏସ୍‌ସିଆଇ ରୁଷିଆକୁ 'ଇମର୍ଜିଂ ମାର୍କେଟ ଇଣ୍ଡେକ୍ସ'ରୁ ହଟାଇଦେଇଛି। ଏମ୍‌ଏସ୍‌ସିଆଇ ମୁତାବକ ରୁଷିଆର ଇକ୍ୱିଟିଗୁଡ଼ିକ ନିବେଶଯୋଗ୍ୟ ହୋଇ ରହିନାହିଁ। ଲଣ୍ଡନ ଷ୍ଟକ୍ ଏକ୍ସଚେଞ୍ଜ ଗ୍ରୁପ୍‌ର ଏଫ୍‌ଟିଏସ୍‌ଇ ରସେଲ୍ ରୁଷୀୟ ଶେୟାରଗୁଡ଼ିକୁ ନିଜ ଇଣ୍ଡେକ୍ସରୁ ହଟାଇଦେଇଛି। ବିଶ୍ୱବ୍ୟାଙ୍କ ରୁଷିଆ ଓ ଏହାର ସହଯୋଗୀ ବେଲାରୁଷର ସବୁ ପ୍ରୋଜେକ୍ଟ ଉପରେ ରୋକ ଲଗାଇଛି। କରେନ୍ସି ମାର୍କେଟ କଥା ଦେଖିଲେ ରୁଷିଆର ରୁବଲ ଇତିମଧରେ ୩୮% ନିମ୍ନଗାମୀ ହୋଇଛି। ଏସବୁ ସତ୍ତ୍ୱେ ରୁଷିଆକୁ ସହାୟକ ହୋଇଛି ଏହାର ଫରେନ୍ ଏକ୍ସଚେଞ୍ଜ ରିଜର୍ଭସ୍ ବା ଫରେକ୍ସ ରିଜର୍ଭସ୍। ବିଦେଶୀ ମୁଦ୍ରା, ସୁନା, ବ୍ୟାଙ୍କ ନୋଟ୍, ଟ୍ରେଜେରି ବିଲ୍, ଗଭର୍ନମେଣ୍ଟ ସିକ୍ୟୁରିଟିଜ୍ ଆଦିକୁ ନେଇ ରୁଷିଆର ଫରେକ୍ସ ରିଜର୍ଭସ୍ ମଜଭୁତ ସ୍ଥିତିରେ ଥିବାରୁ ମସ୍କୋକୁ ଆର୍ଥିକ ଚିନ୍ତା ସେତେଟା ଘାରୁନାହିଁ ବୋଲି କୁହାଯାଉଛି। ୨୦୧୫ରୁ ଅଦ୍ୟାବଧି ରୁଷିଆର ଫରେକ୍ସ ରିଜର୍ଭସ୍ ୭୧% ବଢ଼ିଛି। ୨୦୨୨ ଜାନୁୟାରୀରେ ରୁଷିଆର ଫରେକ୍ସ ରିଜର୍ଭସ୍ ୬୪୦ ବିଲିୟନ୍ ଡଲାର ଥିଲା। ଏହି ୭ ବର୍ଷ ମଧରେ ରୁଷିଆ ଗୋଲ୍ଡ ଏବଂ ଚାଇନା କରେନ୍ସି ୟୁଆନ୍‌ରେ ସର୍ବାଧିକ ନିବେଶ କରିଛି। କିନ୍ତୁ ଏବେ ପାଶ୍ଚାତ୍ୟର କଟକଣା ଯୋଗୁ ୭୦% ରିଜର୍ଭ ଫ୍ରିଜ୍ ହୋଇଯାଇଛି। ପାଶ୍ଚାତ୍ୟ ଦେଶଗୁଡ଼ିକ ଯୁଦ୍ଧ ରୋକିବା ପାଇଁ ରୁଷିଆର ଅନେକ ବ୍ୟାଙ୍କକୁ ସୋସାଇଟି ଫର୍ ୱାର୍ଲ୍ଡୱାଇଡ୍ ଇଣ୍ଟରବ୍ୟାଙ୍କ ଫାଇନାନ୍ସିଆଲ ଟେଲିକମ୍ୟୁନିକେଶନ୍ସ (ସ୍ୱିଫ୍ଟ) ଗ୍ଲୋବାଲ ବ୍ୟାଙ୍କ ପେମେଣ୍ଟ ସିଷ୍ଟମ୍‌ରୁ ବାହାର କରିଦେଇଛନ୍ତି। ଆମେରିକା, ଜାପାନ ଓ ଅନେକ ୟୁରୋପୀୟ ରାଷ୍ଟ୍ର ରୁଷିଆ ରିଜର୍ଭ ବ୍ୟାଙ୍କକୁ ଏହାର ଫରେକ୍ସ ରିଜର୍ଭକୁ ଆକ୍‌ସେସ୍ କରିବା ଉପରେ କଟକଣା ଲଗାଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ବିବାଦୀୟ ପରିସ୍ଥିତିରେ ଧୈର୍ଯ୍ୟଧାରଣ ପାରିବାରିକ ଓ ସାମାଜିକ ଜୀବନକୁ ଗୁଣ୍ଡିମନ୍ତ କରିବ। କର୍ମକ୍ଷେତ୍ରର ସବୁଦିଗକୁ ଭଲ ରୂପେ ଲକ୍ଷ୍ୟ ରଖି କାମ କରନ୍ତୁ, ନଚେତ୍ ସମସ୍ୟା ମାଡ଼ିଆସିବ। ଆନୁଷ୍ଠାନିକ କାମକୁ ନଜରରେ ରଖି ଘରକୁ ସଜାଡ଼ିବାରେ ସମୟ ନେଇପାରନ୍ତି। ପୂର୍ବରୁ ଶତ୍ରୁତା ରହିଥିବା ବ୍ୟକ୍ତିମାନଙ୍କ ପ୍ରତି ନଜର ରଖି କାମ କରିବା ଭଲ ହେବ।

**ବୃଷ**
ପାରିବାରିକ ଅସ୍ଥିରତା ସାଙ୍ଗକୁ କେତେକ ଅଭିଳାଷ ମନକୁ ବ୍ୟଥିତ କରିପାରେ। ଅଟକି ରହିଥିବା କାମଗୁଡ଼ିକୁ ନେଇ ମନ ବିଚଳିତ ରହିବ। ଅଯାଚିତ ଭାବରେ କୌଣସି ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ବାଣିଜ୍ୟ, ବ୍ୟବସାୟ, ପରିବହନ, ମାଲିମକଦ୍ଦମା କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ।

**ମିଥୁନ**
ମନ ଭିତରର ଗୋପନ କଥାକୁ ବନ୍ଧୁଙ୍କ ନିକଟରେ ପ୍ରକାଶ କରିପାରିବେ ନାହିଁ। ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହେବାରୁ ଅଶାନ୍ତି ରହିପାରନ୍ତି। କର୍ମକ୍ଷେତ୍ରରେ ବିଚାରବୁଦ୍ଧି ପ୍ରୟୋଗକରି କାର୍ଯ୍ୟ ହାସଲ କରିପାରିବେ। ଆର୍ଥିକ ଅନଟନ ଲାଗି ରହିବା କାରଣରୁ ବିଚଳିତବୋଧ କରିପାରନ୍ତି।

**କର୍କଟ**
ସାମାନ୍ୟ କଥାରେ ମତଭେଦ ଘଟି ମନରେ ସରସତା ଆଗଭଳି ରହିବ ନାହିଁ। ମାଲିମକଦ୍ଦମା, ବାଣିଜ୍ୟ, ବ୍ୟବସାୟ,ବିବାଦୀୟ ଘଟଣାରେ ସ୍ଥିତି ଅନୁକୂଳ ହୋଇପାରେ। ବନ୍ଧୁମାନଙ୍କ ସବୁକଥାକୁ କାନଡେରି ଶୁଣନ୍ତୁ କିନ୍ତୁ ଭାବିଚିନ୍ତି ଆଗକୁ ଗୋଡ଼ ବଢ଼ାନ୍ତୁ। ବାଣିଜ୍ୟ,ବ୍ୟବସାୟ ଓ ପରିବହନରେ କିଛି ସମସ୍ୟା ଦେଖାଦେଇପାରେ।

**ସିଂହ**
ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ,ମାତ୍ର ଆଶାନୁରୂପ ସାହାଯ୍ୟ ମିଳି ନ ପାରେ। ସାଧାରଣ ଘଟଣାରେ କୌଣସି ପଡୋଶିନୀଙ୍କ ସହ ମତଭେଦ ଉପୁଜିବାର ସମ୍ଭାବନା ରହିଛି। ଦୈହିକ ସ୍ଥିତି ସେତେଟା ଅନୁକୂଳ ନ ରହିଲେ ମଧ ମନୋବଳ ଦୃଢ଼ ରହିବ। ଆଜି କୌଣସି ବିବାଦୀୟ କ୍ଷେତ୍ରରେ ବେଶି ସମୟ ରହିବା ଠିକ୍ ହେବନାହିଁ।

**କନ୍ୟା**
ବନ୍ଧୁମିଳନ ସହ ସଭାସମିତିରେ ବିଶିଷ୍ଟ ବ୍ୟକ୍ତିଙ୍କ ଅନ୍ତରଙ୍ଗ ଆଳାପ ମନକୁ ଆମୋଦିତ କରିବ। ବିଭିନ୍ନ କାର୍ଯ୍ୟବ୍ୟସ୍ତତା ମଧରେ ମାନସିକ ସ୍ଥିତି ବିଶେଷ ଭଲ ରହି ନ ପାରେ। ପୂର୍ବରାଗକୁ ଶୁଝାଇବାକୁ ଯାଇ ଆତ୍ମୀୟ ଶତ୍ରୁତା କରିପାରନ୍ତି। ନିଜ ପରିସରର ବ୍ୟକ୍ତିମାନଙ୍କ ସାହାଯ୍ୟକ୍ରମେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

**ତୁଳା**
ସ୍ୱାସ୍ଥ୍ୟ ଭଲ ରହିବା ସହ ଅନ୍ୟମାନଙ୍କ ଦୃଷ୍ଟିରେ ଭାବମୂର୍ତ୍ତି ଅକ୍ଷୁଣ୍ଣ ରହିବ। ବିଭିନ୍ନ ଅସୁବିଧା ଭିତରେ ଗତି କରୁଥିବାରୁ ମାନସିକ ଅବସ୍ଥା ସେତେ ଭଲ ରହି ନ ପାରେ। ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ। ଘର କଥାନେଇ ସ୍ୱାମୀଙ୍କ ସହ ଆଲୋଚନା କରି କାମ କଲେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇପାରିବ।

**ବିଛା**
ସ୍ୱାସ୍ଥ୍ୟ ଠିକ୍ ରହିଲେ ମଧ କାମଗୁଡ଼ିକ ବିଶୃଙ୍ଖଳିତ ଅବସ୍ଥାରେ ରହିବ। ବନ୍ଧୁଙ୍କ ରୁକ୍ଷ ବ୍ୟବହାର ଓ ଅସମ୍ମାନଜନକ କଥା ମନକୁ ବେଶି ବାଧିବ। ପାରିବାରିକ ସ୍ତରରେ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ପରିସ୍ଥିତିକୁ ଦେଖି ଜାଣିଶୁଣି ସବୁ କଥାରେ ନୀରବ ରହିବାକୁ ପଡ଼ିବ।

**ଧନୁ**
ଆଜି କଳା,ସାହିତ୍ୟ, ସାମ୍ବାଦିକତା ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ଆର୍ଥିକ ଦୁରବସ୍ଥା ସାମୟିକ ଭାବରେ କାର୍ଯ୍ୟଧାରାର ଗତିରୋଧ କରିବାର ଆଶଙ୍କା ଦେଖାଦେଇପାରେ। ପଡ଼ୋଶୀ ଆପଣଙ୍କ ସାହାଯ୍ୟ ସକାଶେ ଅନୁରୋଧ କରିପାରନ୍ତି। ନିଜର ପ୍ରିୟଜନଙ୍କ ସାନ୍ନିଧ ଲାଭକରି ଏକପ୍ରକାର ଖୁସି ଅନୁଭବ କରିବେ।

**ମକର**
ଆଗାମୀ ଆନୁଷ୍ଠାନିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବାକୁ ମନସ୍ଥ କରିପାରନ୍ତି। ଜଣେ ବନ୍ଧୁଙ୍କ ସାହାଯ୍ୟରେ ଆଜିର କାମଗୁଡିକ ସୁବିଧାରେ ସମ୍ପନ୍ନ ହୋଇଯିବ। ପ୍ରତ୍ୟେକ କ୍ଷେତ୍ରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପାରନ୍ତି। କଳା, ସାହିତ୍ୟ, ସଙ୍ଗୀତରେ ଉନ୍ନତି କରିବେ।

**କୁମ୍ଭ**
କୌଣସି ବନ୍ଧୁଙ୍କ ସହାୟତାରେ ପ୍ରିୟ ବନ୍ଧୁଟି ସହ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। ଘରେ ପିଲାମାନଙ୍କ ପଢା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ପରୋକ୍ଷ ଶତ୍ରୁତା ହେତୁ କାମଗୁଡିକ ଶୃଙ୍ଖଳିତ ହେବାର ଆଶା କ୍ରମଶଃ ମଉଳିଯିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ପ୍ରତିବନ୍ଧକ ଦୂରେଇଯିବ।

**ମୀନ**
ପରିବାରରେ ସନ୍ତାନଙ୍କ ବିଶୃଙ୍ଖଳିତ ଆଚରଣ, ଅଭାବ ଓ ଅସୁବିଧା ମନକୁ ଭାରାକ୍ରାନ୍ତ କରିବ। ଜମିଜମା କାରବାର, ଗୃହ ନିର୍ମାଣ, ବ୍ୟବସାୟ କ୍ଷେତ୍ର ଗତାନୁଗତିକ ରୀତିରେ ଗଡ଼ିଚାଲିବ। ଆଲୋଚନା ସମୟରେ ବନ୍ଧୁଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ରହିପାରନ୍ତି। କର୍ମକ୍ଷେତ୍ର ପୂର୍ବବତ୍ ଚାଲୁରହିବ ଏବଂ ବିଶେଷ ଅସୁବିଧା ରହିବ ନାହିଁ।

## ଭାରତରେ ଜରୁରୀ ...

ପ୍ରାକୃତିକ ବାଷ୍ପ କ୍ଷେତ୍ରରେ ରୁଷିଆରୁ ଭାରତ ୦.୨% ଆମଦାନୀ କରିଥାଏ। ରୁଷିଆର ସରକାରୀ କମ୍ପାନୀ ଗାଜ୍‌ପ୍ରୋମ୍ ସହ ଗେଲ୍ ଇଣ୍ଡିଆ ୨୦ ବର୍ଷ ପାଇଁ ଚୁକ୍ତିବଦ୍ଧ ହୋଇଛି। ଉକ୍ତ ଚୁକ୍ତି ଅନୁସାରେ୨୦୧୮ରୁ ରୁଷିଆଠାରୁ ବାର୍ଷିକ ୨.୫ ନିୟୁତ ଟନ୍ ଲିକ୍ୱିଫାଏଡ୍ ନାଚୁରାଲ ଗ୍ୟାସ୍ (ଏଲ୍‌ଏନ୍‌ଜି) ଭାରତକୁ ଆସୁଛି। ଯୁଦ୍ଧ ପରିପ୍ରେକ୍ଷୀରେ କୃଷ୍ଣ ସାଗରରେ ଜାହାଜ ଚଳାଚଳ ବାଧାପ୍ରାପ୍ତ ହୋଇଥିବାରୁ ଆମଦାନୀ ଉପରେ ପ୍ରଭାବ ପଡ଼ିବ। ଯୁଦ୍ଧ ଆରମ୍ଭରୁ ଭାରତରେ ଖାଇବା ତେଲ, ଡାଲି ଓ ଅନ୍ୟ ଜରୁରୀ ସାମଗ୍ରୀ ଦରଦାମ୍ ବଢ଼ିଥିବାବେଳେ ଆଗକୁ ସ୍ଥିତି ଆହୁରି ଜଟିଳ ହେବା ଆଶଙ୍କା କରାଯାଉଛି।

# ‘ଗାଁକୁ ଫେରିବା ଆଶା ମଉଳିଯାଇଥିଲା’

**ଧାମନଗର, ୬।୩ (ଡି.ଏନ.ଏ.)**

ଘରକୁ ଆସିବି ବୋଲି ପାଖରେ ଯାହା ଖାଦ୍ୟ ଥିଲା ଖାଇ ଦେଇଥିଲି। ଭୋକ ଉପାସରେ ବଙ୍କର ଭିତରେ ଦିନ କଟୁଥିଲା। ସାଇରନ୍ ଶବ୍ଦରେ ମନ

## ପ୍ରତି ମୁହୂର୍ତ୍ତରେ ଜୀବନ ପ୍ରତି ବିପଦ ଥିଲା

ବିଚଳିତ ହେଉଥିଲା। ପ୍ରତି ମୁହୂର୍ତ୍ତରେ ଜୀବନ ପ୍ରତି ବିପଦ ଥିଲା। ଗାଁକୁ ଫେରିବା ଆଶା ଏକ ପ୍ରକାର ମଉଳି ଯାଇଥିଲା। ଭାଗ୍ୟକୁ ଆଦରି ଆଶା ଓ ଆଶଙ୍କା ମଧ୍ୟରେ ରହିବାକୁ ପଡ଼ିଥିଲା। ଏଭଳି ଲୋମଟାଙ୍କୁରା ଅନୁଭୂତି ବଖାଣିଛନ୍ତି ୟୁକ୍ରେନ୍‌ରୁ ଗାଁକୁ ଫେରିଥିବା ଡାକ୍ତରୀ ଛାତ୍ର ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ମୁସ୍ତାଫାପୁର ପଞ୍ଚାୟତ ବେଲମଲା ଗ୍ରାମର ରଶ୍ମିରଞ୍ଜନ ସ୍ୱାଇଁ। ଶନିବାର ସେ ଘରେ ପହଞ୍ଚିବା ପରେ ପରିବାର ଲୋକେ ଖୁସିରେ ବିଭୋର ହୋଇଯାଇଥିଲେ।

ଶିକ୍ଷକ ମଦନ ମୋହନ ସ୍ୱାଇଁ ଓ ଶିକ୍ଷୟିତ୍ରୀ ରୀତାରାଣୀ ରାଉତଙ୍କ ପୁଅ ରଶ୍ମିରଞ୍ଜନ। ସେ ୟୁକ୍ରେନ୍‌ର ଖର୍କିଭ୍ ସିଟି ବିଶ୍ୱବିଦ୍ୟାଳୟରେ ଡାକ୍ତରୀ ଛାତ୍ର ଭାବେ ଦ୍ୱିତୀୟ ବର୍ଷରେ ଅଧ୍ୟୟନ କରୁଥିଲେ। ପାଞ୍ଚଦିନ ବଙ୍କର ଭିତରେ ରହି ଯୁଦ୍ଧର ବିଭୀଷିକାକୁ ଅଙ୍ଗେ ନିଭାଇଥିବା ଦୃଶ୍ୟ ହୃଦୟବିଦାରକ ଥିଲା। ଏହି ଦୃଶ୍ୟ ଜୀବନର ଏକ ଅଭୁଲା ସ୍ମୃତି ହୋଇ ରହିଯିବ ବୋଲି ସେ କହିଛନ୍ତି। ବହୁ ଘାତ ପ୍ରତିଘାତରେ ବୁଦାପେଷ୍ଟରେ ପହଞ୍ଚିଥିଲେ। ବୁଦାପେଷ୍ଟ ସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ବ୍ୟବସ୍ଥା ହୋଇଥିବା ହୋଟେଲରେ ଗୋଟିଏ ରାତି ରହିଥିଲେ। ପରଦିନ ଅପରେଶନ ଗଙ୍ଗା ବିମାନରେ ଭାରତ ଆସି ନୂଆଦିଲ୍ଲୀରେ ପହଞ୍ଚିଥିଲେ। ଓଡ଼ିଶା ସରକାରଙ୍କ ପକ୍ଷରୁ ଓଡ଼ିଶା ଭବନ ନିଆଯାଇ ସ୍ୱଳ୍ପ ସମୟ ରହଣି ପରେ ଦିଲ୍ଲୀରୁ ଭୁବନେଶ୍ୱର ସ୍ୱତନ୍ତ୍ର ବିମାନ ଯୋଗେ ଆସିଥିଲେ। ଭୁବନେଶ୍ୱରରୁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଜ ଗ୍ରାମକୁ ଆସିବା ପାଇଁ ବ୍ୟବସ୍ଥା କରାଯାଇଥିଲା। ତେବେ ଜୀବନ ବଞ୍ଚାଇ ଗାଁକୁ ଫେରି ଆସିଲେ ସତ ହେଲେ ଯୁଦ୍ଧ ପରେ ଡାକ୍ତରୀ ପଢ଼ିବା ସ୍ୱପ୍ନ କ’ଣ ହେବ, ସେନେଇ ଚିନ୍ତାରେ ରଶ୍ମିରଞ୍ଜନ ଓ ତାଙ୍କ ପରିବାର।



ୟୁକ୍ରେନ୍‌ରୁ ଘରକୁ ଫେରିବା ପରେ ମା’ ବାପାଙ୍କ ସହ ଡାକ୍ତରୀ ଛାତ୍ର ରଶ୍ମିରଞ୍ଜନ ସ୍ୱାଇଁ।

# ଦୁଇ ମାସରେ ୮୫.୪୮ ଲକ୍ଷ ଜରିମାନା

**ବ୍ରହ୍ମପୁର ଅଫିସ,୬।୩**

## ଅମାନିଆଙ୍କୁ ଦଣ୍ଡ

**■ହେଲ୍‌ମେଟ ନ ପିନ୍ଧି ଗଣିଛନ୍ତି ୮୨ ଲକ୍ଷ**

ଅମାନିଆଙ୍କୁ କୌଣସି ନିୟମ କାଟୁ କରୁନାହିଁ। ୨୦୨୨ ଜାନୁୟାରୀ ଓ ଫେବୃୟାରୀ ୨ ମାସରେ ବ୍ରହ୍ମପୁର ଟ୍ରାଫିକ ଥାନା ପକ୍ଷରୁ ମୋଟ ୮୫ ଲକ୍ଷ ୪୮ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ବିଭାଗୀୟ ସୂତ୍ରରୁ ସୂଚନା ମିଳିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ହେଲ୍‌ମେଟ ନ ପିନ୍ଧିବା ଅଭିଯୋଗରେ ସହରବାସୀ ସର୍ବାଧିକ ୮୨ଲକ୍ଷ ୧୨ ହଜାର ଟଙ୍କା ଜରିମାନା ଗଣିଛନ୍ତି। ସଡକ ସୁରକ୍ଷା ନିୟମ କଡାକଡି କରିବା ପାଇଁ କେନ୍ଦ୍ର ସରକାର ମୋଟରଯାନ ଆଇନରେ ସଂଶୋଧନ ଆଣିଥିଲେ। ସଡ଼କ ସୁରକ୍ଷା ନିୟମ ପାଳନ ପାଇଁ ଟ୍ରାଫିକ ପୋଲିସ ପକ୍ଷରୁ ଯାଞ୍ଚ କଡ଼ାକଡ଼ି କରାଯାଇଛି। ବିଶେଷ କରି ହେଲ୍‌ମେଟ ଧରପଗଡ଼ ସହିତ ମାସ୍କ ପିନ୍ଧିବା ଅଭିଯାନ ଜୋରଦାର କରାଯାଇଛି। ଅମାନିଆଙ୍କ ପାଇଁ ହେଲ୍‌ମେଟ ନ ପିନ୍ଧିଲେ ଏବେ ଆଉ ୫ଶହ ନୁହେଁ ସଂଶୋଧିତ ନିୟମ ଅନୁସାରେ ୧ହଜାର ଟଙ୍କା ଜରିମାନା ଆଦାୟ କରିବା ବ୍ୟବସ୍ଥା କରାଯାଇଛି। ଏପରିକି ହେଲ୍‌ମେଟ ନ ପିନ୍ଧିଲେ ୩ ମାସ ପର୍ଯ୍ୟନ୍ତ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରିବା ପାଇଁ ପୋଲିସ ଆରଟିଓଙ୍କୁ ସୁପାରିସ କରିବ ବୋଲି ନିୟମ କରାଯାଇଛି। ଏହି ଧାରାରେ ଗତ ୨ ମାସରେ ବ୍ରହ୍ମପୁରରେ ଟ୍ରାଫିକ ଥାନା ପକ୍ଷରୁ ଜରିମାନା ବାବଦରେ ମାନୁଆଲ୍ ଏବଂ ଇ-ଚାଲାଣ ବାବଦରେ ୮୨ଲକ୍ଷ ୧୨ ହଜାର ଟଙ୍କା ଅମାନିଆ ଚାଳକଙ୍କ ଉପରେ ଧାର୍ଯ୍ୟ ହୋଇ ସାରିଲାଣି ବୋଲି ଟ୍ରାଫିକ୍ ଥାନାଧିକାରୀ ସୁନୀଲ ବେହେରା ସୂଚନା ଦେଇଛନ୍ତି। ଇତିମଧ୍ୟରେ ୮୭୬୬ ଗାଡି ଚାଳକଙ୍କୁ ଏହି ଜରିମାନା ଧାର୍ଯ୍ୟ କରାଯାଇଛି। ସେହିପରି କରୋନା କଟକଣା ଉଲ୍ଲଂଘନ କରି ମାସ୍କ ନ ପିନ୍ଧିଥିବା, ଗାଡି ଚଳାଇବା ସମୟରେ ମୋବାଇଲ ବ୍ୟବହାର କରିବା, ଟ୍ରିପଲ୍ ରାଇଡିଂ ଆଦି ନିୟମ ପାଳନ କରୁ ନ ଥିବା ଚାଳକଙ୍କଠାରୁ ୩ ଲକ୍ଷ ୩୬ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ୩୧୯ ଗାଡି ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ପାଇଁ ଆରଟିଓଙ୍କୁ ସୁପାରିସ କରାଯାଇଛି ବୋଲି ଥାନାଧିକାରୀ ବେହେରା ସୂଚନା ଦେଇଛନ୍ତି।

# ପିଲାଙ୍କ ମନୋବଳ ବଢ଼ାଇବାକୁ ପଡ଼ିବ

**କୋଭିଡ୍ ଯୋଗୁ ଅଫ୍‌ଲାଇନ୍ ଶିକ୍ଷା ବନ୍ଦ ହେବାରୁ ଅନ୍‌ଲାଇନ୍ ଶିକ୍ଷା ପିଲାଙ୍କୁ ଅଳସୁଆ କରିଦେଇଛି । ଗତ ୨ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ଶିକ୍ଷାନୁଷ୍ଠାନର ପରିବେଶ, ଶିକ୍ଷକ, ସାଙ୍ଗସାଥୀମାନଙ୍କଠାରୁ ଦୂରେଇ ରହିଥିବା ପିଲାମାନଙ୍କୁ ପୁଣିଥରେ ନିଜ ଶିକ୍ଷାନୁଷ୍ଠାନ ସହିତ ଭଲ ଭାବରେ ଜଡ଼ିତ ହେବାକୁ କିଛି ସମୟ ଲାଗିବ। ଅଫ୍‌ଲାଇନ୍ କ୍ଲାସ୍ ଏବଂ ଅଫ୍‌ଲାଇନ୍ ପରୀକ୍ଷା ନିଶ୍ଚିତ ଭାବରେ ସେମାନଙ୍କ ପାଇଁ ଚ୍ୟାଲେଞ୍ଜିଂ ରହିବ। ତେବେ ଏଭଳି ସମୟରେ ଉଭୟ ଶିକ୍ଷକ, ଅଭିଭାବକ ବିଦ୍ୟାର୍ଥୀଙ୍କ ମନୋବଳ ଦୃଢ଼ କରିବା ପାଇଁ ସେମାନଙ୍କୁ ସହଯୋଗ କରିବା ଆବଶ୍ୟକ ବୋଲି ଧରିତ୍ରୀକୁ ସ୍ୱତନ୍ତ୍ର ସାକ୍ଷାତକାର ଦେଇ ଏମ୍‌ଆଇଟିଏସ୍ ଗ୍ରୁପ୍ ଚିଫ୍ ଏକ୍‌ଜିକ୍ୟୁଟିଭ୍ ଶ୍ରୀରାମ ପଣ୍ଡା କହିଛନ୍ତି।**



ଶ୍ରୀରାମ ପଣ୍ଡା, ଚିଫ୍ ଏକ୍‌ଜିକ୍ୟୁଟିଭ୍, ଏମ୍‌ଆଇଟିଏସ୍ ଗ୍ରୁପ୍

ଧରିତ୍ରୀ | OrissaPOST BUSINESS EMINENCE AWARDS

**❖ ଆପଣଙ୍କ ଶିକ୍ଷାନୁଷ୍ଠାନ ପିଲାଙ୍କ ଆବଶ୍ୟକତାକୁ କିପରି ପୂରଣ କରୁଛି?**

ଆମ ଶିକ୍ଷାନୁଷ୍ଠାନ ବିଶେଷକରି ସାଇନ୍ସ ଏଜୁକେଶନ, ଇଞ୍ଜିନିୟରିଂ, ଏଗ୍ରିକଲ୍‌ଚରାଲ୍ ଶିକ୍ଷା ପ୍ରଦାନ କରେ। ଏମ୍‌ଆଇଟିଏସ୍ ଗ୍ରୁପ୍‌ର ୪ଟି ଶିକ୍ଷାନୁଷ୍ଠାନ ଅଛି। ସେଗୁଡ଼ିକ ହେଉଛି ମିଟ୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପ୍ରଫେଶନାଲ୍ ଷ୍ଟଡିଜ୍, ମଝିଘରିଆଣୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଆଣ୍ଡ ସାଇନ୍ସ, ମିଟ୍ସ ସ୍କୁଲ୍ ଅଫ୍ ଇଞ୍ଜିନିୟରିଂ ଏବଂ ମିଟ୍ସ ସ୍କୁଲ୍ ଅଫ୍ ବାୟୋଟେକ୍ନୋଲୋଜି। ଆମେ ପିଲାମାନଙ୍କର ଆବଶ୍ୟକତା ପୂରଣ ଦିଗରେ ବିଶେଷ ଧ୍ୟାନ ଦେଇଥାଉ ଏବଂ କମ୍ ଖର୍ଚ୍ଚରେ ସେମାନେ ଉତ୍ତମ ଶିକ୍ଷା ପାଇପାରନ୍ତି। ଶିକ୍ଷା ସମାପ୍ତ ପରେ ଅଧିକାଂଶ ଛାତ୍ରୀଛାତ୍ରଙ୍କୁ ଚାକିରି ଆବଶ୍ୟକତା ଥାଏ। ତେଣୁ ଆମେ ଭଲ ଅନୁଷ୍ଠାନରେ ପିଲାମାନଙ୍କର ପ୍ଲେସ୍‌ମେଣ୍ଟ କରାଇବା ଦିଗରେ ପ୍ରୟାସ କରୁ।

**❖ ଅନ୍ୟ ଶିକ୍ଷାନୁଷ୍ଠାନଠାରୁ ଆପଣଙ୍କ ଶିକ୍ଷାନୁଷ୍ଠାନର କି ସ୍ୱତନ୍ତ୍ରତା ରହିଛି?**

ଆମେ ପିଲାମାନଙ୍କୁ ପ୍ରାକ୍ଟିକାଲ୍ ଓରିଏଣ୍ଟେଡ୍ କରିବାକୁ ଚେଷ୍ଟା କରିଥାଉ, ଯାହା ଫଳରେ ସେମାନେ ନିଜ ଚାକିରି ଜୀବନରେ ଏହାର ସଦୁପଯୋଗ କରିପାରିବେ। ଏହାଛଡ଼ା ଛାତ୍ରୀଛାତ୍ରଙ୍କ ଏକାଡେମିକ୍ ଫଳାଫଳ ଉପରେ ମଧ୍ୟ ବିଶେଷ ଗୁରୁତ୍ୱ ଦେଉ। ସେମାନଙ୍କ ଉପସ୍ଥାନ ଏବଂ ପରୀକ୍ଷା ପ୍ରଣାଳୀ ଉପରେ ଜୋର୍ ଦେଇଥାଉ। ଏକାଡେମିକ୍ ସମ୍ପର୍କିତ ପ୍ରଶିକ୍ଷଣ ସହିତ ସେମାନଙ୍କ ସଫ୍ଟ ସ୍କିଲ୍ ବୃଦ୍ଧି ପାଇଁ ଆମେ ତାଲିମ ପ୍ରଦାନ କରୁଛୁ।

**❖ ପିଲା ଓ ଅଭିଭାବକମାନେ ଆପଣଙ୍କ ଶିକ୍ଷାନୁଷ୍ଠାନକୁ କାହିଁକି ଚୟନ କରିବାକୁ ଇଚ୍ଛୁକ ହେବେ ବୋଲି ଭାବୁଛନ୍ତି?**

ଶିକ୍ଷାନୁଷ୍ଠାନର ମାର୍କେଟିଂ ଦିଗରେ ଆମେ କେବେ ବି ଜୋର୍ ଦେଉନାହୁଁ। କିନ୍ତୁ ସର୍ବଦା ପିଲା ଏବଂ ଅଭିଭାବକଙ୍କର ଆମ ଉପରେ ଥିବା ବିଶ୍ୱାସ ବଜାୟ ରଖିବାକୁ ପ୍ରୟାସ କରିଥାଉ। ଗୋଟିଏ ପିଲା ପଢ଼ିବା ପରେ ଯେପରି ଅଭିଭାବକମାନେ ଆମ ଅନୁଷ୍ଠାନଠାରୁ ନିରାଶ ନ ହୋଇ ଅନ୍ୟ ପିଲାକୁ ପଢ଼ାଇବାକୁ ଆଗ୍ରହୀ ହେବେ ଆମେ ସେ ଦିଗରେ ଚେଷ୍ଟା କରୁ। ଏଥିପାଇଁ ପିଲା, ଅଭିଭାବକ ଓ ପୁରାତନ ଛାତ୍ରୀଛାତ୍ର ଆମ ଅନୁଷ୍ଠାନର ଉନ୍ନତି ପ୍ରତି ସତତ ଚେଷ୍ଟିତ।

**❖ କୋଭିଡ୍ ମହାମାରୀ ସମୟରେ ଆପଣଙ୍କ ଶିକ୍ଷାନୁଷ୍ଠାନ ପିଲାଙ୍କ ସୁବିଧା ପାଇଁ କି କି ପଦକ୍ଷେପ ନେଇଛି?**

୨୦୨୦ ମାର୍ଚ୍ଚରେ କୋଭିଡ୍ ମହାମାରୀ ଆରମ୍ଭ ହୋଇଥିଲା। ହେଲେ ପିଲାଙ୍କ ସୁବିଧାକୁ ଦୃଷ୍ଟିରେ ରଖି ସଂଯୋଗବଶତଃ ଆମେ ପଢ଼ାଉଥିବା କୋର୍ସଗୁଡ଼ିକ ପାଇଁ ଅନ୍‌ଲାଇନ୍ କଣ୍ଟେଣ୍ଟ ବ୍ୟବସ୍ଥା ଆରମ୍ଭ କରିଥିଲୁ। ଏହା ଆମ ପାଇଁ ସୁବିଧା ହୋଇଥିଲା। ଲକ୍‌ଡାଉନ୍ ଆରମ୍ଭ ହେବା ପରେ ଆମେ ପିଲାଙ୍କ ଅନ୍‌ଲାଇନ୍ ଶିକ୍ଷାଦାନ ଆରମ୍ଭ କରିଦେଇଥିଲୁ। ଶ୍ରେଣୀର ସମସ୍ତ ପିଲା ସବୁ ପ୍ରକାର ପାଠ ବୁଝିବାକୁ ସକ୍ଷମ ହୁଅନ୍ତି ନାହିଁ। ତେବେ ଅନ୍‌ଲାଇନ୍ କଣ୍ଟେଣ୍ଟ ଦ୍ୱାରା ଛାତ୍ରୀଛାତ୍ରମାନେ ଯେକୌଣସି ସମୟରେ ତାକୁ ଦେଖିପାରିବେ ଏବଂ ନିଜ ସନ୍ଦେହ ମୋଚନ କରିପାରିବେ।

**❖ ଅନ୍‌ଲାଇନ୍ ଶିକ୍ଷାର କି କି ସୁବିଧା ଓ ଅସୁବିଧା ରହିଛି?**

ଅନ୍‌ଲାଇନ୍ ଶିକ୍ଷା ବ୍ୟବସ୍ଥା ନ ଥିଲେ ଦୁଇବର୍ଷ ଧରି ପିଲାମାନେ ପାଠପଢ଼ାରୁ ଦୂରରେ ଥାଆନ୍ତେ। ତେବେ ଅନ୍‌ଲାଇନ୍‌ରେ କିପରି ଶିକ୍ଷାଦାନ କଲେ କିମ୍ବା କିଭଳି କଣ୍ଟେଣ୍ଟ ଡେଭେଲପ୍ ହେଲେ ପିଲାମାନେ ସହଜରେ ବୁଝିପାରିବେ ସେ ଦିଗରେ ଆମକୁ ଚେଷ୍ଟା କରିବାକୁ ପଡ଼ିବ। କେତେଜଣ ପିଲା ଇନ୍‌ଟ୍ରୋଭର୍ଟ ଥାଆନ୍ତି ଏବଂ ସେମାନେ ଶ୍ରେଣୀରେ ପ୍ରଶ୍ନ କରିବାକୁ ଇଚ୍ଛାପ୍ରକାଶ କରନ୍ତି ନାହିଁ। କିନ୍ତୁ ସେମାନେ ଜାଣିବାକୁ ଆଗ୍ରହୀ ଥାଆନ୍ତି। ସେଭଳି ପିଲାଙ୍କ ପାଇଁ ଅନ୍‌ଲାଇନ୍ ଶିକ୍ଷା ବେଶି ଲାଭଦାୟକ। ଏହାଛଡା ପିଲାମାନେ ନିଜେ ବିଷୟଗୁଡିକର ରିଭିଜନ୍ ମଧ୍ୟ କରିପାରିବେ। କିନ୍ତୁ ଅନ୍‌ଲାଇନ୍ ଦ୍ୱାରା ସେମାନେ ଅଳସୁଆ ହୋଇଯାଇଛନ୍ତି। ନିଜ ସାମାଜିକ ସମ୍ପର୍କଠାରୁ ଦୂରେଇ ଯାଇଛନ୍ତି। ପିଲାମାନେ ଶ୍ରେଣୀ ଶିକ୍ଷା ଦ୍ୱାରା ସାଙ୍ଗସାଥୀ, ଶିକ୍ଷକ ଏବଂ ବିଦ୍ୟାଳୟ ପରିବେଶରୁ ଯାହା ଶିକ୍ଷାଲାଭ କରନ୍ତି, ତାହା ସାରା ଜୀବନ ସେମାନଙ୍କ କାମରେ ଆସେ। ତେଣୁ ଏଠାରେ କୁହାଯାଇପାରେ, ‘ବ୍ଲାକ୍‌ବୋର୍ଡ ଶିକ୍ଷାର ବିକଳ୍ପ ନାହିଁ, କିନ୍ତୁ ଅନ୍‌ଲାଇନ୍ ଶିକ୍ଷା ହେଉଛି ତାହାର ଏକ ଉତ୍ତମ ବିକଳ୍ପ’।

**❖ ପ୍ରାୟ ଦୁଇବର୍ଷ ପରେ ଏବେ ଶିକ୍ଷାନୁଷ୍ଠାନ ଖୋଲିଛି? ପିଲାମାନେ ଅଫଲାଇନ୍ ଶିକ୍ଷା ପଦ୍ଧତିକୁ ସହଜରେ ଗ୍ରହଣ କରିପାରିବେ ବୋଲି ଭାବୁଛନ୍ତି କି?**

ଗତ ଦୁଇବର୍ଷ ଧରି ପିଲାମାନେ ଅନ୍‌ଲାଇନ୍ ଶିକ୍ଷା ସହିତ ଜଡ଼ିତ ଥିଲେ। ତେଣୁ ପୁଣିଥରେ ଶ୍ରେଣୀ ଶିକ୍ଷାକୁ ଫେରିବା ଏବଂ ବିଦ୍ୟାଳୟ ସହିତ ପୁନଃ ଜଡ଼ିତ ହେବା ସେମାନଙ୍କ ପାଇଁ ଚ୍ୟାଲେଞ୍ଜ ରହିବ। ସେମାନେ ଅତି ସହଜରେ ଅଭିଭାବକଙ୍କ ସହାୟତା ନେଇ ଅନ୍‌ଲାଇନ୍ ପରୀକ୍ଷା ଦେଇପାରୁଥିଲେ। ଅଫ୍‌ଲାଇନ୍ ପରୀକ୍ଷା ମଧ୍ୟ ସେମାନଙ୍କୁ ବିଶେଷ ଅସୁବିଧାରେ ପକାଇବ। ସବୁକିଛି ପୂର୍ବ ଭଳି ହେବାକୁ ସମୟ ଲାଗିବ ଏବଂ ଏହି ସମୟରେ ପିଲାଙ୍କୁ ଶିକ୍ଷକ ଏବଂ ଅଭିଭାବକମାନେ ପ୍ରେରଣା ଦେବା ଦରକାର।

## ପ୍ରଫେସର ପବିତ୍ର ମୋହନ ଦେବତାଙ୍କ ପରଲୋକ

**ବଲାଙ୍ଗୀର ଅଫିସ, ୬।୩:** ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଇଂଲିଶ ବିଭାଗ ପ୍ରଫେସର ପବିତ୍ର ମୋହନ ଦେବତା (୫୬)ଙ୍କ ରବିବାର ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। କିଛିଦିନ ତଳେ ସେ ଅସୁସ୍ଥ ହୋଇପଡିବା ପରେ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ୨୧ ମେ ୧୯୬୫ରେ ପ୍ରଫେସର ଦେବତା ଦେବଗଡ ଜିଲା ଜଡାଗୁଲା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ୧୯୮୫ ମସିହାରେ ସମ୍ବଲପୁର ଗଙ୍ଗାଧର ମେହେର କଲେଜରୁ କୃତିତ୍ୱର ସହ ଇଂଲିଶ ସମ୍ମାନରେ ପାସ୍ କରି ୧୯୮୭ରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଟପ୍ପର ଭାବେ ସ୍ନାତକୋତ୍ତର ପାସ୍ କରିଥିଲେ। ପରେ ସେହି ବିଶ୍ୱବିଦ୍ୟାଳୟରୁ ଉପାଧିତ୍ତର ଡିଗ୍ରୀ ହାସଲ କରିଥିଲେ। ପ୍ରଥମେ ଗଙ୍ଗାଧର ମେହେର କଲେଜରେ ଅଧାପକ ଭାବେ ଯୋଗଦାନ କରିଥିଲେ। ସେଠାରୁ ବଲାଙ୍ଗୀର ସାନ୍ଧ୍ୟ କଲେଜ ଏବଂ ପରେ ରାଜେନ୍ଦ୍ର ମହାବିଦ୍ୟାଳୟକୁ ବଦଳି ହୋଇଥିଲା। ଜଣେ ପ୍ରଗତିଶୀଳ ଲେଖକ ଭାବେ ତାଙ୍କର ସୁନାମ ରହିଥିଲା।



## ଛାତରୁ ପଡ଼ି ଶ୍ରମିକ ମୃତ

**ପାତ୍ରପୁର,୬।୩(ଡି.ଏନ.ଏ.):** ପାତ୍ରପୁର ବ୍ଲକ କନିରିଡ଼ ଗ୍ରାମର ପିଣ୍ଟୁ ନାଇକ (୩୦) ମୁମ୍ବାଇର କନଷ୍ଟ୍ରକଶନ କମ୍ପାନୀରେ କାମ କରୁଥିବା ବେଳେ ଶନିବାର ଛାତରୁ ଖସି ମୃତ୍ୟୁ ଘଟିଛି। ବ୍ୟବଚ୍ଛେଦ ପରେ ମୃତଦେହ ରବିବାର ଗ୍ରାମରେ ପହଞ୍ଚିବା ପରେ ସତ୍କାର ହୋଇଛି। ପିଣ୍ଟୁ ଛାତ ଉପରେ ଚଢି କାମ କରୁଥିବା ବେଳେ କୋଣସି କାରଣରୁ ତଳେ ପଡି ଗୁରୁତର ହୋଇଥିଲେ। କମ୍ପାନୀ ପକ୍ଷରୁ ତାଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତକଙ୍କ ଗୋଟିଏ ୫ ବର୍ଷର ପୁଅ ଓ ଏକ ଝିଅ ଥିବା ଜଣାପଡ଼ିଛି।




ଜନ ଔଷଧି ଦିବସ ଉପଲକ୍ଷେ ରବିବାର ପୁରୀ ବେଳାଭୂମିରେ ଶିଳ୍ପୀ ସୁଦାମ ପ୍ରଧାନଙ୍କ ବାଲୁକାକଳା।

# ଗାଈ ପାଟିରେ ଫୁଟିଲା ବୋମା

**ଖୁଣ୍ଟୁଣୀ, ୬।୩(ଡି.ଏନ୍.ଏ.)**

ବାର୍‌ହା ଶିକାର ଉଦ୍ଦେଶ୍ୟରେ ବୋମା(ବାର୍‌ହା ଗୁଳା) ଖଞ୍ଜାଯାଇଥିଲା। ହେଲେ ଉକ୍ତ ବୋମାକୁ ଗାଈ ଚୋବାଇ ଦେବାରୁ ତାହା ଫୁଟିଗଲା। ଏଥିରେ ଗାଈର ଥୋମଣି ଓ ତଳ ଅଂଶ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ରବିବାର ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଖୁଣ୍ଟୁଣୀ ବନାଞ୍ଚଳ ଅନ୍ତର୍ଗତ ବାଳୀ ଶାସନ ଗ୍ରାମରେ।

ମିଳିଥିବା ସୂଚନା ଅନୁଯାୟୀ, ବାଳୀ ଗ୍ରାମ ଶାସନ ସାହିର ରତ୍ନାକର ଦାଶଙ୍କ ଏକ ଗାଈ ନିକଟସ୍ଥ ଗହୀରକୁ ଚରିବାକୁ ଯାଇଥିଲା। ସେଠାରେ ପୂର୍ବରୁ କେହି ଦୁର୍ବୃତ୍ତ ବାର୍‌ହା ଶିକାର ଉଦ୍ଦେଶ୍ୟରେ ବୋମା ଖଞ୍ଜିଥିଲେ। ଫଳରେ ଗାଈଟି ଏକ ବୋମା ଚୋବାଇ ଦେଇଥିଲା। ଉକ୍ତ ବୋମା ଫୁଟିଯିବାରୁ ଗାଈ ପାଟିରୁ ମାଂସ ବାହାରି ଆସିଥିଲା। ଫଳରେ ଗାଈଟି ଛଟପଟ ହେବାକୁ ଲାଗିଲା। ସାହିର ଜଣେ ଯୁବକ ଏହାଦେଖି ଅନ୍ୟମାନଙ୍କୁ ଡାକିଥିଲେ। ରତ୍ନାକର ଓ ସାହିଲୋକ ଘଟଣାସ୍ଥଳରେ ପହଞ୍ଚି ଗୁରୁଡିଝାଟିଆ ବନ୍ୟପ୍ରାଣୀ ଚିକିତ୍ସକ ମନୋରଞ୍ଜନ ଲେଙ୍କାଙ୍କୁ ଖବର ଦେଇଥିଲେ। ଏ ସମ୍ପର୍କରେ ଲେଙ୍କା କହିଛନ୍ତି, ଗାଈଟି ବୋମା ଖାଇଥିବାରୁ ପାଟିର ଥୋମଣି ନଷ୍ଟ ହୋଇଯାଇଛି। ହେଲେ ଗାଈର ଅବସ୍ଥା ସଙ୍କଟାପନ୍ନ ଥିବାରୁ ବଞ୍ଚିବା ଅସମ୍ଭବ ବୋଲି ସେ କହିଥିଲେ।

ଗତମାସରେ ମଧ୍ୟ ଏଭଳି ଅନୁରୂପ ଘଟଣା ବାଙ୍କୀ ଅଞ୍ଚଳରେ ଘଟିଥିଲା। ଶିକାର ପାଇଁ ଖଞ୍ଜା ଯାଇଥିବା ବାର୍‌ହା ଗୁଳା ଖାଇ ଏକ ଗାଈ ଗୁରୁତର ହୋଇଥିଲା। ତାଙ୍କୁ ଭୁବନେଶ୍ୱର ଶହୀଦନଗରସ୍ଥିତ ସରକାରୀ ପ୍ରାଣୀ ଚିକିତ୍ସାଳୟରେ ଚିକିତ୍ସା କରାଯାଇଥିଲା। ବାଳୀ ଓ ଏହାର ଆଖପାଖ ଅଞ୍ଚଳରେ ଶିକାରୀମାନେ ବୋମା ରଖି ବନ୍ୟଜନ୍ତୁ ଶିକାର କରୁଥିବା ଲୋକମାନେ ଅଭିଯୋଗ କରିଛନ୍ତି। ବିଶେଷକରି ଆଠଗଡ଼ ଓ ଖୁଣ୍ଟୁଣୀ ବନାଞ୍ଚଳରେ ଏହି ଶିକାରୀମାନେ ବେଶ୍ ସକ୍ରିୟ ଅଛନ୍ତି। ସେମାନେ ବନ୍ୟଜନ୍ତୁ ଶିକାର କରି ମାଂସକୁ ବିକ୍ରି କରୁଛନ୍ତି। ଏ ସମ୍ପର୍କରେ ଅଭିଯୋଗ ହେବା ପରେ ବନ ବିଭାଗ ଲୋକଦେଖାଣିଆ ଭାବେ କେତେଜଣଙ୍କୁ ଗିରଫ କରୁଛି। ହେଲେ ଏହି ବେଆଇନ କାର୍ଯ୍ୟକୁ ସମ୍ପୂର୍ଣ୍ଣ ରୋକିବା ସହ ଶିକାରୀମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବିଫଳ ହୋଇଛି। ଏ ନେଇ ଓରନ୍ଦା ଫରେଷ୍ଟର ରାକେଶ ଦଳେଇଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ଜଣାପଡିବା ପରେ ପଦକ୍ଷେପ ନେଉଛୁ ବୋଲି ସେ କହିଛନ୍ତି।



## ଟ୍ରେନରେ କଟି ଦାଦନ ଶ୍ରମିକଙ୍କ ମୃତ୍ୟୁ

**କୋକସରା,୬।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଆମପାଣି ଥାନା ଅନ୍ତର୍ଗତ କନ୍ଦାଗଡ଼ର ଯୁବକ ବସନ୍ତ ମାଝିଙ୍କ ମୃତଦେହ ବେଙ୍ଗାଲୁରୁର ଏକ ଷ୍ଟେଶନ ନିକଟ ରେଳ ଧାରଣାରୁ ସନ୍ଦେହଜନକ ଅବସ୍ଥାରେ ଜବତ କରାଯାଇଛି। ମୃତ୍ୟୁର କାରଣ ସ୍ପଷ୍ଟ ଜଣାପଡ଼ି ନ ଥିଲେ ହେଁ ଟ୍ରେନରେ କଟି ତାଙ୍କର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ବାଙ୍ଗଲୋର ଜିଆରପି ପୋଲିସ ମୃତଦେହ ଜବତ କରି ତଦନ୍ତ କଲାଇଛି। ସୂଚନା ଅନୁସାରେ କନ୍ଦାଗଡ଼ର ବସନ୍ତ ଗତବର୍ଷ ଜୁଲାଇରେ ଗାଁ ସାଥୀ ଶ୍ରମିକଙ୍କ ସହ ଦାଦନ ଖଟିବାକୁ ବେଙ୍ଗାଲୁରୁ ଯାଇଥିଲେ। ସେଠାରେ ସେ ଏକ ବେସରକାରୀ ଠିକା ସଂସ୍ଥାରେ କାମ କରୁଥିଲେ। ଶନିବାର କେ.ଆର. ପୁରମ ଷ୍ଟେଶନ ନିକଟ ଟ୍ରେନ ଲାଇନରେ ଏକ ମୁଣ୍ଡଗଣ୍ଡି ଅଲଗା ହୋଇ ପଡ଼ିଥିବା ଏକ ମୃତଦେହ ଦେଖି ରେଳ ବିଭାଗ କର୍ମଚାରୀ ସ୍ଥାନୀୟ ଇନ୍ଦ୍ରାନଗର ଜିଆରପି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ତାଙ୍କ ପକେଟରୁ ମିଳିଥିବା ଆଧାର କାର୍ଡରୁ ଯୁବକ ଜଣକ କଳାହାଣ୍ଡି ଜିଲା କୋକସରା ବ୍ଲକ କନ୍ଦାଗଡ଼ ଗାଁର ବସନ୍ତ ମାଝି (୨୨) ବୋଲି ଜଣାପଡ଼ିଥିଲା। ପୋଲିସ ତାଙ୍କ ଠିକଣା ଜାଣିବା ପରେ ପରିବାରବର୍ଗଙ୍କ ସହ ଯୋଗାଯୋଗ କରିଥିଲା। ଖବର ପାଇ ପରିବାର ଲୋକ ରବିବାର ବେଙ୍ଗାଲୁରୁ ଅଭିମୁଖେ ଯାଉଥିବା ଜଣାପଡ଼ିଛି।

**FORM NO. 13**
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7 CDA, CUTTACK, ODISHA.**
**O.A. No. 716 OF 2019**

State Bank of India (SARB), CTC ...Applicant
Versus
M/s Macosa Multi Media & Others. ...Defendant(s)

To,
(1) **M/s Macosa Multi Media, Represented through its Prop.: Pralaya Kishore Pattnayak,** At.: Shop No.: 1, Bharatia Tower, Badambadi, Dist: Cuttack-753009
(2) **Mr. Pralay Kishore Pattnayak,** S/o : Pramod Pattnayak, At: Plot No.: 879, Mahanadi Vihar, Dist: Cuttack-753004, **PAN No.: AMHPP1252A**

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 716/2019** in the Court of the Debts of Recovery Tribunal, Cuttack for recovery of **Rs.11,49,226.17** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorised agent, in support of their defence to show cause within **30 days** from the publication or on **18.04.2022 at 10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **02nd day of March 2022.**

Sd/- (M.K. Patnaik)
REGISTRAR

**FORM No.13**
**BEFORE THE DEBTS RECOVERY TRIBUNAL**
**CUTTACK, ORISSA**
**C-71, SECTOR-7 CDA, CUTTACK, ODISHA**
**O.A.No.724/2019**

Canara Bank Badambadi Branch, Applicant(s)
-Versus-
Mr. Ranjan Kumar Sahoo & Others Defendant(s)

To,
1. Ranjan Kumar Sahoo, S/o Late Niranjan Sahoo, At-Khannagar, P.O.-Arunodaya Market, Dist.-Cuttack-753012, Odisha,
2. Manas Kumar Sahoo, S/o Late Niranjan Sahoo, At-Khannagar, P.O.-Arunodaya Market, Dist.-Cuttack-753012, Odisha,
3. Nishikant Dash, S/o Hemanta Dash, Plot No.1F/113, Sector-10 CDA, P.O.-Markat Nagar, Dist.-Cuttack-753014, Odisha

**SUMMONS BY PAPER PUBLICATION**
**FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an O.A No.724 of 2019 in the court of the Debts of Recovery Tribunal, Cuttack for recovery of Rs.27,97,925.50 (Rupees Twenty Seven Lakhs Ninety Seven Thousand Nine Hundred Twenty Five & Paise Fifty) only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorised agent, in support of their defence to show cause within 30 days from the publication or on 28.04.2022 at 10.30 a.m. as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this 3rd day of March 2022.

**Sd./- (M.K. Patnaik)**
**REGISTRAR**

ଅତିମାନବ କିଏ ? ଯେ ଏହି ଜଡମୁଖୀ ବିଭଗ୍ନ ମାନବୀୟ ବ୍ୟକ୍ତିଜୀବନର ଊର୍ଦ୍ଧ୍ୱକୁ ଉଠିଯାଇ ପାରେ– ଏବଂ ନିଜକୁ ବିଶ୍ୱମୟ କରିଦେଇ ଏକ ଦିବ୍ୟଶକ୍ତି, ଦିବ୍ୟପ୍ରେମ, ଦିବ୍ୟ ଆନନ୍ଦ ଓ ଦିବ୍ୟଜ୍ଞାନରେ ନିଜକୁ ଦିବ୍ୟମଣିଷ କରି ଦେଇପାରେ। **–ଶ୍ରୀଅରବିନ୍ଦ**



# ଯୁଦ୍ଧ: ଆର୍ଥିକ କଷ୍ଟ

ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ୧୧ ଦିନ ଅତିକ୍ରମ କରିଯାଇଛି। ଇତିମଧ୍ୟରେ ଦୁଇ ଦେଶ ଭିତରେ ଦୁଇଟି ଶାନ୍ତି ଆଲୋଚନା ବିଫଳ ହୋଇସାରିଛି। କେହି ଭାବି ନ ଥିଲେ ଯେ, ୟୁକ୍ରେନ୍ ଏତେଦିନ ପର୍ଯ୍ୟନ୍ତ ବିରୋଧ କରି ତିଷ୍ଠିପାରିବ। ସମ୍ଭବତଃ ରୁଷିଆର ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଏବଂ ତାଙ୍କର ଏବେ ଦେଖାଦେଉଥିବା ପରାମର୍ଶଦାତାମାନେ ମଧ୍ୟ ଭାବି ନ ଥିଲେ ଯେ, ୟୁକ୍ରେନ୍ ଦୀର୍ଘ ୧୧ ଦିନ ଧରି ଲଢ଼ିପାରିବ। ପୂର୍ବରୁ ପୁଟିନ୍‌ଙ୍କ ଯେତେ ଛବି ଗଣମାଧ୍ୟମରେ ବାହାରୁଥିଲା, ସାଧାରଣତଃ, ସେଥିରେ ପୁଟିନ୍ ଏକୁଟିଆ ଥିଲେ। ବର୍ତ୍ତମାନ ହୁଏତ ପରିବର୍ତ୍ତିତ ପରିସ୍ଥିତି ଯୋଗୁ ପୁଟିନ୍‌ଙ୍କ ପରାମର୍ଶଦାତାଙ୍କ ଛବି ମଧ୍ୟ ବିଶ୍ୱବ୍ୟାପୀ ଦେଖାଦେଲାଣି। ୟୁକ୍ରେନ୍‌ର କ୍ୱିଭ୍, ଖାର୍କିଭ୍‌ରେ ଧ୍ୱଂସଲୀଳା ରଚିବା ପରେ ରୁଷିଆ ସୈନ୍ୟ ଶତ୍ରୁପକ୍ଷର ଅନ୍ୟତମ ବୃହତ୍ ଅଞ୍ଚଳ ଓଡେଶା ଆଡ଼େ ମୁହାଁଇଲେଣି। ନାଟୋର କେତେକ ସଦସ୍ୟ ରାଷ୍ଟ୍ର ରୁଷିଆ ବିରୋଧୀ ଆଭିମୁଖ୍ୟ ପୋଷଣ କରିଥିବା ବେଳେ ଭିଜା ଓ ମାଷ୍ଟରକାର୍ଡ ଭଳି ଅନ୍ତର୍ଜାତୀୟ କାର୍ଡ ପେମେଣ୍ଟ ସଂସ୍ଥା ମସ୍କୋ ସହ ବ୍ୟବସାୟ ନ କରିବାକୁ ଘୋଷଣା କରିବା ପରେ ପୁଟିନ୍ ଏବେ ବ୍ୟସ୍ତ ହୋଇପଡ଼ିଛନ୍ତି। କାରଣ ରୁଷବାସୀ ବୁଝିବାକୁ ଆରମ୍ଭ କଲେଣି ଯେ, ତାଙ୍କ ରାଷ୍ଟ୍ର ଯୁଦ୍ଧରେ ଆଗରେ ଥିବା ସତ୍ତ୍ୱେ ଆର୍ଥିକ କଟକଣା ଯୋଗୁ କ୍ଷତିଗ୍ରସ୍ତ ହେଉଛନ୍ତି। ଏପର୍ଯ୍ୟନ୍ତ ରୁଷିଆର ଗଣମାଧ୍ୟମ ବାସ୍ତବ ଚିତ୍ର ସେଠାକାର ନାଗରିକଙ୍କୁ ଦେଉନାହିଁ। ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକ ବୁଝିଗଲେଣି ଯେ, ନାଗରିକଙ୍କୁ ପରିସ୍ଥିତି ସମ୍ପର୍କରେ ସୂଚାଇବାର ସହଜ ଉପାୟ ହେଉଛି ଅର୍ଥନୈତିକ ସ୍ଥିତିରେ କଟକଣା ଲାଗୁ କରିବା। ଉଲ୍ଲେଖଯୋଗ୍ୟ ଯେ, ରୁଷିଆ ଭଳି ଭାରତରେ ମଧ୍ୟ ତଥାକଥିତ ଜାତୀୟ ଗଣମାଧ୍ୟମରେ ସମ୍ପୂର୍ଣ୍ଣ ମିଥ୍ୟା ପ୍ରଚାର କରାଯାଉଥିବା ଯୋଗୁ ଅନେକ ନାଗରିକ ଅସତ୍ୟର ଶିକାର ହେଉଛନ୍ତି।

ଅନ୍ୟପଟେ ପୁଟିନ୍ କହିଛନ୍ତି ଯେ, ଅର୍ଥନୈତିକ କଟକଣାର ଅର୍ଥ ରୁଷିଆ ବିରୋଧରେ ଯୁଦ୍ଧ ଘୋଷଣା। ଏଥିସହିତ ଯେଉଁ ଦେଶଗୁଡ଼ିକ ରୁଷିଆ ବିମାନକୁ ସେମାନଙ୍କ ଦେଶର ଆକାଶମାର୍ଗରେ ଉଡ଼ିବାକୁ ବାରଣ କରୁଛନ୍ତି ବା କରିବେ, ସେମାନେ ବିଶ୍ୱକୁ ଘୋର ବିପଦ ଆଡ଼କୁ ଟାଣି ନେଉଛନ୍ତି। ସେହିପରି ଅନ୍ତର୍ଜାତୀୟ ସ୍ତରରେ ରୁଷିଆ ବିରୋଧରେ ଆର୍ଥିକ କଟକଣା ବଢୁଥିବାରୁ ତାହା ସମଗ୍ର ବିଶ୍ୱ ଅର୍ଥନୀତି ଉପରେ ପ୍ରଭାବ ପକାଇବ ବୋଲି ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ମଧ୍ୟ ସତର୍କ କରାଇଲାଣି। ବର୍ତ୍ତମାନ ସ୍ଥିତିରେ ରୁଷିଆ ଆକ୍ରମଣକୁ ୟୁକ୍ରେନ୍ ପ୍ରତିହତ କରିଚାଲୁଥିବାରୁ ମସ୍କୋ ଚିନ୍ତିତ ହୋଇପଡ଼ିଛି। ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ଯେତେ ଶକ୍ତିଶାଳୀ ହେଉଥିଲେ ମଧ୍ୟ ରୁଷୀୟ ସୈନ୍ୟଙ୍କ ପ୍ରାଣହାନି ଓ ଅର୍ଥନୀତି ଉପରେ ଘୋର ପ୍ରଭାବ ପକାଇଚାଲିଛି। ଏବେ ଯେହେତୁ ୟୁକ୍ରେନ୍‌ବାସୀଙ୍କ ପ୍ରତିରୋଧ ଚାଲୁ ରହିଛି, ପୁଟିନ୍ ଅନନ୍ୟୋପାୟ ହୋଇ ଯୁଦ୍ଧ ଜାରି ରଖିବାକୁ ବାଧ୍ୟ ହୋଇଛନ୍ତି। ସେପଟେ ରୁଷିଆର ବନ୍ଧୁରାଷ୍ଟ୍ର ବେଲାରୁଷ୍ ସାମ୍ପ୍ରତିକ ସ୍ଥିତିକୁ ଲକ୍ଷ୍ୟକରି ଯୁଦ୍ଧରେ ସାମିଲ ହେବ ନାହିଁ ବୋଲି ଏହାର ନେତା ଆଲେକ୍‌ଜାଣ୍ଡର ଲୁକାଶେଙ୍କୋ ପ୍ରକାଶ କରିବା ପରେ ଲଢ଼େଇର ସମୀକରଣ ବଦଳିବାରେ ଲାଗିଛି। ଉଲ୍ଲେଖ କରାଯାଇପାରେ ଯେ, ବେଲାରୁଷ୍‌ରେ ରୁଷିଆ କ୍ଷେପଣାସ୍ତ୍ର, ହେଲିକପ୍ଟର ଓ ରକେଟ୍ ରଖି ୟୁକ୍ରେନ୍ ଉପରେ ଆକ୍ରମଣ କରୁଥିବାରୁ ସେଠାରେ ମସ୍କୋ ସହ ଆଲୋଚନା କରିବାକୁ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିରି ଜେଲେନ୍‌ସ୍କି ପ୍ରଥମେ ରାଜି ହୋଇ ନ ଥିଲେ। ପରବର୍ତ୍ତୀ ସମୟରେ ୟୁକ୍ରେନ୍ ପ୍ରତିନିଧିଙ୍କ ଯାତାୟାତ ବେଳେ ବେଲାରୁଷ୍‌ରେ ରୁଷିଆର କ୍ଷେପଣାସ୍ତ୍ର ଓ ଯୁଦ୍ଧବିମାନରୁ ଆକ୍ରମଣ ହେବ ନାହିଁ ବୋଲି ଲୁକାଶେଙ୍କୋ ସରକାର ପ୍ରତିଶ୍ରୁତି ଦେବା ପରେ ଉଭୟ ପକ୍ଷ ଆଲୋଚନାରେ ସାମିଲ ହୋଇଥିଲେ। ତେବେ ଆଉ ଏକ ଘଟଣାକ୍ରମରେ ପୁଟିନ୍ ତୁର୍କୀ ରାଷ୍ଟ୍ରପତି ରେସେପ୍ ତାଇପ୍ ଏର୍ଡୋଗାନଙ୍କ ସହ ଆଲୋଚନା କରିଛନ୍ତି। ସୂଚନା ଦିଆଯାଇପାରେ ଯେ ରୁଷିଆ ଓ ୟୁକ୍ରେନ୍‌ର ସାମୁଦ୍ରିକ ସୀମାନ୍ତରେ ତୁର୍କୀ ରହିଛି। ୭ ମାର୍ଚ୍ଚରେ ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ତୃତୀୟ ବୈଠକ ଅନୁଷ୍ଠିତ ହେବା ପୂର୍ବରୁ ପୁଟିନ୍‌ଙ୍କ ଏଭଳି ସଙ୍କେତ ଅନେକ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ଦେଉଛି। ରୁଷ୍‌ବାସୀ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେଉଥିବାରୁ ପୁଟିନ୍ ସମ୍ଭବତଃ ବିଚଳିତ ହୋଇ ନାଟୋ ସଦସ୍ୟଭୁକ୍ତ ତୁର୍କୀର ସାହାରା ନେବାକୁ ଚେଷ୍ଟା କରୁଥାଇପାରନ୍ତି। ଅପରପକ୍ଷରେ ଆଫଗାନିସ୍ତାନରୁ ଆମେରିକା ଯେଭଳି ଭାବେ ପଳାୟନ କଲା, ସେଥିରୁ ଉପଲବ୍ଧି ହୋଇଛି ଯେ ଏକ ଛୋଟିଆ ରାଷ୍ଟ୍ର ମଧ୍ୟ ଆମେରିକାକୁ ଆଶ୍ରୟ ହୋଇ ଚାହିଁ ରହୁନାହିଁ। କାରଣ ସ୍ୱାର୍ଥସାଧନ ଲାଗି ୱାଶିଂଟନ ଡିସି ଯେକୌଣସି ସ୍ତରକୁ ଯାଇପାରେ। ପ୍ରଥମେ ଚିନ୍ତା କରାଯାଉଥିଲା ଯେ, ଚାଇନାର ତା' ପଡ଼ୋଶୀ ଦେଶଗୁଡ଼ିକ ସହ ବିବାଦ ଲାଗି ରହିଥିବାରୁ ରୁଷିଆ ସହିତ ସମ୍ପର୍କ ବଜାୟ ରଖିବାକୁ ଚେଷ୍ଟା କରିଥିଲା। ସେଥିପାଇଁ ଗତ ଶୀତକାଳୀନ ଅଲିମ୍ପିକ୍ସ ସମୟରେ ପୁଟିନ୍‌ଙ୍କୁ ମୁଖ୍ୟ ଅତିଥି ଭାବେ ବେଜିଂ ନିମନ୍ତ୍ରଣ କରିଥିଲା। କିନ୍ତୁ ବ୍ୟବସାୟରେ କ୍ଷତି ଆଶଙ୍କା କରି ଚାଇନା ମଧ୍ୟ ଏବେ ଏପାଖ ସେପାଖ ଖେଳ ଖେଳିବାକୁ ଆରମ୍ଭ କଲାଣି। ଏଥିରୁ ବୁଝିବାକୁ ହେବ ଯେ, ପୁଟିନ୍‌ଙ୍କର ଜୁଆଖେଳ କାମ ଦେଇ ନ ପାରେ ବୋଲି ବିଶ୍ୱବ୍ୟାପୀ ଏକ ଧାରଣା ସୃଷ୍ଟି ହେଲାଣି। ବିଶେଷକରି ପୃଥିବୀକୁ ଗହମ ଯୋଗାଉଥିବା ୟୁକ୍ରେନ୍ ଓ ରୁଷିଆ ଉଭୟ ଏହାର ରପ୍ତାନି କରିବାରେ ବିଫଳ ହେଲେଣି। ସେହିଭଳି ମୁଖ୍ୟତଃ ଖାଇବା ତେଲର ସଙ୍କଟ ଭାରତ ଭଳି ଦେଶକୁ ମଧ୍ୟ ଗ୍ରାସ କଲାଣି। ଡଲାର ତୁଳନାରେ ଭାରତୀୟ ମୁଦ୍ରାର ମୂଲ୍ୟ ହ୍ରାସ ପାଇଲାଣି। ରୁଷିଆକୁ ସମର୍ଥନ କରି ଭାରତୀୟ କୂଟନୈତିକ ଚିନ୍ତାଧାରା ବିଫଳ ହେବା ସହିତ ଏହି ଯୁଦ୍ଧ ଫଳରେ ଅର୍ଥନୀତି ଗୁରୁତର ଭାବେ କ୍ଷତିଗ୍ରସ୍ତ ହେବା ଆରମ୍ଭ ହୋଇଗଲାଣି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 7 | | | | 2 | | 8 | 9 |
| | | | | | | | 3 | 6 |
| | | | | | | | | |
| | 6 | | | | | | | 5 |
| | | | | 3 | 4 | | | |
| | | | 1 | | | | 2 | 8 |
| | | | | | 9 | 1 | | |
| 1 | | 8 | 2 | 5 | | 4 | | |
| 7 | 4 | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 5 | 9 | 8 | 1 | 2 | 4 | 6 | 3 |
| 8 | 4 | 6 | 3 | 5 | 9 | 2 | 1 | 7 |
| 1 | 2 | 3 | 7 | 4 | 6 | 5 | 9 | 8 |
| 6 | 9 | 5 | 4 | 8 | 3 | 7 | 2 | 1 |
| 2 | 8 | 1 | 9 | 6 | 7 | 3 | 4 | 5 |
| 4 | 3 | 7 | 1 | 2 | 5 | 9 | 8 | 6 |
| 3 | 6 | 4 | 2 | 7 | 1 | 8 | 5 | 9 |
| 5 | 7 | 8 | 6 | 9 | 4 | 1 | 3 | 2 |
| 9 | 1 | 2 | 5 | 3 | 8 | 6 | 7 | 4 |

ଗତକାଲିର ଉତ୍ତର

# ଗ୍ରାମପଞ୍ଚାୟତ ସୁଦୃଢ଼ ହେବ କିପରି



ଈପ୍ସିତା ମହାନ୍ତି

ପଞ୍ଚାୟତିରାଜ ବ୍ୟବସ୍ଥା ହେଉଛି ଏକ ପ୍ରାଚୀନତମ ଭାରତୀୟ ପରମ୍ପରା। ଏହି ହେଉଛି ସର୍ବଶ୍ରେଷ୍ଠ ସାମାଜିକ ଓ ରାଜନୈତିକ ଅନୁଷ୍ଠାନ। ଭାରତୀୟ ଇତିହାସର ପ୍ରତିଟି ପର୍ଯ୍ୟାୟରେ ଦୃଷ୍ଟିଗୋଚର ହୋଇଥାଏ ଏହାର ଅସ୍ତିତ୍ୱ। ପଞ୍ଚାୟତ ନାମକ ସଙ୍ଗଠନଟି ସମ୍ବାଦ, ସମ୍ମତ, ସହଯୋଗ, ସହଭାଗ ଏବଂ ସହକାର ଭଳି ପଞ୍ଚତତ୍ତ୍ୱ ଆଧାରିତ ଜୀବନଶୈଳୀକୁ ପ୍ରତିନିଧିତ୍ୱ କରିଥାଏ। ସ୍ୱାଧୀନ ଭାରତର ସମ୍ବିଧାନ ସଭାରେ ଗାନ୍ଧୀବାଦ ବିଷୟରେ ବହୁବାର ଆଲୋଚିତ ହୋଇଛି ସତ, କିନ୍ତୁ ଏହାକୁ ହୃଦୟ ସହକାରେ ସ୍ୱୀକାର କରାଯାଇ ନାହିଁ। ଯେଉଁ ଗାନ୍ଧୀବାଦରେ ପଞ୍ଚାୟତକୁ 'ପ୍ରକୃତ ଗଣତନ୍ତ୍ର' ଏବଂ 'ସ୍ୱାଧୀନତାର ପ୍ରାରମ୍ଭିକ ବିନ୍ଦୁ' ଭାବେ ବିବେଚନା କରାଯାଉଥିଲା; ସମ୍ବଳ ଏବଂ ସମୟର ଅଭାବ ଦର୍ଶାଇ ତାହାକୁ ନୀତି ନିର୍ଦ୍ଦେଶକ ତତ୍ତ୍ୱ ଅଧୀନରେ ରାଜ୍ୟ ସରକାରଙ୍କ ବିବେକ ଉପରେ ଛାଡ଼ିଦିଆଗଲା। ୭୩ତମ ସମ୍ବିଧାନ ସଂଶୋଧନ ଅଧିନିୟମ (୧୯୯୨) ଅନୁସାରେ ପଞ୍ଚାୟତଗୁଡ଼ିକୁ ସାମ୍ବିଧାନିକ ସୁରକ୍ଷା ପ୍ରଦାନ କରାଗଲା। ୧୯୮୮ରେ ଗଠିତ ଭି.ଏନ୍. ଗାଡ୍‌ଗିଲ କମିଟିର ସୁପାରିସ ଥିଲା ଏହି ସଂଶୋଧନ ବିଧେୟକର ମୂଳାଧାର। ଏହା ସତ୍ତ୍ୱେ ପଞ୍ଚାୟତଗୁଡ଼ିକ ସନ୍ତୋଷଜନକ ଫଳାଫଳ ଦେଇପାରିଲେ ନାହିଁ।

ମୁକ୍ତ ବୈଠକ ଆୟୋଜିତ ନ ହେବା ପଞ୍ଚାୟତର ସବୁଠାରୁ ବଡ଼ ସମସ୍ୟା। ପ୍ରଥମେ ପଞ୍ଚାୟତ ଅଧୀନସ୍ଥ ପ୍ରତ୍ୟେକଟି ଗାଁର ବିଭିନ୍ନ ସମସ୍ୟା ଉପରେ ତୃଣମୂଳସ୍ତରୀୟ ମୁକ୍ତ ଆଲୋଚନାର ବୈଠକ ଆୟୋଜନ କରାଯିବ। ପରବର୍ତ୍ତୀ ସମୟରେ ପଞ୍ଚାୟତ ବୈଠକରେ ଉକ୍ତ ବିଷୟରେ ଖୋଲା ଆଲୋଚନା କରାଯାଇ ସର୍ବସମ୍ମତି ନିଷ୍ପତ୍ତି ନେବା ଉଚିତ ହେବ। କିନ୍ତୁ ଅନେକ ସମୟରେ କିଛି ସରପଞ୍ଚ ଓ ପିଇଓ ବା ସମ୍ପାଦକ ବୈଠକ ପାଇଁ କୋରମ ଅଭାବ ବୋଲି ବିବୃତି ଦେଇଥା'ନ୍ତି। ଏହା ସମ୍ପୂର୍ଣ୍ଣ ସତ୍ୟ ନୁହେଁ, କାରଣ ଗ୍ରାମବାସୀ କେବଳ ଗ୍ରାମରେ ହିଁ ରୁହନ୍ତି। ବୈଠକରେ ଉପସ୍ଥିତ ନ ରହିବାର କ୍ଷତିକୁ ସେମାନେ ବୁଝନ୍ତି ନାହିଁ। ଯେହେତୁ ଅଧିକାରୀମାନଙ୍କୁ ନିଷ୍ପତ୍ତି ନେବାରେ ସୁବିଧା ହେବ; ତେଣୁ ସେମାନେ ବୈଠକର ସୂଚନା ଲୋକଙ୍କୁ ଦିଅନ୍ତି ନାହିଁ। ଏହା ହିଁ ହେଉଛି ବାସ୍ତବତା। ଅବଶ୍ୟ ପ୍ରଶାସନର ସହଯୋଗ ବିନା ଏହା ସମ୍ଭବ ନୁହେଁ। ଏହି ପରିପ୍ରେକ୍ଷୀରେ ବୈଠକ ପୂର୍ବରୁ ମୋବାଇଲ କିମ୍ବା ଅନ୍ୟାନ୍ୟ ଯୋଗାଯୋଗ ମାଧ୍ୟମରେ ସୂଚନା ପ୍ରଦାନକୁ ଅନିବାର୍ଯ୍ୟ କରିଦେବା ଉଚିତ ହେବ। ପୁଣି, ଏହି ବୈଠକର ଭିଡିଓ ପ୍ରସ୍ତୁତ କରାଗଲେ ତୃଣମୂଳସ୍ତରୀୟ ଅନୀତି ଓ ଦୁର୍ନୀତିରେ ରୋକ ଲାଗିପାରିବ।

ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି ପଞ୍ଚାୟତିରାଜ ବ୍ୟବସ୍ଥାରେ ସଂସ୍କାର ଆଣିବା, ଆଜି ବି ରାଜ୍ୟ ସରକାରଙ୍କ ତାଲିକାରେ ପ୍ରାଥମିକତା ହାସଲ କରିନାହିଁ। ୧୯୭୭ରେ ଗଠିତ ଅଶୋକ ମେହେଟ୍ଟା କମିଟିର ପରାମର୍ଶ ଅନୁଯାୟୀ ରାଜ୍ୟ ସରକାର ପଞ୍ଚାୟତିରାଜ ପ୍ରତିଷ୍ଠାନ ଉପରେ ଅଯଥା ହସ୍ତକ୍ଷେପ କରିବା ଉଚିତ ନୁହେଁ। କିନ୍ତୁ ରାଜ୍ୟଗୁଡ଼ିକ ଅନୁଭବ କରନ୍ତି ଯେ, ପଞ୍ଚାୟତଗୁଡ଼ିକର ସୁଗମ ବିକାଶ ସେମାନଙ୍କ ଅଧିକାର କ୍ଷେତ୍ରକୁ ହ୍ରାସ କରିଦେବ। ନିଜ କର୍ମଚାରୀଙ୍କ ଦ୍ୱାରା ରାଜ୍ୟ ସରକାର ପଞ୍ଚାୟତଗୁଡ଼ିକୁ ନିୟନ୍ତ୍ରଣ କରିଥା'ନ୍ତି। ତୃଣମୂଳ ସ୍ତରରେ ସରକାର ପ୍ରାଥମିକ ଶିକ୍ଷକ, ଗ୍ରାମ ରୋଜଗାର ସେବକ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ପରିମଳ କର୍ମଚାରୀ, ନଳକୂପ ମରାମତି କର୍ମଚାରୀ, ଅଙ୍ଗନୱାଡ଼ି, ଆଶା ଭଳି କର୍ମଚାରୀଙ୍କୁ ନିଯୁକ୍ତ କରିଛନ୍ତି। ଏମାନେ ଗ୍ରାମବାସୀଙ୍କ ନିକଟରେ ଉତ୍ତରଦାୟୀ। ଅଧିକାଂଶ ସରପଞ୍ଚଙ୍କ ଅଭିଯୋଗ ଯେ, ସେମାନେ କୌଣସି ଭଲ କାମ କରିବାକୁ ଚାହିଁଲେ ପଞ୍ଚାୟତ ନିର୍ବାହୀ ଅଧିକାରୀ ବା ପିଇଓମାନେ ସେଥିରେ ବାଧା ସୃଷ୍ଟି କରନ୍ତି। ସମ୍ପ୍ରତି ଜଣେ ଜଣେ ପିଇଓଙ୍କ ଅଧୀନରେ ୨/୩ଟି ପଞ୍ଚାୟତର ଦାୟିତ୍ୱ ରହିଛି। ଦୁର୍ନୀତି ବୃଦ୍ଧିର ଏହା ଏକ ଅନ୍ୟତମ କାରଣ।

ସାମ୍ବିଧାନିକ ଭାବେ ଭାରତରେ ତିନୋଟି ସରକାର ମାନ୍ୟତା ପାଇଛନ୍ତି। ସେମାନେ ହେଲେ କେନ୍ଦ୍ର ସରକାର, ରାଜ୍ୟ ସରକାର ଏବଂ ପଞ୍ଚାୟତିରାଜ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିଜସ୍ୱ କର୍ମଚାରୀ ଅଛନ୍ତି। ଏ ଦୃଷ୍ଟିରୁ ଗ୍ରାମାଞ୍ଚଳ ସେବା ପାଇଁ ଏକ ପୃଥକ୍ କ୍ୟାଡର (ସଂବର୍ଗ) ଆବଶ୍ୟକ। ଯେଉଁମାନେ ବିଶେଷକରି ଗ୍ରାମୀଣ ସ୍ତରରେ କାର୍ଯ୍ୟ କରିବେ। ଏହି ନିଯୁକ୍ତିରେ କେବଳ ସ୍ଥାନୀୟ ଲୋକଙ୍କୁ ସୁଯୋଗ ଦିଆଯିବ। ଗ୍ରାମୀଣ ସେବା କ୍ୟାଡର ପାଇଁ ସ୍ଥାନୀୟ ଲୋକଙ୍କୁ ଚୟନ କରିବାରେ ସେଭଳି କିଛି ଅସୁବିଧା ହେବନାହିଁ। ଯଦିଓ ରାଜ୍ୟ, ଜିଲା କିମ୍ବା ଆଞ୍ଚଳିକ ସ୍ତରରେ ଗ୍ରାମୀଣ କ୍ୟାଡର ଚୟନ କରାଯିବ, କିନ୍ତୁ ଗାଁ ରେ ରହିବା ଦ୍ୱାରା ଏମାନଙ୍କର ସହଜ ଉପଲବ୍ଧତା ନିଶ୍ଚିତ ହେବ। ନିଜ ଗ୍ରାମ ପାଇଁ ଏମାନେ ବିଶ୍ୱାସଭାଜନ ହେବେ। ନିୟମିତ ଅନ୍ତରାଳରେ ସରକାରୀ ସଂସ୍ଥା ବା ଯେକୌଣସି ତୃତୀୟ ପକ୍ଷ ଅବା ନାଗରିକ ସମାଜ ଦ୍ୱାରା ଏମାନଙ୍କ କାର୍ଯ୍ୟକୁ ତଦାରଖ କରାଯାଇପାରେ।

ବଞ୍ଚିତ ସମୂହର ଅଂଶଗ୍ରହଣ, ଉତ୍ତରଦାୟିତ୍ୱ, ପାରଦର୍ଶିତା ଏବଂ ସ୍ୱଚ୍ଛତାର ସନ୍ଦର୍ଭରେ ଗ୍ରାମସଭାର ସଶକ୍ତୀକରଣ ଏକ ସଶକ୍ତ ହତିଆର। କିନ୍ତୁ ଆଜି ପର୍ଯ୍ୟନ୍ତ ଅନେକ ରାଜ୍ୟ ଗ୍ରାମସଭାର ଅଧିକାରକୁ ସ୍ପଷ୍ଟ କରିନାହାନ୍ତି। ଅନେକ ରାଜ୍ୟରେ ପଞ୍ଚାୟତଗୁଡ଼ିକ ହେଉଛନ୍ତି ବ୍ଲକ ଅଧୀନସ୍ଥ ସଂସ୍ଥା। ତେଣୁ ପଞ୍ଚାୟତର ମୁଖ୍ୟ ଭାବେ ସରପଞ୍ଚମାନେ ପାଣ୍ଠି ଏବଂ ଅନ୍ୟାନ୍ୟ ବୈଷୟିକ ଅନୁମୋଦନ ପାଇଁ ନିୟମିତ ଭାବେ ବ୍ଲକ କାର୍ଯ୍ୟାଳୟକୁ ଦୌଡ଼ିଥା'ନ୍ତି। ପଞ୍ଚାୟତର ଅନ୍ୟତମ ସମସ୍ୟା ହେଉଛି ଅଧିକାରୀଙ୍କ ବାବୁଗିରି ଚିନ୍ତାଧାରା, ଯାହା ଗ୍ରାମୀଣ ସମସ୍ୟାକୁ ହେୟ ଦୃଷ୍ଟିରେ ଦେଖେ ଏବଂ ଏଥିପ୍ରତି ଉପେକ୍ଷିତ ମନୋଭାବ ପୋଷଣ କରେ। ୧୯୮୫ରେ ଯୋଜନା ଆୟୋଗ ଦ୍ୱାରା ଗଠିତ ହୋଇଥିଲା ଜିବିକେ ରାଓ କମିଟି। ଏହି କମିଟିର ନିଷ୍କର୍ଷ ଅନୁସାରେ ଅମଲାତନ୍ତ୍ର ସହ ଜଡ଼ିତ ହେବା ଦିନରୁ ବିକାଶ ପ୍ରକ୍ରିୟା ପଞ୍ଚାୟତଠାରୁ ଦୂରେଇ ଯାଇଛି। ଏହି ପ୍ରକ୍ରିୟା ଦ୍ୱାରା ପଞ୍ଚାୟତିରାଜ ଅନୁଷ୍ଠାନ କ୍ରମଶଃ ଦୁର୍ବଳ ହୋଇଛି। ଗୋଟିଏ ପଟେ ଅଶିକ୍ଷା ଓ ସଚେତନତାର ଅଭାବ ହେତୁ ଗ୍ରାମୀଣ ସମାଜ ନିଜ ଅଧିକାର ବିଷୟରେ ଅଜ୍ଞ ଅଟନ୍ତି। ଅନ୍ୟପଟେ ଅଧିକାରୀଙ୍କ ଅସହଯୋଗ ଏବଂ ଅହଂକାରୀ ମନୋଭାବ ସେମାନଙ୍କ ଏବଂ ଜନତାଙ୍କ ମଧ୍ୟରେ ଦୂରତା ଓ ଅବିଶ୍ୱାସକୁ ବଢ଼ାଇ ଚାଲିଛି। ସହଯୋଗୀ ଗଣତନ୍ତ୍ର ପାଇଁ ଏହା ଘାତକ।

ବର୍ତ୍ତମାନର ସବୁଠାରୁ ବଡ଼ ପ୍ରଶ୍ନ, ପଞ୍ଚାୟତକୁ ପ୍ରକୃତ ନ୍ୟାୟିକ କ୍ଷମତା ପ୍ରଦାନ କରିବା। ୧୯୮୬ରେ ଗଠିତ ଏଲ୍.ଏମ୍. ସିଙ୍ଘଭୀ କମିଟି ଗ୍ରାମ ସମୂହ ପାଇଁ ନ୍ୟାୟିକ ପଞ୍ଚାୟତ ପ୍ରତିଷ୍ଠା ସକାଶେ ସୁପାରିସ କରିଥିଲେ। ପ୍ରାୟ ସମସ୍ତ ଆଇନଜ୍ଞ ସ୍ୱୀକାର କରନ୍ତି ଯେ, ଦଶରୁ କୋଡ଼ିଏ ବର୍ଷ ପର୍ଯ୍ୟନ୍ତ ମକଦ୍ଦମା ଲଢ଼ି ଦଶରୁ କୋଡ଼ିଏ ଲକ୍ଷ ଟଙ୍କା ଖର୍ଚ୍ଚ କରିବା ପରେ ନ୍ୟାୟାଳୟ ଯେଉଁ ଅନ୍ତିମ ନିଷ୍ପତ୍ତି ଶୁଣାନ୍ତି, ତାହା ଶତ୍ରୁତା ସମାପ୍ତ କରେ ନାହିଁ, ବରଂ ପିଢ଼ି ପରେ ପିଢ଼ି ଏହା ବଳବତ୍ତର ରହିଥାଏ। କିନ୍ତୁ ପଞ୍ଚାୟତ ଶୁଣାଉଥିବା ନିଷ୍ପତ୍ତିକୁ ଲୋକେ ଖୁସିର ସହ ଗ୍ରହଣ କରିନିଅନ୍ତି ଏବଂ ଶତ୍ରୁତାରେ ସବୁଦିନ ପାଇଁ ପୂର୍ଣ୍ଣଚ୍ଛେଦ ପଡ଼ିଯାଏ। ଏହା ଯେ କେବଳ ଲୋକଙ୍କ ଅଯଥା ବ୍ୟୟକୁ ରୋକେ ତାହା ନୁହେଁ, ନ୍ୟାୟାଳୟ ଓ ପୋଲିସ ପ୍ରଶାସନର ସମୟ ଏବଂ ଶକ୍ତିକୁ ମଧ୍ୟ ସଞ୍ଚୟ କରିଥାଏ। ଏଥିସହିତ ଗାଁର ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟ ଅତୁଟ ରହିଥାଏ।

ପଞ୍ଚାୟତଗୁଡ଼ିକର ଅନ୍ୟ ଏକ ପ୍ରମୁଖ ସମସ୍ୟା ଆର୍ଥିକ ସମ୍ବଳ ପ୍ରୟୋଗର ଅନିଚ୍ଛା ସହ ଜଡ଼ିତ। ଏହା ସତ୍ୟ ଯେ, ପଞ୍ଚାୟତଗୁଡ଼ିକର ଆର୍ଥିକ କ୍ଷମତା ଅତି ସୀମିତ; କିନ୍ତୁ ମହତ୍ତ୍ୱପୂର୍ଣ୍ଣ କ୍ଷମତା ସ୍ୱରୂପ ହାଟ, ବଜାର, ଯାତ୍ରା, ମେଳା, ସର୍ବସାଧାରଣ ଶୌଚାଳୟର ପରିଚାଳନା ପରି ଅନ୍ୟାନ୍ୟ ଉପଲବ୍ଧ ସେବା ପାଇଁ କର ଆଦାୟ କରିବା ଏବଂ ସମ୍ପତ୍ତି ଉପରେ ଟିକସ ସଂଗ୍ରହ କରିବା କ୍ଷମତା ପଞ୍ଚାୟତର ରହିଛି। ତେବେ କ୍ୱଚିତ୍ ପଞ୍ଚାୟତ ଆଜି ନିଜ ଆର୍ଥିକ କ୍ଷମତା ପ୍ରୟୋଗ କରିବାରେ ସକ୍ଷମ। ଅସଲରେ ନିଜ ଲୋକଙ୍କଠାରୁ ଟିକସ ସଂଗ୍ରହ କରିବା ପଞ୍ଚାୟତ ପ୍ରତିନିଧିଙ୍କ ପାଇଁ ଏକ ଅସହଜ କାର୍ଯ୍ୟ। ଏହା ସେମାନଙ୍କ ବ୍ୟକ୍ତିଗତ ସମ୍ପର୍କକୁ ପ୍ରଭାବିତ କରିବାରେ ଆଶଙ୍କା ରହିଛି। ଏଥିପାଇଁ ପଞ୍ଚାୟତଗୁଡ଼ିକ ଏକ ସହଜ ବିକଳ୍ପ ଚୟନ କରି ବିଭିନ୍ନ ଟିକସ ଆଦାୟରୁ ଦୂରେଇ ରହନ୍ତି। ଫଳସ୍ୱରୂପ ସେମାନଙ୍କର ଆର୍ଥିକ ସମ୍ବଳ ହ୍ରାସ ପାଇଥାଏ। ତଥ୍ୟ ଅନୁସାରେ ଦେଶର ପ୍ରାୟ ୨୦ ପ୍ରତିଶତ ପଞ୍ଚାୟତର ନିଜସ୍ୱ କାର୍ଯ୍ୟାଳୟ (ଭବନ) ନାହିଁ। ଦେଶର ପ୍ରାୟ ୨୫ ପ୍ରତିଶତ ପଞ୍ଚାୟତ ପାଖରେ କମ୍ପ୍ୟୁଟରରେ କାମ କରିବା ସୁବିଧା ରହିଛି। ଅବଶିଷ୍ଟ ପଞ୍ଚାୟତର ଅଧିକାଂଶ ସଦସ୍ୟ ଅଶିକ୍ଷିତ କିମ୍ବା ଅର୍ଦ୍ଧଶିକ୍ଷିତ ପୃଷ୍ଠଭୂମିରୁ ଆସିଛନ୍ତି। ଏହି କାରଣରୁ ସେମାନେ ନିଜ ଦାୟିତ୍ୱ, ଅଧିକାର ଏବଂ ପଞ୍ଚାୟତର କାର୍ଯ୍ୟପ୍ରଣାଳୀ ବିଷୟରେ ପ୍ରାୟତଃ ଅବଗତ ନଥା'ନ୍ତି, ଯାହା ପଞ୍ଚାୟତର କାର୍ଯ୍ୟଦକ୍ଷତା ଉପରେ ପ୍ରତିକୂଳ ପ୍ରଭାବ ପକାଉଛି।

ପଦବୀର ସଂରକ୍ଷଣ ମହିଳା ଏବଂ ଦଳିତଙ୍କ ପାଇଁ ସଶକ୍ତୀକରଣର ବାଟ ଫିଟାଇବ ବୋଲି ସମ୍ବିଧାନରେ ପରିକଳ୍ପନା କରାଯାଇଥିଲା। ବର୍ତ୍ତମାନ କ୍ଷମତା ଏବଂ ଅର୍ଥର ଲୋଭ ଏହାର ବିକଳ୍ପ ଖୋଜି ପାଇଛି। ଆଜି ମହିଳା ଏବଂ ଦଳିତମାନଙ୍କୁ ପଦାସୀନ କରାଇ କ୍ଷମତା ହାତେଇବା ପରମ୍ପରା ଅବ୍ୟାହତ ରହିଛି। ସଶକ୍ତୀକରଣର ଅର୍ଥ ଆର୍ଥିକ ସ୍ୱାବଲମ୍ବନ ଏବଂ ନିଷ୍ପତ୍ତି ନେବାର ସ୍ୱାଧୀନତା। କିନ୍ତୁ ଏହି ଉଦ୍ଦେଶ୍ୟକୁ ପଞ୍ଚାୟତଗୁଡ଼ିକ ସଠିକ ଭାବେ ପୂରଣ କରିପାରୁ ନାହାନ୍ତି। ଭାରତର ଆତ୍ମା ଗ୍ରାମରେ ରହିଛି, ଏକଥା ଗାନ୍ଧିଜୀ ବିଶ୍ୱାସ କରିଥିଲେ। ଅତଏବ ନୂତନ ଭାରତ ନିର୍ମାଣର ସ୍ୱପ୍ନକୁ ସାକାର କରିବା ପାଇଁ ଗାଁର ବିକାଶ ନିହାତି ଜରୁରୀ, ଯାହା ତୃତୀୟ ସରକାର ଅର୍ଥାତ୍ ପଞ୍ଚାୟତ ଦ୍ୱାରା ସମ୍ଭବ। ବାସ୍ତବିକ ପଞ୍ଚାୟତଗୁଡ଼ିକ ଉପେକ୍ଷିତ ହୋଇ ଚାଲିଲେ ନୂତନ ଭାରତ ନିର୍ମାଣ ଦିଗରେ ପ୍ରତିବନ୍ଧକ ସୃଷ୍ଟି ହେବ।

**ବୈପାରୀଗୁଡ଼ା, କୋରାପୁଟ,**
**ମୋ: ୬୩୭୦୬୭୯୪୦୫**

# ବନ୍ଧୁକକୁ ନୀରବ କର



ଡ. ଅଜୟ କୁମାର ପାତ୍ର

'ବନ୍ଧୁକକୁ ନୀରବ କର'। ଏହା କୌଣସି ସାଧାରଣ ବ୍ୟକ୍ତିର ଆହ୍ୱାନ ନୁହେଁ, ଏହା ମହାମାନ୍ୟ, ମହାପୁରୁଷ କ୍ୟାଥେଲିକ୍ ଚର୍ଚ୍ଚ ମୁଖ୍ୟ ପୋପ୍ ଫ୍ରାନ୍ସିସ୍‌ଙ୍କ ଧ୍ୱଂସଲୀଳା ରୋକିବାକୁ ଆହ୍ୱାନ। ଏଥିସହ ତୁରନ୍ତ ସେଠାରେ ମାନବୀୟ ସହାୟତା ଯୋଗାଇ ଦିଆଯିବା ଉପରେ ଗୁରୁତ୍ୱ ଦେଇଛନ୍ତି। ସେ ମଧ୍ୟ କହିଛନ୍ତି ଯେ, ୟୁକ୍ରେନରୁ ଅନ୍ୟ ଦେଶକୁ ଯାଉଥିବା ଶରଣାର୍ଥୀମାନେ ଆମ ପରିବାର। ସେମାନଙ୍କୁ ସମସ୍ତ ଦେଶ ସହଯୋଗ କରିବା ଉଚିତ। ଯେତେବେଳେ କୌଣସି ବ୍ୟକ୍ତି ବା ବ୍ୟକ୍ତିସମୂହ ଶରଣାର୍ଥୀର ଆଖ୍ୟା ନେଇ ଦେଶ ତ୍ୟାଗ କରେ ସେତେବେଳେ ସେମାନଙ୍କ ମାନସିକ ତଥା ମନସ୍ତାତ୍ତ୍ୱିକ ଅବସ୍ଥା ଯେ କେତେ ଗୁରୁତର ପ୍ରଭାବିତ ହୁଏ ତାହା କେବଳ ଅନୁଭବୀ ହିଁ ହୃଦୟଙ୍ଗମ କରିପାରିବ।

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ନିଜ ଦେଶର କିଛି ସ୍ୱାର୍ଥ ହାସଲ ପାଇଁ ତଥା ନିଜସ୍ୱ ସ୍ୱାଭିମାନକୁ ଚରିତାର୍ଥ କରିବା ଲାଗି ରୁଷ ଓ ୟୁକ୍ରେନବାସୀଙ୍କ ଜୀବନକୁ ବାଜି ଲଗାଇବା କେତେଦୂର ଯଥାର୍ଥ ତାହା ସମୟ ହିଁ ଠିକ୍ ଉତ୍ତର ଦେବ। ପୁଟିନଙ୍କ ପରମାଣୁ ଧମକ, ରାସାୟନିକ ଆକ୍ରମଣର ଆଶଙ୍କା ଓ ୫୦ ହଜାର ସୈନ୍ୟ ହରାଇବାକୁ ପ୍ରସ୍ତୁତ ଥିବା ଦାମ୍ଭିକ ରୁଷ ଆଜି ସାରା ବିଶ୍ୱବାସୀଙ୍କୁ ଶଙ୍କାନ୍ୱିତ ଅବସ୍ଥାକୁ ଠେଲିଦେଇଛି। ରୁଷର ଏଭଳି ଧମକ ପରେ ୟୁରୋପୀୟ ରାଷ୍ଟ୍ରସଂଘ ଅଧିକ କଠୋର ହୋଇ ପ୍ରଥମଥର ପାଇଁ ୟୁକ୍ରେନ ସପକ୍ଷରେ ସିଧାସଳଖ ସହାୟତାର ଅଣ୍ଟା ଭିଡ଼ିଛନ୍ତି ଏବଂ ଅସ୍ତ୍ରଶସ୍ତ୍ର କିଣି ଯୋଗାଇବାକୁ ଘୋଷଣା କରିଛନ୍ତି। ୟୁକ୍ରେନ ଉପରେ ରୁଷର ଆକ୍ରମଣ ଦିନକୁ ଦିନ ତୀବ୍ର ହେବାରେ ଲାଗିଛି। ତେଣେ ରୁଷ ବିରୋଧରେ ଲଢ଼ିବା ପାଇଁ ବିଶ୍ୱବାସୀଙ୍କୁ ଆହ୍ୱାନ ଦେଇଛନ୍ତି ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର୍ ଜେଲେନ୍‌ସ୍କି। ସେ ଘୋଷଣା କରିଛନ୍ତି, 'ଆମେ ମିତ୍ରରାଷ୍ଟ୍ର ସମସ୍ତେ ମିଳିତ ଭାବେ ହିଟଲରଙ୍କୁ ହରାଇଥିଲେ, ଆଜି ପୁଣି ଏକାଠି ହୋଇ ପୁଟିନଙ୍କୁ ମଧ୍ୟ ହରାଇପାରିବା।' ଏହିପରି ବିବାଦ, ଆକ୍ରୋଶ ଓ ପ୍ରତିଦ୍ୱନ୍ଦ୍ୱିତା ମଧ୍ୟରେ ସାଧାରଣ ଜନତା ତଥା ଅସଂଖ୍ୟ ସୈନ୍ୟ ଅକାରଣେ ବଳି ପଡୁଛନ୍ତି। ଆଜି ୟୁକ୍ରେନ ଉପରେ ଏହା ସଫଳ ହେଲେ କାଲି ଅନ୍ୟ ୟୁରୋପୀୟ ଦେଶ ଉପରେ ରୁଷିଆର ଆଖି ପଡ଼ିବ। ତେବେ ୟୁରୋପ ସମେତ ଗଣତନ୍ତ୍ର ଏବଂ ମାନବାଧିକାର, ବିଶ୍ୱର ଆଇନ ଶୃଙ୍ଖଳାକୁ ନଷ୍ଟ କରିବା ରୁଷର ଅଯଥାର୍ଥ ଆଭିମୁଖ୍ୟ। ଅତୀତରେ ବହୁବାର ରୁଷ ସୈନ୍ୟ ୟୁକ୍ରେନ ଅଧିବାସୀଙ୍କ ଉପରେ ଅମାନୁଷିକ ଅତ୍ୟାଚାର କରିଛନ୍ତି। ସେମାନଙ୍କ ନିଷ୍ଠୁର କାର୍ଯ୍ୟ ବିବରଣୀ ସମ୍ବଳିତ ଘଟଣାକୁ 'ହୋମୟାର୍ଡ-୨୦୧୯', 'ରିଫ୍ଲେକ୍ସନ୍-୨୦୨୧ ଓ 'ଆଟ୍‌ଲାଣ୍ଟିକ' ଆଦି ଅନେକ ଚଳଚ୍ଚିତ୍ରରେ ପ୍ରତିଫଳିତ ହୋଇଛି। ରୁଷ ସରକାର ଭାବିଥିଲେ ୟୁକ୍ରେନ୍‌ର କିଛି ଭାଗରେ ଆକ୍ରମଣ କରି ଏହାକୁ ଡରାଇଦେବେ। ୟୁକ୍ରେନ ସୈନ୍ୟ ଛତ୍ରଭଙ୍ଗ ଦେଇ ଆତ୍ମସମର୍ପଣ କରିବ। କିନ୍ତୁ ରୁଷର ଏଭଳି ଯୋଜନା ଭଣ୍ଡୁର ହେବାର ସମ୍ଭାବନା ଦେଖାଦେଇଛି। କୁହାଯାଇଛି ଯେ, ୟୁକ୍ରେନ୍ ଯଦି ଆଉ ମାତ୍ର ୧୦ ଦିନ ଘମାଘୋଟ ଲଢ଼େଇ ଜାରି ରଖେ, ତା'ହେଲେ ଓଲଟା ରୁଷ ଆଣ୍ଠେଇବ। ପ୍ରତିରକ୍ଷା ବିଶେଷଜ୍ଞଙ୍କ ମୁତାବକ ୟୁକ୍ରେନ୍ ସହ ଯୁଦ୍ଧ ପାଇଁ ଏବେ ରୁଷ ଦିନକୁ ୧୫ ବିଲିୟନ ପାଉଣ୍ଡ ବା ପାଖାପାଖି ୧.୫୦ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରୁଛି; ଯାହା କି ଭବିଷ୍ୟତରେ ରୁଷରେ ଘୋର ଆର୍ଥିକ ସଙ୍କଟ ଦେଖାଦେଇପାରେ। ପ୍ରତିପକ୍ଷ ୟୁକ୍ରେନ ମଧ୍ୟ ବିପୁଳ କ୍ଷତି ସହୁଛି। ଏହା ବିଶ୍ୱ ଅର୍ଥନୀତି ଉପରେ ପ୍ରଭାବ ପକାଇବ। କରୋନା ମହାମାରୀ ଜନିତ ଆର୍ଥିକ ଦୁଃସ୍ଥତାଠୁ ଯୁଦ୍ଧଜନିତ ବାୟୁ, ଜଳ ତଥା ମୃତ୍ତିକା ପ୍ରଦୂଷଣ ଘଟି ନୂତନ ପ୍ରଜାତିର ଭୂତାଣୁ ସୃଷ୍ଟି ହୋଇପାରେ; ଯାହା କି କରୋନା ମହାମାରୀଜନିତ ଆର୍ଥିକ ଦୁରବସ୍ଥାରୁ ଅଣ୍ଟା ସଳଖୁଥିବା ବିଶ୍ୱ ପୁଣିଥରେ ହାମୁଡ଼ିବା ଅବସ୍ଥାକୁ ଫେରିଆସିବ। ସାଧାରଣ ଜନତା ହିଁ ଅଧିକ କ୍ଷତିଗ୍ରସ୍ତ ହେବେ! ପ୍ରଗତିରେ ବାଧା ସୃଷ୍ଟି ହେବ; ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା ଘୋର ଦୁର୍ଦ୍ଦିନ ମଧ୍ୟରେ ଗତି କରିବ। ଜୀବ ଶ୍ରେଷ୍ଠ ସଭ୍ୟ ମଣିଷର କ'ଣ ଏହା ଶ୍ରେଷ୍ଠତ୍ୱର ପ୍ରମାଣ?

ଜାତିସଂଘର ମାନବ ବ୍ୟାପାର ସମନ୍ୱୟ କାର୍ଯ୍ୟାଳୟର ସୂଚନା ମୁତାବକ ରୁଷ ଆକ୍ରମଣ ଯୋଗୁ ପ୍ରାକୃତିକ ସମ୍ପଦଭରା ୟୁକ୍ରେନ ସମ୍ପୂର୍ଣ୍ଣ ଭାବେ ଶ୍ରୀହୀନ ହୋଇଛି। ଅନେକ ଧନ, ଜୀବନ ଓ କୋଠାବାଡ଼ି ନଷ୍ଟ ହୋଇଛି। ଏହାଯୋଗୁ ହଜାର ହଜାର ଲୋକ ବାସହରା ପାଲଟିଛନ୍ତି। ଅନେକେ ଜଳ ଓ ବିଜୁଳି ସେବା ହରାଇ ବସିଛନ୍ତି। ଏ ପର୍ଯ୍ୟନ୍ତ ଲକ୍ଷାଧିକ ୟୁକ୍ରେନୀୟ ନାଗରିକ ଦେଶ ଛାଡ଼ି ଅନ୍ୟ ଦେଶରେ ଶରଣ ପଶିଲେଣି। ଭବିଷ୍ୟତରେ ଶରଣାର୍ଥୀ ସମସ୍ୟା ପ୍ରତି ଦେଶ ପାଇଁ ମୁଣ୍ଡ ବ୍ୟଥାର କାରଣ ହେବ।

ଦେଶ ମାତୃକାର ସେବାରେ ୟୁକ୍ରେନ୍‌ବାସୀ ଆଗଭର ହୋଇଛନ୍ତି। ୟୁକ୍ରେନର ପରାକ୍ରମୀ ସୈନିକ ଓ ସାହସୀ ନାଗରିକଙ୍କ ଆଗରେ ରୁଷ ସେନା ବି ଧଇଁସଇଁ ହୋଇଗଲେଣି। ଅନେକ ପାଶ୍ଚାତ୍ୟ ତଥା କେତେକ ୟୁରୋପୀୟ ରାଷ୍ଟ୍ର ସମୂହ ୟୁକ୍ରେନକୁ ଆର୍ଥିକ ତଥା ସମ୍ବଳ ସାହାଯ୍ୟ କରି ୟୁକ୍ରେନର ମନୋବଳ ସୁଦୃଢ଼ କରୁଛନ୍ତି। ବିଭିନ୍ନ କ୍ଷେତ୍ରରେ କଟକଣା ଯୋଗୁ ରୁଷିଆ ପ୍ରାୟତଃ ଏକଘରିଆ ଅବସ୍ଥାକୁ ଆସିଗଲାଣି। ପୁଟିନଙ୍କ ପରମାଣୁ ଧମକ ଓ ପରମାଣୁ ଚୁକ୍ତିରୁ ଓହରି ଆସିବାର ଧମକ ସାରା ବିଶ୍ୱବାସୀଙ୍କ ନିଦ ହଜାଇଦେଇଛି। ମହାମାନୀ ଦୁର୍ଯ୍ୟୋଧନଙ୍କ ଅହଂଭାବ ଯେପରି କୌରବ ବଂଶ ପତନର କାରଣ ହୋଇଥିଲା, ସେହିପରି ପୁଟିନ୍‌ଙ୍କ ଜିଦ୍‌ଖୋର ମନୋଭାବ ସାରାବିଶ୍ୱକୁ ଧ୍ୱଂସସ୍ତୂପରେ ପରିଣତ କରିବ, ଏଥିରେ ସନ୍ଦେହ ନାହିଁ। ଆଶାର କିରଣ ନେଇ ବେଲାରୁଷରେ ୟୁକ୍ରେନ-ରୁଷ ମଧ୍ୟରେ ବୈଠକ ଚାଲିଛି। ଏହା ସଫଳ ହେବ ବୋଲି ଆଶା କରାଯାଏ। ଏଠାରେ ବିଶିଷ୍ଟ ପରିବେଶବିତ୍ ଟେଲର ଯଥାର୍ଥରେ କହିଛନ୍ତି, 'ବିଜ୍ଞାନ ଓ ଟେକ୍ନୋଲୋଜିର ବିକାଶ, ଆମର ସ୍ୱପ୍ନ ବାସ୍ତବିକ ଏକ ଦୁଃସ୍ୱପ୍ନ ମାତ୍ର।' ଦୁଃସ୍ୱପ୍ନକୁ ଭଙ୍ଗ କରି ହେ ମାନବ, ତୁରନ୍ତ ଉଠିପଡ଼। ନୂତନ ସକାଳକୁ ସାଦରେ ଆମନ୍ତ୍ରଣ କର। ଅନ୍ୟଥା ସେହି ଦୁଃସ୍ୱପ୍ନ ବିଜଡ଼ିତ ନିଦ୍ରା ହିଁ ହୋଇଯିବ ତୁମର ଚିରନିଦ୍ରା। ପ୍ରେମରେ ସାରା ବିଶ୍ୱକୁ ଜୟ କରାଯାଇ ପାରିବ, ମାତ୍ର ଆତ୍ମାଭିମାନ, ଗର୍ବ, ହମ୍‌ବଡ଼ା ପଣ ଏକ ଇଞ୍ଚ ଭୂମି ଜୟ କରିବାକୁ ସହସ୍ର ବର୍ଷ ଲାଗିଯାଇପାରେ।

**ପରିବେଶବିତ୍**
**ମୋ:୯୪୩୮୬୨୧୩୯୧**

## ଏଇ ଭାରତରେ

ଆଦିବାସୀଙ୍କ କଲ୍ୟାଣ ପାଇଁ ଲାଗୁ ବହୁ ଯୋଜନାର ଫଳାଫଳ ତୃଣମୂଳ ସ୍ତରରେ ନୈରାଶ୍ୟଜନକ ରହିଥିବାବେଳେ ସେମାନଙ୍କ ଉନ୍ନତି ଲାଗି ଦିନାନାଥ ରାଜପୁତଙ୍କ ବ୍ୟକ୍ତିଗତ ଉଦ୍ୟମ ପ୍ରଶଂସନୀୟ। ଛତିଶଗଡ଼ର ଏହି ଯୁବ ଇଞ୍ଜିନିୟର ଚାକିରି ଛାଡି ୬,୦୦୦ ଆଦିବାସୀ କୃଷକଙ୍କ ରୋଜଗାର ୩ଗୁଣା ବଢାଇପାରିଛନ୍ତି। ଦିନାନାଥ ୨୦୧୩ରେ ଇଲେକ୍ଟ୍ରୋନିକ୍ସ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିବା ପରେ ବେଙ୍ଗାଲୁରୁରେ ଏକ ସଫ୍ଟୱେର କମ୍ପାନୀରେ କାର୍ଯ୍ୟ କରୁଥିଲେ। ପରେ ଚାକିରି ଛାଡି ଏକ ଏନ୍‌ଜିଓରେ ଯୋଗ ଦେଲେ ଓ ଏହି ସମୟରେ ରୁରାଲ ଡେଭଲପ୍‌ମେଣ୍ଟ ଆଣ୍ଡ୍ ସୋସିଆଲ ୱାର୍କରେ ଡିଗ୍ରୀ ହାସଲ କରି ୨୦୧୮ରେ 'ଫାର୍ମର ପ୍ରଡ୍ୟୁସର କମ୍ପାନୀ' (ଏଫ୍‌ପିଓ) ଗଠନ କରି ଆଦିବାସୀ କୃଷକଙ୍କ ଆର୍ଥିକ ବିକାଶ ପାଇଁ କାର୍ଯ୍ୟ ଆରମ୍ଭ କରିଥିଲେ। ଏବେ ବସ୍ତର, କଙ୍କର ଏବଂ ନାରାୟଣପୁରରେ ୬ ହଜାର କୃଷକଙ୍କୁ ଏଫ୍‌ପିଓ ସହ ଯୋଡ଼ିପାରିଛନ୍ତି। କୃଷକମାନେ କମ୍ପାନୀ ସହ ଅଂଶୀଦାର ରହି କୃଷିରେ ୨୦ରୁ ୩୦ ପ୍ରତିଶତ ଲାଭ ପାଇପାରୁଛନ୍ତି। କୃଷକ ଓ ବଜାର ମଧ୍ୟରେ ମଧ୍ୟସ୍ଥମାନେ ରହୁ ନ ଥିବାରୁ ଏହା ସମ୍ଭବ ହୋଇପାରିଛି।

## ୨୫ ବର୍ଷ ତଳର ଧରିତ୍ରୀ

**୭ ମାର୍ଚ୍ଚ ୧୯୯୭**

- ଇଣ୍ଡୋନେସିଆର ରଫଜାଭା ସମୁଦ୍ରରେ ମୋଟରଚାଳିତ ନୌକା ବୁଡ଼ିଯିବା ଦ୍ୱାରା ୫୦ ଜଣରୁ ଊର୍ଦ୍ଧ୍ୱ ଯାତ୍ରୀ ନିଖୋଜ।
- ଶ୍ରୀଲଙ୍କାର ବାଟିକାଲୁଆସ୍ଥିତ ଗୁରୁତ୍ୱପୂର୍ଣ୍ଣ ସେନାଘାଟି ଉପରେ ସେନା ଓ ବିଦ୍ରୋହୀ ଗେରିଲାଙ୍କ ସହ ଘମାଘୋଟ ଲଢ଼େଇରେ ୭୫ ସୈନ୍ୟ ଓ ୧୬୦ ଗେରିଲା ନିହତ।
- ଆସ୍ଥା ଭୋଟରେ ହାରିବା ପରେ ନେପାଳ ପ୍ରଧାନମନ୍ତ୍ରୀ ଶେର ବାହାଦୁର ଦେଉବାଙ୍କ ଇସ୍ତଫା ପ୍ରଦାନ।
- ସିକିମ୍ ମୁଖ୍ୟମନ୍ତ୍ରୀ ପୱନ୍ କୁମାର ଚାମ୍‌ଲିଙ୍ଗଙ୍କୁ ଭାରତ ଶିରୋମଣି ପୁରସ୍କାର ପ୍ରଦାନ।

# ପାଠକ ଶ୍ରେଷ୍ଠ ବିଚାରକ

## ସ୍ୱାଗତଯୋଗ୍ୟ, ମାତ୍ର ଯଥେଷ୍ଟ ନୁହେଁ

ମହାଶୟ,

ରାଜ୍ୟ ସରକାର ଜିଲା ପରିଷଦ ଆଇନ ୧୯୯୪ରେ ପରିବର୍ତ୍ତନ କରି ଅଧିନିୟମ ୫୦(କ) ସେଥିରେ ଯୋଗ କରିଛନ୍ତି। ଏହି ସଂଶୋଧନ ଅନୁସାରେ ରାଜନୈତିକ ଦଳମାନେ ସେମାନଙ୍କ ଦଳ ପକ୍ଷରୁ ପ୍ରାଧିକୃତ ପ୍ରତିନିଧି ନିଯୁକ୍ତ କରିବେ। ଜିଲା ପରିଷଦ ସଭାପତି ଓ ଉପସଭାପତି ନିର୍ବାଚନ ଦିନ ପ୍ରାଧିକୃତ ପ୍ରତିନିଧିମାନେ ଉପସ୍ଥିତ ରହିବେ। ସମ୍ପୃକ୍ତ ଦଳର ନିର୍ବାଚିତ ସଭ୍ୟମାନେ ଭୋଟ ଦେଇସାରି ବାଲଟ ପେପର ପ୍ରାଧିକୃତ ପ୍ରତିନିଧିମାନଙ୍କୁ ଦେଖାଇବା ପରେ ଭୋଟ ବାକ୍ସରେ ପକାଇବେ। ଏହି ସଂଶୋଧନ ବାହାରକୁ ସ୍ୱାଗତଯୋଗ୍ୟ ମନେ ହେଉଥିଲେ ମଧ୍ୟ ଏହା ଆଦୌ ଯଥେଷ୍ଟ ନୁହେଁ। ଯେଉଁ ସଭ୍ୟମାନେ ନିଜ ଦଳର ପ୍ରାର୍ଥୀଙ୍କୁ ଭୋଟ ନ ଦେଇ ଅନ୍ୟ ଦଳର ପ୍ରାର୍ଥୀଙ୍କୁ ଭୋଟ ଦେବେ ସେମାନଙ୍କ ବିରୋଧରେ ଦଳ ପକ୍ଷରୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯାଇପାରେ। ମାତ୍ର ସରକାରଙ୍କ ପକ୍ଷରୁ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେବାର ବ୍ୟବସ୍ଥା ନାହିଁ। ସେଭଳି ସଭ୍ୟଙ୍କ ସଭ୍ୟପଦ ଲୋପ କରିବାର ପ୍ରାବଧାନ ରଖିବାର ଆବଶ୍ୟକତା ଥିଲା। ଏହାର କାରଣ, ଗୋଟିଏ ଦଳର ଚିହ୍ନରେ ନିର୍ବାଚନ ଜିତି ଅନ୍ୟ ଦଳର ପ୍ରାର୍ଥୀଙ୍କୁ ଭୋଟ ଦେବା ଅଗଣତାନ୍ତ୍ରିକ, ଅନୈତିକ, ବେଆଇନ, ଜନମତ ପ୍ରତି ଘୋର ଅପମାନ।

**–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଲବଣ ଜୁଆର ଯେବେ ପେଶଇ ସାଗର
ବକ୍ଷ ତୋର ଯଉବନେ ହୁଏ ଜର ଜର,
ମରମ ହୁଏ ଆକୁଳ
ସେ ଯୌବନରାଶି ତୁ ଲୋ
ନିବେଦନ କରୁ କାହା ଚରଣତଳର ?
–(ଚିତ୍ରୋତ୍ପଳା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ବିସିସିଏଲ୍‌ର ଉତ୍ପାଦନରେ ୬୧% ବୃଦ୍ଧି

ନୂଆଦିଲ୍ଲୀ : ଚଳିତ ବର୍ଷ ଫେବୃଆରୀରେ କୋଲ୍ ଇଣ୍ଡିଆର ସହଯୋଗୀ କମ୍ପାନୀ ଭାରତ କୋକିଂ କୋଲ୍ ଲିମିଟେଡ୍(ବିସିସିଏଲ୍)ର ଉତ୍ପାଦନରେ ୬୧% ବୃଦ୍ଧି ଘଟି ୩୨.୪ ଲକ୍ଷ ଟନ୍‌ରେ ପହଞ୍ଚିଛି। ଏ ସମ୍ପର୍କରେ ବିସିସିଏଲ୍ ପକ୍ଷରୁ ସୂଚନା ଦିଆଯିବା ସହିତ ଏହା କମ୍ପାନୀର ଉତ୍ପାଦନରେ ରେକର୍ଡ ବୋଲି କୁହାଯାଇଛି। ଏହାଛଡା ଜାନୁୟାରୀରେ ମଧ କମ୍ପାନୀର କୋଇଲା ଉତ୍ପାଦନରେ ୬୬% ବୃଦ୍ଧି ଘଟି ୨୯.୩ ଲକ୍ଷ ଟନ୍‌ରେ ପହଞ୍ଚିଥିଲା। ୨୦୨୦-୨୧ ଆର୍ଥିକ ବର୍ଷ ଅପେକ୍ଷା ଚଳିତ ଆର୍ଥିକ ବର୍ଷ ଫେବୃଆରୀ ସୁଦ୍ଧା କୋଇଲା ଉତ୍ପାଦନରେ ରେକର୍ଡ କରିଥିବା ବିସିସିଏଲ୍ ପକ୍ଷରୁ କୁହାଯାଇଛି।



# ଟାଟା ଷ୍ଟିଲ୍ ଫାଉଣ୍ଡେଶନର ଦକ୍ଷତା ବିକାଶ କାର୍ଯ୍ୟକ୍ରମ




**ଭୁବନେଶ୍ୱର,୬।୩**

ମହିଳା ସଶକ୍ତୀକରଣକୁ ଆଖି ଆଗରେ ରଖି ଦେଶର ପ୍ରମୁଖ ଶିଳ୍ପ ସଂସ୍ଥା ଟାଟା ଷ୍ଟିଲ୍ ପକ୍ଷରୁ ଦକ୍ଷତା ବିକାଶ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମ ଜରିଆରେ ଗୁଣାତ୍ମକ ବୈଷୟିକ ତଥା ନିଯୁକ୍ତିଭିତ୍ତିକ ପ୍ରଶିକ୍ଷଣ ଏବଂ କୌଶଳ ଆଦିର ଉପଯୁକ୍ତ ଶିକ୍ଷା ପ୍ରଦାନ କରାଯିବ। ଫଳରେ ଶିଳ୍ପ ଲାଗି ଆବଶ୍ୟକ ଶ୍ରମଶକ୍ତି ଗଠନକରି ଯୁବତୀମାନଙ୍କୁ ନିଯୁକ୍ତିକ୍ଷମ କରାଇବା ଓ ସେମାନଙ୍କ ମଧ୍ୟରେ ଉନ୍ନତି ଆଣିବାର ପ୍ରୟାସ ଟାଟା ଷ୍ଟିଲ୍ ପକ୍ଷରୁ କରାଯାଉଛି। ନିକଟରେ ଟାଟା ଷ୍ଟିଲ୍‌ର କୌଶଳ ବିକାଶ କେନ୍ଦ୍ରରେ 'ଶିଳ୍ପ ସିଲାଇ ମେଶିନ ଅପରେଟର' ଭିତ୍ତିକ ପାଠ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଟାଟା ଷ୍ଟିଲ୍‌ର ମହାପ୍ରବନ୍ଧକ (ଓଏମ୍ ଡିଭିଜନ) ଅତୁଲ ଭଟନାଗର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟାଟା ଷ୍ଟିଲ୍, ଟାଟା ଷ୍ଟିଲ୍ ଫାଉଣ୍ଡେଶନର ବରିଷ୍ଠ ଅଧିକାରୀଙ୍କ ସମେତ ସାହି ଏକ୍ସପୋର୍ଟ୍‌ସର ପ୍ରତିନିଧିମାନେ ମଧ୍ୟ ଉପସ୍ଥିତ ଥିଲେ। ଅପରପକ୍ଷରେ ଯୋଡ଼ା ଓ ଏହାର ଆଖପାଖ ଅଞ୍ଚଳର ମୋଟ ୩୦ଜଣ ଯୁବତୀ ସିଲେଇ ତାଲିମ ପାଇଁ ପଞ୍ଜୀକୃତ କରିଛନ୍ତି। ୨ମାସର ଧନ୍ଦାମୂଳକ ତାଲିମ ସଫଳତାର ସହ ଶେଷ କରିବା ପରେ ପଞ୍ଜୀକୃତ ଯୁବତୀମାନଙ୍କୁ ଦେଶର ଅନ୍ୟତମ ସର୍ବବୃହତ୍ ପୋଷାକ ନିର୍ମାଣକାରୀ ସଂସ୍ଥା ସାହି ଏକ୍ସପୋର୍ଟ୍‌ସ ନିଯୁକ୍ତି ପ୍ରଦାନ କରିବ ବୋଲି ଜଣାପଡ଼ିଛି।

# ଜିଏସ୍‌ଟି ସ୍ଲାବ୍‌ରେ ହୋଇପାରେ ପରିବର୍ତ୍ତନ

**ନୂଆଦିଲ୍ଲୀ,୬।୩**




### ୫% ସ୍ଲାବକୁ ବଢ଼ାଇ ୮% କରିବେ ସରକାର

ଦେଶର ଅର୍ଥ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ବର୍ତ୍ତମାନର ସରକାର ଟିକସ ଆଦାୟକୁ ଗୁରୁତ୍ୱ ଦେଇ ଆସୁଛନ୍ତି। ସେଥିପାଇଁ ସରକାର ୨୦୧୭ରେ ସେବା ଓ ସାମଗ୍ରୀ ଟିକସ (ଜିଏସ୍‌ଟି) ପରିଷଦ ଗଠନ କରିଛନ୍ତି। ଜିଏସ୍‌ଟି ପରିଷଦର ପରବର୍ତ୍ତୀ ବୈଠକରେ ବିଭିନ୍ନ ବିଷୟରେ ଆଲୋଚନା ହେବାକୁ ଥିବା ବେଳେ ବିଶେଷକରି ସର୍ବନିମ୍ନ ଟିକସ ସ୍ଲାବକୁ ହଟାଇ କିମ୍ବା ଏହାର ପରିମାଣକୁ ବଢ଼ାଇବା ପାଇଁ ଯୋଜନା କରାଯାଉଛି ବୋଲି ବିଶେଷ ସୂତ୍ରରୁ ସୂଚନା ମିଳିଛି। ଏପରିକି ୫%ର ସର୍ବନିମ୍ନ ସ୍ଲାବକୁ ୮% କରିବାକୁ ପ୍ରସ୍ତାବ ରହିଛି। ଜିଏସ୍‌ଟି ଟିକସ ବ୍ୟବସ୍ଥାରେ ଛାଡ ତାଲିକାକୁ ମଧ୍ୟ ଉଚ୍ଛେଦ କରାଯାଇପାରେ ବୋଲି କୁହାଯାଉଛି। କାରଣ ଏହା ରାଜସ୍ୱ ବୃଦ୍ଧି ତଥା ରାଜ୍ୟଗୁଡ଼ିକର ନିର୍ଭରଶୀଳତାକୁ ଦୂର କରିବ। ରାଜ୍ୟ ଅର୍ଥମନ୍ତ୍ରୀଙ୍କ ଏକ ପ୍ୟାନେଲ୍ ଚଳିତ ମାସ ଶେଷ ସୁଦ୍ଧା ସର୍ବନିମ୍ନ ସ୍ଲାବକୁ ବୃଦ୍ଧି କରିବା ଏବଂ ସ୍ଲାବକୁ ଯୁକ୍ତିଯୁକ୍ତ କରିବା ସହିତ ରାଜସ୍ୱ ବୃଦ୍ଧି ପାଇଁ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ପରାମର୍ଶ ଦେଇ ପରିଷଦକୁ ଏହାର ରିପୋର୍ଟ ଦାଖଲ କରିବାର ସମ୍ଭାବନା ରହିଛି। ବର୍ତ୍ତମାନ ଜିଏସ୍‌ଟିରେ ୪ଟି ସ୍ଲାବ ଯଥାକ୍ରମେ ୫%,୧୨%, ୧୮% ଏବଂ ୨୮% ରହିଛି। ସେହିଭଳି ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକ ସର୍ବନିମ୍ନ ସ୍ଲାବରେ ଛାଡ କିମ୍ବା ଟ୍ୟାକ୍ସ କରାଯାଉଥିବାବେଳେ ବିଳାସପୂର୍ଣ୍ଣ ଏବଂ ଡେରିମିଟ୍ ଆଇଟମଗୁଡ଼ିକ ସର୍ବୋଚ୍ଚ ସ୍ଲାବକୁ ଆକର୍ଷିତ କରିଥାଏ। ଏଜେନ୍ସି ଅନୁଯାୟୀ ଟ୍ୟାକ୍ସ ସ୍ଲାବକୁ ୫% ରୁ ବଢାଇ ୮% କରାଯିବ ବୋଲି ଚର୍ଚ୍ଚା ହେଉଛି। ଏହା ଜରିଆରେ ଅତିରିକ୍ତ ୧.୫୦ ଲକ୍ଷ କୋଟି ଟଙ୍କାର ବାର୍ଷିକ ରାଜସ୍ୱ ପ୍ରାପ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି। ପରିସଂଖ୍ୟାନ ଅନୁଯାୟୀ ୧% ବୃଦ୍ଧି ଘଟିଲେ ବାର୍ଷିକ ୫୦ହଜାର କୋଟି ଟଙ୍କାର ରାଜସ୍ୱ ମିଳିଥାଏ। ଏଥିରେ ମୁଖ୍ୟତଃ ପ୍ୟାକେଜ୍ ଖାଦ୍ୟ ପଦାର୍ଥ ସାମିଲ୍ ରହିଛି। ଏହା ବ୍ୟତୀତ ଜିଏସଟି ପରିଷଦ ତିନି ସ୍ତରୀୟ ସ୍ଲାବ କରିବାକୁ ଚାହୁଁଛନ୍ତି। ଏମିତି ହେଲେ ଦେଶରେ ତିନୋଟି ୮%, ୧୮% ଏବଂ ୨୮% ସ୍ଲାବ ରହିବ ବୋଲି କୁହାଯାଉଛି। ଯଦି ପ୍ରସ୍ତାବ କାର୍ଯ୍ୟକାରୀ କରାଯାଏ ତେବେ ବସ୍ତୁ ଏବଂ ସେବା ଉପରେ ବର୍ତ୍ତମାନ ଲାଗୁଥିବା ୧୨% ଟିକସ ୧୮% ସ୍ଲାବରେ ସାମିଲ୍ ହୋଇଯିବ। ଏହା ବ୍ୟତୀତ ମନ୍ତ୍ରୀ ଗୋଷ୍ଠୀ ବିଭିନ୍ନ ଟ୍ୟାକ୍ସ ସ୍ଲାବ ଆଧାରରେ ଅନ୍ୟ ବସ୍ତୁକୁ ସାମିଲ୍ କରିପାରନ୍ତି। ଏହା ବ୍ୟତୀତ ମନ୍ତ୍ରୀ ସମୂହ ଜିଏସଟିରୁ ରିହାତି ମିଳୁଥିବା ବସ୍ତୁଙ୍କ ସଂଖ୍ୟା କମ କରିବାକୁ ମଧ୍ୟ ପ୍ରସ୍ତାବ ଦେଇ ପାରନ୍ତି। ଜିଏସଟି ପରିଷଦ ଚଳିତ ମାସ ଶେଷ କିମ୍ବା ଆସନ୍ତା ମାସ ଆରମ୍ଭରେ ବୈଠକ କରିବ। ଉକ୍ତ ବୈଠକରେ ବିଶେଷକରି ରାଜ୍ୟଗୁଡିକର ରାଜସ୍ୱ ସ୍ଥିତି ଉପରେ ବିସ୍ତୃତ ଆଲୋଚନା ଓ ଦୃଷ୍ଟି ଦେବ ବୋଲି ସୂଚନା ମିଳିଛି।

**ଜନ୍ମବାର୍ଷିକ ଶୁଭେଚ୍ଛା**



(ଆସ୍ଥା)
**ସ୍ୱାତୀ ସୁଲଗ୍ନା ବେହେରା**
ଗ୍ରାମ: ଗରଜନ୍, ଜିଲ୍ଲା: ବଲାଙ୍ଗୀର
ଆଜି ତୋର ଷଷ୍ଠ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତୋର ଉଜ୍ଜ୍ୱଳ ଓ ନିରାମୟ ଜୀବନ କାମନା କରୁଛୁ।
–:ଶୁଭେଚ୍ଛା ସହ:–
ବାପା: ଜଗବନ୍ଧୁ ବେହେରା, ମାଆ: ରିତାରାଣୀ ବେହେରା, ବଡ଼ଭଉଣୀ: ରିସ୍ତାରାଣୀ ବେହେରା, ସାନଭାଇ: କଏ ଅନମୋଲ ବେହେରା ।
ଧ–୨୩୩୨୬

# ଚଳିତ ଆର୍ଥିକ ବର୍ଷରେ ୧୮% ବ୍ୟବସାୟ ବୃଦ୍ଧି ଆଶାରେ ଅମୁଲ୍

**ନୂଆଦିଲ୍ଲୀ, ୬।୩**

ଅମୁଲ୍ ବ୍ରାଣ୍ଡ ସହଯୋଗରେ ଦୁଗ୍ଧଜାତୀୟ ଉତ୍ପାଦଗୁଡ଼ିକର ବ୍ୟବସାୟ କରୁଥିବା ଭାରତର ଅଗ୍ରଣୀ ଡେୟରୀ ସହକାରୀ ସଂସ୍ଥା ଗୁଜରାଟ କୋଅପ୍‌ରେଟିଭ୍ ମିଲ୍କ ମାର୍କେଟିଂ ଫେଡେରେଶନ୍ ଲିମିଟେଡ୍ (ଜିସିଏମ୍‌ଏମ୍‌ଏଫ୍)ର ପରିଚାଳନା ନିର୍ଦ୍ଦେଶକ ଆର୍‌ଏସ୍ ସୋଢି ଚଳିତ ଆର୍ଥିକ ବର୍ଷରେ ପ୍ରଡକ୍ଟ ଡିମାଣ୍ଡ ଥିବାରୁ ବ୍ୟବସାୟରେ ବୃଦ୍ଧି ହେବ ହେବ ବୋଲି କହିଛନ୍ତି। ୨୦୨୧-୨୨ ଆର୍ଥିକ ବର୍ଷରେ ଅମୁଲ୍‌ର ବ୍ୟବସାୟରେ ୧୮% ବୃଦ୍ଧି ଘଟିବା ସହିତ ୪୬,୦୦୦ କୋଟି ଟଙ୍କାର ବ୍ୟବସାୟ ରହିବ ବୋଲି ଆଶା କରାଯାଇଥିବା ସେ କହିଛନ୍ତି। ଜିସିଏମ୍‌ଏମ୍‌ଏଫ କୋଭିଡ୍ ମହାମାରୀ କବଳିତ ୨୦୨୦-୨୧ ଆର୍ଥିକ ବର୍ଷରେ ମାତ୍ର ୨% ବୃଦ୍ଧି ସହିତ ୩୯,୨୦୦ କୋଟି ଟଙ୍କାର ବ୍ୟବସାୟ କରିଥିଲା। ଗତ ଆର୍ଥିକ ବର୍ଷରେ କୋଭିଡ୍ ଲକ୍‌ଡାଉନ୍ ଯୋଗୁ ଆଇସକ୍ରିମ୍ ବିକ୍ରି ୩୫% କମିଯାଇଥିଲା।

# ରୁଷିଆରେ ବ୍ୟବସାୟ ବନ୍ଦ କଲେ ବୃହତ୍ କମ୍ପାନୀ

**ନୂଆଦିଲ୍ଲୀ,୬।୩**

ଏକ ସପ୍ତାହରୁ ଊର୍ଦ୍ଧ୍ୱ ସମୟ ହେବ ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ଜାରି ରହିଛି। ଏପରିକି ବହୁ ଶକ୍ତିଶାଳୀ ରାଷ୍ଟ୍ରର ବାରଣ ପରେ ମଧ୍ୟ ରୁଷିଆ ତା'ର ନିଷ୍ପତ୍ତିରୁ ଓହରି ନାହିଁ। ଫଳରେ ଏହାକୁ ବିରୋଧ କରି ରୁଷିଆରେ ଜାରା, ପେପଲ୍ ଏବଂ ସାମସଙ୍ଗ୍ ଭଳି ବୃହତ ବ୍ୟବସାୟିକ ସଂସ୍ଥା ନିଜ ନିଜ କାରବାର ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେହିଭଳି ଅନ୍‌ଲାଇନ୍ ପେମେଣ୍ଟ କମ୍ପାନୀ ପେପଲ ମଧ୍ୟ ତା'ର ସେବାକୁ ବନ୍ଦ କରିବାକୁ ନିକଟରେ ଘୋଷଣା କରିଛି। ଅପରପକ୍ଷରେ ରୁଷିଆରେ ସ୍ମାର୍ଟଫୋନ କାରବାର କରୁଥିବା ସାମସଙ୍ଗ ଏହାର କାରବାରକୁ ବନ୍ଦ କରିବାକୁ ସୂଚନା ଦେଇଛି। ସେହିପରି ଜାରା ମଧ୍ୟ ରୁଷିଆରେ କାରବାର ବନ୍ଦ କରିବାକୁ କହିଛି। ଗତ କିଛି ଦିନ ତଳେ ପୋଷାକ ରିଟେଲର ଇଣ୍ଡିଟେକ୍ସ ତା'ର ୫୦୨ ଷ୍ଟୋରକୁ ବନ୍ଦ କରିଛି। ଏହା ସହିତ ଆପଲ, ଏଚ୍ ଆଣ୍ଡ୍ ଏମ୍, ଆଇକିଆ,ରୋଲ୍ସ ରୋଏସ,ବୁରବେରୀ, ଜାଗୁଆର ଲ୍ୟାଣ୍ଡ ରୋଭର, ଜେନେରାଲ ମୋଟର୍ସ, ଆଷ୍ଟନ ମାର୍ଟିନ, ନେଟଫ୍ଲିକ୍ସ ପ୍ରଭୃତି ବିଶ୍ୱସ୍ତରୀୟ ବ୍ରାଣ୍ଡଗୁଡ଼ିକ କାରବାର ବନ୍ଦ କରିଛନ୍ତି। ଅନଲାଇନ ପେମେଣ୍ଟ କମ୍ପାନୀ ପେପଲ ଏହାର ସେବା ବନ୍ଦ କରିଦେଇଛି କିନ୍ତୁ ଏହା କିଛି ସମୟ ପାଇଁ ଉଇଥଡ୍ରାଲରେ ସହଯୋଗ କରିବ ବୋଲି ସୂଚନା ମିଳିଛି।

# ଡ. କୃପାସିନ୍ଧୁ ପଣ୍ଡାଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ

**ଭୁବନେଶ୍ୱର,୬।୩**




ଦୀର୍ଘ ୪୦ ବର୍ଷ ହେବ ଚିକିତ୍ସା ଓ ସାମାଜିକ କାର୍ଯ୍ୟ ପାଇଁ ନିଜକୁ ଉତ୍ସର୍ଗୀକୃତ କରିଥିବା ବରିଷ୍ଠ ଚିକିତ୍ସକ ତଥା ଏଚ୍‌ସିଜି ପଣ୍ଡା କ୍ୟାନସର ହସ୍ପିଟାଲର ମେଡିକାଲ ସେଣ୍ଟରର ପ୍ରତିଷ୍ଠାତା ଡ. କୃପାସିନ୍ଧୁଙ୍କୁ ନିକଟରେ ଦି ଇଣ୍ଟରଭ୍ୟୁ ଟାଇମ୍ସ (ଆଇଟି) ପକ୍ଷରୁ ଜୀବନବ୍ୟାପୀ ସାଧନା ସମ୍ମାନ ପ୍ରଦାନ କରାଯାଇଛି। ନିକଟରେ ଉକ୍ତ କାର୍ଯ୍ୟକ୍ରମ ସ୍ଥାନୀୟ ଜୟଦେବ ବିହାରସ୍ଥିତ ଏକ ହୋଟେଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ବାଣିଜ୍ୟ ନେତୃତ୍ୱ ସମ୍ମାନ ଉତ୍ସବକୁ ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଏକ ସ୍ୱତନ୍ତ୍ର ଭିଡିଓ ବାର୍ତ୍ତା ଜରିଆରେ ଏହାର ଉଦଘାଟନ କରି 'ଦି ଇଣ୍ଟରଭ୍ୟୁ ଟାଇମ୍ସ'ର ଉଦ୍ୟମକୁ ସାଧୁବାଦ ଜଣାଇଥିଲେ। ଏହି ଅବସରରେ ବରିଷ୍ଠ ପ୍ରଶାସକ ଉପେନ୍ଦ୍ର ତ୍ରିପାଠୀ, ଜଷ୍ଟିସ୍ ସଞ୍ଜୁ ପଣ୍ଡା, ପଦ୍ମ ବିଭୂଷଣ ସୁଦର୍ଶନ ସାହୁ, ବରିଷ୍ଠ ପୋଲିସ ପ୍ରଶାସକ ଅମିତାଭ ଠାକୁର ଏବଂ ବେଦାନ୍ତର ନିର୍ଦ୍ଦେଶକ ଡ. ତପନ ଚାନ୍ଦଙ୍କ ସମେତ ବିଶିଷ୍ଟ ଶିକ୍ଷାବିତ ଡ. ହରେକୃଷ୍ଣ ଶତପଥୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ 'ଦି ଇଣ୍ଟରଭ୍ୟୁ ଟାଇମ୍ସ'ର ସମୂହ ସମ୍ପାଦକ ଦିବ୍ୟଜିତ୍ ସାହୁ ସ୍ୱାଗତ ଅଭିଭାଷଣ ସହ ଏହାର ଆଭିମୁଖ୍ୟ ସମ୍ପର୍କରେ ମଧ୍ୟ ସୂଚନା ଦେଇଥିଲେ। ପ୍ରାରମ୍ଭିକ ଅଧିବେଶନ ପରେ ଓଡ଼ିଶାର ପ୍ରଗତି ଓ ଅଭିବୃଦ୍ଧିକୁ ନେଇ ଏକ ସ୍ୱତନ୍ତ୍ର ଆଲୋଚନା ଚକ୍ର ଅନୁଷ୍ଠିତ ମଧ୍ୟ ହୋଇଥିଲା। ପରିଶେଷରେ ରାଜ୍ୟର ପ୍ରତିଷ୍ଠିତ ଉଦ୍ୟୋଗୀଙ୍କର ଉଦ୍ୟମକୁ ଉତ୍ସାହିତ କରିବା ଲକ୍ଷ୍ୟ ନେଇ ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ୍ୟ ଆଇଟି ପକ୍ଷରୁ ବାଣିଜ୍ୟ କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଥିବା ୨୦ଜଣ ସଫଳ ବ୍ୟକ୍ତିତ୍ୱଙ୍କୁ 'ରାଜ୍ୟ ବାଣିଜ୍ୟ ନେତୃତ୍ୱ ସମ୍ମାନ-୨୦୨୨' ପ୍ରଦାନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଗୁପ୍ତା ପାୱାରର ଏମଡି ମହେନ୍ଦ୍ର କୁମାର ଗୁପ୍ତା, ବିଭିଏଫସିର ନିର୍ଦ୍ଦେଶକ ଏସ୍.ପି ମହାନ୍ତିଙ୍କୁ ମଧ୍ୟ ଜୀବନବ୍ୟାପୀ ସାଧନା ସମ୍ମାନରେ ସମ୍ମାନିତ କରାଯାଇଥିଲା।

# ଏଚ୍‌ଡିଏଫ୍‌ସିର ନୂତନ ଏଟିଏମ୍

**ଭୁବନେଶ୍ୱର, ୬।୩**

ଏଚ୍‌ଡିଏଫ୍‌ସି ବ୍ୟାଙ୍କ୍ ପକ୍ଷରୁ ଶନିବାର ସ୍ଥାନୀୟ ଆପୋଲୋ ହସ୍ପିଟାଲ୍ ପରିସରରେ ନୂତନ ଏଟିଏମ୍ କେନ୍ଦ୍ରର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଡାକ୍ତର ଆଲୋକ ଶ୍ରୀବାସ୍ତବ ଏବଂ ବ୍ୟାଙ୍କ୍‌ର ମୁଖ୍ୟ ବିତ୍ତୀୟ ଅଧିକାରୀ ଅମର କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଭୟ ଆପୋଲୋ ଏବଂ ଏଚ୍‌ଡିଏଫ୍‌ସି ବ୍ୟାଙ୍କ୍‌ର ବହୁ ବରିଷ୍ଠ ଅଧିକାରୀମାନେ ଉପସ୍ଥିତି ଥିଲେ। ଆପୋଲୋ ହସ୍ପିଟାଲ୍ ପରିସରରେ ଏହି ଏଟିଏମ୍ ସ୍ଥାପନ କରାଯାଇଥିବାରୁ ଶ୍ରୀବାସ୍ତବ ମେଡିକାଲ କର୍ତ୍ତୃପକ୍ଷଙ୍କୁ ସାଧୁବାଦ ଜଣାଇଛନ୍ତି। ଏହି ଏଟିଏମ୍ ଆବଶ୍ୟକ ସମୟରେ ରୋଗୀ ଏବଂ ରୋଗୀଙ୍କ ସମ୍ପର୍କୀୟମାନଙ୍କୁ ସହଯୋଗ କରିବ ବୋଲି ସେ କହିଛନ୍ତି। ଏହି ଏଟିଏମ୍ ମିନି ବ୍ୟାଙ୍କ ଭଳି କାର୍ଯ୍ୟ କରିବ ବୋଲି ଏଚ୍‌ଡିଏଫ୍‌ସି ଅଧିକାରୀଙ୍କ ପକ୍ଷରୁ କୁହାଯାଇଛି। ଏହା ଡାକ୍ତରଙ୍କଠାରୁ ଆରମ୍ଭକରି ରୋଗୀଙ୍କ ସେବା ଦିଗରେ କାମ କରିବ। ଏହା ଓଡ଼ିଶାରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ପକ୍ଷରୁ ୩୭୦ତମ ଏଟିଏମ୍। ଭବିଷ୍ୟତରେ ରାଜ୍ୟରେ ଆହୁରି ୫୦ଟି ଏଟିଏମ୍ ଶୁଭାରମ୍ଭ କରାଯିବ ବୋଲି ଏଚ୍‌ଡିଏଫ୍‌ସି ପକ୍ଷରୁ କୁହାଯାଇଛି।

## ଫୁର୍‌ସତ୍

# ସର୍ବକନିଷ୍ଠା ମେୟର ଓ ସର୍ବକନିଷ୍ଠ ବିଧାୟକଙ୍କ ନିର୍ବନ୍ଧ

**ଥିରୁଭାନନ୍ତପୁରମ**



ଥିରୁଭାନନ୍ତପୁରମ ମେୟର ଆର୍ଯ୍ୟା ରାଜେନ୍ଦ୍ରନ୍‌ଙ୍କ ରବିବାର ବାଲୁସେରି ବିଧାୟକ ସଚିନ ଦେବଙ୍କ ସହ ନିର୍ବନ୍ଧ ଶେଷ ହୋଇଛି। ଆର୍ଯ୍ୟା ରାଜେନ୍ଦ୍ରନ୍ ଦେଶର ସର୍ବକନିଷ୍ଠା ମେୟର ହୋଇଥିବାବେଳେ ସଚିନ କେରଳ ବିଧାନସଭାର ସର୍ବକନିଷ୍ଠ ବିଧାୟକ। କେରଳର ଥିରୁଭାନନ୍ତପୁରମରେ ଥିବା ଏକେଜି ସେଣ୍ଟରରେ ନିର୍ବନ୍ଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଭୟଙ୍କ ପରିବାର ଓ କିଛି ଘନିଷ୍ଠ ବନ୍ଧୁ ନିର୍ବନ୍ଧ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଆର୍ଯ୍ୟା ମାତ୍ର ୨୧ ବର୍ଷ ବୟସରେ ମେୟର ପଦ ଗ୍ରହଣ କରିଛନ୍ତି। ଏପ୍ରିଲ ମାସରେ ଦୁହେଁ ବିବାହବନ୍ଧନରେ ବାନ୍ଧି ହେବାକୁ ଯାଉଛନ୍ତି। ଉଭୟ ବାଲାସଂଘମରେ ଷ୍ଟୁଡେଣ୍ଟ ୱିଙ୍ଗ୍ ଅଫ୍ କମ୍ୟୁନିଷ୍ଟ ପାର୍ଟି ଅଫ ଇଣ୍ଡିଆ (ଏସ୍‌ଏଫ୍‌ଆଇ) ପାଇଁ କାର୍ଯ୍ୟ କରୁଥିଲେ। ବର୍ତ୍ତମାନ ସଚିନ ସିପିଆଇ-ଏମ୍‌ର କୋଝିକୋଡେ ରାଜ୍ୟ କମିଟି ମେମ୍ବର ଥିବା ସହ ଏସ୍‌ଏଫଆଇର ରାଜ୍ୟ ସେକ୍ରେଟାରି ଅଛନ୍ତି। ସେହିପରି ଆର୍ଯ୍ୟା ସିପିଆଇ-ଏମ୍‌ର ଚାଲାର ଏରିଆ କମିଟି ମେମ୍ବର ଥିବାବେଳେ ଏସ୍‌ଏଫ୍‌ଆଇର ରାଜ୍ୟ କମିଟି ମେମ୍ବର ଭାବେ କାର୍ଯ୍ୟ କରୁଛନ୍ତି।

## ଦର୍ଶକଙ୍କୁ ନିରାଶ କଲା 'ଝୁଣ୍ଡ'

**ମୁମ୍ବାଇ:** ବଲିଉଡ ମହାନାୟକ ଅମିତାଭ ବଚ୍ଚନଙ୍କର ରହିଛି ମନୋରଞ୍ଜନ ଦୁନିଆରେ ଏକ ଭିନ୍ନ ପରିଚୟ । ତାଙ୍କର ବିକଳ୍ପ କେହି ନାହିଁ କହିଲେ ଚଳେ । ୭୯ ବର୍ଷ ବୟସରେ ବି ସେ ଦର୍ଶକଙ୍କୁ ପୂର୍ବଭଳି ବାନ୍ଧି ରଖିବାରେ ବେଶ୍ ପାରଙ୍ଗମ । ହେଲେ ଏଥର ଦର୍ଶକେ ବିଗ ବି'ଙ୍କ ଅଭିନୟକୁ ସେତେଟା ପସନ୍ଦ କରି ନ ଥିବା କୁହାଯାଉଛି। କରୋନା ମହାମାରୀ ପରେ ପ୍ରଥମ କରି ରିଲିଜ ହେଲା ବିଗ ବି'ଙ୍କ ଅଭିନୀତ ଫିଲ୍ମ 'ଝୁଣ୍ଡ' । ଟ୍ରେଡ ଆନାଲିଷ୍ଟ ତରଣ ଆଦର୍ଶ ଫିଲ୍ମର ଓପନିଂ ଡେ'ର କଲେକ୍ସନ ଶେୟାର କରିଛନ୍ତି । ପ୍ରଥମ ଦିନରେ ଫିଲ୍ମ ମାତ୍ର ୧.୫୦ କୋଟି ଆୟ କରିଛି । ଯାହା ଆଦୌ ଆଖି ଦୃଶିଆ ନୁହେଁ ।

# ଆମ୍ବୁଲାନ୍ସରେ ବର



**ଜୟପୁର:** ବାଜା,ବାଣ, ରୋଶଣି କରି ବେଶ୍ ଧୁମଧାମରେ ବର ଶୋଭାଯାତ୍ରା କରି କନ୍ୟାଘରେ ପହଞ୍ଚିଥାଏ। ବିବାହ ଦିନଟିକୁ ସ୍ମରଣୀୟ କରିବା ନିମନ୍ତେ ଅନେକେ ଭିନ୍ନ ଭିନ୍ନ ଶୈଳୀରେ କନ୍ୟାଘରକୁ ଆସିଥାନ୍ତି। କିନ୍ତୁ ଆମ୍ବୁଲାନ୍ସରେ ବର ଆସିବା କଥା କେବେ ଶୁଣିଛନ୍ତି! ଏମିତି ଏକ କଥା ଶୁଣିବା ମାତ୍ରେ ଢେର୍ କଥା ମନକୁ ଆସିପାରେ। ହେଲେ ଏମିତି ଏକ ବିବାହକୁ ନେଇ ଏବେ ଅନେକ ଚର୍ଚ୍ଚା ହେଉଛି। ରାଜସ୍ଥାନର ଉଦୟପୁରରେ ହୋଇଥିବା ଏକ ବିବାହ ଉତ୍ସବରେ ଏମିତି ଏକ ଘଟଣା ଦେଖିବାକୁ ମିଳିଛି। ବିବାହ କରିବା ନିମନ୍ତେ ବିବାହସ୍ଥଳକୁ ବର ଏକ ଆମ୍ବୁଲାନ୍ସରେ ଆସିଥିଲେ। ଉଦୟପୁରରେ ସିଂହ ସମାଜର ଏକ ସାମୂହିକ ବିବାହ ଉତ୍ସବରେ ୨୫ ଯୋଡ଼ିଙ୍କୁ ନେଇ ବିବାହ ଆୟୋଜନ କରାଯାଇଥିଲା। ବିବାହ ପାଇଁ ବର କନ୍ୟା ପୂର୍ବରୁ ନାମ ପଞ୍ଜିକରଣ କରିସାରିଥିଲେ। କିନ୍ତୁ ବିବାହର କିଛି ଦିନ ପୂର୍ବରୁ ବାହାହେବାକୁ ଥିବା ଯୁବକଙ୍କର ଦୁର୍ଘଟଣା ହୋଇ ଯାଇଥିଲା। ଦୁର୍ଘଟଣାରେ ସମ୍ପୃକ୍ତ ଯୁବକଙ୍କର ଗୋଟିଏ ଗୋଡ ଭାଙ୍ଗି ଯାଇଥିଲା। ତାଙ୍କର ଅପରେଶନ କରାଯାଇଥିବାରୁ ସେ ବିବାହ ନିମନ୍ତେ ଆମ୍ବୁଲାନ୍ସରେ ଯାଇଥିଲେ। ଖାଲି ସେତିକି ନୁହେଁ, ବିବାହ ବେଦିରେ ସେ ଏକ ଷ୍ଟ୍ରେଚର ସାହାଯ୍ୟରେ ଅଗ୍ନି ପରିକ୍ରମା ମଧ୍ୟ ପୂରା କରିଥିଲେ। ଯୁବକ ଜଣଙ୍କର ଏଭଳି ଉତ୍ସାହ ଦେଖି ଲୋକେ ଖୁବ୍ ପ୍ରଶଂସା କରିଛନ୍ତି।




# ଝିଅକୁ ଡାକ୍ତର କରିବାକୁ ଚାହୁଁଥିଲେ ଶ୍ରୀଦେବୀ

**ମୁମ୍ବାଇ:** ବଲିଉଡ୍ ନାୟିକା ତଥା ଷ୍ଟାର କିଡ୍ ଜାହ୍ନବୀ କପୁର ୨୫ ବର୍ଷରେ ପଦାର୍ପଣ କରିଛନ୍ତି । ବଲିଉଡ୍ ଦୁନିଆର ପ୍ରଥମ ଫିମେଲ ସୁପରଷ୍ଟାର ଶ୍ରୀଦେବୀଙ୍କ ବଡ଼ ଝିଅ ଜାହ୍ନବୀ । ପିତା ବୋନି କପୁର ବଲିଉଡ୍‌ରେ ଜଣେ ଆଗ ଧାଡ଼ିର ନିର୍ଦ୍ଦେଶକ ହୋଇଥିବା ବେଳେ ଏବେ ବଲିଉଡ ଦୁନିଆରେ ରାଜ କରୁଛନ୍ତି ଝିଅ ଜାହ୍ନବୀ । ପିଲାଟି ଦିନରୁ ମାଆଙ୍କ ଭଳି ଜଣେ ଭଲ ଅଭିନେତ୍ରୀ ହେବାର ସ୍ୱପ୍ନ ଦେଖୁଥିବା ଜାହ୍ନବୀ ଶେଷରେ ବଲିଉଡ୍‌ରେ ଡେବ୍ୟୁ କରିଥିଲେ । ବୋନି କପୁର ଝିଅର ସ୍ୱପ୍ନକୁ କେବେ ଭାଙ୍ଗିବାକୁ ଚାହୁଁ ନ ଥିବା ବେଳେ ଶ୍ରୀଦେବୀ କିନ୍ତୁ ଚାହୁଁଥିଲେ ଜାହ୍ନବୀ ମନୋରଞ୍ଜନ ଦୁନିଆକୁ ନ ଆସନ୍ତୁ । ସେ ଚାହୁଁଥିଲେ ଝିଅ ତାଙ୍କର ଭଲ ପାଠପଢୁ ଆଉ ଡାକ୍ତର ହେଉ । କିନ୍ତୁ ବିଧିର ବିଧାନ ବୋଧହୁଏ ଥିଲା ଭିନ୍ନ । ଖୁବ୍ କମ ବୟସରେ ଦୁନିଆରୁ ବିଦାୟ ନେଇଥିଲେ ମା' ଶ୍ରୀଦେବୀ। ଆଉ ତା'ପରେ ପରେ ଫିଲ୍ମ 'ଧଡ଼କ' ଜରିଆରେ ବଲିଉଡ୍‌ରେ ଡେବ୍ୟୁ କଲେ ଜାହ୍ନବୀ କପୁର । ଅବଶ୍ୟ ମା' ଶ୍ରୀଦେବୀ ଏହା ଦେଖିପାରିଲେ ନାହିଁ । ନିଜର ଭିନ୍ନ ଶୈଳିର ଅଭିନୟକୁ ନେଇ ସେ ଏବେ ମନୋରଞ୍ଜନ ଦୁନିଆରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ଚେଷ୍ଟା କରୁଛନ୍ତି । ଏବେ ଜାହ୍ନବୀଙ୍କ ହାତରେ କିଛି ଭଲ ପ୍ରୋଜେକ୍ଟ ଥିବା ବେଳେ ଆଗାମୀ ଦିନରେ ସେ ଆହୁରି କିଛି ପ୍ରୋଜେକ୍ଟରେ ଅଭିନୟ କରିବାର ଆଶା ରଖିଛନ୍ତି ।

## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ଵକନକଲତା ସାହୁ**
**ସ୍ୱା: ଵକୁଳମଣି ସାହୁ**
ସିମୋର, ଖୋର୍ଦ୍ଧା
ଆବିର୍ଭାବ: ତା୦୫।୦୪।୧୯୪୦
ତିରୋଭାବ: ତା୧୮।୦୩।୨୦୨୧
ହେ ପରମପୂଜ୍ୟା, ଚାହୁଁ ଚାହୁଁ ଏକ ବର୍ଷ ପୂରିଗଲା। ଆମମାନଙ୍କୁ ଶୋକସାଗରରେ ଭସାଇ ତୁମେ ଆରପାରିକୁ ଚାଲିଗଲ। ତୁମର ଅନୁପସ୍ଥିତି ଆମମାନଙ୍କୁ ଖୁବ୍ ମର୍ମାହତ କରୁଛି। ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ କର୍ତ୍ତବ୍ୟନିଷ୍ଠା ଆମେମାନେ ଭୁଲିପାରୁ ନାହୁଁ। ଆଜିର ପବିତ୍ର ତିଥିରେ ତୁମର ଅମର ଆତ୍ମାର ସଦ୍‌ଗତି କାମନା କରି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପୁତ୍ର-ପୁତ୍ରବଧୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୨୩୩୨୩

**ଦଶାହ ଉପଲକ୍ଷେ**



**ଵରାଘବାନନ୍ଦ ସାହୁ**
ସିଆରପି, ୧୨୯୪ (ବଲ୍ଲରୀ ହୋଟେଲ)
ନୟାପଲ୍ଲୀ, ଭୁବନେଶ୍ୱର
ତିରୋଧାନ: ୨୬।୦୨।୨୦୨୨
ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ଦଣ୍ଡପାଣି ସାହୁ, ପ୍ରମୋଦ କୁମାର ସାହୁ, କୌଶଲ୍ୟା, ସୂଚୀ, ଯଜ୍ଞ, ରଜତ, ଚିକୁ, ଚିଣ୍ଟୁ, ଲିଟୁ, ଜିନି, ବୁବୁନ, ପରିବାରବର୍ଗ ଓ ଶୁଭେଚ୍ଛୁ।
ଧ-୨୩୩୨୪

**ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**ଵବିଷ୍ଣୁପ୍ରୀୟା ଚୌଧୁରୀ**
**ସ୍ୱ: ଵବଟକୃଷ୍ଣ ଚୌଧୁରୀ**
ଗ୍ରାମ: ଅଲଣା।
ଆପଣଙ୍କର ସ୍ନେହ, ଶ୍ରଦ୍ଧା, ପରୋପକାରିତା, ତ୍ୟାଗ, ଆଦର୍ଶ ଓ କର୍ତ୍ତବ୍ୟନିଷ୍ଠା ଆମମାନଙ୍କ ପାଇଁ ଚିରସ୍ମରଣୀୟ। ଆପଣଙ୍କର ଆଶୀର୍ବାଦ ଆମ୍ଭମାନଙ୍କ ଉପରେ ସର୍ବଦା ରହିଥାଉ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
–:ଶୋକସନ୍ତପ୍ତ:–
ବନ୍ଧୁ ଓ ପରିବାରବର୍ଗ ।
ଧ-୭୧୫୨୨

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ଵକ୍ଷୀରୋଦ କୁମାର ସାହୁ**
ଛଣଘର, କୁଶମାଟି, ଜଟଣୀ
ଆବିର୍ଭାବ: ତା୧୨।୦୨।୧୯୪୫
ତିରୋଭାବ: ତା୧୭।୦୩।୨୦୨୧
ହେ ପରମପୂଜ୍ୟ, ଚାହୁଁ ଚାହୁଁ ଏକ ବର୍ଷ ପୂରିଗଲା। ଆମମାନଙ୍କୁ ଶୋକସାଗରରେ ଭସାଇ ଆପଣ ଏତେ ଶୀଘ୍ର ଆରପାରିକୁ ଚାଲିଯିବେ ଆମେ କେବେ ଭାବି ନଥିଲୁ। ଆପଣଙ୍କର ଅନୁପସ୍ଥିତି ଆମମାନଙ୍କୁ ଖୁବ୍ ମର୍ମାହତ କରୁଛି। ଆପଣଙ୍କର ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ କର୍ତ୍ତବ୍ୟନିଷ୍ଠା ଆମେମାନେ ଭୁଲିପାରୁ ନାହୁଁ। ଆଜିର ପବିତ୍ର ତିଥିରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ସ୍ତ୍ରୀ: ସୀତା ଦେଈ, ପୁତ୍ର-ପୁତ୍ରବଧୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୨୩୩୨୫

DHARITRI

www.orissakhabar.com/ www.dharitri.com ପୃଷ୍ଠା:୮ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ସୋମବାର, ମାର୍ଚ୍ଚ ୭/୨୦୨୨ Sambalpur, Monday, March 7/ 2022

# ପାକିସ୍ତାନଙ୍କୁ ହରାଇଲା ଭାରତ



ପୂଜା ବସ୍ତ୍ରକାର

**ମାଉଣ୍ଟ ମଙ୍ଗାନୁଇ, ୬ା୩ (ପି.ଟି.):** ବେ' ଓଭାଲଠାରେ ପାକିସ୍ତାନକୁ ୧୦୭ ରନରେ ପରାସ୍ତ କରି ଭାରତ ଚଳିତ ଆଇସିସି ମହିଳା ବିଶ୍ୱକପ୍ କ୍ରିକେଟରେ ଏହାର ଅଭିଯାନ ଆରମ୍ଭ କରିଛି। ରବିବାର ଖେଳାଯାଇଥିବା ଏହି ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଆରମ୍ଭରୁ ଝଟ୍‌କା ଖାଇଥିଲା। ଶେଫାଳି ବର୍ମା ବିନା କୌଣସି ରନରେ ଡାଏନ ବେଗ୍‌ଙ୍କ ଦ୍ୱାରା ବୋଲ୍ଡ ହୋଇଯାଇଥିଲେ। ଦଳର ସ୍କୋର ସେତେବେଳେ ମାତ୍ର ୪ ରନ ଥିଲା। ତେବେ ଫର୍ମରେ ଥିବା ଓପନର ସ୍ମୃତି ମନ୍ଧାନା (୫୨ରନ), ସ୍ନେହ ରାଣା (୫୩*)ଓ ପୂଜା ବସ୍ତ୍ରକାର (୬୭)ଙ୍କ ଉପଯୋଗୀ ଅର୍ଦ୍ଧଶତକ ଯୋଗୁ ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୭ ଉଇକେଟ ବିନିମୟରେ ୨୪୪ ରନ

**ଆଇସିସି ମହିଳା କ୍ରିକେଟ ବିଶ୍ୱକପ୍**

କରିପାରିଥିଲା। ୨୪୫ ରନର ବିଜୟ ଲକ୍ଷ୍ୟକୁ ପିଛା କରି ପାକିସ୍ତାନ ୪୩ ଓଭରରେ ୧୩୭ ରନ କରି ଅଲଆଉଟ ହୋଇଯାଇଥିଲା। ଦଳର ଟପ୍ ସ୍କୋରର ଓପନର ସିଦ୍ରା ଅମିନ ୩୦ରନ କରିଥିଲେ। ଭାରତ ପକ୍ଷରୁ ଶ୍ରେଷ୍ଠ ବୋଲିଂ ପ୍ରଦର୍ଶନ କରି ବାମହାତୀ ସ୍ପିନର ରାଜେଶ୍ୱରୀ ଗାଏକ୍ୱାଡ ତାଙ୍କ ୧୦ ଓଭର ବୋଲିଂରେ ୩୧ ରନ ବିନିମୟରେ ୪ ଉଇକେଟ ଅକ୍ତିଆର କରିଥିଲେ। ପୁରୁଖା ପେସ୍ ବୋଲର ଝୁଲଣ ଗୋସ୍ୱାମୀ ପ୍ରଭାବୀ ବୋଲିଂ କରିଥିଲେ। ସେ ୨୯ ରନ ଦେଇ ୨ଟି ଉଇକେଟ ଅକ୍ତିଆର କରିଥିଲେ। ଅଲରାଉଣ୍ଡ ପ୍ରଦର୍ଶନ କରିଥିବା ସ୍ନେହ ରାଣା (୨/୨୭) ଦୁଇ ଉଇକେଟ ହାସଲ କରିଥିଲେ। ୫୦ ଓଭର ଫର୍ମାଟରେ ଭାରତ ବିପକ୍ଷରେ ପାକିସ୍ତାନର ଏହା ହେଉଛି କ୍ରମାଗତ ୧୧ତମ ପରାଜୟ। ରବିବାର ମ୍ୟାଚରେ ପୂଜା ବସ୍ତ୍ରକାର ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

**ଭାରତ ମହିଳା ଦଳ ଇନିଂସ** : ୫୦ ଓଭରରେ ୨୪୪/୭ (ପୂଜା ବସ୍ତ୍ରକାର-୬୭, ସ୍ମୃତି ମନ୍ଧାନା-୫୨, ସ୍ନେହ ରାଣା-୫୩*, ଦୀପ୍ତି ଶର୍ମା-୪୦; ନାଶ୍ରା ସାନ୍ଧୁ -୨/୩୬, ନୀଦା ଦାର୍-୨/୪୫)।

**ପାକିସ୍ତାନ ମହିଳା ଦଳ ଇନିଂସ:** ୪୩ ଓଭରରେ ୧୩୭/ଅଲଆଉଟ (ସିଦ୍ରା ଅମିନ-୩୦, ଡାଏନା ବେଗ୍-୨୪; ରାଜେଶ୍ୱରୀ ଗାଏକ୍ୱାଡ-୪/୩୧)।

# ୬ ବିଶ୍ୱକପ୍ ଖେଳିବାରେ ମିଥାଲି ପ୍ରଥମ ମହିଳା

**ମାଉଣ୍ଟ ମଙ୍ଗାନୁଇ, ୬ା୩(ପି.ଟି.):** ଭାରତ ଅଧିନାୟିକା ମିଥାଲି ରାଜ ପ୍ରଥମ ମହିଳା ଏବଂ ତୃତୀୟ କ୍ରିକେଟର ଭାବେ ୬ଟି ବିଶ୍ୱକପ୍ ଖେଳିବା ସୌଭାଗ୍ୟ ଲାଭ କରିଛନ୍ତି। ୬ଟି ବିଶ୍ୱକପ୍ ଖେଳିଥିବା ଦୁଇ ପୁରୁଷ କ୍ରିକେଟର ହେଲେ ଆଇକନିକ ସଚିନ ତେନ୍ଦୁଲକର ଓ ପାକିସ୍ତାନର ମହାନ ଖେଳାଳି ଜାଭେଦ ମିଆଦାଦ। ଅନେକ ସ୍ମରଣୀୟ ମ୍ୟାଚ ଖେଳିଥିବା ୩୯ ବର୍ଷୀୟା ମିଥାଲି ୨୦୦୦ରେ ତାଙ୍କ ପ୍ରଥମ ବିଶ୍ୱକପ୍ ପଦାର୍ପଣ କରିଥିଲେ। ପରେ ୨୦୦୫, ୨୦୦୯, ୨୦୧୩, ୨୦୧୭ ଏବଂ ବର୍ତ୍ତମାନ ସେ ୨୦୨୨ରେ ଖେଳୁଛନ୍ତି। ମହିଳା କ୍ରିକେଟରେ ଏହି ଭାରତୀୟ ବ୍ୟାଟର ନ୍ୟୁଜିଲାଣ୍ଡ କ୍ରିକେଟର ଡେବି ହକ୍‌ଲେ ଓ ଇଂଲଣ୍ଡର ଚାର୍ଲୋଟ୍ ଏଡୱାର୍ଡ଼ଙ୍କ ରେକର୍ଡକୁ ଅତିକ୍ରମ କରିଯାଇଛନ୍ତି। ମିଥାଲିଙ୍କ ଟିମ୍‌ମେଟ୍ ଫାଷ୍ଟ ବୋଲର ଝୁଲଣ ଗୋସ୍ୱାମୀ ବହୁ ବର୍ଷ ହେଲା ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରିଆସୁଛନ୍ତି। ସେ ୫ଟିବିଶ୍ୱକପ୍‌ଖେଳି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

# ବିଶ୍ୱରଞ୍ଜନ ଟେକ୍ନିକାଲ ଅଫିସିଆଲ



**ଭୁବନେଶ୍ୱର, ୬ା୩ (କ୍ରୀଡ଼ାପ୍ରତିନିଧି):** ଏସିଆନହକି ଫେଡେରେସନ ଆନୁକୂଲ୍ୟରେ ପୁରୁଷ ଏଏଚ୍‌ଏଫ୍ କପ୍ ଜାକର୍ତ୍ତାଠାରେ ଚଳିତ ମାସ ୧୧ରୁ ୨୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ଓଡ଼ିଶାର ବିଶ୍ୱରଞ୍ଜନ ଷଡ଼ଙ୍ଗୀଙ୍କୁ ଟେକ୍ନିକାଲ ଅଫିସିଆଲଭାବେ ନିଯୁକ୍ତ କରାଯାଇଛି। ବିଶ୍ୱରଞ୍ଜନଙ୍କୁ ମାର୍ଚ୍ଚ ୬ରୁ ୨୧ ପର୍ଯ୍ୟନ୍ତ ଉପଲବ୍ଧ ହେବାକୁ ପତ୍ରଯୋଗେ ଜଣାଇ ଦିଆଯାଇଛି।







Authorised Dealers: Bhubaneswar: Rohan Hero, Ph:7799766422, Bharat Hero, Ph:7799766378, DD Hero, Ph:7799766329, Arundhati Hero, Ph:9311733967, Cuttack: JMG Hero, Ph:7799766366, Sunny Hero, Ph:7799766401, Essen Hero, Ph: 7799766425, Angul: Parbati Hero, Ph:7799766342, Balasore: Neelam Hero, Ph:7799766393, Baripada: Aditya Hero, Ph:7799766370, Bhadrak: Sanjib Hero, Ph:7799766380, Chandikhol: S. K. Hero, Ph:7799766362, Jagatsinghpur: Trishul Hero, Ph:7799766383, Jajpur Road: Soumik Hero, Ph:7799766410, Jaleswar: Sai Hero, Ph:7799766407, Jatni: Vishal Hero, Ph:7799766398, Keonjhar: Supreme Hero, Ph:7799766360, Nayagarh: Bhagabati Hero, Ph:7799766417, Puri: Sanjib Hero, Ph:8448389695, Behrampur: Lakshmi Motors, Dharma Nagar, Ph:7799766350, Lakshmi Automotives, Gajapati Nagar, Ph:9311853279, Jeypore: Supreme Hero, Ph:7799766340, Phulbani: Narayani Hero, Ph:7799766373, Raygada: Ajit Hero, Ph:7799766358, Bargarh: Aakash Hero, Ph:7799766396, Bhawanipatna: Arundhati Hero, Ph:7799766385, Bolangir: Arundhati Hero, Ph:7799766327, Jharsuguda: Vijaylaxmi Hero, Ph:7799766368, Rourkela: Dua Hero, Ph:7799766391, Sambalpur: Sri Shyam Hero, Ph:7799766356, Sonepur: Jai Jawan Hero, Ph:7799766419, Sundergarh: Robotech Hero, Ph:8448183659, Dhenkanal: Som Hero, Ph:7799766347, Talcher: Tarini Hero, Ph:7799766374.

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ମାର୍ଚ୍ଚ ୭/୨୦୨୨ (୮+୮=୧୬ ପୃଷ୍ଠା) Sambalpur, Monday, March 7/2022 Page-16 | ପୃଷ୍ଠା-୧



## କପିଳ ଦେବଙ୍କୁ ଟପିଲେ ଅଶ୍ୱିନ

ଟେଷ୍ଟ କ୍ରିକେଟ ଉଇକେଟ ନେବାରେ କିମ୍ବଦନ୍ତୀ ଖେଳାଳି କପିଳ ଦେବଙ୍କ ରେକର୍ଡକୁ ଅତିକ୍ରମ କରିଛନ୍ତି ତାରକା ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ।

୦୮

୦୨

## ୟୁକ୍ରେନ୍‌ରେ ଲୁହ, ରକ୍ତର ବନ୍ୟା: ପୋପ୍

ଯୁଦ୍ଧ ଯୋଗୁ ୟୁକ୍ରେନ୍‌ରେ ଲୁହ ଓ ରକ୍ତର ନଦୀ ବୋହୁଛି ବୋଲି କ୍ୟାଥୋଲିକ୍ ଚର୍ଚ୍ଚ ମୁଖ୍ୟ ପୋପ୍ ଫ୍ରାନ୍ସିସ୍ କହିଛନ୍ତି।





ମୋହାଲିରେ ରବିବାର ଶେଷ ହୋଇଥିବା ଶ୍ରୀଲଙ୍କା ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ୧୭୫ ରନ କରିବା ସହ ୨ଟି ଇନିଂସରେ ୯ ଉଇକେଟ ନେଇ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିବା ଭାରତର ରବୀନ୍ଦ୍ର ଜାଡେଜା। **(ରିପୋର୍ଟ: ଖେଳ ପୃଷ୍ଠା)**

## ୨୬ରୁ ଆଇପିଏଲ୍

### ସିଏସ୍‌କେ-କେକେଆର୍ ଉଦ୍‌ଘାଟନୀ ମ୍ୟାଚ୍

ମୁମ୍ବାଇ, ୬।୩ (ପି.ଟି.)

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୫ତମ ସଂସ୍କରଣ ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ ରବିବାର କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ବ୍ୟୟବହୁଳ ଟି୨୦ ଲିଗ୍‌ର ଉଦ୍‌ଘାଟନୀ ମ୍ୟାଚ ମାର୍ଚ୍ଚ ୨୬ରେ ଗତଥରର ଚାମ୍ପିୟନ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଓ କୋଲକାତା ନାଇଟ ରାଇଡର୍ସ (କେକେଆର୍) ମଧ୍ୟରେ ହେବ। ଏହା ମୁମ୍ବାଇସ୍ଥିତ ୱାଙ୍ଖେଡେ ଷ୍ଟାଡିୟମରେ ଖେଳାଯିବ। ଟୁର୍ନାମେଣ୍ଟର ମ୍ୟାଚଗୁଡ଼ିକ ୪ଟି ଭେନ୍ୟୁରେ ଖେଳାଯିବ। ୱାଙ୍ଖେଡେ ଷ୍ଟାଡିୟମ ବ୍ୟତୀତ ମୁମ୍ବାଇର କ୍ରିକେଟ କ୍ଲବ ଅଫ୍ ଇଣ୍ଡିଆ, ନଭି ମୁମ୍ବାଇର ଡିୱାଇ ପାଟିଲ ଷ୍ଟାଡିୟମ ଏବଂ ପୁଣେସ୍ଥିତ ମହାରାଷ୍ଟ୍ର କ୍ରିକେଟ ଆସୋସିଏଶନ ଷ୍ଟାଡିୟମ। ୬୫ଦିନ ଧରି ହେବାକୁଥିବା ଏହି ଇଭେଣ୍ଟରେ ମୋଟ ୭୦ ଲିଗ୍ ମ୍ୟାଚ୍ ଓ ୪ ପ୍ଲେଅଫ୍ ଖେଳାଯିବ ବୋଲି ବିସିସିଆଇ ସମ୍ପାଦକ ଜୟ ଶାହା ପ୍ରକାଶ କରିଛନ୍ତି। ଟୁର୍ନାମେଣ୍ଟରେ ୧୨ ଡବଲ ହେଡର ରହିବ। ପ୍ରଥମ ଗେମ୍ ଅପରାହ୍ନ ୩ଟା ୩୦ ଏବଂ ଦ୍ୱିତୀୟଟି ରାତି ୭ଟା ୩୦ ମିନିଟରୁ ଖେଳାଯିବ। ପ୍ରଥମ ଡବଲ ହେଡର ମାର୍ଚ୍ଚ ୨୭ରେ ବ୍ରାବୋର୍ନ ଷ୍ଟାଡିୟମରେ ଖେଳାଯିବ। ଏହି ଷ୍ଟାଡିୟମରେ ଦିଲ୍ଲୀ ☞ପୃଷ୍ଠା-୬

# ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ନବୀନ

### ୟୁକ୍ରେନ ଫେରନ୍ତା ଡାକ୍ତରୀ ଛାତ୍ରୀଛାତ୍ରଙ୍କ କ୍ୟାରିୟର ଚିନ୍ତା

### ଦେଶର ମେଡିକାଲ କଲେଜରେ ଶିକ୍ଷା ଗ୍ରହଣ ଲାଗି ପଦକ୍ଷେପ ନିଆଯାଉ

ଭୁବନେଶ୍ୱର, ୬।୩(ବ୍ୟୁରୋ)

ଯୁଦ୍ଧ ଲାଗି ୟୁକ୍ରେନରୁ ଅଧାରୁ ପାଠପଢ଼ା ଛାଡ଼ି ଭାରତ ଫେରି ଆସିଥିବା ଡାକ୍ତରୀ ଛାତ୍ରୀଛାତ୍ରଙ୍କ କ୍ୟାରିୟର ପାଇଁ ଚିନ୍ତା ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏବେ ୟୁକ୍ରେନ୍‌ରେ ସଂକଟ ପରିସ୍ଥିତି ଉପୁଜିଛି। ଓଡ଼ିଶା ସମେତ ଭାରତର ହଜାର ହଜାର ମେଡିକାଲ ଛାତ୍ରୀଛାତ୍ର ୟୁକ୍ରେନ୍‌ରୁ ନିଜ ଘରକୁ ଫେରି ଆସୁଛନ୍ତି। ଫଳରେ ସେମାନଙ୍କ ପାଠପଢ଼ା ଗୁରୁତର ବାଧାପ୍ରାପ୍ତ ହୋଇଛି। ଭବିଷ୍ୟତ ନେଇ ମଧ୍ୟ ସେମାନେ ଚିନ୍ତାରେ ଅଛନ୍ତି। ତେଣୁ ୟୁକ୍ରେନ୍ ଫେରନ୍ତା ମେଡିକାଲ ଛାତ୍ରୀଛାତ୍ରଙ୍କ ପାଠପଢ଼ା ପାଇଁ ଭାରତରେ ବ୍ୟବସ୍ଥା କରାଯିବାକୁ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖିଛନ୍ତି। ସମ୍ପୃକ୍ତ ଛାତ୍ରୀଛାତ୍ରଙ୍କ ପାଇଁ ଦେଶର ମେଡିକାଲ କଲେଜରେ ପାଠ୍ୟ ଗ୍ରହଣର ବ୍ୟବସ୍ଥା ଲାଗି ପଦକ୍ଷେପ ନେବା ଲାଗି ନ୍ୟାଶନାଲ ମେଡିକାଲ କମିଶନ ଓ ମନ୍ତ୍ରାଳୟ ସହିତ ଆଲୋଚନା



ନବୀନ ପଟ୍ଟନାୟକ

କରିବାକୁ ନବୀନ ଅନୁରୋଧ କରିଛନ୍ତି।

ସେ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ୟୁକ୍ରେନ ଉପରେ ଋଷର ଆକ୍ରମଣ ଯୋଗୁ ସେଠାରେ ଡାକ୍ତରୀ ପଢ଼ୁଥିବା ଭାରତୀୟ ଛାତ୍ରୀଛାତ୍ର ସ୍ୱଦେଶ ଫେରି ଆସିଥିବାବେଳେ ସେମାନଙ୍କ ପାଠପଢ଼ା ଅଧା ରହିଛି। ଏମାନଙ୍କ ମଧ୍ୟରେ ବହୁ ଓଡ଼ିଆ ଛାତ୍ରୀଛାତ୍ର ଅଛନ୍ତି। ଏବେ ଏହି ୟୁକ୍ରେନ୍ ଫେରନ୍ତା ଛାତ୍ରୀଛାତ୍ରଙ୍କୁ ଭାରତରେ ପାଠ ପଢ଼ାଯାଉ। ଦେଶର ବିଭିନ୍ନ ମେଡିକାଲ କଲେଜରେ ସେମାନଙ୍କୁ ପାଠ ପଢ଼ିବାର ସୁଯୋଗ ଦିଆଯାଉ। ଓଡ଼ିଶା ସରକାର ମଧ୍ୟ ☞ପୃଷ୍ଠା-୬

## ପାଠ୍ୟକ୍ରମ ଫି' ବୃଦ୍ଧି ନିଷ୍ପତ୍ତି ପ୍ରତ୍ୟାହାର ଦାବି କଲା ଅଭିଭାବକ ମହାସଂଘ

ଭୁବନେଶ୍ୱର, ୬।୩(ବ୍ୟୁରୋ)

ଡାକ୍ତରୀ ଛାତ୍ରୀଛାତ୍ରଙ୍କ ମୁଣ୍ଡରେ ଏବେ ଚଡ଼କ ପଡ଼ିଛି। ୟୁକ୍ରେନ ଯୁଦ୍ଧ ଯୋଗୁ ସ୍ୱଦେଶ ଫେରୁଥିବା ଡାକ୍ତରୀ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଥିବାବେଳେ ଏବେ ଫି' ବୃଦ୍ଧିକୁ ନେଇ ଓଡ଼ିଶାର ଡାକ୍ତରୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିନ୍ତା ଘାରିଛି। ଏମ୍‌ବିବିଏସ୍ ଓ ବିଡିଏସ୍ ପାଠ୍ୟକ୍ରମ ପାଇଁ ୨୮% ଏବଂ ସୁପର ସ୍ପେଶାଲିଟି ପାଠ୍ୟକ୍ରମ ପାଇଁ ୪୯% ଫି' ବୃଦ୍ଧି କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ତେବେ ଏହି ନିଷ୍ପତ୍ତିକୁ ପ୍ରତ୍ୟାହାର କରିନେବାକୁ ଓଡ଼ିଶା ଅଭିଭାବକ ମହାସଂଘ ସରକାରଙ୍କୁ ଚିଠି ଲେଖିଛନ୍ତି। ଏ ନେଇ ସଂଘ ଅଧ୍ୟକ୍ଷ ବାସୁଦେବ ଭଟ୍ଟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସ୍ୱାସ୍ଥ୍ୟ ବିଭାଗ ମନ୍ତ୍ରୀ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ଡିଏମ୍‌ଇଟିଙ୍କୁ ଚିଠି ଲେଖି ଡାକ୍ତରୀ ନାମଲେଖା ଫି' ବୃଦ୍ଧି ନ କରିବାକୁ ଅନୁରୋଧ କରିଛନ୍ତି।

ସଂଘର କହିବାନୁଯାୟୀ, ରାଜ୍ୟର ପ୍ରାୟ ୫୦% ପିଲା ଡାକ୍ତରୀ/ ଇଞ୍ଜିନିୟରିଂ ପଢ଼ିବା ପାଇଁ ଇଚ୍ଛା ପ୍ରକାଶ କରନ୍ତି। କିନ୍ତୁ ଏଭଳି ଫି' ବୃଦ୍ଧି ଯୋଗୁ ସେମାନଙ୍କ ମନୋବଳ ଭାଙ୍ଗିଯିବ। ସେମାନେ ବାଧ ହୋଇ ଋଷ୍, ୟୁକ୍ରେନ୍, ଚାଇନା, ମ୍ୟାନ୍‌ମାର ଭଳି ଦେଶକୁ ମେଡିକାଲ ପାଠ ପଢ଼ିବାକୁ ଯିବେ। କମ୍ ସିଟ୍ ଓ ଅଧିକ ଫି' ଯୋଗୁ ଓଡ଼ିଶାର ବହୁ ଛାତ୍ରୀଛାତ୍ର ଡାକ୍ତରୀ ପଢ଼ିବା ପାଇଁ ବିଦେଶ ଯାଉଛନ୍ତି। ନିକଟରେ ୟୁକ୍ରେନ୍‌ରୁ ବହୁ ଡାକ୍ତରୀ ଛାତ୍ରୀଛାତ୍ର ଓଡ଼ିଶା ଫେରିଛନ୍ତି। ସେପଟେ ଗତ ଦୁଇବର୍ଷ ହେବ କରୋନା ଯୋଗୁ ଛାତ୍ରୀଛାତ୍ରଙ୍କ ପରିବାରର ଆର୍ଥିକ ସ୍ଥିତି ଠିକ୍ ନ ଥିବା ବେଳେ ଫି' ବୃଦ୍ଧି ନିଷ୍ପତ୍ତି ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି। ସେପଟେ ସରକାରଙ୍କ ଏପରି ନିଷ୍ପତ୍ତି ପରେ ଘରୋଇ ମେଡିକାଲ କଲେଜ ଏବେ ଫି' ବଢ଼ାଇବା ପାଇଁ ପ୍ରସ୍ତୁତ ହେଲେଣି। ସରକାରୀ ମେଡିକାଲ କଲେଜରେ ଫି' ବଢ଼ିଲେ ଘରୋଇ କଲେଜଗୁଡ଼ିକ ମଧ୍ୟ ଅଧିକ ଫି' ବଢ଼ାଇଦେବେ। ତେଣୁ ପିଲାମାନେ ଆଉ ଘରୋଇ କଲେଜରେ ପଢ଼ିବା ଏକ ପ୍ରକାର ଅସମ୍ଭବ ହୋଇଯିବ ବୋଲି ଶିକ୍ଷାବିତ୍‌ମାନେ ଆଶାପ୍ରକାଶ କରୁଛନ୍ତି।

## ମେଳାରୁ ଉଠାଇନେଇ ନାବାଳିକାଙ୍କୁ ଗଣବଳାତ୍କାର: ୨ ଗିରଫ

**ପାଟଣା, ୬।୩(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣାଠାରେ ଜାଗର ମେଳା ଉପଲକ୍ଷେ ପଡିଥିବା ମିନାବଜାର ପଡ଼ିଆରୁ ଶନିବାର ରାତିରେ ଜଣେ ନାବାଳିକାଙ୍କୁ ଉଠାଇ ନେଇ ୩ ଯୁବକ ଗଣବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏନେଇ ପାଟଣା ପୋଲିସ ଏକ ମାମଲା (ନଂ.୪୩/୨୨) ରୁଜୁ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ କାମେଶ୍ୱରପୁର ମଝି ସାହିର ପାଣ୍ଡ ନାଏକ ଓ ଟିକାୟତ ପାଟଣାର ରଞ୍ଜିତ ମହାନ୍ତି। ଅନ୍ୟଜଣେ ଫେରାର ରହିଛନ୍ତି। କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ନାବାଳିକାଙ୍କ ସହ ଅଭିଯୁକ୍ତଙ୍କ ଡାକ୍ତରୀ ପରୀକ୍ଷା କରାଯାଇଛି। ସୂଚନା ଅନୁଯାୟୀ, ମିନାବଜାର ପଡ଼ିଆରେ ନାବାଳିକା ଜଣକ ବୁଲୁଥିବା ବେଳେ ବିଦ୍ୟୁତ୍‌କାଟ ହୋଇଥିଲା। ଅନ୍ଧାରର ସୁଯୋଗ ନେଇ ୩ ଯୁବକ ତାଙ୍କୁ ସେଠାରୁ ୧୫୦ ମିଟର ଦୂର ଦୁର୍ଗାଦେଇପୁରର ଏକ ଦୋକାନ ବାରଣ୍ଡାକୁ ଟେକି ନେଇଥିଲେ। ସେଠାରେ ୩ ଜଣ ମିଶି ତାଙ୍କୁ ଗଣବଳାତ୍କାର କରିଥିବା ନାବାଳିକାଙ୍କ ବାପା ଅଭିଯୋଗରେ ଦର୍ଶାଇଛନ୍ତି। ଏନେଇ ଅଭିଯୁକ୍ତଙ୍କ ବିରୋଧରେ ଆଇପିସି ଦଫା ୩୭୬ ଏବଂ ପୋକ୍‌ସୋ ଆକ୍ଟର ଦଫା ୬ରେ ଏକ ମାମଲା ରୁଜୁ କରାଯାଇଛି। ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଥିବା ଘଟଗାଁ ଏସ୍‌ଡିପିଓ ଅଶିତ ରଞ୍ଜନ ମହାନ୍ତି କହିଛନ୍ତି।

# ଶୋଭାଯାତ୍ରାରେ ଫସିଲା ଆମ୍ବୁଲାନ୍ସ

### ନାମାଙ୍କନପତ୍ର ଦାଖଲ ପାଇଁ ଯାଉଥିଲେ ବିଜେଡି ପ୍ରାର୍ଥୀ

ଯାଜପୁର ଅଫିସ, ୬।୩

ଗୋଟିଏ ପଟେ ଚାଲିଥିଲା ବିଜେଡିର ପ୍ରାର୍ଥୀପତ୍ର ଦାଖଲ ଶୋଭାଯାତ୍ରା। ଅନ୍ୟପଟେ ସୃଷ୍ଟି ହୋଇଥିଲା ବଡ଼ଧରଣର ଟ୍ରାଫିକ୍ ଜାମ୍। ଫଳରେ ଗୁରୁତର ରୋଗୀଙ୍କୁ ନେଇ ଯାଉଥିବା ଏକ ୧୦୮ ଆମ୍ବୁଲାନ୍ସ ଫସିଯାଇଥିଲା। ଆମ୍ବୁଲାନ୍ସ ପାଇଁ ବାଟ କାଢ଼ିବା ସ୍ଥାନୀୟ ଲୋକଙ୍କ ଚିନ୍ତା ବଢ଼ିଯାଇଥିଲା। କିନ୍ତୁ ଶୋଭାଯାତ୍ରାରେ ଭାଗ ନେଇଥିବା ଲୋକେ ତାହାକୁ ଗୁରୁତ୍ୱ ଦେଇ ନ ଥିଲେ। ସେହି ଆମ୍ବୁଲାନ୍ସରେ ଥିବା ରୋଗୀଙ୍କ ପାଇଁ ସମୟ କେତେ ମୂଲ୍ୟବାନ ତାହା ବୁଝିବାକୁ କାହାରି ସମୟ ନ ଥିଲା। ଯାଜପୁର ଜିଲା ବ୍ୟାସନଗର ସହରରେ ରବିବାର ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟାରେ ଏହି ଘଟଣା ଘଟିଛି। ୨୧ ନମ୍ବର ୱାର୍ଡ ନିମନ୍ତେ ବିଜେଡିର ☞ପୃଷ୍ଠା-୬



ନିର୍ବାଚନୀ ଶୋଭାଯାତ୍ରା ଯୋଗୁ ବ୍ୟାସନଗର ଡାକବଙ୍ଗଳା ଛକଠାରେ ରବିବାର ଅଟକି ରହିଥିବା ୧୦୮ ଆମ୍ବୁଲାନ୍ସ।

# ବିଏସ୍‌ଏଫ୍ କ୍ୟାମ୍ପ୍‌ରେ ଗୁଳି: ୫ ଯବାନ ମୃତ

ଅମୃତସର, ୬।୩(ପି.ଟି.)

ପଞ୍ଜାବ ଅମୃତସର ନିକଟବର୍ତ୍ତୀ ଖାସାଠାରେ ଥିବା ବିଏସ୍‌ଏଫ୍ କ୍ୟାମ୍ପ୍‌ରେ ରବିବାର ସକାଳେ ଜଣେ ଯବାନଙ୍କ ଆଖିବୁଜା ଗୁଳିମାଡ଼ରେ ୪ ସହକର୍ମୀ ନିହତ ହୋଇଛନ୍ତି। ଗୁଳି ଚଳାଇଥିବା ଯବାନ ଜଣକ ମଧ୍ୟ ପ୍ରାଣ ହରାଇଛନ୍ତି। ତେବେ ସେ ନିଜକୁ ଗୁଳିକରି ଆତ୍ମହତ୍ୟା କରିଛନ୍ତି କି ତାଙ୍କୁ ଅନ୍ୟ କେହି ଗୁଳି କରିଛନ୍ତି, ତାହା ସ୍ପଷ୍ଟ ହୋଇନାହିଁ। ଗୁଳିମାଡ଼ରେ ଅନ୍ୟ ଜଣେ ଯବାନ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଅଟ୍ଟାରୀ-ୱାଘା ସୀମାଠାରୁ ୧୨-୧୩ କିଲୋମିଟର ଦୂରରେ ଅବସ୍ଥିତ ବିଏସ୍‌ଏଫ୍‌ର ୧୪୪ତମ ବାଟାଲିୟନ କ୍ୟାମ୍ପ୍‌ରେ ଏଭଳି ଅଭାବନୀୟ ଘଟଣା ଘଟିଛି। ଗୁଳି ଚଳାଇଥିବା ବିଏସ୍‌ଏଫ୍ କନ୍‌ଷ୍ଟେବଲ ସାତେପ୍ପା ଏସ୍.କେ ଡ୍ୟୁଟି ସମୟକୁ ନେଇ ଅସନ୍ତୁଷ୍ଟ ଥିବା କୁହାଯାଉଛି। ଏପରିକି କ୍ୟାମ୍ପସ୍‌ରେ ରଖାଯାଇଥିବା ସେକେଣ୍ଡ-ଇନ୍-କମାଣ୍ଡ ର୍‍ୟାଙ୍କ୍‌ର ଅଫିସରଙ୍କ ଗାଡ଼ିକୁ ମଧ୍ୟ ସେ ଗୁଳି କରିଥିଲେ।

ଅଭିଯୁକ୍ତ ଓ ମୃତ ଯବାନଙ୍କ ମଧ୍ୟରେ କୌଣସି ଶତ୍ରୁତା ନ ଥିଲା କିମ୍ବା ଡ୍ୟୁଟିକୁ ନେଇ କୌଣସି ସମସ୍ୟା ନ ଥିଲା ବୋଲି ବିଏସ୍‌ଏଫ୍ ଇନ୍ସପେକ୍ଟର ଜେନେରାଲ ଭାବେ ଗତ ସପ୍ତାହରେ ଦାୟିତ୍ୱ ଗ୍ରହଣ କରିଥିବା ଅସିଫ୍ ଜଲାଲ କହିଛନ୍ତି। ଉଭୟ ପୋଲିସ ଏବଂ ବିଏସ୍‌ଏଫ୍ ପକ୍ଷରୁ ଗୁଳିକାଣ୍ଡ ଘଟଣାର ତଦନ୍ତ କରାଯାଉଛି। ବିଏସ୍‌ଏଫ୍ କ୍ୟାମ୍ପରେ ୫ ଜଣ ଯବାନଙ୍କ ମୃତ୍ୟୁ ଘଟିବା ଦୁର୍ଭାଗ୍ୟଜନକ ବୋଲି ଏହାର ମୁଖପାତ୍ର କହିଛନ୍ତି। ମୃତକମାନେ କନ୍‌ଷ୍ଟେବଲ ଏବଂ ହେଡ୍ କନ୍‌ଷ୍ଟେବଲ ର୍‍ୟାଙ୍କ୍‌ର। ଗୁଳିକାଣ୍ଡର କାରଣ ଜାଣିବା ପାଇଁ କୋର୍ଟ ଅଫ୍ ଇନ୍‌କ୍ୱାରି ନିର୍ଦ୍ଦେଶ ଦିଆଯାଇଥିବା ମୁଖପାତ୍ର କହିଛନ୍ତି। ଘଟଣା ସ୍ଥଳରେ ବିଏସ୍‌ଏଫ୍ ଏବଂ ପଞ୍ଜାବ ପୋଲିସର ବରିଷ୍ଠ ଅଧିକାରୀମାନେ ପହଞ୍ଚିଛନ୍ତି।



ଗୁଳିମାଡ଼ରେ ଆହତ ଯବାନଙ୍କୁ ହସ୍ପିଟାଲ ନିଆଯାଉଛି।

## ମାର୍ଚ୍ଚ ଶେଷ ସପ୍ତାହରେ ବିଧାନସଭା ବଜେଟ ଅଧିବେଶନ

**ଭୁବନେଶ୍ୱର, ୬।୩(ବ୍ୟୁରୋ):** ଆସନ୍ତା ୨୭ କିମ୍ବା ୨୮ ତାରିଖରେ ବିଧାନସଭାର ବଜେଟ ଅଧିବେଶନ ବସିପାରେ। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଏହି ଅଧିବେଶନ ମାର୍ଚ୍ଚ ୩୧ ତାରିଖ ଯାଏ ଚାଲିବ। ସ୍ୱଳ୍ପ ସମୟ ପାଇଁ ବସିବାକୁ ଥିବା ଏହି ଅଧିବେଶନରେ ଭୋଟ ଅନ୍ ଆକାଉଣ୍ଟ ଜରିଆରେ ୨୦୨୨-୨୩ ଆର୍ଥିକ ବର୍ଷର ବଜେଟକୁ ଅନୁମୋଦନ କରାଯିବ। ଆସନ୍ତା ଜୁଲାଇ ମାସରେ ପୂର୍ଣ୍ଣକାଳୀନ ଅଧିବେଶନ ବସିବ ବୋଲି ଜଣାପଡିଛି। ତେବେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ଚଳିତ ମାସ ୩୧ ତାରିଖ ପୂର୍ବରୁ ବିଧାନସଭା ବଜେଟ ଅଧିବେଶନ ବସିବ। ଏ ନେଇ ରାଜ୍ୟପାଳଙ୍କ ଅନୁମୋଦନ ଲୋଡ଼ାଯାଇଛି। ରାଜ୍ୟପାଳଙ୍କ ଅନୁମୋଦନ ମିଳିବା ପରେ ଏନେଇ ବିଧିବଦ୍ଧ ତାରିଖ ଘୋଷଣା ହେବ।

# ସ୍ପଷ୍ଟୀକରଣ ମାଗିଲା କେନ୍ଦ୍ର

ଭୁବନେଶ୍ୱର, ୬।୩(ବ୍ୟୁରୋ)

### ବିଧାନ ପରିଷଦ ଗଠନ ପ୍ରସଙ୍ଗ

ଓଡ଼ିଶାରେ ବିଧାନ ପରିଷଦ ଗଠନ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ କେନ୍ଦ୍ର ଆଇନ ମନ୍ତ୍ରଣାଳୟ ସ୍ପଷ୍ଟୀକରଣ ମାଗିଛି। ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଫେବୃୟାରୀ ୧୫ରେ କେନ୍ଦ୍ର ଆଇନ ମନ୍ତ୍ରୀଙ୍କୁ ଏହି ପ୍ରସଙ୍ଗରେ ଚିଠି ଲେଖିଥିଲେ। ଏହାର ଉତ୍ତରରେ କେନ୍ଦ୍ର ଆଇନ ମନ୍ତ୍ରଣାଳୟ ବିଧାନପରିଷଦ ଗଠନ ସଂକ୍ରାନ୍ତରେ ସ୍ପଷ୍ଟୀକରଣ ମାଗିଛନ୍ତି। କେନ୍ଦ୍ରର ଉକ୍ତ ପତ୍ରକୁ ବିଧାନସଭା ପକ୍ଷରୁ ରାଜ୍ୟ ସଂସଦୀୟ ବ୍ୟାପାର ବିଭାଗକୁ ତଥ୍ୟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର କହିଛନ୍ତି।

ବାଚସ୍ପତି ପାତ୍ର ଏ ସମ୍ପର୍କରେ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ବିଧାନ ପରିଷଦ ଗଠନ ସଂକ୍ରାନ୍ତରେ ସେ ଯେଉଁ ଚିଠି ପଠାଇଥିଲେ ତାହା ଆଧାରରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ଚିଠି ଆସିଛି, ଯେଉଁଥିରେ ରାଜ୍ୟ ସଂସଦୀୟ ବ୍ୟାପାର ବିଭାଗରୁ କେତେକ ସ୍ପଷ୍ଟୀକରଣ ଚାହିଁଛନ୍ତି। ବିଧାନସଭା ପକ୍ଷରୁ ଏହି ଚିଠିକୁ ସଂସଦୀୟ ବ୍ୟାପାର ବିଭାଗକୁ ପଠାଇ ଦିଆଯାଇଛି। କେନ୍ଦ୍ର ସରକାର ଯାହା ଲେଖିଛନ୍ତି ତା'ର ଉତ୍ତର ସଂସଦୀୟ ବ୍ୟାପାର ବିଭାଗ ଦେବ। ଏହା ସହିତ ବିଧାନ ପରିଷଦ ଗଠନ ପାଇଁ ବିଧାନସଭାରେ ପାରିତ ସଂକଳ୍ପକୁ କେନ୍ଦ୍ର ସରକାର ପାଇଥିବା ମଧ୍ୟ ସ୍ପଷ୍ଟ ହୋଇଛି। କାରଣ କେନ୍ଦ୍ର ସରକାର ଏହି ସଂକଳ୍ପ ପାଇଥିବାରୁ ହିଁ ପରିଷଦ ଗଠନକୁ ନେଇ ଆଉ କେତେକ ସ୍ପଷ୍ଟୀକରଣ ଲୋଡିଛନ୍ତି ବୋଲି ବାଚସ୍ପତି ପାତ୍ର କହିଛନ୍ତି। ତେବେ କେନ୍ଦ୍ର ସରକାର ☞ପୃଷ୍ଠା-୬

# ଛେଳି ଚୋରିକୁ ନେଇ କଳି

## ଆନ୍ଧ୍ର, ଓଡ଼ିଶା ପୋଲିସ ମୁହାଁମୁହିଁ

ପାରଳାଖେମୁଣ୍ଡି, ୬।୩

### ୨ ଅଟକ

ଛେଳି ଚୋରିକୁ ନେଇ କଳି ହୋଇଛି। ଘଟଣାକୁ ନେଇ ଆନ୍ଧ୍ର ଓ ଓଡ଼ିଶା ପୋଲିସ ମୁହାଁମୁହିଁ ହୋଇଛନ୍ତି। ଗଜପତି ଜିଲା ରାୟଗଡ଼ ବ୍ଲକ ଅନ୍ତର୍ଗତ ସୀମାନ୍ତ ଗଙ୍ଗାବାଡ ପଞ୍ଚାୟତ ମାଣିକପାଟଣା ଗାଁରେ ରବିବାର ଏହି ଘଟଣା ଘଟିଛି। ଗତ କିଛି ଦିନ ହେବ ଗାଁରୁ ଛେଳି ଚୋରି ହେଉଥିଲା। କିଏ ଏହା କରୁଛି ତାହା ଜଣାପଡୁ ନ ଥିଲା। ଲୋକେ ଚୋର ଧରିବାକୁ ଶନିବାର ରାତିତମାମ ଗାଁରେ ଛପି ଜଗି ବସିଥିଲେ। ଛେଳି ଚୋରି କରିବାକୁ ଯାଇଥିବା ୨ଜଣ ଚୋରଙ୍କୁ ସେମାନେ ରବିବାର ଧରିଥିଲେ। ପରେ ଘଟଣା ସମ୍ପର୍କରେ ମାଣିକପାଟଣା ସରପଞ୍ଚ ହରିବନ୍ଧୁ କାର୍ଜୀ ସ୍ଥାନୀୟ ଗାରାବନ୍ଧ ଥାନାକୁ ଜଣାଇଥିଲେ। ଗାରାବନ୍ଧ ପୋଲିସ ପହଞ୍ଚି ଦୁଇ ଚୋରଙ୍କୁ ଥାନାକୁ ଆଣୁଥିବା ବେଳେ ଖବରପାଇ ପଡ଼ୋଶୀ ଆନ୍ଧ୍ର ପୋଲିସ ମାଣିକପାଟଣା ଗାଁରେ ପହଞ୍ଚି ଏହା ଆନ୍ଧ୍ର ସୀମାରେ ହୋଇଥିବାରୁ ଓଡ଼ିଶା ପୋଲିସ ଚୋରଙ୍କୁ ଗିରଫ କରିପାରିବ ନାହିଁ ବୋଲି କହିଥିଲା। ଫଳରେ ସେଠାରେ ଉଭୟ ରାଜ୍ୟର ପୋଲିସଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା।

ଓଡ଼ିଶା ପୋଲିସଙ୍କ ସହ ଯୁକ୍ତି କରିଥିଲେ। ଓଡ଼ିଶା ପୋଲିସ ନେଇ ଯାଇଥିବା ଗାଡ଼ିକୁ ସେଠାରେ ଅଟକାଇ ଥିଲେ। ମାଣିକପାଟଣା ଗାଁ ଲୋକେ ଉତ୍ତ୍ୟକ୍ତ ହୋଇ ଆନ୍ଧ୍ର ☞ପୃଷ୍ଠା-୬



ଆନ୍ଧ୍ର ପୋଲିସକୁ ଗାରାବନ୍ଧବାସୀ ଘେରାଉ କରିଛନ୍ତି।



ଇର୍‌ପିନ୍ ନଦୀ ପାର ହେବାକୁ ବହୁ ସଂଖ୍ୟାରେ ୟୁକ୍ରେନ୍ ନାଗରିକ ରୁଷିଆ ଆକ୍ରମଣରେ ଭାଙ୍ଗିଯାଇଥିବା ଏକ ପୋଲକୁ ଅତିକ୍ରମ କରୁଛନ୍ତି।

# ରୁଷିଆ ମହାଶକ୍ତି: ବୋରିସ୍

**ଲଣ୍ଡନ, ୬।୩:** ବ୍ରିଟେନ୍ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ ରୁଷିଆକୁ ଏକ ମହାନ ରାଷ୍ଟ୍ର ଏବଂ ମହାଶକ୍ତି ଭାବେ ଅଭିହିତ କରିଛନ୍ତି। ଏ ନେଇ ନ୍ୟୁୟର୍କ ଟାଇମ୍ସରେ ଜନ୍‌ସନ୍‌ଙ୍କ ଏକ ଆଲେଖ୍ୟ ପ୍ରକାଶ ପାଇଛି। ରୁଷିଆ ଲୋକଙ୍କ ସହ କୌଣସି ଶତ୍ରୁତା ନାହିଁ କିମ୍ବା ଏକ ମହାଶକ୍ତି ସହ ବିବାଦ ସୃଷ୍ଟି କରିବାକୁ ଇଚ୍ଛା ନ ଥିବା ବୋରିସ୍ ଲେଖିଛନ୍ତି। ନିକଟ ଭବିଷ୍ୟତରେ ୟୁକ୍ରେନ୍ ନାଟୋରେ ସାମିଲ ହେବା ନିମନ୍ତେ କୌଣସି ଗମ୍ଭୀର ପଦକ୍ଷେପ ନେଇ ନ ଥିଲା। ତେଣୁ ସମ୍ପ୍ରତି ୟୁକ୍ରେନ୍ ସଙ୍କଟରେ ନାଟୋ ବିବାଦ ନୁହେଁ ଏବଂ କେବେ ବି ଏହା ନାଟୋ ଦ୍ୱାରା ସୃଷ୍ଟି ଏକ ସମସ୍ୟା ହେବ ନାହିଁ ବୋଲି ବୋରିସ୍ କହିଛନ୍ତି। ତେବେ ରୁଷିଆ ରାଷ୍ଟ୍ରପତି



**ଯୁଦ୍ଧ ରୋକିବାକୁ ଦେଲେ ୬ ଉପାୟ**

ଭ୍ଲାଡିମିର ପୁଟିନ୍‌ଙ୍କ ଉତ୍ତେଜନା ସୃଷ୍ଟିକାରୀ ପଦକ୍ଷେପ ବିଫଳ ହେବା ଜରୁରୀ ବୋଲି କହିବା ସହ ଯୁଦ୍ଧ ରୋକିବାକୁ ସେ ୬ ଉପାୟ ଦେଇଛନ୍ତି। ସେଗୁଡ଼ିକ ହେଲା, ୟୁକ୍ରେନ୍ ପାଇଁ ବିଶ୍ୱ ନେତାମାନେ ଅନ୍ତର୍ଜାତୀୟ ମାନବୀୟ ସହାୟତା ପାଇଁ ଆଗେଇ ଆସନ୍ତୁ। ୟୁକ୍ରେନ୍ ଯେପରି ନିଜ ରକ୍ଷା ନିଜେ କରିପାରିବ ସେ ଦିଗରେ ବିଶ୍ୱ ନେତା ସହଯୋଗ କରନ୍ତୁ। ରୁଷିଆ ଉପରେ ଆର୍ଥିକ କଟକଣା କଠୋର କରାଯାଉ। ୟୁକ୍ରେନ୍‌ରେ ରୁଷିଆର ଆତଙ୍କକୁ ପ୍ରତିରୋଧ କରିବା ଦିଗରେ ବିଶ୍ୱ ସମୁଦାୟ ଯତ୍ନବାନ ହେଉ। ଯୁଦ୍ଧ ରୋକିବାକୁ କୂଟନୈତିକ ରାସ୍ତା ବଛାଯାଉ, କିନ୍ତୁ ଏଥିରେ ୟୁକ୍ରେନ ସରକାରଙ୍କ ଇଚ୍ଛାକୁ ସାମିଲ କରାଯିବା ଆବଶ୍ୟକ। ଏଥିସହ ନାଟୋ ଦେଶଗୁଡ଼ିକ ନିଜର ସୁରକ୍ଷା ଓ ପ୍ରତିରୋଧ ଦକ୍ଷତା ବଢ଼ାଇବା ନିମନ୍ତେ ବ୍ୟାପକ ଅଭିଯାନ ଆରମ୍ଭ କରିବା ଉଚିତ ବୋଲି ବୋରିସ୍ କହିଛନ୍ତି।

# କୃଷ୍ଣସାଗର ଉପରେ ରୁଷିଆ ନଜର

- ମାରିୟୁପୋଲରେ ଦ୍ୱିତୀୟ ଅସ୍ତ୍ରବିରତି
- ପୁଣି ଯୁଦ୍ଧବିରତି ଉଲ୍ଲଂଘନ ଅଭିଯୋଗ ଆଣିଲେ ଉଭୟ ପକ୍ଷ

**କ୍ୱିଭ୍, ୬।୩**

ୟୁକ୍ରେନ ଉପରେ ରୁଷିଆର ଆକ୍ରମଣକୁ ରବିବାର ୧୧ ଦିନ ପୂରିଥିବାବେଳେ ଦକ୍ଷିଣ-ପୂର୍ବ ବନ୍ଦର ସହର ମାରିୟୁପୋଲରେ ଦ୍ୱିତୀୟ ଥର ସାମୟିକ ଭାବେ ଅସ୍ତ୍ରବିରତି ଘୋଷଣା କରାଯାଇଛି। ସାଧାରଣ ନାଗରିକ ସେଠାରୁ ସୁରକ୍ଷିତ ଭାବେ ବାହାରିବା ନିମନ୍ତେ ମାନବୀୟ କରିଡର ନିର୍ମାଣ ପାଇଁ ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ହୋଇଥିବା ଦ୍ୱିତୀୟ ପର୍ଯ୍ୟାୟ ବୈଠକରେ ଉଭୟ ପକ୍ଷ ସହମତ ହୋଇଥିଲେ। ଯୁଦ୍ଧ ଆରମ୍ଭ ହେବା ପରଠାରୁ ଶନିବାର ପ୍ରଥମ ଥର ରୁଷିଆ ସେଠାରେ ଅସ୍ତ୍ରବିରତି ଘୋଷଣା କରିଥିଲେ ହେଁ ଏହାର ଉଲ୍ଲଂଘନ କରାଯାଇଥିବା ଉଭୟ ୟୁକ୍ରେନ୍ ଓ ରୁଷିଆ ଅଭିଯୋଗ ଆଣିଥିଲେ। ପରେ ପୁଣି ରୁଷିଆ ପକ୍ଷରୁ ଆକ୍ରମଣ ଜାରି ରହିଥିଲା। ବନ୍ଦର ସହର ମାରିୟୁପୋଲରୁ ନାଗରିକଙ୍କୁ ବାହାର କରାଯିବା ନିମନ୍ତେ ରୁଷିଆ ସୈନ୍ୟ ଓ ୟୁକ୍ରେନ୍ ସୁରକ୍ଷାବଳ ପୁନଃ ଏକ ନୂଆ କରିଡର ନିର୍ମାଣ ନିମନ୍ତେ ରାଜି ହୋଇଥିଲେ। ତେବେ ଅସ୍ତ୍ରବିରତି ପୁଣି ଉଲ୍ଲଂଘନ କରି ରୁଷିଆ ଆକ୍ରମଣ ଜାରି ରଖିଥିବା ୟୁକ୍ରେନ୍ ଅଭିଯୋଗ ଆଣିଥିବା ବେଳେ ୟୁକ୍ରେନ୍ ପୁନର୍ବାର ସର୍ତ୍ତ ଖିଲାପ କରିଥିବା ମସ୍କୋ ପକ୍ଷରୁ କୁହାଯାଇଛି।

ପ୍ରମୁଖ ବନ୍ଦର ସହର ମାରିୟୁପୋଲକୁ ରୁଷିଆ କବ୍‌ଜା କରିନେଲେ ୟୁକ୍ରେନ୍ ବ୍ଲାକ ସି' ବା କୃଷ୍ଣସାଗରରୁ ଅଲଗା ହୋଇଯିବ। ସେଥିପାଇଁ ରୁଷିଆ ୟୁକ୍ରେନ୍‌ର ଦକ୍ଷିଣ ଭାଗକୁ ଅକ୍ତିଆର କରିବାକୁ ଉଦ୍ୟମ କରୁଥିବା କ୍ୱିଭ୍ ପକ୍ଷରୁ କୁହାଯାଇଛି। ଏଥିସହ ଅନ୍ୟତମ ବନ୍ଦର ସହର ଓଡ଼େଶାକୁ ମଧ୍ୟ ରୁଷୀୟ ସୈନ୍ୟ ବୋମା ମାଡ଼ କରିବାକୁ ଚକ୍ରାନ୍ତ କରିଥିବା ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ସତର୍କ କରାଇଛନ୍ତି। ୟୁକ୍ରେନ୍‌ର ଅନ୍ୟ ସହରଗୁଡ଼ିକରେ ମସ୍କୋର ଆକ୍ରମଣ ଜାରି ରହିଛି। ଉତ୍ତର-ପଶ୍ଚିମ କ୍ୱିଭ୍‌ରେ ଉଭୟ ପକ୍ଷ ମଧ୍ୟରେ ଘମାଘୋଟ ଲଢ଼େଇ ଚାଲିଛି। ଇରପିନ୍ ସହରରେ ଭୟଙ୍କର ଆର୍ଟିଲାରି ଫାୟାରିଂ ଏବଂ ଏୟାର ଷ୍ଟ୍ରାଇକ୍ କରାଯାଇଛି। ୟୁକ୍ରେନ୍‌ର ପୂର୍ବ ଭାଗରେ ଖର୍କିଭ ଏବଂ ସୁମିରେ ମଧ୍ୟ ୟୁକ୍ରେନ୍ ସୈନ୍ୟ ରୁଷିଆକୁ ପ୍ରତିରୋଧ କରିବାକୁ ଉଦ୍ୟମ କରୁଥିବାରୁ ସେଠାରେ ବୋମାମାଡ଼ ଜାରି ରହିଛି।



ୟୁକ୍ରେନ୍ ସୈନ୍ୟମାନେ କ୍ୱିଭ୍‌ରେ ଏକ ଯୁଦ୍ଧବାହନ ଉପରେ ପାଟ୍ରୋଲିଂ କରୁଛନ୍ତି।

**ୟୁକ୍ରେନ୍‌କୁ ପଠାଯିବ ରୁଷିଆ ନିର୍ମିତ ଯୁଦ୍ଧବିମାନ**

ଆମେରିକା ୟୁକ୍ରେନ୍‌କୁ ସୋଭିଏଟ୍ ଫାଇଟର ଜେଟ୍ ବା ଯୁଦ୍ଧବିମାନ ପଠାଇବା ଦିଗରେ ପୋଲାଣ୍ଡ ସହ ମିଶି କାମ କରୁଛି। ପୋଲାଣ୍ଡରୁ ୟୁକ୍ରେନ୍‌କୁ ଏହି ବିମାନ ଯୋଗାଣ କରାଯିବା ପାଇଁ ୱାଶିଂଟନ୍ ବେଶ୍ ସକ୍ରିୟ ଭାବେ ଚିନ୍ତା କରୁଛି ବୋଲି ମୋଲଡୋଭା ଗସ୍ତରେ ଥବା ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ ରବିବାର କହିଛନ୍ତି। କେବେ ସୁଦ୍ଧା ଏବଂ କେତେ ଜେଟ୍ ପଠାଯିବ ସେନେଇ କୌଣସି ସୂଚନା ଦିଆଯାଇ ନାହିଁ। ଏହି ଡିଲ୍‌ରେ ରୁଷିଆ ନିର୍ମିତ ମିଗ୍ ବିମାନ ଯୋଗାଯିବ ବୋଲି ଜଣାଯାଇଛି। ୟୁକ୍ରେନ୍ ସୈନ୍ୟ ରୁଷିଆ ନିର୍ମିତ ଯୁଦ୍ଧବିମାନ ଚଳାଇବା ନିମନ୍ତେ ତାଲିମ ନେଇଥିବାରୁ ସେହି ଜେଟ୍ ପଠାଇବା ପାଇଁ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ପୂର୍ବ ୟୁରୋପୀୟ ଦେଶଗୁଡ଼ିକୁ ଅନୁରୋଧ କରିଥିଲେ।

**'ଚେର୍ନୋବିଲ୍‌ରେ ନିର୍ମାଣ ହେଉଛି ନ୍ୟୁକ୍ଲିୟର ଅସ୍ତ୍ର'**

ରୁଷିଆ ବିରୋଧରେ ୟୁକ୍ରେନ୍ ଚେର୍ନୋବିଲ୍‌ଠାରେ ନ୍ୟୁକ୍ଲିୟର ବୋମା ନିର୍ମାଣ କରୁଥିବା ରୁଷିଆର ପ୍ରମୁଖ ମିଡିଆରେ ରିପୋର୍ଟ ପ୍ରକାଶ ପାଇଛି। ୨୦୦୦ ମସିହାରେ ବନ୍ଦ ହୋଇଯାଇଥିବା ଚେର୍ନୋବିଲ୍ ପାୱାର ପ୍ଲାଣ୍ଟ୍‌ରେ ୟୁକ୍ରେନ ନ୍ୟୁକ୍ଲିୟର ଅସ୍ତ୍ର ବିକଶିତ କରୁଥିବା କୁହାଯାଇଛି। ସୋଭିଏଟ ୟୁନିୟନରୁ ଅଲଗା ହେବା ପରେ ୧୯୯୪ରେ ୟୁକ୍ରେନ୍ ନ୍ୟୁକ୍ଲିୟର କ୍ଲବ୍‌ରୁ ଦୂରେଇ ରହିବ ବୋଲି କହିଥିଲା।

## ଯୁଦ୍ଧର ୧୧ ଦିନ: ମୁଖ୍ୟ ବିନ୍ଦୁ

- ➡ୟୁକ୍ରେନ୍-ରୁଷିଆ ମଧ୍ୟରେ ଯୁଦ୍ଧ ରବିବାର ୧୧ ଦିନରେ ପହଞ୍ଚିଛି। ୟୁକ୍ରେନ୍ ସୈନ୍ୟଙ୍କ ପ୍ରତିଆକ୍ରମଣରେ ରୁଷିଆର ୧୧ ହଜାର ସୈନ୍ୟ ନିହତ ହୋଇଥିବା କ୍ୱିଭ୍ ପକ୍ଷରୁ କୁହାଯାଇଛି।
- ➡ୟୁକ୍ରେନ୍ ରୁଷିଆ ସୈନ୍ୟଙ୍କ ସହ ଲଢ଼େଇ ବନ୍ଦ କଲେ ଏବଂ ମସ୍କୋ ଦାବି ପୂରଣ ହେଲେ ହିଁ ସେଠାରେ ମିଲିଟାରୀ ଅପରେଶନ ରୋକାଯିବ ବୋଲି କ୍ରେମ୍‌ଲିନ୍ ପକ୍ଷରୁ ରବିବାର ଏକ ବିବୃତି ଜାରି କରାଯାଇଛି।
- ➡ରୁଷିଆରେ ଯୁଦ୍ଧବିରୋଧୀ ଆନ୍ଦୋଳନକୁ ଓହ୍ଲାଇଥିବା ବିକ୍ଷୋଭକାରୀଙ୍କ ମଧ୍ୟରୁ ରବିବାର ୪୯ ସହରରେ ପ୍ରାୟ ୨୫ ଶହ ଜଣଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି। ଏହାକୁ ମିଶାଇ ଫେବୃୟାରୀ ୨୪ରୁ ମୋଟ ଗିରଫଦାରି ସଂଖ୍ୟା ୧୦ ହଜାର ଟପିଛି।
- ➡କାର୍ଡ ପେମେଣ୍ଟ ଜିଆଣ୍ଟ ଭିସା ଏବଂ ମାଷ୍ଟରକାର୍ଡ ରୁଷିଆରେ ସେବା ପ୍ରଦାନ ବନ୍ଦ କରିଛନ୍ତି। ଏଥିଯୋଗୁ ରୁଷୀୟ ବ୍ୟାଙ୍କଗୁଡ଼ିକ ଚାଇନାର ୟୁନିୟନ ପେ' ସିଷ୍ଟମ ବ୍ୟବହାର କରି ଟ୍ରାଞ୍ଜାକସନ୍ କରିବାକୁ ଯୋଜନା କରିଛନ୍ତି।
- ➡ରୁଷିଆର ତୈଳ ଓ ପ୍ରାକୃତିକ ଗ୍ୟାସ୍ ରପ୍ତାନୀ ଉପରେ କଟକଣା ଲଗାଯିବାକୁ ଆମେରିକା ଏହାର ସହଯୋଗୀ ରାଷ୍ଟ୍ରଗୁଡ଼ିକ ସହ ଆଲୋଚନା ଜାରି ରଖିଥିବା ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ କହିଛନ୍ତି।
- ➡ୟୁକ୍ରେନ୍ ସଙ୍କଟ ଯୋଗୁ ଦ୍ୱିତୀୟ ବିଶ୍ୱ ଯୁଦ୍ଧ ପରଠାରୁ ଶରଣାର୍ଥୀ ସମସ୍ୟା ଦ୍ରୁତଗତିରେ ବଢ଼ିଚାଲିଛି। ଯୁଦ୍ଧ ପ୍ରଭାବିତ ୟୁକ୍ରେନ୍‌ରୁ ପ୍ରାୟ ୧୫ ଲକ୍ଷ ଲୋକ ଅନ୍ୟ ଦେଶକୁ ପଳାଇଥିବା ଜାତିସଂଘ ପକ୍ଷରୁ ରବିବାର କୁହାଯାଇଛି।
- ➡ଯୁଦ୍ଧ ଆରମ୍ଭ ହେବା ପରଠାରୁ ୟୁକ୍ରେନ୍‌ରେ ୩୬୪ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଥିବା ସ୍ପଷ୍ଟ ହୋଇଛି ବୋଲି ଜାତିସଂଘ ମାନବାଧିକାର ଅଫିସ୍ ସୂଚନା ଦେଇଛି।

## ବାଇଡେନ୍‌ଙ୍କୁ ଅଧିକ ସହାୟତା ମାଗିଲେ ଜେଲେନ୍‌ସ୍କି



ଜୋ ବାଇଡେନ୍ | ଭୋଲୋଡିମିର ଜେଲେନ୍‌ସ୍କି

ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ରବିବାର ଆମେରିକା ପ୍ରତିପକ୍ଷ ଜୋ ବାଇଡେନ୍‌ଙ୍କ ସହ ଫୋନ୍‌ରେ କଥା ହୋଇଛନ୍ତି। ୟୁକ୍ରେନ୍ ସ୍ଥିତି ଅଧିକ ବିଗିଡ଼ିବାରେ ଲାଗିଥିବାବେଳେ ଜେଲେନ୍‌ସ୍କି ଆମେରିକାକୁ ଆର୍ଥିକ ସହାୟତା ମାଗିବା ସହ ରୁଷିଆ ଉପରେ ଅଧିକ କଟକଣା ଦାବି କରିଛନ୍ତି। ଏ ନେଇ ଜେଲେନ୍‌ସ୍କି ଏକ ଟୁଇଟ୍ କରିଛନ୍ତି। ଉଭୟେ ଅଧଘଣ୍ଟା ଧରି ଫୋନରେ କଥା ହେବା ବାବଦରେ ହ୍ୱାଇଟ୍ ହାଉସ୍ ପକ୍ଷରୁ ଏକ ବିବୃତି ଜାରି ହୋଇଛି। ୟୁକ୍ରେନ୍ ଉପରେ ଆକ୍ରମଣର ମୂଲ୍ୟ ରୁଷିଆକୁ ଦେବାକୁ ପଡ଼ିବ ବୋଲି ଏଥିରେ ଦୋହରାଯାଇଥିବାବେଳେ ଏ ଦିଗରେ ଆମେରିକା ନେଇଥିବା ପଦକ୍ଷେପକୁ ଦର୍ଶାଯାଇଛି। ଏଥିସହ ବିଭିନ୍ନ ଆମେରିକୀୟ କମ୍ପାନୀ ରୁଷିଆ ବିରୋଧରେ ନେଇଥିବା ପଦକ୍ଷେପକୁ ମଧ୍ୟ ହ୍ୱାଇଟହାଉସ୍ ପକ୍ଷରୁ ପ୍ରଶଂସା କରାଯାଇଛି।

## ୟୁକ୍ରେନ୍‌ରେ ଲୁହ, ଲହୁର ନଈ: ପୋପ୍

**ଭାଟିକାନ ସିଟି, ୬।୩**



ପୋପ୍ ଫ୍ରାନ୍ସିସ୍

ୟୁକ୍ରେନ୍‌ରେ ରୁଷିଆ କୌଣସି ମିଲିଟାରି ଅପରେଶନ କରୁନାହିଁ। ଯୁଦ୍ଧରେ ୟୁକ୍ରେନ୍ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ସେଠାରେ ଲୁହ ଓ ରକ୍ତର ନଦୀ ବୋହୁଛି ବୋଲି କ୍ୟାଥୋଲିକ୍ ଚର୍ଚ୍ଚ ମୁଖ୍ୟ ପୋପ୍ ଫ୍ରାନ୍ସିସ୍ କହିଛନ୍ତି। ଯୁଦ୍ଧ ଯୋଗୁ ବହୁ ଲୋକଙ୍କ ଦୁର୍ଦ୍ଦଶା ବଢ଼ିଛି, ବହୁ ଧନଜୀବନ ନଷ୍ଟ ହେବାରେ ଲାଗିଛି ବୋଲି ରବିବାର ସେଣ୍ଟ ପିଟର୍ସ ସ୍କୋୟାରରେ ତାଙ୍କ ସାପ୍ତାହିକ ସମ୍ବୋଧନ କାର୍ଯ୍ୟକ୍ରମରେ କହିଛନ୍ତି। ସେଠାରୁ ନାଗରିକଙ୍କୁ ଉଦ୍ଧାର ନିମନ୍ତେ ତୁରନ୍ତ ମାନବୀୟ କରିଡର୍ କରାଯିବାକୁ ପୋପ୍ ଦାବି କରିଛନ୍ତି।

## ୟୁକ୍ରେନ୍ ଛାଡ଼ିବାକୁ ଚାହୁଁନାହାନ୍ତି ଚିତାବାଘ ରଖିଥିବା ଆନ୍ଧ୍ର ଡାକ୍ତର



ୟୁକ୍ରେନ୍‌ର ଯୁଦ୍ଧ ବିଭୀଷିକା ମଧ୍ୟରୁ ବାହାରି ଆସିବାକୁ ସେଠାରେ ରହିଯାଇଥିବା ଭାରତୀୟମାନେ ଆକୁଳ ନିବେଦନ କରୁଥିବା ବେଳେ କେତେଜଣ ଛାତ୍ରୀଛାତ୍ର ସେମାନଙ୍କ ପୋଷା କୁକୁର ବିରାଡ଼ି ସହ ଫେରୁଥିବା ଦେଖାଯାଇଥିଲା। ତେବେ ୟୁକ୍ରେନ୍ ରାଜଧାନୀ କ୍ୱିଭ୍‌ଠାରୁ ୮୫୦ କିଲୋମିଟର ଦୂର ଡୋନବାସ୍‌ରେ ରହୁଥିବା ଆନ୍ଧ୍ରପ୍ରଦେଶ ଗୋଦାବରୀ ଜିଲାର ଜଣେ ଡାକ୍ତର ୟୁକ୍ରେନ ଛାଡ଼ିବାକୁ ରାଜି ନୁହନ୍ତି। ଡ. କୁମାର ବରି ନିଜ ଘରେ ଏକ ବଙ୍କର ମଧ୍ୟରେ ରହିବାକୁ ପସନ୍ଦ କରିଛନ୍ତି। ଏହାର କାରଣ ହେଲା ସେ ଘରେ ଗୋଟିଏ ଚିତାବାଘ ଓ ଗୋଟିଏ କଳା ପାନ୍ଥର ପାଳିଛନ୍ତି। ସେମାନଙ୍କୁ ଅନ୍ୟମାନଙ୍କ ଦୟାରେ ଛାଡ଼ିଦେଇ ଚାଲିଆସିବାକୁ ସେ ଚାହାନ୍ତି ନାହିଁ। ଯୁଦ୍ଧ ଆରମ୍ଭ ହେବା ପରେ ସେ ତାଙ୍କ ପୋଷା ଚିତାବାଘ ସହ ବଙ୍କର ମଧ୍ୟରେ ଆଶ୍ରୟ ନେଇଥିବାର ଭିଡିଓ ସୋସିଆଲ ମିଡିଆରେ ଶେୟାର କରିଥିଲେ।

## ଜରୁରୀଭିତ୍ତିରେ ଫର୍ମ ପୂରଣ କର

**ନୂଆଦିଲ୍ଲୀ,୬।୩**

**ୟୁକ୍ରେନ୍‌ରେ ଥିବା ଭାରତୀୟଙ୍କ ପାଇଁ ନୂଆ ଆଡଭାଇଜରି**

ୟୁକ୍ରେନ୍‌ରୁ ଭାରତୀୟମାନଙ୍କୁ ଉଦ୍ଧାର କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସେଠାରେ ଆହୁରି ଅନେକ ରହିଯାଇଥିବାବେଳେ ଭାରତୀୟ ଦୂତାବାସ ପକ୍ଷରୁ ସେମାନଙ୍କ ପାଇଁ ରବିବାର ନୂଆ ଆଡଭାଇଜରି ଜାରି କରାଯାଇଛି। ୟୁକ୍ରେନ୍ ଓ ହଙ୍ଗେରିରେ ଥିବା ଦୂତାବାସ ସେମାନଙ୍କ ଟୁଇଟର ହ୍ୟାଣ୍ଡେଲ୍‌ରେ ଭାରତୀୟମାନଙ୍କୁ ହଙ୍ଗେରି ସିଟି ସେଣ୍ଟର ସହ ଯୋଗାଯୋଗ କରିବାକୁ ଏବଂ ଜରୁରୀ ଭିତ୍ତିରେ ଗୁଗଲ୍ ଫର୍ମ ପୂରଣ କରିବାକୁ ପରାମର୍ଶ ଦେଇଛନ୍ତି। ଭାରତ ସରକାରଙ୍କ ପକ୍ଷରୁ ଅପରେଶନ ଗଙ୍ଗା ମିଶନରେ ୟୁକ୍ରେନ୍‌ରେ ଅଟକି ରହିଥିବା ଭାରତୀୟମାନଙ୍କୁ ପଡୋଶୀ ଦେଶ ଦେଇ ଫେରାଇ ଅଣାଯାଉଛି। ଏପର୍ଯ୍ୟନ୍ତ ୧୫,୯୨୦ ଭାରତୀୟଙ୍କୁ ଫେରାଇ ଅଣାଯାଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ଯେଉଁ ଛାତ୍ରୀଛାତ୍ର ରହିଯାଇଛନ୍ତି, ସେମାନେ ହଙ୍ଗେରିର ବୁଦାପେଷ୍ଟ ସହରରେ ସ୍ଥାନୀୟ ସମୟ ସକାଳ ୧୦ରୁ ୧୨ଟା ମଧ୍ୟରେ ପହଞ୍ଚିବାକୁ ସେଠାରେ ଥିବା ଭାରତୀୟ ଦୂତାବାସ ପକ୍ଷରୁ ପରାମର୍ଶ ଦିଆଯାଇଛି। ସେହିପରି ଗୁଗଲ୍ ଫର୍ମରେ ତୁରନ୍ତ ନିଜ ପରିଚୟ, ରହିବା ସ୍ଥାନ ଆଦି ଅନ୍‌ଲାଇନରେ ପୂରଣ କରିବାକୁ ୟୁକ୍ରେନ୍‌ସ୍ଥିତ ଦୂତାବାସ କହିଛି।



ନୂଆଦିଲ୍ଲୀର ଇନ୍ଦିରାଗାନ୍ଧୀ ବିମାନବନ୍ଦରରେ ୟୁକ୍ରେନ୍‌ରୁ ଫେରିଥିବା ଜଣେ ଛାତ୍ରୀଙ୍କୁ ଧରି ତାଙ୍କ ମା' କାନ୍ଦୁଛନ୍ତି।

## 'ଗଙ୍ଗା' ଅପରେଟ୍ କରୁଛନ୍ତି ସୁପର ୩୦



ବୁଦାପେଷ୍ଟରେ ସୁପର ୩୦ ଟିମ୍‌ର ସଦସ୍ୟ।

**କ୍ୱିଭ୍,୬।୩**

ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଭିତରେ ସେଠାରେ ଫସି ରହିଥିବା ଭାରତୀୟ ଛାତ୍ରୀଛାତ୍ରମାନଙ୍କୁ ନିଜ ଦେଶକୁ ଫେରାଇ ଆଣିବା ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ। ଏହାର ସଫଳ ରୂପାୟନ ପାଇଁ ଭାରତ ସରକାର ବିଭିନ୍ନ ପନ୍ଥା ଆପଣାଉଥିବାବେଳେ ଉଦ୍ଧାର କାର୍ଯ୍ୟରେ ପ୍ରମୁଖ ଅସ୍ତ୍ର ପାଲଟିଛି ଅପରେଶନ ଗଙ୍ଗା ;ଯାହା ଜରିଆରେ ବହୁ ଭାରତୀୟଙ୍କ ସ୍ୱଦେଶ ଫେରିବା ସମ୍ଭବ ହୋଇଛି। ଅପରେଶନ ଗଙ୍ଗାକୁ ସଫଳ କରିବା ପାଇଁ ବୁଦାପେଷ୍ଟର ଏକ ହୋଟେଲ ପାଲଟିଛି କଣ୍ଟ୍ରୋଲ୍ ରୁମ୍। ଯେଉଁଥିରେ ଭାରତର ୩୦ ବିଦେଶ ସେବା ଅଫିସରଙ୍କୁ ନେଇ ଅପରେଶନ୍ ଗଙ୍ଗା ଅପରେଟ୍ ହେଉଛି। ଟେକ୍‌ନିକାଲ ଷ୍ଟାଫ୍‌ଙ୍କୁ ମିଶାଇ ୧୫୦ ଭଲାଣ୍ଟିୟର ସାମିଲ ଅଛନ୍ତି। ଫସିଥିବାଙ୍କ ଯାତାୟାତ, ରହଣି, ଖାଦ୍ୟ ଏବଂ ବିମାନ ଭଳି ୪ ଭାଗରେ ବିଭକ୍ତ କରାଯାଇଛି। ପ୍ରାରମ୍ଭିକ ସମୟରେ ବହୁତ କମ୍ ଲୋକ ଏହି ମିଶନରେ ଥିଲେ। କିନ୍ତୁ ଦିନ ବଢ଼ିବା ସହ ସଦସ୍ୟଙ୍କ ସଂଖ୍ୟା ବୃଦ୍ଧି ପାଇଥିବା ଅପରେଶନର ଡେପୁଟି ଚିଫ୍ ରାଜୀବ ବୋଦ୍‌ୱାଡେ କହିଛନ୍ତି। ହୋଟେଲ ରୁମ୍‌ରେ ଏକ କମାଣ୍ଡ ସେଣ୍ଟର ବ୍ୟବସ୍ଥା କରାଯାଇଛି। ଯେଉଁଠାରେ ବିଭିନ୍ନ ସୀମାରୁ ଆସୁଥିବା କମାଣ୍ଡ ଅନୁସାରେ କାର୍ଯ୍ୟ କରାଯାଉଛି। କେତେ ଜଣ ଭାରତୀୟ ସୀମା ପାର୍ କରିସାରିଛନ୍ତି ଏବଂ ଆଉ କେତେ ଜଣ ଯାଇପାରିବେ ତାହା ସୀମାରେ ଥିବା ଟିମ୍ ଆମକୁ କହିବା ପରେ ଆମେ ସେ ଅନୁସାରେ ଛାତ୍ରୀଛାତ୍ରଙ୍କୁ ଏଠାରୁ ଛାଡୁଛୁ।

**ଚାଇନା କୋଇଲା ଖଣି ଭୁଶୁଡ଼ି ୧୪ ମୃତ**

ଚାଇନାରେ ଭୁଶୁଡ଼ି ପଡ଼ିଥିବା କୋଇଲା ଖଣିରେ ୧୪ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଫେବୃୟାରୀ ୨୫ରେ ଗୁଇଝୋଉ ପ୍ରଦେଶର ସାନ୍‌ହେ ଶୁନଜୁନ୍ କୋଇଲା ଖଣି ଭୁଶୁଡ଼ି ପଡ଼ିବାରୁ ବହୁସଂଖ୍ୟାରେ ଶ୍ରମିକ ଏଥିରେ ଫସି ରହିଥିଲେ। ୧୦ ଦିନ ହେଲା ଚାଲିଥିବା ଉଦ୍ଧାର କାର୍ଯ୍ୟ ରବିବାର ଶେଷ ହୋଇଛି। ଇତିମଧ୍ୟରେ ୧୪ ମୃତଦେହ ମିଳିଛି। ଖଣିର ଛାତ ପ୍ରବେଶ ପଥଠାରୁ ୩ କିଲୋମିଟର ପର୍ଯ୍ୟନ୍ତ ଭୁଶୁଡ଼ି ପଡ଼ିଥିବାରୁ ଉଦ୍ଧାର କାର୍ଯ୍ୟ ଏକ ଚ୍ୟାଲେଞ୍ଜ ଥିଲା।



## ସଂକ୍ଷେପରେ

### କୋଭୋଭାକ୍ସ ବୁଷ୍ଟର ଡୋଜ୍‌ର ତୃତୀୟ ପର୍ଯ୍ୟାୟ ପରୀକ୍ଷାକୁ ମଞ୍ଜୁରୀ ଲାଗି ସୁପାରିସ

**ନୂଆଦିଲ୍ଲୀ,୬।୩(ପି.ଟି.):** ଭାରତର ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ପ୍ରସ୍ତୁତ କୋଭୋଭାକ୍ସ ଟିକାର ବୁଷ୍ଟର ଡୋଜ୍ ପାଇଁ ତୃତୀୟ ପର୍ଯ୍ୟାୟ ପରୀକ୍ଷାକୁ ଅନୁମତି ଦେବା ନିମନ୍ତେ ବିଶେଷଜ୍ଞ କମିଟି ଭାରତର ଔଷଧ ମହାନିୟନ୍ତ୍ରକ (ଡିସିଜିଆଇ)କୁ ସୁପାରିସ କରିଛି। ଗତ ଡିସେମ୍ବର ୨୮ରେ କୋଭୋଭାକ୍ସ ଟିକାକୁ ଜରୁରୀ ବ୍ୟବହାର ଲାଗି ଡିସିଜିଆଇ ଅନୁମୋଦନ କରିଥିଲାବେଳେ ଏହା ଏପର୍ଯ୍ୟନ୍ତ ଦେଶର ଟିକାକରଣ କାର୍ଯ୍ୟକ୍ରମରେ ସାମିଲ ହୋଇନାହିଁ। କେନ୍ଦ୍ରୀୟ ଔଷଧ ମାନ ନିୟନ୍ତ୍ରଣ ସଂଗଠନର କୋଭିଡ୍-୧୦ ସବ୍‌ଜେକ୍ଟ ଏକ୍ସପର୍ଟ କମିଟି ଶୁକ୍ରବାର ସ୍ପୁଟ୍‌ନିକ ଲାଇଟ୍ ବୁଷ୍ଟର ଡୋଜ୍‌କୁ ତୃତୀୟ ପର୍ଯ୍ୟାୟ ଅନୁମତି ପ୍ରଦାନ ଲାଗି ସୁପାରିସ କରିଥିଲା।

### ଆଇୟୁଏମ୍ଏଲ୍ ମୁଖ୍ୟ ପାନକ୍କଡ଼ ଥଙ୍ଗଲଙ୍କ ପରଲୋକ



**କୋଚି,୬।୩:** ଇଣ୍ଡିଆନ ୟୁନିଅନ୍ ମୁସ୍‌ଲିମ ଲିଗ୍ (ଆଇୟୁଏମ୍ଏଲ୍) ସଭାପତି ପାନକ୍କଡ଼ ସୟେଦ ହାଇଦରାଲି ଶିହାବ ଥଙ୍ଗଲଙ୍କ ୭୪ ବର୍ଷ ବୟସରେ ପରଲୋକ ଘଟିଛି। ବହୁ ରୋଗରେ ପୀଡ଼ିତ ଥିବା ପାନକ୍କଡ଼ କ୍ୟାନ୍‌ସର ସହ ଲଢ଼େଇ କରୁଥିଲେ। ରବିବାର ମଧ୍ୟାହ୍ନରେ କୋଚିସ୍ଥିତ ଏକ ଘରୋଇ ହସ୍ପିଟାଲରେ ତାଙ୍କର ପରଲୋକ ହୋଇଥିବା ତାଙ୍କ ସମ୍ପର୍କୀୟ କହିଛନ୍ତି। ଆଇୟୁଏମ୍ଏଲ୍‌ର ସଭାପତି ପଦ ଗ୍ରହଣ କରିବା ପୂର୍ବରୁ ସେ ମାଲାପୁରମ ଜିଲା ମୁସଲମାନ ଲିଗ୍‌ର ସଭାପତି ଦାୟିତ୍ୱରେ ପ୍ରାୟ ୧୮ ବର୍ଷ କାର୍ଯ୍ୟ କରିଥିଲେ। ପାନକ୍କଡ଼ଙ୍କ ପାର୍ଥିବଶରୀର ତାଙ୍କ ପୈତୃକ ଗ୍ରାମ ମଲାପୁରମକୁ ନିଆଯିବା ସହ ସୋମବାର ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ତାଙ୍କ ଆତ୍ମୀୟଙ୍କ ପକ୍ଷରୁ କୁହାଯାଇଛି।

# ଦୁର୍ନୀତି ସବୁ ସମସ୍ୟାର ମୂଳ

**ଲକ୍ଷ୍ନୌ,୬।୩(ଆଇଏଏନ୍ଏସ୍)**



### ଆଲ୍ଲାହାବାଦ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ

ଆଲ୍ଲାହାବାଦ ହାଇକୋର୍ଟର ଲକ୍ଷ୍ନୌ ବେଞ୍ଚ୍ ଜଣେ ସରକାରୀ ଡାକ୍ତରଙ୍କୁ ଆଗୁଆ ଜାମିନ ପ୍ରଦାନ କରିବାକୁ ମନା କରିଦେଇଛନ୍ତି। ପ୍ରତ୍ୟେକ ବ୍ୟବସ୍ଥାରେ ଦୁର୍ନୀତି ଉଇ ଭଳି, ଏହା ଥରେ ବ୍ୟବସ୍ଥା ମଧ୍ୟରେ ପ୍ରବେଶ କରିବା ପରେ ବଢ଼ିଚାଲେ ବୋଲି ଏହି ଅବସରରେ ଖଣ୍ଡପୀଠ ଟିପ୍ପଣୀ ଦେଇଛନ୍ତି। ଆଜିକାଲି ଏହା ଅନିୟନ୍ତ୍ରିତ ଓ ନିୟମିତ ହୋଇଗଲାଣି ବୋଲି ଜଷ୍ଟିସ କ୍ରିଷ୍ଣା ପହଲ କହିଛନ୍ତି। ଦାରିଦ୍ର୍ୟ, ବେରୋଜଗାରି, ନିରକ୍ଷରତା, ପ୍ରଦୂଷଣ, ବାହ୍ୟ ଧମକ, ଅବହେଳିତ, ଅସମାନତା, ସାମାଜିକ ଅଶାନ୍ତି ଆଦି ସବୁ ସମସ୍ୟାର ମୂଳ କାରଣ ଦୁର୍ନୀତି ବୋଲି ସେ ମତ ଦେଇଛନ୍ତି। ଦୁର୍ନୀତି ସମାଜ ବିରୋଧରେ ଅପରାଧ। ଅଦାଲତଙ୍କୁ ଅଭିଯୁକ୍ତଙ୍କ ମୌଳିକ ଅଧିକାର ଏବଂ ସମାଜର ନ୍ୟାୟସଙ୍ଗତ ଚିନ୍ତା ମଧ୍ୟରେ ସନ୍ତୁଳନ ରକ୍ଷା କରିବାକୁ ହେବ ବୋଲି ବିଚାରପତି କହିଛନ୍ତି।

ଲକ୍ଷ୍ନୌର ଚାରବାଗସ୍ଥିତ ଉତ୍ତରାଞ୍ଚଳ ରେଲୱେରେ ପୂର୍ବରୁ ବରିଷ୍ଠ ଡିଭିଜନାଲ ମେଡିକାଲ ଅଫିସର (ଡିଏମ୍ଓ) ଭାବେ କାର୍ଯ୍ୟ କରୁଥିବା ଡ. ସୁନୀତା ଗୁପ୍ତାଙ୍କ ତରଫରୁ ତାଙ୍କ ସ୍ୱାମୀ ଡ. ରାଜୀବ ଗୁପ୍ତା ଆଗୁଆ ଜାମିନ ଆବେଦନ କରିଥିଲେ। ସୁନୀତା ରେଡିଓଲୋଜି ବିଭାଗରେ କାର୍ଯ୍ୟ କରୁଥିଲେ। ଡ. ରାଜୀବ କିଙ୍ଗ୍ ଜର୍ଜସ୍ ମେଡିକାଲ ୟୁନିଭର୍ସିଟିରେ ଅନ୍‌କୋଲୋଜିଷ୍ଟ ଭାବେ କାର୍ଯ୍ୟ କରନ୍ତି। ସିବିଆଇ ସେମାନଙ୍କ ବିରୋଧରେ ଆଇପିସି ଏବଂ ଦୁର୍ନୀତି ନିବାରଣ ଆଇନର ବିଭିନ୍ନ ଧାରାରେ ମାମଲା ରୁଜୁ କରିଥିଲା। ସୁନୀତାଙ୍କର ୧.୮୦ କୋଟି ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଥିବା ଅଭିଯୋଗ ହୋଇଥିବାବେଳେ ତାଙ୍କ ଲକ୍ଷ୍ନୌ ଘରୁ ୨୦୧୬ ଜୁଲାଇ ୧୨ରେ ସିବିଆଇ ୧.୫୯ କୋଟି ଟଙ୍କା ଜବତ କରିଥିଲା। ବେଆଇନ ସମ୍ପତ୍ତି ଠୁଳରେ ସୁନୀତାଙ୍କୁ ତାଙ୍କ ସ୍ୱାମୀ ସହଯୋଗ କରିଥିବା ସିବିଆଇ ପକ୍ଷରୁ ଅଦାଲତଙ୍କୁ କୁହାଯାଇଥିଲା। ସିବିଆଇ ଓକିଲ ଅନୁରାଗ କୁମାର ସିଂ ଡାକ୍ତରଙ୍କ ଆଗୁଆ ଜାମିନକୁ ବିରୋଧ କରିଥିଲେ। ମେଡିକାଲ ଶିକ୍ଷା ସମାପ୍ତି ପରେ ଡାକ୍ତରମାନେ ସମାବର୍ତ୍ତନ ଉତ୍ସବରେ ନେଉଥିବା ଶପଥ ସମ୍ପର୍କରେ କୋର୍ଟ ଅବତାରଣା କରିଥିଲେ। ଏହା କେବଳ ଔପଚାରିକତା ନୁହେଁ। ଏହାକୁ ନିଷ୍ଠାର ସହ ପାଳନ କରିବାକୁ ହୋଇଥାଏ ବୋଲି ଅଦାଲତ କହିଥିଲେ।

# ଆଜି ଅନ୍ତର୍ଜାତୀୟ ନିର୍ବାଚନ ପରିଦର୍ଶକଙ୍କ ଭର୍ଚୁଆଲ ସମ୍ମିଳନୀ

**ନୂଆଦିଲ୍ଲୀ,୬।୩(ଆଇଏଏନ୍ଏସ୍)**

ଭାରତର ନିର୍ବାଚନ କମିଶନ (ଇସି) ସୋମବାର ବିଦେଶୀ ନିର୍ବାଚନ ପରିଚାଳନା ସଂସ୍ଥା ଓ ସଂଗଠନଗୁଡ଼ିକର ଏକ ଭର୍ଚୁଆଲ ସମ୍ମିଳନୀ ଆୟୋଜନ କରୁଛନ୍ତି। ଅନ୍ତର୍ଜାତୀୟ ନିର୍ବାଚନ ପରିଦର୍ଶକ କାର୍ଯ୍ୟକ୍ରମ (ଆଇଇଭିପି), ୨୦୨୨ରେ ୨୬ରୁ ଊର୍ଦ୍ଧ୍ୱ ଦେଶରୁ ୧୩୫ରୁ ଅଧିକ ପ୍ରତିନିଧି ଯୋଗଦେବେ। ସେହି ଦେଶଗୁଡ଼ିକ ମଧ୍ୟରେ ଅଛନ୍ତି ଅଷ୍ଟ୍ରେଲିଆ, ଭୁଟାନ, କ୍ରୋଏସିଆ, ଇଥିଓପିଆ, ଜର୍ଜିଆ ପ୍ରମୁଖ। ଏହା ବ୍ୟତୀତ ୪ ଅନ୍ତର୍ଜାତୀୟ ସଂଗଠନ ମଧ୍ୟ ସମ୍ମିଳନୀରେ ଯୋଗଦେବେ। କୋଭିଡ୍ କଟକଣା ମଧ୍ୟରେ ନିର୍ବାଚନ ପ୍ରକ୍ରିୟାର ପରିଚାଳନା ଉପରେ ଅଭିଜ୍ଞତା ସମ୍ପର୍କରେ ଇସି ଭିଜିଟରମାନଙ୍କୁ ଜଣାଇବେ। ଏଥିସହିତ ନିର୍ବାଚନ ଅନୁଷ୍ଠିତ ହୋଇଥିବା ୫ ରାଜ୍ୟରୁ ଗୋଟିଏ ଲେଖାଏ ବୁଥ୍‌ର ଭୋଟିଂ ରେକର୍ଡିଂକୁ ପ୍ରଦର୍ଶନ କରାଯିବ। ସୋମବାର ଉତ୍ତରପ୍ରଦେଶରେ ସପ୍ତମ ପର୍ଯ୍ୟାୟ ଭୋଟ ଥିବାରୁ ବାରାଣସୀର ଏକ ବୁଥ୍‌ରୁ ମତଦାନର ସିଧା ପ୍ରସାରଣ ସେଠାରେ ପ୍ରଦର୍ଶିତ ହେବ।

# ‘କଶ୍ମୀରୱାଲା’ ମୁଖ୍ୟ ସମ୍ପାଦକ ପୁଣି ଗିରଫ

**ଶ୍ରୀନଗର,୬।୩**

ଶୋପିଆନ୍ କୋର୍ଟରୁ ଜାମିନ ପାଇବାର କିଛି ଘଣ୍ଟା ପରେ ଜମ୍ମୁ-କଶ୍ମୀରର ଏକ ଅନ୍‌ଲାଇନ ନ୍ୟୁଜ୍ ମାଗାଜିନ୍‌ର ମୁଖ୍ୟ ସମ୍ପାଦକ ଫହାଦ ଖାନ୍‌ଙ୍କୁ ପୁଣିଥରେ ଗିରଫ କରାଯାଇଛି। ମାସକ ମଧ୍ୟରେ ଏହା ତାଙ୍କର ତୃତୀୟ ଗିରଫଦାରି। ୨୦୨୦ ମେ’ରେ ଶ୍ରୀନଗରରେ ହୋଇଥିବା ଏକ ଏନ୍‌କାଉଣ୍ଟର ସମ୍ବନ୍ଧୀୟ ଲେଖା ଫହାଦ ତାଙ୍କ ମାଗାଜିନ୍ ‘ଦି କଶ୍ମୀରୱାଲା’ରେ ଛାପିଥିବାରୁ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ଏହି ମାମଲାରେ ଶ୍ରୀନଗର ପୋଲିସ ତାଙ୍କୁ ଗିରଫ କରିଛି। ଏହା ପୂର୍ବରୁ ଫେବୃୟାରୀ ୪ରେ ପୁଲୱାମା ପୋଲିସ ତାଙ୍କୁ ଗିରଫ କରିଥିଲା। ୨୨ ଦିନ ଜେଲରେ ରହିବା ପରେ ଏନ୍ଆଇଏ ସ୍ୱତନ୍ତ୍ର ଅଦାଲତ ତାଙ୍କୁ ଜାମିନ ପ୍ରଦାନ କରିଥିଲେ। ଫେବୃୟାରୀ ୨୬ରେ ପୁଣିଥରେ ତାଙ୍କୁ ଶୋପିଆନ୍ ପୋଲିସ ଗିରଫ କରିଥିଲା ଓ ଗତ ଶନିବାର ସେ ଜାମିନରେ ବାହାରିଥିଲେ। ୩ଟିଯାକ ମାମଲାରେ ତାଙ୍କ ବିରୋଧରେ ମିଥ୍ୟା ଖବର ପ୍ରସାର କରି ଜନସାଧାରଣଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି କରିବା ସହ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରୁଥିବା ଅଭିଯୋଗ ହୋଇଛି।



ଫହାଦ ଶାହା

# ପୁଣେ ମେଟ୍ରୋ ପ୍ରୋଜେକ୍ଟ ଲୋକାର୍ପିତ

**ପୁଣେ,୬।୩**



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ପୁଣେ ମେଟ୍ରୋ ରେଳ ପ୍ରକଳ୍ପର ଲୋକାର୍ପଣ କରିଛନ୍ତି। ଉକ୍ତ ପ୍ରୋଜେକ୍ଟ ଅଧୀନରେ ୩୨.୨ କି.ମି ଲମ୍ବ ମେଟ୍ରୋ ଲାଇନ ତିଆରି ହେବାକୁ ଥିବାବେଳେ ପ୍ରଧାନମନ୍ତ୍ରୀ ୧୨ କି.ମି ଲମ୍ବ ଲାଇନ୍‌ର ଉଦ୍‌ଘାଟନ କରିଛନ୍ତି। ଏହି ରେଳ ଲାଇନ୍ ଗୋରୱାର କଲେଜରୁ ଭଣାଜ ଅଭିମୁଖେ ୫ କି.ମି ଏବଂ ପିମ୍ପରି ମ୍ୟୁନିସିପାଲିଟି କର୍ପୋରେଶନ୍‌ରୁ ଫୁଗେୱାଡି ପର୍ଯ୍ୟନ୍ତ ପ୍ରାୟ ୭ କି.ମି ଦୂର ଯାତ୍ରା କରିବ। ଏଥିରେ ୧୧,୪୦୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ୨୦୧୬ ଡିସେମ୍ବର ୨୪ରେ ମୋଦି ଏହି ପ୍ରୋଜେକ୍ଟର ଶିଳାନ୍ୟାସ କରିଥିଲେ। ଉଦ୍‌ଘାଟନ ପରେ ପ୍ରଧାନମନ୍ତ୍ରୀ ଗାରୱେର ଷ୍ଟେଶନରୁ ୫ କି.ମି ମେଟ୍ରୋରେ ବସି ଯାତ୍ରା କରିଥିଲେ। ଏଥିପାଇଁ ସେ ନିଜେ ଧାଡ଼ିରେ ଛିଡ଼ାହୋଇ କିଓସ୍କରୁ ଟିକଟ କିଣିଥିଲେ। ମେଟ୍ରୋରେ ୧୦ ମିନିଟର ଯାତ୍ରାରେ ମୋଦି କିଛି ଦିବ୍ୟାଙ୍ଗ ସ୍କୁଲ ଛାତ୍ରୀଛାତ୍ରଙ୍କ ସହିତ କଥା ହୋଇଥିଲେ। କାର୍ଯ୍ୟକ୍ରମରେ ମହାରାଷ୍ଟ୍ର ରାଜ୍ୟପାଳ ଭଗତ ସିଂ କୋଶିୟାରୀ ଏବଂ ରାଜ୍ୟ ମନ୍ତ୍ରୀ ତଥା ଶିବସେନାର ବରିଷ୍ଠ ନେତା ସୁବାସ ଦେଶାଇ ଯୋଗ ଦେଇଥିଲେ।

# ଯୁବକଙ୍କୁ ପିଟି ହତ୍ୟା

**ଲଖିମପୁର ଖେରି,୬।୩(ଆଇଏଏନ୍ଏସ୍)**

ଉତ୍ତରପ୍ରଦେଶର ଲଖିମପୁର ଖେରି ଜିଲାରେ ଏକ ବିବାହ ଉତ୍ସବରେ ଡିଜେ ଗୀତ ବାଜିବାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ଲୋକେ ଜଣେ ୨୩ ବର୍ଷୀୟ ଯୁବକଙ୍କୁ ପିଟି ମାରିଦେଇଛନ୍ତି। ହତ୍ୟାକାଣ୍ଡରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରାଯାଇଛି।

ଖବର ଅନୁଯାୟୀ, ଶୁକ୍ରବାର ରାତିରେ ଖମାରିୟା ଗ୍ରାମରେ ଜଣେ କୃଷକଙ୍କ ଝିଅ ବାହାଘର ଉତ୍ସବରେ ଏକ ନିର୍ଦ୍ଦିଷ୍ଟ ଗୀତ ଡିଜେରେ ବଜାଇବାକୁ ନେଇ ବଚସା ହୋଇଥିଲା। ବୀରୁ ଲାଲ୍ ନାମକ ଯୁବକ ବିବାଦର ସମାଧାନ କରିବାକୁ ଉଦ୍ୟମ କରୁଥିବାବେଳେ ଅନ୍ୟମାନଙ୍କ ମାଡ଼ରେ ସେ ସଂଜ୍ଞାହୀନ ହୋଇପଡ଼ିଥିଲେଓ ହସ୍ପିଟାଲରେ ମୃତ୍ୟୁ ହୋଇଥିଲା।

# ପଶ୍ଚିମବଙ୍ଗର ୭ ଜିଲାରେ ଇଣ୍ଟରନେଟ ଠପ୍

**କୋଲକାତା,୬।୩**

ବେଆଇନ କାରବାର ରୋକିବା ପାଇଁ ପଶ୍ଚିମବଙ୍ଗ ସରକାର ଅଭିନବ ଉପାୟ ଆପଣାଇଛନ୍ତି। ରାଜ୍ୟର ୭ ଜିଲାରେ ଇଣ୍ଟରନେଟ୍ ଜରିଆରେ ବେଆଇନ୍ କାରବାର କରାଯାଉଥିବା ଗୋଇନ୍ଦା ସୂଚନା ମିଳିବା ପରେ ସରକାର ଉକ୍ତ ଜିଲାଗୁଡ଼ିକରେ ୮ ଦିନ ପାଇଁ ଇଣ୍ଟରନେଟ ସେବା ବନ୍ଦ କରିବାର ନିଷ୍ପତ୍ତି ନେଇଛନ୍ତି। ମାଲଦା, ମୁର୍ଶିଦାବାଦ, ଉତ୍ତର ଦିନାଜପୁର, କୁଚ୍‌ବିହାର, ବୀରଭୂମ ଏବଂ ଦାରଜଲିଂର କିଛି ବ୍ଲକ୍‌ରେ ଇଣ୍ଟରନେଟ ସେବା ବ୍ୟାହତ ରହିବ। ୭ ତାରିଖରୁ ୯ ପର୍ଯ୍ୟନ୍ତ ସେବା ବନ୍ଦ କରିବାକୁ ଥିବାବେଳେ ୧୧, ୧୨ , ୧୫ ଏବଂ ୧୬ ତାରିଖ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ୧୫ ପର୍ଯ୍ୟନ୍ତ ୮ ଦିନ ଇଣ୍ଟରନେଟ୍ ସେବା ବନ୍ଦ ରହିବ।

## ରାଜ୍ୟ ଖବର

# ଆଜିଠାରୁ ୭ ଜିଲାରେ ଦ୍ୱିତୀୟ ପର୍ଯ୍ୟାୟ ଏମ୍‌ଡିଏ

**ଭୁବନେଶ୍ୱର, ୬।୩(ବ୍ୟୁରୋ)**

### ୨୦୩୦ ସୁଦ୍ଧା ଫାଇଲେରିଆ ନିରାକରଣ ପାଇଁ ପ୍ରତିବଦ୍ଧତା

ଲିମ୍ଫାଟିକ ଫାଇଲେରିଆସିସ୍ (ଏଲ୍ଏଫ୍) ନିରାକରଣ ନିମନ୍ତେ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ୭ଟି ସୀମାନ୍ତ ଜିଲାରେ ସାମୂହିକ ଔଷଧ ସେବନ(ଏମ୍‌ଡିଏ) କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହେବ। ଏହା ୭ ତାରିଖରୁ ଆରମ୍ଭ ହୋଇ ୧୬ ପର୍ଯ୍ୟନ୍ତ ଚାଲିବ। ଏସବୁ ଜିଲା ହେଲା ବରଗଡ଼, କେନ୍ଦୁଝର, କନ୍ଧମାଳ, ମୟୂରଭଞ୍ଜ, ସୋନପୁର, ସୁନ୍ଦରଗଡ଼ ଓ ସମ୍ବଲପୁର। ଏହି ପରିପ୍ରେକ୍ଷୀରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗ୍ଲୋବାଲ୍ ହେଲ୍‌ଥ ଷ୍ଟ୍ରାଟେଜି ସହଯୋଗରେ ସମ୍ବଲପୁର ଜିଲାରେ ଏକ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

ଏ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଡା. ଅଜିତ କୁମାର ମହାନ୍ତି କହିଛନ୍ତି, ଏମ୍‌ଡିଏ କାର୍ଯ୍ୟକ୍ରମରେ ସମସ୍ତ କୋଭିଡ୍ ସତର୍କତାମୂଳକ ପଦକ୍ଷେପକୁ ପାଳନ କରାଯିବ। ଏହା ମଧ୍ୟ ସୁନିଶ୍ଚିତ କରାଯିବ ଯେ ସୀମାନ୍ତ ଜିଲାଗୁଡ଼ିକର ସମସ୍ତ ଯୋଗ୍ୟ ହିତାଧିକାରୀ ଯେଭଳି ସ୍ୱାସ୍ଥ୍ୟକର୍ମୀଙ୍କ ଉପସ୍ଥିତିରେ ଫାଇଲେରିଆ ନିରୋଧୀ ଔଷଧ ନିଶ୍ଚିତ ଭାବରେ ସେବନ କରିବେ। କେବଳ ୨ବର୍ଷରୁ କମ୍ ବୟସର ଶିଶୁ, ଗର୍ଭବତୀ ଏବଂ ଗୁରୁତର ଅସୁସ୍ଥ ଲୋକଙ୍କୁ ବାଦ୍ ଦିଆଯିବ। ବିଭାଗର ଭେକ୍ଟର ବାହିତ ରୋଗ ରାଜ୍ୟ କାର୍ଯ୍ୟକ୍ରମ ଅଧିକାରୀ ଡା. ଶୁଭାଶିଷ ମହାନ୍ତି କହିଛନ୍ତି, ୨୦୩୦ ସୁଦ୍ଧା ଫାଇଲେରିଆ ନିରାକରଣ କରିବାକୁ ଭାରତର ପ୍ରତିବଦ୍ଧତାକୁ ଗୁରୁତ୍ୱ ଦେଇ ଏଭଳି ଗୁରୁତ୍ୱପୂର୍ଣ୍ଣ ଜନସ୍ୱାସ୍ଥ୍ୟ ପ୍ରୟାସଗୁଡ଼ିକ ଜାରି ରହିଛି। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି, ଫାଇଲେରିଆ ଏକ ଗୁରୁତର ଜନସ୍ୱାସ୍ଥ୍ୟ ସମସ୍ୟା, ଯାହା ମଶା କାମୁଡ଼ିବା ଦ୍ୱାରା ବ୍ୟାପୁଛି। ବିଶ୍ୱବ୍ୟାପୀ ଦୀର୍ଘସୂତ୍ରୀ ଅକ୍ଷମତା ସୃଷ୍ଟିରେ ଫାଇଲେରିଆ ଅନ୍ୟତମ ମୁଖ୍ୟ କାରଣ ହୋଇଛି। ସାଧାରଣତଃ ପିଲାଦିନେ ଆକ୍ରାନ୍ତ କରୁଥିବା ଏହି ସଂକ୍ରମଣ ଶରୀରର ଲିମ୍ଫାଟିକ ବ୍ୟବସ୍ଥାକୁ ନଷ୍ଟ କରିଦେଉଛି। ଯଦି ଏହାର ଚିକିତ୍ସା କରା ନ ଯାଏ, ତେବେ ଶରୀରର ବିଭିନ୍ନ ଅଂଶରେ ଅସ୍ୱାଭାବିକ ଫୁଲା ସୃଷ୍ଟି କରିଥାଏ। ତେବେ ଫାଇଲେରିଆ ନିରୋଧୀ ଔଷଧ ସେବନ ପରେ କ୍ୱଚିତ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦେଇଥାଏ। ଏଥିପ୍ରତି ଦୃଷ୍ଟିଦେବାକୁ କ୍ଷେତ୍ରସ୍ତରରେ ଆର୍ଆର୍‌ଟିମାନେ ଉପସ୍ଥିତ ଥିବା ଡା. ମିଶ୍ର ସୂଚନା ଦେଇଛନ୍ତି।

# ମହିଳାଙ୍କୁ ତହସିଲଦାରଙ୍କ ଦୁର୍ବ୍ୟବହାର ଅଭିଯୋଗ

### ସୋସିଆଲ ମିଡିଆରେ ଭିଡିଓ ଭାଇରାଲ

**ଡେଲାଙ୍ଗ,୬।୩(ଡି.ଏନ୍.ଏ.)**

ପୁରୀ ଜିଲା ଡେଲାଙ୍ଗ ତହସିଲଦାର ନିବେଦିତା ପରିଡ଼ା ଜଣେ ମହିଳାଙ୍କୁ ଦୁର୍ବ୍ୟବହାର କରିଥିବା ନେଇ ସୋସିଆଲ ମିଡିଆରେ ଭିଡିଓ ଭାଇରାଲ ହୋଇଛି। ସୂଚନା ମୁତାବକ, ଦୁଇ ବର୍ଷ ପୂର୍ବେ ସମ୍ପୃକ୍ତ ମହିଳା ଜଣକ ତାଙ୍କର ଅଢ଼େଇ ଏକର ଜମି ଜଳମଗ୍ନ ହୋଇ ଧାନ ଫସଲ ନଷ୍ଟ ହେଉଛି ବୋଲି ପୂର୍ବତନ ତହସିଲଦାର ରାଜେନ୍ଦ୍ର ଆଚାରିଆଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଜଣାଇଥିଲେ। ଜଳ ନିଷ୍କାସନ ପଥକୁ କେତେଜଣ ଲୋକ ପୋଖରୀ ଆଡ଼ିବନ୍ଧ କରିବା ଦ୍ୱାରା ଜଳ ନିଷ୍କାସନରେ ବ୍ୟାଘାତ ହେଉଛି ବୋଲି ସେ ଅଭିଯୋଗ କରିଥିଲେ। ତହସିଲଦାର ତଦନ୍ତ କରିବା ପରେ ୨ପଞ୍ଚାୟତର ସାମିଲ ମୌଜା ହୋଇଥିବାରୁ ସମାଧାନ ହୋଇପାରିନଥିଲା। ଏନେଇ ମହିଳା ଜଣକ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଆସନ୍ତା ୧୦ତାରିଖରେ ଜିଲାପାଳ ଶୁଣାଣି କରିବେ ବୋଲି ମହିଳା ଜଣକ ଜାଣିବା ପରେ ନୂତନ ତହସିଲଦାର ପରିଡାଙ୍କୁ ଭେଟିବା ପାଇଁ ଯାଇଥିଲେ। ଏହି ସମୟରେ ତହସିଲଦାର ପରିଡା ଏକ କେସ୍‌ର ବିଚାର କରୁଥିବା ବେଳେ ମହିଳା ଜଣକ ଧସେଇ ପଶିବା ସହ ମୋର ରିପୋର୍ଟ କ’ଣ ପଠାଇଲ ବୋଲି କହିଥିଲେ। ମହିଳା ଜଣକ ବାରମ୍ବାର କହିବାରୁ ତହସିଲଦାର ପରିଡ଼ା ବିରକ୍ତି ପ୍ରକାଶ କରି ବାହାରକୁ ଯିବାକୁ କହୁଥିବା ଭିଡିଓରେ ଶୁଣିବାକୁ ମିଳୁଛି। ଅନ୍ୟପକ୍ଷରେ ସମ୍ପୃକ୍ତ ମହିଳାଙ୍କ ବିରୋଧରେ ତହସିଲଦାର ପରିଡ଼ା ପାଲଟା ଅଭିଯୋଗ ଆଣିଛନ୍ତି। ମହିଳା ଜଣକ ପୂର୍ବରୁ ଅନେକ ଥର ଅଫିସକୁ ଆସି ଗାଳିଗୁଲଜ କରିଥିବା ସେ କହିଛନ୍ତି।

# ମହାପ୍ରଭୁଙ୍କ ବେଣ୍ଟନୀତି ସମ୍ପନ୍ନ

**ପୁରୀ ଅଫିସ, ୬।୩**

ଫାଲ୍‌ଗୁନ ଶୁକ୍ଳ ଚତୁର୍ଥୀ ତିଥିରେ ରବିବାର ଶ୍ରୀଜଗନ୍ନାଥବଲ୍ଲଭ ପରିସରସ୍ଥ ବେଣ୍ଟ ପୋଖରୀରେ ମହାପ୍ରଭୁଙ୍କ ବେଣ୍ଟ (ଶିକାର) ନୀତି ସମ୍ପନ୍ନ ହୋଇଛି। ଶ୍ରୀବିଗ୍ରହମାନଙ୍କର ମଙ୍ଗଳ ଆଳତି ସରିବା ପରେ ମହାଜନ ସେବକମାନେ ଦକ୍ଷିଣୀଘରୁ ଶ୍ରୀରାମଚନ୍ଦ୍ରଙ୍କ ବିଗ୍ରହକୁ ରତ୍ନସିଂହାସନ ପାଖକୁ ନେଇଥିଲେ। ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ଆଣି ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କୁ ପ୍ରଦାନ କରିଥିଲେ। ପରେ ମହାଜନ ସେବକମାନେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କୁ ବିମାନରେ ବିଜେ କରାଇଥିଲେ। ବିମାନବଡୁ ସେବକମାନେ ବିମାନରେ ଠାକୁରଙ୍କୁ ନେଇ ଶ୍ରୀଜଗନ୍ନାଥବଲ୍ଲଭ ମଠକୁ ବିଜେ କରାଇଥିଲେ। ମହାଜନ ସେବକ ସେଠାରେ ଠାକୁରଙ୍କୁ ଖଟ ଉପରେ ବିଜେ କରାଇଥିଲେ। ବନ୍ଦାପନା ସମ୍ପନ୍ନ ପରେ ପ୍ରଭୁ ଶ୍ରୀରାମଚନ୍ଦ୍ର ମହାଜନଙ୍କ ହସ୍ତରେ ବେଣ୍ଟ ନୀତି ଲାଗି ମଠ ପରିସରରେ ଥିବା ବେଣ୍ଟ ପୋଖରୀକୁ ବିଜେ ହୋଇଥିଲେ। ଶରଗୁଡ଼ିକୁ ମହାପ୍ରଭୁଙ୍କ ଶ୍ରୀହସ୍ତରେ ଲଗାଇ ପୂଜାପଣ୍ଡା ସାମନ୍ତ ଅଭିମନ୍ତ୍ରିତ କରି ଲେଙ୍କା ସେବକ ବା ଦଳ ବେହେରାଙ୍କୁ ଦେଇଥିଲେ। ଲେଙ୍କା ସେବକ ପଇଡ଼ଗୁଡ଼ିକୁ ମୃଗ ଭାବେ ବିବେଚନା କରି ଶରବିଦ୍ଧ କରିଥିଲେ। ନୀତି ନିମନ୍ତେ ସେଠାରେ ୬ଟି ପଇଡ଼ ରଖାଯାଇଥିଲା। ତନ୍ମଧ୍ୟରୁ ଲେଙ୍କା ୫ଟିରେ ତୀର ମାରିଥିଲେ। ଗୋଟିଏ ଅକ୍ଷତ ଅବସ୍ଥାରେ ସାଙ୍ଗରେ ନେଇଆସିଥିଲେ। ଏହାପରେ ଅବକାଶ, ମଇଲମ, ସ୍ନାନ, ଶୀତଳ ଭୋଗ, କର୍ପୂର ଆଳତି, ବନ୍ଦାପନା ଆଦି ନୀତି କରାଯାଇଥିଲା। ପରେ ଠାକୁର ବିମାନରେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ।

# ଡ୍ରେସ୍ ଦୋକାନରେ ଅଗ୍ନିକାଣ୍ଡ

**ବୁଗୁଡ଼ା,୬।୩(ଡି.ଏନ.ଏ.)**

ବୁଗୁଡ଼ା ମୁଖ୍ୟ ସଡ଼କସ୍ଥିତ ୟୁ.ଦେବରାଜ ପାତ୍ରଙ୍କ ଡେସ୍ ଦୋକାନ ଶନିବାର ରାତିରେ ଜଳିଯାଇଛି। ରାତିରେ ଶର୍ଟ ସର୍କିଟ୍ ଯୋଗୁ ଅଗ୍ନିକାଣ୍ଡ ଘଟିଥିଲା ଏବଂ ଦୋକାନର ପଛ ଭାଗରେ ରହୁଥିବା ବ୍ୟବସାୟୀଙ୍କ ପରିବାର ଏହା ଜାଣିପାରିବା ପରେ ବୁଗୁଡ଼ା ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା। ନିଆଁର ଭୟାବହତାକୁ ଦେଖି ଜଗନ୍ନାଥପ୍ରସାଦର ଦମକଳ ବାହିନୀକୁ ଡାକିବାକୁ ପଡିଥିଲା। ସ୍ଥାନୀୟ ପୋଲିସ ବନ୍ଧ ଓ ବାଲିପିଣ୍ଡି ବନ୍ଧରୁ ପାଇପ୍ ଯୋଗେ ପାଣି ଅଣାଯାଇ ଦୁଇଟିଯାକ ଅଗ୍ନିଶମ ବାହିନୀର ମିଳିତ ଉଦ୍ୟମରେ ଦୀର୍ଘ ୫ ଘଣ୍ଟା ପରେ ଭୋର୍‌ରେ ନିଆଁକୁ ଆୟତ୍ତ କରାଯାଇଥିଲା। ଉକ୍ତ ଅଗ୍ନିକାଣ୍ଡରେ ଗଚ୍ଛିତ ଥିବା ପ୍ରାୟ ୨୫ ଲକ୍ଷ ଟଙ୍କାର ପରିଧାନ ସାମଗ୍ରୀ ସାଙ୍ଗକୁ ଦୋକାନର ଆନୁଷଙ୍ଗିକ ଜିନିଷ ଏବଂ ବାସଗୃହର ମୂଲ୍ୟବାନ ଉପକରଣ ଆଦି ଜଳିଯାଇଛି।

# ଓଡ଼ିଆ ପିଲାଙ୍କୁ ଉଦ୍ଧାର ଦାୟିତ୍ୱରେ ପୁରୀର ବୈଶାଳୀ

**ପୁରୀ ଅଫିସ,୬।୩**

### ରୁଷ୍-ୟୁକ୍ରେନ୍ ଯୁଦ୍ଧ ପରିସ୍ଥିତି



ବୈଶାଳୀ ମହାନ୍ତି

ସମ୍ପ୍ରତି ରୁଷ୍ ଓ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧ ଲାଗିରହିଛି। ଏଭଳି ପରିସ୍ଥିତି ମଧ୍ୟରେ ୟୁକ୍ରେନ୍ ସମେତ ଏହାର ପଡ଼ୋଶୀ ଦେଶ ହଙ୍ଗେରୀ, ପୋଲାଣ୍ଡ, ରୋମାନିଆ ଓ ସ୍ଲୋଭାକିଆରେ ଓଡ଼ିଶାର ବହୁ ଛାତ୍ରୀଛାତ୍ର ଫସିରହିଛନ୍ତି। ସେମାନେ ସେଠାରେ ଭୟଭୀତ ଅବସ୍ଥାରେ ଦୟନୀୟ ଭାବେ ଜୀବନ ବିତାଉଛନ୍ତି। ସେମାନଙ୍କୁ ଓଡ଼ିଶା ଫେରାଇ ଆଣିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଏହି ଟିମ୍‌ରେ ପୁରୀ ସହରର ଝିଅ ତଥା ଜାତିସଂଘର ନୀତି ଅଧିକାରୀ (ପଲିସି ଅଫିସର) ବୈଶାଳୀ ମହାନ୍ତି ରହିଛନ୍ତି। ରାଜ୍ୟ ସରକାର ତାଙ୍କୁ ରୋମାନିଆରେ ସ୍ୱତନ୍ତ୍ର ଦୂତ ଭାବେ ନିଯୁକ୍ତ କରିଛନ୍ତି। ସେ ସେଠାରୁ ଓଡ଼ିଶାର ପିଲାଙ୍କୁ ଫେରାଇ ଆଣିବା ଲାଗି ସମ୍ପୃକ୍ତ ସରକାରଙ୍କ ସହ ଯୋଗାଯୋଗ କରି ପଦକ୍ଷେପ ନେବେ। ଏ ନେଇ ଗତ ୩ ତାରିଖରେ ରାଜ୍ୟ ଗୃହ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇ ସୂଚନା ଦିଆଯାଇଛି।

ଇତିମଧ୍ୟରେ ବୈଶାଳୀଙ୍କ ଉଦ୍ୟମ କ୍ରମେ ଓଡ଼ିଶାକୁ ଶତାଧିକ ଛାତ୍ରୀଛାତ୍ର ଫେରିଆସିଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ବୈଶାଳୀ ହେଉଛନ୍ତି ପୁରୀ ବାସିନ୍ଦା ଇଂ. ରାଧା ବିନୋଦ ମହାନ୍ତି ଏବଂ ଜାତୀୟ ମହିଳା କମିଶନର ପୂର୍ବତନ ସଦସ୍ୟା ମାନସୀ ପ୍ରଧାନଙ୍କ ଝିଅ। ବୈଶାଳୀ ପୁରୀ ବ୍ଲେସ୍ ସାକ୍ରାମେଣ୍ଟ ସ୍କୁଲରେ ପଢା ଶେଷ କରିଥିଲେ। ପରେ କିଟ୍ ଇଣ୍ଟର ନ୍ୟାଶନାଲ୍ ସ୍କୁଲ୍‌ରେ ପଢିଥିଲେ। ଏହାପରେ ନୂଆଦିଲ୍ଲୀସ୍ଥିତ ଲେଡି ଶ୍ରୀରାମ କଲେଜ୍‌ରୁ ଗ୍ରାଜୁଏସନ୍ ଓ ବ୍ରିଟେନ୍‌ର ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରୁ ଉଚ୍ଚଶିକ୍ଷା ସମାପ୍ତ କରିଥିଲେ। ଅକ୍ସଫୋର୍ଡରେ ପଢ଼ିବା ବେଳେ ୨୦୧୬ରେ ସେ ପ୍ରଥମ ଦକ୍ଷିଣ ଏସିଆ ନାଗରିକ ଭାବେ ହାଇପ୍ରୋଫାଇଲ୍ ଆଚିଭ୍‌ମେଣ୍ଟ ଆୱାର୍ଡ ପାଇଥିଲେ। ୨୦୧୭ରେ ସେ ଜାତିସଂଘର ଅନ୍ତର୍ଜାତୀୟ ପ୍ରଶାସନିକ ସେବା ପାଇଁ ମନୋନୀତ ହୋଇଥିଲେ। ସମ୍ପ୍ରତି ସେ ଜାତିସଂଘର ରୋମ୍‌ସ୍ଥିତ ୟୁରୋପୀୟାନ ମୁଖ୍ୟାଳୟରେ ନୀତି ଅଧିକାରୀ ଭାବେ ଅବସ୍ଥାପିତ ଅଛନ୍ତି। ତାଙ୍କର ଅଭିଜ୍ଞତା ଯୋଗୁ ଆନ୍ତର୍ଜାତିକ ସ୍ତରରେ ଯୋଗାଯୋଗ ଓ କୂଟନୈତିକ ସମ୍ପର୍କ ସ୍ଥାପନରେ ସେ ସଫଳ ହେବେ ବୋଲି ରାଜ୍ୟ ସରକାର ଆଶା ପ୍ରକାଶ କରିଛନ୍ତି।

# ମହାନଦୀରେ ଫସିଗଲେ ୨ ହାତୀ



ମହାନଦୀରେ ଫସି ରହିଥିବା ଦୁଇ ହାତୀ।

**ଖୁଣ୍ଟୁଣୀ,୬।୩(ଡି.ଏନ.ଏ)**

ଆଠଗଡ଼ ବନାଞ୍ଚଳ ଅଧୀନ ଖଲାଖଲା ଜଙ୍ଗଲରୁ ପଳାଇ ଆସିଥିବା ଏକ ଦନ୍ତା ଓ ଏକ ମାଈ ହାତୀ ରବିବାର ପ୍ରାୟ ୧୦ ଘଣ୍ଟା କାଳ ମହାନଦୀରେ ଫସି ରହିଛନ୍ତି। ଖବରପାଇ କଟକ, ଆଠଗଡ଼ ବନଖଣ୍ଡ ଅଧିକାରୀଙ୍କ ସମେତ କର୍ମଚାରୀ ଓ ଚନ୍ଦକା ବନ୍ୟପ୍ରାଣୀ ଡିଭିଜନ କର୍ମଚାରୀ ଏବଂ ହାତୀ ଟ୍ରାକର ପହଞ୍ଚି ମହାନଦୀର ଉଭୟ ପାର୍ଶ୍ୱରେ ଜଗି ରହିବା ସହ ହାତୀ ଦୁଇଟି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ରବିବାର ଭୋର ସମୟରେ ଖୁଣ୍ଟୁଣୀ ବନାଞ୍ଚଳ ଅନ୍ତର୍ଗତ ନୂଆଶାସନ ସର୍ପେଶ୍ୱର ପାସେଞ୍ଜର ହଲ୍ଟ ନିକଟ ବୁଦାରେ ହାତୀ ଦୁଇଟି ରହିଥିଲେ। ଏହାକୁ ଦେଖିବା ପାଇଁ ସେଠାରେ ଲୋକଙ୍କ ଭିଡ଼ ଲାଗିଥିଲା। କୋଳାହଳ ସାଙ୍ଗକୁ ଟ୍ରେନ୍‌ର ହର୍ନ ଶୁଣି ହାତୀ ଦ୍ୱୟ ଇତସ୍ତତଃ ହୋଇପଡିଥିଲେ। ଖବରପାଇ ବନ କର୍ମଚାରୀମାନେ ପହଞ୍ଚି ହାତୀଙ୍କୁ ଘଉଡାଇଥିଲେ। ପୂର୍ବାହ୍ନ ୯ଟାରେ ହାତୀ ଦ୍ୱୟ ସେଠାରୁ ବାହାରି ମହାନଦୀ ଭିତର ଦେଇ ନରାଜ ଆଡକୁ ଚାଲି ଯାଇଥିଲେ। ମାତ୍ର ଉପରକୁ ନ ଉଠିପାରିବାରୁ ପାଣି ଭିତରେ ରହିଥିଲେ। ରାତି ହୋଇଯାଇଥିବାରୁ ହାତୀ ୨ଟି ନରାଜ ପଟରୁ ନଦୀ ଭିତରେ ଅଳ୍ପ ପାଣିରେ ପଶି ନୂଆଶାସନ ପଟକୁ ଆସୁଥିବା ଖୁଣ୍ଟୁଣୀ ରେଞ୍ଜ ଫରେଷ୍ଟର କୃଷ୍ଣଚନ୍ଦ୍ର ଦଳାଇ ସୂଚନା ଦେଇଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୭ ମାର୍ଚ୍ଚ, ୨୦୨୨



**ବିଶ୍ୱେଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ**

ଜାମଟିକ୍ରା,(ଡି.ଏନ.ଏ): ଅତାବିରା ବ୍ଲକ ଅଧୀନ ଜହ୍ନାପଡା ପଞ୍ଚାୟତ ବରାହମୁଣ୍ଡାରେ ରବିବାର ବାବା ବିଶ୍ୱେଶ୍ୱର ମନ୍ଦିର ପ୍ରତିଷ୍ଠା ଆରମ୍ଭ ହୋଇଛି। ଏହି ଅବସରରେ ମହିଳାମାନେ ବଡ କେନାଲରୁ ଜଳପୂର୍ଣ୍ଣ କଳସଗୁଡିକୁ ଏକ ଶୋଭାଯାତ୍ରାରେ ଆଣି ପୂଜାମଣ୍ଡପରେ ସ୍ଥାପନ କରିବା ପରେ ପୂଜାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ପୂଜା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ ତରଣୀସେନ ଦଲାଇ, ଅମିତ ପଧାନ, ଅଗସ୍ତି ପଧାନ, ଅମିୟ ପଧାନ ଓ ତରଣୀସେନ ପଧାନ। ପୁରୋହିତ କାମ ତୁଲାଇଥିଲେ ପଣ୍ଡିତ ପ୍ରଦୀପ ମିଶ୍ର। ଆସନ୍ତା ବୁଧବାର ପୂର୍ଣ୍ଣାହୁତି ପଡିବ। ଏହି ଅବସରରେ ରବିବାର ଗ୍ରିଞ୍ଜେଲର ଘଣ୍ଟ ବାଦ୍ୟ, ପତ୍ରାପାଲି ଓ ଖଲିଆପାଲିର ସଂକୀର୍ତ୍ତନ, ସୋମବାର ବୁର୍ଦ୍ଦାର କୃଷ୍ଣଗୁରୁ, ମଙ୍ଗଳବାର ରେମଣ୍ଡା ମାଷ୍ଟର ପାର୍ଟି କୃଷ୍ଣଗୁରୁ ଓ ବୁଧବାର ଶିଶୁ କଳାକାରଙ୍କ ଦ୍ୱାରା ନାଚଗୀତ ପରିବେଷଣ କରାଯିବ।

## ସଂକ୍ଷେପରେ

### ବିଜେଡି, ଭାଜପା ଘୋଷଣା କଲେ ଚେୟାରମ୍ୟାନ ପ୍ରାର୍ଥୀ

**ରାଜଗାଙ୍ଗପୁର ପୌର ନିର୍ବାଚନ**

ରାଜଗାଙ୍ଗପୁର,୬।୩(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ପୌରନିର୍ବାଚନ ଲାଗି ଚେୟାରମ୍ୟାନ ପ୍ରାର୍ଥୀ ଘୋଷଣା ପାଇଁ ବିଭିନ୍ନ ଦଳରେ ଛକାପଞ୍ଝା ଲାଗି ରହି ଶେଷରେ ପ୍ରାର୍ଥୀ ଘୋଷଣା ହୋଇଛି। ବିଜେଡି ପକ୍ଷରୁ ଚେୟାରମ୍ୟାନ ପ୍ରାର୍ଥୀ ପାଇଁ ମାଧୁରୀ ଲୁଗୁନଙ୍କ ନାମ ଘୋଷଣା କରାଯାଇଛି। ରବିବାର ମାଧୁରୀ ସୁନ୍ଦରଗଡ଼ ଜିଲା ବିଜେଡି ସଭାପତି ବିନୟ ଟପ୍ପୋ ଓ ସମର୍ଥକଙ୍କ ସହିତ ରାଜଗାଙ୍ଗପୁର ପୌରକାର୍ଯ୍ୟାଳୟକୁ ଯାଇ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଭାଜପା ପକ୍ଷରୁ କୁଲଦିପ ସିଂଙ୍କୁ ପ୍ରାର୍ଥୀ ଭାବେ ଘୋଷଣା କରାଯାଇଛି। ସେ ସୋମବାର ପ୍ରାର୍ଥିପତ୍ର ଦାଖଲ କରିବେ। କିନ୍ତୁ ବର୍ତ୍ତମାନ ସୁଦ୍ଧା କଂଗ୍ରେସ ଦଳର ଚେୟାରମ୍ୟାନ ପ୍ରାର୍ଥୀଙ୍କ ନାମ ସ୍ଥିରୀକୃତ ହୋଇପାରିନାହିଁ। ଅନ୍ୟପଟେ ବିଜେଡି ଓ ଭାଜପା ପକ୍ଷରୁ ରାଜଗାଙ୍ଗପୁରର ୨୦ଟି ୱାର୍ଡ ପାଇଁ ୨୦ଜଣ କାଉନସିଲରଙ୍କ ଟିକେଟ ଘୋଷଣା କରାଯାଇଛି। କିନ୍ତୁ କଂଗ୍ରେସର ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ କାଉନସିଲରଙ୍କ ଟିକେଟ ଘୋଷଣା ହୋଇପାରିନାହିଁ। ରବିବାର ସୁଦ୍ଧା ମୋଟ ୨୮ଟି ପ୍ରାର୍ଥୀପତ୍ର କାଉନସିଲର ପଦବୀ ପାଇଁ ଦାଖଲ କରାଯାଇଛି।

### କୁଚିଣ୍ଡା ଏନଏସି: ଅଧ୍ୟକ୍ଷ ପାଇଁ ୨ଜଣଙ୍କ ନାମାଙ୍କନ

କୁଚିଣ୍ଡା,୬।୩(ଡି.ଏନ.ଏ.): କୁଚିଣ୍ଡା ଏନଏସି ନିର୍ବାଚନ ପାଇଁ ରବିବାର ଷଷ୍ଠ ଦିନରେ ଅଧ୍ୟକ୍ଷ ପଦବୀ ନିମନ୍ତେ ୨ଜଣଙ୍କ ନାମାଙ୍କନ ଦାଖଲ ହୋଇଥିବା ଜଣାଯାଇଛି। ଭାଜପାରୁ ଶୁଶିଳ କର ଏବଂ ସ୍ୱାଧୀନ ଭାବେ ଭୀମରାଜ ପ୍ରସାଦ ନାମାଙ୍କନ ଦାଖଲ କରିଛନ୍ତି। ଏହାଛଡା ୱାର୍ଡ କାଉନସିଲର ନିମନ୍ତେ ଜଣେ ହେଲେ ନାମାଙ୍କନ ଦାଖଲ କରି ନ ଥିବା ଜଣାଯାଇଛି। ସୋମବାର ଅନ୍ତିମ ଦିବସରେ ଅଧ୍ୟକ୍ଷ ଓ ୱାର୍ଡ କାଉନସିଲର ପାଇଁ ବିଜେଡି, ଭାଜପା ଓ କଂଗ୍ରେସ ପକ୍ଷରୁ ନାମାଙ୍କନ ପତ୍ର ଦାଖଲ ହେବ ବୋଲି ସୂଚନା ମିଳିଛି।

### ଅଜ୍ଞାତବାସରେ ସମିତି ସଭ୍ୟାସଭ୍ୟ

କୁତ୍ରା,୬।୩(ଡି.ଏନ.ଏ): ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକରେ ୧୬ଟି ପଞ୍ଚାୟତ ରହିଛି। ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ନୂତନ ଭାବରେ ନିର୍ବାଚିତ ହୋଇଥିବା ସମିତି ସଭ୍ୟାସଭ୍ୟଙ୍କୁ ନେଇ ବ୍ଲକ ଅଧ୍ୟକ୍ଷ ପଦକୁ ନେଇ ଅଙ୍କ କଷା ଆରମ୍ଭ ହୋଇଯାଇଛି। ଏଥର ବ୍ଲକ ଅଧ୍ୟକ୍ଷ ପଦବୀ ଅନୁସୂଚିତ ଜନଜାତି ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ମାର୍ଚ୍ଚ ୧୨ରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପାଇଁ ନିର୍ବାଚନ ଏବଂ ୧୩ରେ ପ୍ରକାଶିତ ହେବ ଫଳାଫଳ। ତେବେ ଅଧ୍ୟକ୍ଷ ପଦ ହାତେଇବା ପାଇଁ ୯ଜଣ ସମିତି ସଭ୍ୟଙ୍କ ସମର୍ଥନ ଦରକାର। ଯେଉଁ ଦଳ ଏହି ମ୍ୟାଜିକ ନମ୍ବର ଛୁଇଁବ ସେ ଅଧ୍ୟକ୍ଷ ପଦ ହାସଲ କରିବ। ୧୬ଟି ଯାକ ପଞ୍ଚାୟତରେ ବିଜେଡି ଉଭୟ 'କ' ଓ 'ଖ' ଜିଲା ପରିଷଦ ବିପୁଳ ବିଜୟ ପାଇବା ସହ ସମିତି ଓ ସରପଞ୍ଚ କ୍ଷେତ୍ରରେ ମଧ୍ୟ ରେକର୍ଡ ସଂଖ୍ୟକ ପ୍ରାର୍ଥୀ ବିଜୟୀ ହୋଇଥିବାରୁ ପୂର୍ବଥର ପରି ବିଜେଡି ଅଧ୍ୟକ୍ଷ ପଦ ନେବା ସମ୍ଭାବନା ରହିଛି। ଯେହେତୁ ଏକାଧିକ ବିଜେଡି ପ୍ରାର୍ଥୀ ବିଜୟୀ ହୋଇଥିବାରୁ ଅଧ୍ୟକ୍ଷ ପଦକୁ ନେଇ ପରସ୍ପର ଲବି କରିବା ଆରମ୍ଭ କରିଦେଇଛଧି। ଇତି ମଧ୍ୟରେ ଫଳ ପ୍ରକାଶ ପାଇବାପରେ କିଛି ସମିତି ସଭ୍ୟାସଭ୍ୟ ଅଜ୍ଞାତବାସରେ ଚାଲିଯାଇ ନିଜନିଜ ସପକ୍ଷରେ ଗୋଟି ଚାଳନା ଆରମ୍ଭ କରିଦେଇଛନ୍ତି। ତେବେ କାହା ମୁଣ୍ଡରେ ହାତୀ ସୁନା କଳସ ଢାଳିବ ତାହା ଦେଖିବାକୁ ବାକି ରହିଲା ।

### ପିକ୍ଅପ ଭ୍ୟାନ-ସ୍କୁଟି ଧକ୍କା, ୨ ଗୁରୁତର

କୁଆଁରମୁଣ୍ଡା,୬।୩(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ କାଲୋସିହିରିଆ ଗଡାଣି ନିକଟରେ ରବିବାର ଅପରାହ୍ନରେ ଏକ ପିକ୍ଅପ ଭ୍ୟାନ୍ ଓ ସ୍କୁଟି ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ସ୍କୁଟି ଚାଳକ କାଲୋସିହିରିଆ ପଞ୍ଚାୟତର ଦୁମକିସିହିରିଆ ଗ୍ରାମର ସିମନ୍ କେର୍କେଟା (୩୧) ଓ ପଛରେ ବସିଥିବା ତାଙ୍କ ସ୍ତ୍ରୀ ରଶ୍ମିତା (୨୯) ଗୁରୁତର ଆହତ ହୋଇଛନ୍ତି। ଖବରପାଇ କୁଆଁରମୁଣ୍ଡା ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଦମ୍ପତିଙ୍କୁ ଉଦ୍ଧାର କରି ପ୍ରଥମେ କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ସେଠାରୁ ରାଉରକେଲା ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛି। ଏହାସହ ପିକ୍ଅପ ଭ୍ୟାନ ଓଡି୧୪ଜି ୧୩୪୯ ଓ ସ୍କୁଟି ଓଡି୧୪ ଯୁ ୮୬୫୬ କୁ ପୋଲିସ ଜବତ କରି ଘଟଣାର ତଦନ୍ତ ଚଳାଇଛି ।

# ହଫେ ଶାର୍ଟ ପ୍ୟାଣ୍ଟ ପିନ୍ଧି ୟୁକ୍ରେନ୍‌ରୁ ଫେରିଲେ ସିଦ୍ଧାର୍ଥ

ବୌଦ୍ଧ,୬।୩(ସ୍ୱ.ପ୍ର.)


ମା' ବାପାଙ୍କ ଗହଣରେ ୟୁକ୍ରେନରୁ ଫେରିଥିବା ସିଦ୍ଧାର୍ଥ।

- ବଖାଣିଲେ ଯୁଦ୍ଧର ଭୟାବହତା
- ରକେଟ୍ ମାଡ଼ର ଦୃଶ୍ୟ ପାଖରୁ ଦେଖିଲେ

ବହୁ ବାଧାବିଘ୍ନର ସମ୍ମୁଖୀନ ହୋଇ ଶେଷରେ ୟୁକ୍ରେନ୍‌ରୁ ଆସି ରବିବାର ପ୍ରତ୍ୟୁଷରେ ବୌଦ୍ଧରେ ପହଞ୍ଚିଛନ୍ତି ଡାକ୍ତରୀ ଛାତ୍ର ସିଦ୍ଧାର୍ଥ ରାହୁଲ ମହାପାତ୍ର। ବୌଦ୍ଧ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମହାପାତ୍ର ଓ ଅଧ୍ୟାପିକା ଗୀତାରାଣୀ ମହାପାତ୍ରଙ୍କ ଏକମାତ୍ର ପୁତ୍ର ସିଦ୍ଧାର୍ଥ ଘରକୁ ଫେରି ଆସିବା ପରେ ପରିବାର ଓ ସାହିପଡ଼ିଶାରେ ଖୁସିର ଲହରି ଖେଳିଯାଇଛି। ସେଠାକାର ଯୁଦ୍ଧର ଭୟାବହତା ନେଇ ସିଦ୍ଧାର୍ଥ ନିଜର ଅନୁଭୂତିକୁ ଆମ ପ୍ରତିନିଧିଙ୍କ ନିକଟରେ ବଖାଣିଛନ୍ତି। କେବଳ ହଫେ ପ୍ୟାଣ୍ଟ ଶାର୍ଟ ପିନ୍ଧି ସେ ୟୁକ୍ରେନରୁ ବାହାରି ଘରେ ପହଞ୍ଚିଥିବା ପ୍ରକାଶ କରିଛନ୍ତି। ଫେରିବା ରାସ୍ତାରେ ସେଠାକାର କ୍ୱିଭ୍ ସହରରେ ଅଳ୍ପ ଦୂରତାରେ ରକେଟ୍ ମାଡ଼ ହୋଇ ବିସ୍ଫୋରଣ ହେଉଥିଲା। ଏହାର ଦୃଶ୍ୟ ସେ ଦେଖିବା ସହିତ ନିଜ ମୋବାଇଲରେ ଏହାକୁ କଏଦ୍ କରିଥିବା କହି ଦେଖାଇଥିଲେ। ତାଙ୍କ କହିବା ଅନୁଯାୟୀ, ଗତ ମାସ ୧୨ ତାରିଖରେ ତାଙ୍କର ଭିଜା ସରିଯାଉଥିବାରୁ ସେ ୟୁକ୍ରେନ୍ ଯିବାକୁ ବାଧ୍ୟ ହୋଇଥିଲେ। ସେଠାରେ ପହଞ୍ଚିବା ବେଳକୁ ଦୁଇଦେଶ ମଧ୍ୟରେ ତିକ୍ତତା ଚରମ ସୀମାରେ ପହଞ୍ଚି ସାରିଥିଲା। କିନ୍ତୁ ଯୁଦ୍ଧ ଆରମ୍ଭ ହୋଇ ନ ଥିଲା। ହଠାତ୍ ଯୁଦ୍ଧ ଆରମ୍ଭ ହେବା ପରେ ତୁରନ୍ତ ୟୁକ୍ରେନ ଛାଡିବାକୁ ଭାରତୀୟ ଦୂତାବାସ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ସିଦ୍ଧାର୍ଥ ଅନ୍ୟ ତିନିଜଣ ଭାରତୀୟ ଛାତ୍ରଙ୍କ ସହିତ କ୍ୱିଭ ସିଟିର ଡ୍ରାଗମାନବ ଷ୍ଟ୍ରିଟ୍‌ରେ ରହୁଥିଲେ। ଯୁଦ୍ଧ ପରିସ୍ଥିତି ପରେ ସେଠାରୁ ସେ ଭାରତୀୟ ହଷ୍ଟେଲର ବଙ୍କରକୁ ଚାଲି ଯାଇଥିଲେ। ସେଠାରେ ୟୁକ୍ରେନ୍ ସରକାରଙ୍କ ପକ୍ଷରୁ ମାଗଣାରେ ଖାଦ୍ୟ ଓ ପାନୀୟ ଯୋଗାଇ ଦିଆଯାଉଥିଲା। ଯୁଦ୍ଧ ପରିସ୍ଥିତି ଅଧିକ ଜଟିଳ ହେବା ପରେ ଭାରତୀୟ ଦୂତାବାସ ପକ୍ଷରୁ ନିଜ ରିସ୍କରେ ସେହି ଦେଶ ଛାଡିବାକୁ ନିର୍ଦ୍ଦେଶ ଜାରି କରାଯାଇଥିଲା।

ସେଠାରେ ରୁଷ ସୈନ୍ୟ ପକ୍ଷରୁ କେବଳ ମିଲିଟାରି ବେସ୍ ଓ ୟୁକ୍ରେନ୍‌ର ସରକାରୀ କୋଠାଗୁଡିକ ଉପରେ ଆକ୍ରମଣ କରାଯାଉଥିବା ବେଳେ କୌଣସି ସାଧାରଣ ନାଗରିକଙ୍କର କିଛି କ୍ଷତି କରୁ ନ ଥିବା ସୂଚନା ଦେଇଥିଲେ। ଗତ ୨୭ ତାରିଖରେ ସିଦ୍ଧାର୍ଥ ଭାରତର ବିଭିନ୍ନ ରାଜ୍ୟର ଅନ୍ୟ ତିନିଜଣ ବନ୍ଧୁଙ୍କ ସମେତ ପ୍ରାୟ ୩୦୦ ଭାରତୀୟ ଛାତ୍ରୀଛାତ୍ର ନିକଟସ୍ଥ ଏକ ରେଳଷ୍ଟେଶନରେ ପହଞ୍ଚିବା ପରେ ହଠାତ୍ ଆକ୍ରମଣ ନେଇ ସାଇରନ୍ ବାଜି ଉଠିଥିଲା। ଫଳରେ ସେମାନେ ଭୟଭୀତ ହୋଇ ସେଠାରେ ଥିବା ବଙ୍କରରେ ଆଶ୍ରୟ ନେଇଥିଲେ। ପ୍ରାୟ ୪ ଘଣ୍ଟା ଅପେକ୍ଷା କରିବା ପରେ ଏକ ଟ୍ରେନ ଆସିଥିଲା। କିନ୍ତୁ ଏତେ ଯାତ୍ରୀ ଥିଲେ ଯେ ହାତରେ ଟିକେଟ ଧରି ମଧ୍ୟ ଟ୍ରେନରେ ଚଢି ପାରି ନ ଥିଲେ। ପରବର୍ତ୍ତୀ ଟ୍ରେନ ପାଇଁ ପୁନର୍ବାର ୫ ଘଣ୍ଟାରୁ ଅଧିକ ସମୟ ଅପେକ୍ଷା କରିବାକୁ ପଡିଥିଲା। ସେଠାରୁ ଟ୍ରେନ ଧରି ହଙ୍ଗେରୀ ସୀମାରେ ପହଞ୍ଚିଥିଲେ। ପରେ ସୀମା ପାର ହୋଇ ବସ ଯୋଗେ ବୁଦାପେଷ୍ଟରେ ପହଞ୍ଚିଥିଲେ। ହଙ୍ଗେରୀ ସୀମାରେ ପ୍ରବେଶ କରିବା ପରେ ଭାରତୀୟ ଦୂତାବାସ ପକ୍ଷରୁ ସେମାନଙ୍କୁ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦିଆଯାଇଥିଲା। ସେଠାରେ ଦୁଇଦିନ ରହିବା ପରେ ସେ ଫ୍ଲାଇଟ ଯୋଗେ ଆସି ମୁମ୍ବାଇରେ ପହଞ୍ଚିଥିଲେ।

ସେଠାରେ ଓଡ଼ିଶା ସରକାରଙ୍କ ପକ୍ଷରୁ ତାଙ୍କୁ ଓଡ଼ିଶା ଭବନରେ ରଖାଯିବା ସହିତ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦିଆଯାଇଥିଲା। ସେଠାରୁ ରାଜ୍ୟ ସରକାର ନିଜସ୍ୱ ଖର୍ଚ୍ଚରେ ତାଙ୍କୁ ଭୁବନେଶ୍ୱର ଆଣି ରାଜ୍ୟ ପର୍ଯ୍ୟଟନ ବିଭାଗ ଅତିଥି ଭବନରେ ରଖାଇଥିଲେ। ଅତିଥିଭବନରୁ ଆସି ସିଦ୍ଧାର୍ଥ ରବିବାର ବୌଦ୍ଧରେ ନିଜ ଘରେ ପହଞ୍ଚିଥିଲେ। କ୍ୱିଭ୍ ସହରରେ ଥିବା ମେଡିକାଲ ୟୁନିଭରସିଟିର ୫ମ ବର୍ଷର ଛାତ୍ର ସିଦ୍ଧାର୍ଥ ସୁରକ୍ଷିତ ଭାବରେ ଘରକୁ ଫେରିଥିବା କହିଛନ୍ତି। ଏଥିପାଇଁ ସେ ଓ ତାଙ୍କ ପରିବାର ଭାରତ ସରକାର, ରାଜ୍ୟ ସରକାର, ବୌଦ୍ଧ ଜିଲାପାଳ ଓ ଏସ୍‌ପିଙ୍କୁ କୃତଜ୍ଞତା ଜଣାଇଛନ୍ତି। ରବିବାର ୟୁକ୍ରେନ୍‌ର ମେଡିକାଲ ୟୁନିଭରସିଟି ପକ୍ଷରୁ ତାଙ୍କ ପାଖକୁ ପାଠପଢା ନେଇ ଏକ ମେଲ୍ ଆସିଥିବା ସେ ପ୍ରକାଶ କରିଛନ୍ତି। ତେବେ ସେଠାକାର ପରିସ୍ଥିତି ସ୍ୱାଭାବିକ ହେଲେ କିମ୍ବା ଭାରତ ସରକାରଙ୍କ ପକ୍ଷରୁ ଯାହା ନିର୍ଦ୍ଦେଶ ଦିଆଯିବ ସେହି ଅନୁଯାୟୀ ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି ।

## ୟୁକ୍ରେନ୍‌ରୁ ଫେରିଲେ ଡାକ୍ତରୀ ଛାତ୍ର ଆଲୋକ

ଲୋଇସିଂହା, ୬।୩(ଡି.ଏନ.ଏ)


ଅଭିଭାବକଙ୍କ ସହ ଆଲୋକ।

ୟୁକ୍ରେନ ଉପରେ ରୁଷର ଘନଘନ ଆକ୍ରମଣ ଜାରି ରହିଛି । ଭୟଭୀତ ଅବସ୍ଥାରେ ସେଠାରେ ଡାକ୍ତରୀ ପଢୁଥିବା ଭାରତୀୟ ଛାତ୍ରୀଛାତ୍ର ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରୁଛନ୍ତି। ଏହିକ୍ରମରେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ହୀରାପୁର ପଞ୍ଚାୟତ ସାରେସମୁଣ୍ଡା ଗାଁର ଡାକ୍ତରୀ ଛାତ୍ର ଆଲୋକ ବଘାର(୧୯) ଶନିବାର ଘରେ ପହଞ୍ଚିଛନ୍ତି। ସୁରକ୍ଷିତ ଭାବେ ପୁଅ ଘରେ ପହଞ୍ଚିଥିବାରୁ ପରିବାର ଲୋକେ ଓ ସମ୍ପର୍କୀୟ ଆଶ୍ୱସ୍ତ ହୋଇଛନ୍ତି। ସୁରକ୍ଷିତ ଉଦ୍ଧାର ପାଇଁ ସେମାନେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ସାରେସମୁଣ୍ଡା ଗାଁର ମା' ଗୀତାଞ୍ଜଳି ବଘାର ଓ ନିର୍ମଳ ବଘାରଙ୍କ ପୁଅ ଆଲୋକ ୨୦୨୦ରେ ୬ବର୍ଷିଆ ଡାକ୍ତରୀ ପଢିବା ପାଇଁ ୟୁକ୍ରେନ ଯାଇଥିଲେ । ୟୁକ୍ରେନର ନର୍ଟୋଫିଲଜାତୀୟ ମେଡିକାଲ ବିଶ୍ୱବିଦ୍ୟାଳୟର ସେ ଦ୍ୱିତୀୟ ବର୍ଷର ଛାତ୍ର ଥିଲେ । ୨୦୨୧ ଜୁଲାଇରେ ଗାଁକୁ ଆସି ସେପ୍ଟେମ୍ବରରେ ଆଲୋକ ୟୁକ୍ରେନ ଫେରିଥିଲେ। ଫେବୃୟାରୀ ଶେଷ ସପ୍ତାହରେ ୟକ୍ରେନରେ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଥିଲା। ଫେବୃୟରୀ ୨୮ତାରିଖରେ ଇଣ୍ଡିଆ ଆମ୍ବାସି କହିବା ପରେ ୧୦ କିମି ଚାଲି କରି ସେ ରୋମାନିଆ ସୀମାକୁ ଆସିଥିଲେ। ସେଠାରେ ଗୋଟିଏ ଦିନ ରହଣି ପରେ ସେଣ୍ଟରକୁ ବସ୍‌ରେ ଫେରି ଫ୍ଲାଇଟ ଧରିଥିବା ଆଲୋକ କହିଛନ୍ତି। ପୁଅ ଘରକୁ ଫେରିବା ପର୍ଯ୍ୟନ୍ତ ଆଖିରେ ନିଦ ନଥିଲା। ମା ମାହେଶ୍ୱରୀଙ୍କ ନିକଟରେ ଦୀପ ଜାଳି ଅଧିଆ ପଡିଥିଲୁ ବୋଲି ଆଲୋକଙ୍କ ମା' ଗୀତାଞ୍ଜଳି କହିଛନ୍ତି। ପରିସ୍ଥିତି ଦେଖି ପୁଅକୁ ସେଠାକୁ ଡାକ୍ତରୀ ଶିକ୍ଷା ପାଇଁ ପଠାଇବେ ବୋଲି ବାପା ନିର୍ମଳ ବଘାର କହିଛନ୍ତି।

## କଣ୍ଢେଇ ଫିଟ୍‌ନେସ୍ କ୍ଲବ ଚାମ୍ପିୟନ

ଦେବଗଡ଼,୬।୩(ଡି.ଏନ.ଏ)



ବଜରଙ୍ଗ କପ କ୍ରିକେଟର ଫାଇନାଲରେ ଅତିଥିଙ୍କ ସହ ଖେଳାଳି।

**ରାଜ୍ୟସ୍ତରୀୟ ବଜରଙ୍ଗ କପ୍ କ୍ରିକେଟ ଉଦ୍‌ଯାପିତ**

ମହାବୀର କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ମହୁଲଡିପା ସାହି ନାଳ ପଡିଆଠାରେ ଚାଲିଥିବା ରାଜ୍ୟସ୍ତରୀୟ ବଜରଙ୍ଗ କପ କ୍ରିକେଟ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ କେନ୍ଦୁଝର କ୍ରିକେଟ କ୍ଲବକୁ ପରାସ୍ତ କରି କଣ୍ଢେଇର ଏସ୍ଆର୍ ଫିଟନେସ କ୍ଲବ ଚାମ୍ପିୟନ ହୋଇଛି। କଣ୍ଢେଇର ଏସ୍ଆର୍ ଫିଟନେସ କ୍ଲବ ଟସ୍ ଜିଣି ପ୍ରଥମ ବ୍ୟାଟିଂକରି ବୁଗି ସାହୁଙ୍କ ଦ୍ରୁତ ସର୍ବାଧିକ ୭୭ ରନ୍ ଓ ଆକାଶ ସାହୁଙ୍କ ୪୬ ରନ୍ ସହାୟତାରେ ନିର୍ଦ୍ଧାରିତ ୨୦ ଓଭରରେ ୨୨୫ ରନ ସଂଗ୍ରହ କରିଥିଲେ। କେନ୍ଦୁଝର କ୍ରିକେଟ କ୍ଲବ ପକ୍ଷରୁ ବୋଲର ଭୀମ ସର୍ବାଧିକ ୩ଟି ଉଇକେଟ ଅକ୍ତିଆର କରିଥିଲେ। ଏହାର ଜବାବରେ କେନ୍ଦୁଝର କ୍ରିକେଟ କ୍ଲବ ବ୍ୟାଟିଂ ଆରମ୍ଭ କରି ମାତ୍ର ୧୪୭ ରନରେ ସମସ୍ତ ଉଇକେଟ ହରାଇ ପରାସ୍ତ ହୋଇଥିଲା। ଦଳ ପକ୍ଷରୁ ଏମ.ଖାନ୍ ସର୍ବାଧିକ ୫୩ ରନ ସଂଗ୍ରହ କରିଥିଲେ। କଣ୍ଢେଇର ଏସ୍ଆର୍ ଫିଟନେସ କ୍ଲବ ପକ୍ଷରୁ ବୋଲର ଦୁଶୁ ଦାସ ସର୍ବାଧିକ ୨ଟି ଉଇକେଟ ହାସଲ କରିଥିଲେ। ମ୍ୟାଚକୁ ଅମ୍ପାୟାର ଭାବେ ଇନ୍ଦ୍ରଜିତ ପ୍ରାଦ ଓ ରାଜୀବ ଗଡନାୟକ ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ପ୍ରଫୁଲ୍ଲ ସାହୁ ଓ ଚେତନ ସିହ୍ନା ମ୍ୟାଚର ଧାରାବିବରଣୀ ପ୍ରଦାନ କରିଥିଲେ। ଗୁମାନ ସିଂ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ସନ୍ଧ୍ୟାରେ ପ୍ରିତମ ବେହେରାଙ୍କ ସଂଯୋଜନା ଓ ଆୟୋଜକ ମହାବୀର କ୍ଲବର ସଭାପତି କାର୍ତ୍ତିକ ମହାକୁଳଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଜେଡି ନେତ୍ରୀ ଶାନ୍ତି ମଞ୍ଜରୀ ଦେଇ, ଭାଜପା ନେତା ସୁଧିର କୁମାର ବ୍ରହ୍ମା ଓ ରୋହିତ ଗଙ୍ଗଦେବ, ମଞ୍ଜୁ ନାଥ ଓ ଯଶୋବନ୍ତ ନାୟକ ପ୍ରମୁଖ ଉପସ୍ଥିତ ରହି ଚାମ୍ପିୟନ କଣ୍ଢେଇର ଏସ୍ଆର୍ ଫିଟନେସ କ୍ଲବକୁ ୩୦ ହଜାର ଟଙ୍କା ଓ ରନର୍ସ ଅପ କେନ୍ଦୁଝର କ୍ରିକେଟ କ୍ଲବକୁ ଟ୍ରଫି ସହ ନଗଦ ୨୦ ହଜାର ଟଙ୍କା ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ଦେବଗଡର ବଜରଙ୍ଗ କ୍ରିକେଟ କ୍ଲବକୁ ଆୟୋଜକ ମହାବୀର କ୍ଲବ ପକ୍ଷରୁ ଶ୍ରେଷ୍ଠ ଶୃଙ୍ଖଳିତ ଦଳ ଘୋଷଣା କରାଯାଇଥିଲା। ପ୍ରତିଯୋଗିତା ଆୟୋଜନରେ କ୍ଲବର ସଭାପତି ଇଂ କଳିତ କୁମାର କର,ସମ୍ପାଦକ ଇଂ.କଳିତ କୁମାର କର, ସଦସ୍ୟ ବିମଳ ସାହୁ, ଅଜିତ ଦଣ୍ଡିଆ, ସାନ ବାଘ, ରଞ୍ଜିତ ସଞ୍ଚାରୀ, ଆଶିଷ ଦଣ୍ଡିଆ, ଗଣେଶ ନଟିଆ, ମିଥୁନ କୁମାର ସାହୁ ଓ ସୁଶୀଳ କୁମାର ଦେବ ପ୍ରମୁଖ ସହଯୋଗ କରିଥିଲେ ।

## ଚର୍ଚ୍ଚାରେ ରିତେଶ, ଆଖିବୁଜି କରିପାରୁଛନ୍ତି ସବୁ କାମ

କୋକସରା,୬।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ପୋଡାଗୁଡା ଗାଁର ବିସ୍ମୟ ବାଳକ ରିତେଶ କୁମାର ସାହୁ (୮)। ସାଧାରଣତଃ ଆମ ଆଖିରେ ପଟି ବାନ୍ଧିଲେ ଆମକୁ କିଛି ଦେଖାଯାଏ ନାହିଁ। ହେଲେ ରିତେଶ ଆଖି ବନ୍ଦ କରି ସବୁ କାମ କରିପାରୁଛନ୍ତି। ଯାହାକୁ ନେଇ ସେ ଏବେ ଚର୍ଚ୍ଚାରେ। ପୋଡାଗୁଡା ଗାଁର ବବ୍ରୁବାହାନ ସାହୁ ଓ ସୁରଭି ସାହୁଙ୍କ ପୁଅ ରିତେଶ। ଗାଁ ବିଦ୍ୟାଳୟରେ ସେ ଦ୍ୱିତୀୟ ଶ୍ରେଣୀରେ ପଢ଼ନ୍ତି। ରିତେଶ ଆଖିରେ କଳା କପଡ଼ା ବାନ୍ଧି ଲେଖିବା, ପଢ଼ିବା, ଦୌଡ଼ିବା, ଲୋକଙ୍କୁ ଚିହ୍ନିବା, ସାଇକେଲ ଚଳାଇବା ଆଦି କାମ ସହଜରେ କରିପାରୁଛନ୍ତି। ଭବିଷ୍ୟତରେ ରିତେଶ ଜଣେ ଇଞ୍ଜିନିୟର ହେବା ଲକ୍ଷ୍ୟ ରଖିଛନ୍ତି। ତେବେ ରିତେଶ ଇଭେନ୍ସ ଏକାଡେମୀ ଜୟପୁରରୁ ଅନଲାଇନ୍ ମାଧ୍ୟମରେ ଦିବ୍ୟଶକ୍ତି କୋର୍ସ କରୁଛନ୍ତି। ଏହି ବିସ୍ମୟ ପ୍ରତିଭା ପାଇଁ ସ୍ଥାନୀୟ ଲୋକେ ତାଙ୍କୁ ବେଶ୍ ପ୍ରଶଂସା କରିବା ସହ ଉତ୍ସାହିତ କରୁଛନ୍ତି ।


ରିତେଶ କୁମାର ସାହୁ।

## ରାଧାଗୋବିନ୍ଦ ମନ୍ଦିର ତୋରଣ ଉଦ୍‌ଘାଟିତ

କୁଆଁରମୁଣ୍ଡା,୬।୩(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକର ସିଟି ସ୍କୁଲ ରୋଡରେ ଥିବା ରାଧାଗୋବିନ୍ଦ ମନ୍ଦିରର ତୋରଣକୁ ରବିବାର ଫିତାକାଟି ଉଦଘାଟନ କରିଛନ୍ତି ସୁନ୍ଦରଗଡ଼ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ରାଉରକେଲା ବିଧାୟକ ସାରଦା ନାୟକ। ଏହି ଅବସରରେ ଓଡିଶା-ଝାଡଖଣ୍ଡ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଲୋକଙ୍କ ମଧ୍ୟରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ଦିଗରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ନିଜ ବକ୍ତବ୍ୟରେ ବିଧାୟକ ସାରଦା କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବୀରମିତ୍ରପୁର ନିର୍ବାଚନମଣ୍ଡଳୀର ନବ ନିର୍ବାଚିତ ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର, କୁଆଁରମୁଣ୍ଡା କ ଜୋନ୍ ଜିଲାପରିଷଦ ସଭ୍ୟ ନେଭିଲା କେର୍କେଟା, କୁଆଁରମୁଣ୍ଡା ପଞ୍ଚାୟତର ନବ ନିର୍ବାଚିତ ସରପଞ୍ଚ ତଥା ବିଜେଡ଼ି କୁଆଁରମୁଣ୍ଡା ବ୍ଲକ ସଭାପତି ରାଜେଶ୍ ହାଁସଦା, ଖୁଣ୍ଟୁଖୁଣ୍ଟୁବାହାଲ ସରପଞ୍ଚ ଯାଶିନ୍ତା ନାଗ ପ୍ରମୁଖ ଉପସ୍ଥିତ ଥିଲେ।

## ବୀରମିତ୍ରପୁର ପୌରପାଳିକା: ନାମାଙ୍କନପତ୍ର ଦାଖଲ କଲେ ୩ ଦଳର ପୌରାଧ୍ୟକ୍ଷ ପ୍ରାର୍ଥୀ

କୁଆଁରମୁଣ୍ଡା,୬।୩(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ପୌରପାଳିକା ନିର୍ବାଚନ ନିମନ୍ତେ ରବିବାର ଥିଲା ୫ମ ଦିବସ । ୫ମ ଦିବସ ସୁଦ୍ଧା ପୌରପାଳିକାର ୧୧ଟି ୱାର୍ଡ ସହ ପୌରାଧ୍ୟକ୍ଷ ପଦ ପାଇଁ ୩ ପ୍ରମୁଖ ଦଳ ପକ୍ଷରୁ ପ୍ରାର୍ଥୀ ଚୟନ କରାଯାଇ ନାମାଙ୍କନପତ୍ର ଦାଖଲ କରାଯାଇଛି। ରବିବାର ଭାଜପା ପକ୍ଷରୁ ୧୧ ଜଣ କାଉନସିଲରଙ୍କ ସହ ପୌରାଧ୍ୟକ୍ଷ ପଦ ନିମନ୍ତେ ସୁନିଲ ତିୱାରୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେହିପରି କଂଗ୍ରେସ ପକ୍ଷରୁ ସମସ୍ତ ୧୧ଟି ୱାର୍ଡରେ କାଉନସିଲର ପ୍ରାର୍ଥୀଙ୍କ ସହ ପୌରାଧ୍ୟକ୍ଷ ପଦ ପାଇଁ ଶଶି ସାଗର ନାମାଙ୍କନପତ୍ର ଦାଖଲ କରିଛନ୍ତି। ବିଜେଡ଼ି ପକ୍ଷରୁ ଶନିବାର ସମସ୍ତ କାଉନସିଲର ପ୍ରାର୍ଥୀ ଓ ପୌରାଧ୍ୟକ୍ଷ ପ୍ରାର୍ଥୀଭାବେ ସନ୍ଦୀପ ମିଶ୍ର ନାମାଙ୍କନପତ୍ର ଦାଖଲ କରିଥିଲେ। ଗତ ୨ ଦିନ ହେଲା ବିଭିନ୍ନ ଦଳ ପକ୍ଷରୁ ଆୟୋଜିତ ଶୋଭାଯାତ୍ରାରେ ବୀରମିତ୍ରପୁର ସହର ପ୍ରକମ୍ପିତ ହେଉଛି।

# ନିର୍ବାଚନରେ ବିଜୟୀ ପାଇଁ ଭାଜପାର ପ୍ରୟାସ

ଦେବଗଡ଼, ୬।୩(ଡି.ଏନ.ଏ.)


ଖବରଦାତା ସମ୍ମିଳନୀରେ ଭାଜପା ନେତା ମଞ୍ଚାସୀନ।

**ଦେବଗଡ଼ ପୌରପରିଷଦ**

- ରାଜପରିବାର ସଦସ୍ୟା ପୌରାଧ୍ୟକ୍ଷା ପ୍ରାର୍ଥୀ

ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଦେବଗଡ଼ ଜିଲାରେ ଭାଜପା ଘୋର ବିପର୍ଯ୍ୟୟର ସମ୍ମୁଖିନ ହୋଇଥିବାବେଳେ ପୌର ନିର୍ବାଚନରେ ପୌରାଧ୍ୟକ୍ଷା ଆସନ ହାତେଇ ଯେଣତେଣ ପ୍ରକାରେଣ ଦଳର ନିର୍ବାଚିତ ଜନପ୍ରତିନିଧି ଏବଂ ଦଳର ସମ୍ମାନ ରକ୍ଷା ପାଇଁ ଉଦ୍ୟମ ଜାରି ରହିଛି। ଏଥିପାଇଁ ଶେଷରେ ବାମଣ୍ଡା(ଦେବଗଡ) ରାଜ ପରିବାରର ଜଣେ ସଦସ୍ୟାଙ୍କୁ ଦଳୀୟ ପ୍ରାର୍ଥୀ କରି ସମସ୍ତଙ୍କୁ ଚକିତ କରିଛି। ପଞ୍ଚାୟତ ନିର୍ବାଚନରେ ଶୋଚନୀୟ ପରାଜୟ ବରଣ କରିବା ପରେ ରାଜନୀତିରେ ଦଶନ୍ଧି ଦଶନ୍ଧି ଧରି ପତିଆରା ଜାରି ରଖିଥିବା ଦେବଗଡ଼ ରାଜପରିବାରର ଜଣେ ସଦସ୍ୟାଙ୍କୁ ପୌର ନିର୍ବାଚନ ମଇଦାନରେ ଓହ୍ଲାଇ ପୁଣିଥରେ ଦଳର ଭାଗ୍ୟ ପରୀକ୍ଷା ପାଇଁ ଉଦ୍ୟମ କରିଛି। ତେବେ ଦଳର ଏଭଳି ରଣନୀତି ଭୋଟରଙ୍କୁ ଦଳ ଆଡକୁ କେତେ ଆକର୍ଷିତ କରୁଛି ତାହା ନିର୍ବାଚନ ଫଳାଫଳ ଉପରେ ନିର୍ଭର କରୁଛି । ଏହି କ୍ରମରେ ଦଳ ଦେବଗଡ ରାଜବଂଶର ଦାୟାଦ ରୋହିତ ଗଙ୍ଗଦେବ ଏବଂ ତାଙ୍କର ସହଧର୍ମୀଣୀ ମାଧବୀ କୁମାରୀ ଦେବୀଙ୍କୁ ଦଳରେ ସାମିଲ କରିବା ସହ ପୌର ନିର୍ବାଚନରେ ଅଧ୍ୟକ୍ଷା ଆସନରେ ଦଳ ପକ୍ଷରୁ ପ୍ରତିଦ୍ୱନ୍ଦିତା ପାଇଁ ମାଧବୀଙ୍କୁ ଟିକେଟ ପ୍ରଦାନ କରିଛି। ଅନ୍ୟ ପକ୍ଷରେ ପୌରାଞ୍ଚଳର ୧୧ଟି ୱାର୍ଡ ମଧ୍ୟରୁ କେବଳ ଗୋଟିଏ (ୱାର୍ଡ ନଂ.୬)ବ୍ୟତୀତ ସମସ୍ତ ଆସନ ପାଇଁ ପ୍ରାର୍ଥୀ ତାଲିକା ପ୍ରକାଶ କରିଛି । ରବିବାର ସନ୍ଧ୍ୟାରେ ପ୍ରାର୍ଥିନୀ ମାଧବୀ କୁମାରୀଙ୍କ ଘର ଅଗଣାରେ ଜିଲା ଭାଜପା ସଭାପତି ମୀନକେତନ ପ୍ରଧାନଙ୍କ ସଭାପତିତ୍ୱରେ ଭାଜପା ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଉପରୋକ୍ତ ପ୍ରାର୍ଥୀ ପ୍ରାର୍ଥିନୀ ମାନଙ୍କର ନାମ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି। ସେହିପରି ବାକି ରହିଥିବା ୱାର୍ଡ ନଂ. ୬ ସମେତ ସମସ୍ତ ୭ଟି ଯାକ ଆସନ ପାଇଁ ସୋମବାର ନାମାଙ୍କନ ପତ୍ର ଦାଖଲ କରାଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି । ଗୁରୁତ୍ୱପୂର୍ଣ୍ଣ ବିଷୟ ଏହା ଯେ, ଦେବଗଡ ପୌରାଞ୍ଚଳର ବିକାଶ ସମେତ ସ୍ୱଚ୍ଛତା, ହୋଲ୍ଡିଂ ଟ୍ୟାକ୍ସର ଦର ହ୍ରାସ, ଦେବଗଡ଼ ପୌରାଞ୍ଚଳକୁ ରେଳ ଲାଇନ ସଂଯୋଗ ଏବଂ ଏକ ଦୁର୍ନୀତିମୁକ୍ତ ପୌର ପରିଷଦ ଗଠନକୁ ମୁଖ୍ୟ ପ୍ରସଙ୍ଗ କରି ଭୋଟରମାନଙ୍କଠାରୁ ଭୋଟ ଭିକ୍ଷା କରିବେ ବୋଲି ପ୍ରାର୍ଥିନୀ ମାଧବୀ କୁମାରୀ ଉକ୍ତ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଥିଲେ। ଦଳର ଘୋଷଣା ଅନୁଯାୟୀ ପୌରାଧ୍ୟକ୍ଷା ଆସନ ନିମନ୍ତେ ମାଧବୀ କୁମାରୀଙ୍କ ନାମ ଘୋଷଣା କରାଯାଇଥିବା ବେଳେ ୧ ନମ୍ବର ୱାର୍ଡ ପାଇଁ ରେଣୁପ୍ରଭା ବେହେରା, ୨ପାଇଁ ଶିଳ୍ପୀ ନାୟକ, ୩ ପାଇଁ ସୌଦାମିନୀ ନାୟକ, ୪ପାଇଁ ପ୍ରଜିତ ଭୋଜ, ୫ ପାଇଁ ବିଜୟ କୁମାର ଦେହୁରୀ, ୭ ପାଇଁ ପିଙ୍କି ସାହୁ, ୮ ପାଇଁ ମଧୁସୂଦନ ବାଗ, ୯ ପାଇଁ ସରୋଜିନୀ ମୁଣ୍ଡା, ୧୦ପାଇଁ ଇତିଶ୍ରୀ ମିଶ୍ର ଓ ୧୧ ପାଇଁ କାର୍ତ୍ତିକ ମହାକୁଳଙ୍କ ନାମ ଘୋଷଣା କରାଯାଇଥିଲା। ଏହି ଖବରଦାତା ସମ୍ମିଳନୀରେ ପ୍ରାର୍ଥିନୀ ମାଧବୀ କୁମାରୀଙ୍କ ସମେତ ଭାଜପାର ରାଜ୍ୟ ପ୍ରବକ୍ତା ତଥା ଦେବଗଡ଼ ଜିଲା ପ୍ରଭାରୀ ଧିରେନ ସେନାପତି, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସତ୍ୟନାରାୟଣ ପାଣି, ପ୍ରୀତି ପରିମିତା ବେହେରା, ଜିଲା ଭାଜପା ଯୁବ ମୋର୍ଚ୍ଚା ସଭାପତି ସନ୍ତୋଷ କୁମାର ଭୁତିଆ, ଭାଜପା ଯୁବ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁଧିର କୁମାର ବ୍ରହ୍ମା, ନବାଗତ ରାଜ ପରିବାରର ସଦସ୍ୟ ରୋହିତ ଗଙ୍ଗଦେବ ମଞ୍ଚାସୀନ ଥିଲେ। ସମସ୍ତ ୱାର୍ଡର ପ୍ରାର୍ଥୀ ପ୍ରାର୍ଥିନୀମାନେ ଉପସ୍ଥିତ ଥିଲେ।

**ମାଲ୍‌ବାହୀ ଟ୍ରେନ୍ ଲାଇନଚ୍ୟୁତ**

**ରାଉରକେଲା ଅଫିସ:** ରାଉରକେଲା ଇସ୍ପାତ କାରଖାନା ଭିତରେ ଏକ ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ ହୋଇଛି। ରବିବାର ସକାଳ ସାଢ଼େ ୯ଟା ସମୟରେ ଆରଏସ୍‌ପି ଭିତରକୁ ଏକ ମାଲବାହୀ ଟ୍ରେନ ଆଇରନ ଓର ନେଇ ଯାଉଥିଲା। କାରଖାନାର ଡମ୍ପିଂ ୟାର୍ଡ ନିକଟରେ କୌଣସି କାରଣରୁ ଟ୍ରେନ୍‌ର ୩ଟି ବଗି ଲାଇନଚ୍ୟୁତ ହୋଇଥିଲା। ଫଳରେ ଟ୍ରେନ ବଗିରେ ଥିବା ଆଇରନ ଓର୍ ତଳେ ଢ଼ାଳି ହୋଇଯାଇଥିଲା। କାରଖାନା ପକ୍ଷରୁ ରେଲୱେ ଇଞ୍ଜିନିୟରିଂ ଟେକ୍ନିସିଆନ ବିଭାଗକୁ ଖବର ଦିଆଯାଇଥିଲା। ପ୍ରାୟ ୫ଘଣ୍ଟା ପରେ ଟ୍ରେନ ଚଳାଚଳ ହୋଇଥିବା ଜଣାପଡ଼ିଛି।

## ଆଜି କ'ଣ କେଉଁଠି

ସମ୍ବଲପୁର

- ପଞ୍ଚକୁଣ୍ଡୀୟ ବିଶ୍ୱଶାନ୍ତି ସକାଶେ ରୁଦ୍ରଯାଗ କାର୍ଯ୍ୟକ୍ରମ, ବୁର୍ଲା ଜଗନ୍ନାଥ ମନ୍ଦିର, ସକାଳ ୮ଟା।
- ତୃତୀୟ ସମ୍ବଲପୁର କ୍ଲବ ପ୍ରିମିୟର ଲିଗ୍ ମ୍ୟାଚ, ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ପୂର୍ବାହ୍ନ ୯ଟା।
- ଫାଇରିଂ ରେଞ୍ଜ ପଏଣ୍ଟ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସେଣ୍ଟ ଜୋନ୍ସ ସ୍କୁଲ ପରିସର, ପୂର୍ବାହ୍ନ ୧୧ଟା।

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ସ୍କୁଟି ଚାଳକ ମୃତ

**ରାଉରକେଲା ଅଫିସ,୬।୩:** ଉଦିତନଗର ଥାନା ଶୀତଳପଡା ଛକରେ ଏକ ଟ୍ରକ୍ ଧକ୍କାରେ ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗୋପାଳ ଚନ୍ଦ୍ର ବେହେରା(୫୩)। ବାସନ୍ତୀ କଲୋନୀ ଆମ୍ବେଦକର ବସ୍ତିର ଗୋପାଳ ଶନିବାର ରାତି ସାଢ଼େ ୧୦ଟାରେ ଟ୍ରାଫିକ୍ ଗେଟ ଅଞ୍ଚଳରୁ କାମସାରି ସ୍କୁଟିରେ ନିଜ ଘରକୁ ଫେରୁଥିଲେ। ଉଦିତନଗର ଶୀତଳପଡ ଛକରେ ଏକ ମାଲବାହୀ ଟ୍ରକ୍ ତାଙ୍କୁ ପଛପଟୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଆରଜିଏଚ୍‌ରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପୋଲିସ ଏକ ମାମଲା (ନଂ.୫୩/୨୨) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ରବିବାର ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ରେଳ ଡିଭିଜନ, ବିମାନବନ୍ଦର ଦାବିରେ ବିକ୍ଷୋଭ

**ରାଉରକେଲା ଅଫିସ,୬।୩:** ରାଉରକେଲାରେ ରେଳ ଡିଭିଜନ ଓ ୪ସି ବିମାନବନ୍ଦର ଦାବିରେ ରାଉରକେଲାର ବିଭିନ୍ନ ରାଜନୈତିକ ଦଳ ଓ ସାମାଜିକ ସଙ୍ଗଠନ ମିଳିତ ଭାବେ ବିଶ୍ରା ଛକରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ରାଉରକେଲା ବିକାଶ ମଞ୍ଚର ଆବାହକ ସୁମନ ଦତ୍ତ ଓ ବରିଷ୍ଠ ବିଜେଡି ନେତା ଆନନ୍ଦ ଚନ୍ଦ୍ର ମହାନ୍ତି ଯୋଗ ଦେଇ ରାଉରକେଲାରେ ତୁରନ୍ତ ରେଳ ଡିଭିଜନ ଓ ୪ସି ବିମାନ ବନ୍ଦର ନିର୍ମାଣ କରାଯାଉ ବୋଲି ଦାବି କରିଥିଲେ। କାର୍ଯ୍ୟକ୍ରମରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ରାଉରକେଲା ଶ୍ରମିକ ସଂଘ କାର୍ଯ୍ୟକାରୀ ସଭାପତି ହରିହର ରାଉତରାୟ, ସଚେତନ ନାଗରିକ ମଞ୍ଚର ସାଧାରଣ ସମ୍ପାଦକ ପି. ପି ରାୟ, ବିଜେଡ଼ି ନେତା ଆର୍ତ୍ତତ୍ରାଣ ମହାରଣା, ସିପିଏମ ନେତା ଜାହାଙ୍ଗୀର ଅଲ୍ଲୀ, ସାମାଜିକ କର୍ମୀ ପଶୁନାଥ ଚାଟାର୍ଜୀ, ଉତ୍ତର ଓଡ଼ିଶା ରେଳ ସମନ୍ୱୟ ସମିତିର ସାଧାରଣ ସମ୍ପାଦକ ସଂଗ୍ରାମ କେଶରୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### କୋଇଲା ଚୋରା ଚାଲାଣ ବେଳେ ୫ ଗିରଫ :ଟ୍ରକ ଜବତ

**ରେଙ୍ଗାଲି,୬।୩(ବ୍ୟୁରୋ):** ସମ୍ବଲପୁର ଜିଲା ଠେଲକଲୋଇ ଥାନା ଅନ୍ତର୍ଗତ ଖୃଣ୍ଡା ସ୍ଥିତ ତଲାବିରା ୨ ଓ ୩ କୋଇଲା ଖଣିରୁ କୋଇଲା ଚୋରା ଚାଲାଣ ବେଳେ ୫ ଗିରଫ ହୋଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଠେଲକଲୋଇ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଏକ ଟ୍ରକ ( ନଂଓଡି୦୫କେ ୫୨୫୦)ରେ କୋଇଲା ଚାଲାଣ ହେଉଥିବା ବେଳେ ଅଟକାଇଥିଲା। ପୋଲିସ ଟ୍ରକକୁ ଜବତ କରିଛି। ଏହି ଘଟଣାରେ ଝାରଖଣ୍ଡର ସଲାଉଦିନ ଅଂସାରି, ମେହେବୁବ ଅଂସାରି, ଟ୍ରକ ଡ୍ରାଇଭର ମାତୁଲୁ କେମ୍ପ,ଆକାଶ ବଗର୍ତ୍ତି, ସୁନ୍ଦରଗଡ଼ର ସନତ ପଲେଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ଫଟୋଗ୍ରାଫର ସଂଘର କାର୍ଯ୍ୟାଳୟ ଉଦ୍‌ଘାଟିତ

**ସମ୍ବଲପୁର,୬।୩(ବ୍ୟୁରୋ):** ସମ୍ବଲପୁର ଫଟୋଗ୍ରାଫର ସଂଘର ନୂତନ କାର୍ଯ୍ୟାଳୟ ରବିବାର ଜଗନ୍ନାଥ କଲୋନୀଠାରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଜିଲାର ବିଭିନ୍ନ ଅଞ୍ଚଳରୁ ଫଟୋଗ୍ରାଫରମାନେ ସାମିଲ ହୋଇଥିଲେ। କାର୍ଯ୍ୟାଳୟ ହୋଇଥିବାରୁ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା ହୋଇପାରିବ ବୋଲି ସଭ୍ୟମାନେ କହିଛନ୍ତି। ସଂଘ ସଭାପତି ଡମ୍ବରୁଧର ପଧାନ, ସଂପାଦକ ସତ୍ୟଜିତ ପଣ୍ଡା, ସହସଂପାଦକ ତପନ ଦାଶ, କୋଷାଧକ୍ଷ ମହମ୍ମଦ ଇକବାଲ, ଯୋଗାଯୋଗ ସଂପାଦକ ମନୋଜ କାଶ୍ୟପ, ଆନନ୍ଦ ପ୍ରଧାନ, ନରେଶ ସିଂ, ବିଭୂତି ଭୂଷଣ ସ୍ୱାଇଁ, ନିକେତ ମେହେଟା, ମୁକେଶ ପାଣିଗ୍ରାହୀ ଓ କ୍ଷିତୀଶ ବାଗ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# ସୁଦେଇଙ୍କ ପଲ୍ଲା ଭାରି, ବିରୋଧୀ ହତାଶ

**ନାକଟିଦେଉଳ ବ୍ଲକ ଅଧକ୍ଷ ପଦ**

■ସରପଞ୍ଚଙ୍କ ଠାରୁ ହାରିଲେ ବ୍ଲକ ଅଧକ୍ଷା

ସମ୍ବଲପୁର,୬।୩(ବ୍ୟୁରୋ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକରେ ଅଧକ୍ଷ ପଦ ପାଇଁ ଧର୍ମଗୁଳାର ସହଯୋଗ ନିଆଯିବ ନାହିଁ ବୋଲି ଏକ ପ୍ରକାର ସ୍ଥିର ହୋଇଯାଇଛି। ବିଜେଡି ନେତା ତଥା ପୂର୍ବତନ ବ୍ଲକ ଅଧକ୍ଷ ସୁଦର୍ଶନ ସାହୁ (ସୁଦେଇ)ଙ୍କ ପାଖରେ ଆବଶ୍ୟକ ସଂଖ୍ୟା ଠାରୁ ଅଧିକ ସଂଖ୍ୟାରେ ସମିତିସଭ୍ୟାସଭ୍ୟ ରହିଥିବା ଜଣାପଡିଛି। ସମସ୍ତଙ୍କୁ ନେଇ ସେ ଅଜ୍ଞାତବାସରେ ଚାଲି ଯାଇଥିବା ଚର୍ଚ୍ଚା ହେଉଛି। ବର୍ତ୍ତମାନ ସ୍ଥିତିରେ ସୁଦେଇଙ୍କ ପଲ୍ଲା ଭାରି ରହିଛି। ଅନ୍ୟପଟେ ବିଜେଡିର ଅନ୍ୟ ଏକ ଗୋଷ୍ଠୀ ଓ ବିରୋଧୀ ଦଳ ମଧ ନିଜ ସମର୍ଥିତଙ୍କୁ ଅଧକ୍ଷା କରିବାକୁ ଚେଷ୍ଟା ଜାରି ରଖିଛନ୍ତି। ହେଲେ ସଂଖ୍ୟା ଗରିଷ୍ଠତା ନ ହେବାରୁ ହତାଶ ହେବାକୁ ପଡିଛି। ଏପଟେ ବିଜେଡିର ଗୋଟିଏ ଗୋଷ୍ଠୀ ପାଇଁ ଅଡୁଆ ଆହୁରି ବଢିଯାଇଛି। ବିଜେଡି ସମର୍ଥିତ ବର୍ତ୍ତମାନର ବ୍ଲକ ଅଧକ୍ଷା ମନ୍ଦାକିନୀ ରାଉଳ ଡଇଁଚା ପଞ୍ଚାୟତ ସମିତି ସଭ୍ୟ ଭାବେ ଏଥର ନିର୍ବାଚନ ଲଢି ପରାଜିତ ହୋଇଛନ୍ତି। ଡଇଁଚା ସରପଞ୍ଚ ପ୍ରବୀଣ କୁମାର ପ୍ରଧାନଙ୍କ ସହିତ ତାଙ୍କର ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଏହି ନିର୍ବାଚନରେ ସମିତି ସଭ୍ୟ ଭାବେ ଜିତିଥିବା ପ୍ରବୀଣ ମଧ ସୁଦେଇଙ୍କୁ ସମର୍ଥନ କରୁଛନ୍ତି ବୋଲି ଆଲୋଚନା ହେଉଛି। ୨୦୧୭ ପଞ୍ଚାୟତ ନିର୍ବାଚନରେ ସୁଦେଇ ବ୍ଲକ ଅଧକ୍ଷ ପଦ ହାତେଇବା ପାଇଁ ଉଦ୍ୟମ କରିଥିଲେ। ହେଲେ ଧର୍ମଗୁଳାରେ ମନ୍ଦାକିନୀ ରାଉଳଙ୍କ ଠାରୁ ପରାଜୟ ହୋଇଥିଲେ। ଚଳିତ ନିର୍ବାଚନରେ ସୁଦେଇ ବ୍ଲକର ଘୁଷୁରାମାଲ ପଞ୍ଚାୟତରୁ ସମିତି ସଭ୍ୟ ଭାବେ ନିର୍ବାଚନ ଲଢି ବିଜୟୀ ହୋଇଛନ୍ତି। ଏହାଛଡା ସେ ନିଜ ବୋହୂ ସ୍ୱରୁପାରାଣୀ, ସ୍ତ୍ରୀ ଶାନ୍ତିଙ୍କୁ ଅନ୍ୟ ପଞ୍ଚାୟତଗୁଡିକରେ ପ୍ରାର୍ଥୀ କରିଥିଲେ। ହେଲେ ସ୍ତ୍ରୀ ଶାନ୍ତି ପରାଜିତ ହୋଇଥିବା ବେଳେ ବୋହୂ ସ୍ୱରୁପାରାଣୀ ବିଜୟୀ ହୋଇଛନ୍ତି। ବ୍ଲକରେ ମୋଟ ୧୪ ପଞ୍ଚାୟତ ରହିଛି। ତେଣୁ ବ୍ଲକ ଅଧକ୍ଷା ପଦ ପାଇଁ ୮ ଜଣ ସମିତି ସଭ୍ୟଙ୍କ ସମର୍ଥନର ଆବଶ୍ୟକ ରହିଛି। ସୁଦେଇଙ୍କ ପାଖରେ ୬ ଓ ବିରୋଧୀଙ୍କ ପାଖରେ ୬ ସମର୍ଥନ ରହିଥିଲା। ଶେଷରେ ସୁଦେଇ ୮ରୁ ଉର୍ଦ୍ଧ୍ୱ ସମିତି ସଭ୍ୟଙ୍କ ସମର୍ଥନ ହାସଲ କରି ଅଜ୍ଞାତବାସରେ ନେଇ ଯାଇଛନ୍ତି। ନୂତନ ଭାବେ ବିଜେଡିରେ ଯୋଗ ଦେଇଥିବା ଯୁଯୁମରା ବ୍ଲକର ଜଣେ ଯୁବନେତାଙ୍କ ସମ୍ପର୍କରେ ନାକଟିଦେଉଳ ବ୍ଲକର ୨ ଜଣ ସମିତି ସଭ୍ୟ ରହିଥିଲେ। ତେଣୁ ଯୁବନେତା ଜଣଙ୍କ ସମ୍ପର୍କରେ ଥିବା ଦୁଇ ସମିତି ସଭ୍ୟ ସୁଦେଇଙ୍କୁ ସମର୍ଥନ ଦେଇଛନ୍ତି। ତେଣୁ ଅଧକ୍ଷ ପଦ ପାଇଁ ଆବଶ୍ୟକ ଥିବା ମ୍ୟାଜିକ୍ ସଂଖ୍ୟା ହୋଇଯାଇଛି ବୋଲି ଆଲୋଚନା ହେଉଛି। ଗତଥର ବିଜେଡି ହାତରେ ବ୍ଲକ ଅଧକ୍ଷ ପଦ ରହିଥିଲା। ଏବେ ମଧ ବିଜେଡି ହାତକୁ ଅଧକ୍ଷ ପଦ ଯିବାର ବାଟ ଫିଟିଛି। ହେଲେ ନାକଟିଦେଉଳ ବ୍ଲକରେ ବିଜେଡିର ଗୋଷ୍ଠୀ କନ୍ଦଳ ସାମନାକୁ ଆସିଯାଇଛି।

## ୩ ମୃତ ଶିକ୍ଷକଙ୍କ ପରିବାରକୁ ସହାୟତା



ଜଣେ ଶିକ୍ଷକଙ୍କ ସ୍ତ୍ରୀଙ୍କୁ ସଂଘ ପକ୍ଷରୁ ସହାୟତା ପ୍ରଦାନ କରାଯାଉଛି।

ନାକଟିଦେଉଳ,୬।୩(ଡ଼ି.ଏନ.ଏ.)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକ ଭାବେ କାର୍ଯ୍ୟରତ ଥାଇ ଅକାଳ ମୃତ୍ୟୁବରଣ କରିଥିବା ୩ ଜଣ ଶିକ୍ଷକଙ୍କ ପରିବାରବର୍ଗଙ୍କୁ ନାକଟିଦେଉଳ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସମନ୍ୱୟ କମିଟି ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ମୃତ ଶିକ୍ଷକମାନେ ହେଲେ ହିଞ୍ଜାମୁରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ଜଗନ୍ନାଥପ୍ରସାଦ ଗ୍ରାମର ସ୍ୱର୍ଗତ ପ୍ରମୋଦ କୁମାର ସାହୁ, ଲାଣ୍ଡିମାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ତଥା କାଦୋବାହାଲ ଗ୍ରାମର ଉମାକାନ୍ତ ପ୍ରଧାନ ଏବଂ ପଥୁରିଆ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ତଥା ବଡ଼ମାଳ ଗ୍ରାମର ମାଟିଆସ ଲାକ୍ରା। ଶନିବାର ବ୍ଲକସ୍ତରୀୟ ଶିକ୍ଷକ ସମନ୍ୱୟ କମିଟିର ସଭାପତି ଗୁରୁଚରଣ ବିଶ୍ୱାଳ, କୋଷାଧକ୍ଷ ଅଜିତ କୁମାର ପ୍ରଧାନ ପ୍ରମୁଖ ମୃତ ୩ ଜଣ ଶିକ୍ଷକଙ୍କ ବାସଭବନରେ ପହଞ୍ଚି ସେମାନଙ୍କ ସ୍ତ୍ରୀମାନଙ୍କୁ ସଂଘ ପକ୍ଷରୁ ୮ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରିବା ସହ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ଏହି ଅବସରରେ ସାହେବୀ ସିଆରସିସି ସୁକାନ୍ତ କୁମାର ବାଘ, ଶିକ୍ଷକ ସଞ୍ଜୀବ କୁମାର ନାଏକ ଏବଂ ରାଫେଲ ବାର୍ଲା ପ୍ରମୁଖ ଉପସ୍ଥିତ ଥିଲେ।



ରବିବାର ସମ୍ବଲପୁର ଏନୱାଇକେ ଚାରଭାଟି ଏଫସି ଆୟୋଜିତ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟରେ ଅତିଥିଙ୍କ ସହ ଖେଳାଳିମାନେ।

## ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ

**ଅଇଁଠାପାଲି ଏଫସି ଚାମ୍ପିୟନ**

ସମ୍ବଲପୁର,୬।୩(ବ୍ୟୁରୋ)

ସମ୍ବଲପୁର ଏନୱାଇକେ ଚାରଭାଟି ଏଫସି ଆୟୋଜିତ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ହାୱା ମଇଦାନଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲାର ବିଭିନ୍ନ ଅଞ୍ଚଳରୁ ୮ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ଅଇଁଠାପାଲି ଏଫସି ବନାମ ସରଲାକାନି ଏଫସି ମଧ୍ୟରେ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଶେଷରେ ରେଫରୀ ଟାଇବ୍ରେକର ପଦ୍ଧତିର ଆଶ୍ରୟ ନେଇଥିଲେ। ଟାଇବ୍ରେକର ପଦ୍ଧତିରେ ଅଇଁଠାପାଲି ଏଫସି ୫-୪ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ଟ୍ରଫି ହାସଲ କରିଥିଲା। ରେଫରି ମଥୁରା ଓରାମ, କାର୍ତ୍ତିକ ଓରାମ, ଜଲେନ ଓରାମ ଓ କର୍ଣ୍ଣ ବେହେରା ମ୍ୟାଚଗୁଡିକୁ ପରିଚାଳନା କରିଥିଲେ। ଅରବିନ୍ଦ ନାୟକଙ୍କ ପରିଚାଳନାରେ ପୁରସ୍କାର ବିତରଣୀ ଉତ୍ସବ ହୋଇଥିଲା। ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ମୁଖ୍ୟଅତିଥି, ରେଙ୍ଗାଲି ବିଧାୟକ ନାଉରୀ ନାଏକ, ଜିଲା କ୍ରୀଡା ସଂଘ ଫୁଟବଲ ସଂପାଦକ ଅବଦୁଲ ଗଫାର, କ୍ରୀଡା ସଂଗଠକ ମହମ୍ମଦ ସାବିର ହୁସେନ, ମନୋଜ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗଦେଇ କ୍ରୀଡାବିତ୍‌ମାନଙ୍କୁ ପୁରସ୍କୃତ କରିଥିଲେ। ବିଜୁ ଓରାମ ମ୍ୟାନ ଅଫ ଦି ମ୍ୟାଚ, ଅଂଶୁ ଓରାମ ଶ୍ରେଷ୍ଠ ଗୋଲ ରକ୍ଷକ ଭାବେ ପୁରସ୍କୃତ ହୋଇଥିଲେ।

## ଜୁଆଆଡ୍ଡା ଉପରେ ଚଢ଼ାଉ, ୪ ଗିରଫ

କୁତ୍ରା,୬।୩ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ଅନ୍ତର୍ଗତ କଟଙ୍ଗ ପାଣ୍ଡ୍ରା ଟୋଲିଠାରେ ଚାଲିଥିବା ଏକ ଜୁଆ ଆଡ୍ଡା ଉପରେ ରବିବାର ସନ୍ଧ୍ୟାରେ କୁତ୍ରା ପୋଲିସ ଚଢାଉ କରି ୪ଜଣଙ୍କୁ ଗିରଫ କରିଛି। ଘଟଣାରୁ ଜଣାପଡିଛି ଯେ, ପାଣ୍ଡ୍ରା ଟୋଲିଠାରେ ଗତ କିଛି ଦିନରୁ ଜୁଆଖେଳ ଚାଲୁଥିବା ନେଇ ପୋଲିସ ଖବର ପାଇଥିଲା। ରବିବାର ସନ୍ଧ୍ୟାରେ ଥାନା ଅଧିକାରୀ ଶୁଶାନ୍ତ କୁମାର ପରିଡାଙ୍କ ନେତୃତ୍ୱରେ ଚଢାଉ କରାଯାଇଥିଲା। ପୋଲିସ ସେଠାରୁ ୪ ଜଣଙ୍କୁ ଗିରଫ କରିଥିବା ବେଳେ ଆଉ କେତେକ ଖସିଯାଇଥିଲେ। ଏହା ସହ ୩ ହଜାର ଟଙ୍କା, ୮ଟି ବାଇକ୍ ଏବଂ ୮ଟି ମୋବାଇଲ ପୋଲିସ ଜବତ କରିଥିବା ଜଣାପଡ଼ିଛି।ଏନେଇ ପୋଲିସ ଏକ ମାମଲା ରୁଜୁ କରିଛି।

## କୁଲତା ସମାଜର ବାର୍ଷିକ ରାମଚଣ୍ଡୀ ପୂଜା



ସମ୍ବଲପୁରରେ ରାମଚଣ୍ଡୀ ପୂଜାରେ ଉପସ୍ଥିତ ସଦସ୍ୟ।

ସମ୍ବଲପୁର,୬।୩(ବ୍ୟୁରୋ)

କୁଲତା ସମାଜ ସମ୍ବଲପୁରର ବାର୍ଷିକ ରାମଚଣ୍ଡୀ ପୂଜା ରବିବାର ଦାନୀପାଲି ସେବାସଦନଠାରେ ଅନୁଷ୍ଠିତ ହୋଇଥିଲା। କୁଲତା ସମାଜ ସମ୍ବଲପୁରର ଉପସଭାପତି କୃପାସିନ୍ଧୁ ଖମାରୀଙ୍କ ସଭାପତିତ୍ୱରେ ହୋଇଥିବା ଏହି ବାର୍ଷିକ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଇଞ୍ଜିନିୟର ଦେବାର୍ଚ୍ଚନ ଭୋଇ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଜଗଦୀଶ ବିଶ୍ୱାଳ, ନବୀନ ଗୁପ୍ତା, ସୁଷମା ସାହୁ, ଚୂଡ଼ାମଣି ବାରିକ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଡ଼. ଗୋରୀ ଦାଶ ପ୍ରଧାନଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୨୦୧୯-୨୦ ଏବଂ ୨୦୨୦-୨୧ ଶିକ୍ଷାବର୍ଷରେ ଦଶମ ଶ୍ରେଣୀରେ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖିଥିବା ସମାଜର ଛାତ୍ର ସୋମ୍ୟରଞ୍ଜନ ଖମାରୀ, ରୋହିଣୀ ପ୍ରଧାନ, ମୋହିତ ପ୍ରଧାନ ଏବଂ ଧନଶ୍ରୀ ସାହୁଙ୍କୁ ଅତିଥି ଗଣ ସମ୍ବର୍ଦ୍ଧିତ କରିଥିଲେ। ସମାଜସେବା, ଶିକ୍ଷା ଓ କଳା କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ହୃଷୀକେଶ, ରାମଚନ୍ଦ୍ର ଭୋଇ, ବିଦେଶୀ ପ୍ରଧାନ ଏବଂ ସଫଳ ମହିଳା ଚାଷୀ ସରସ୍ୱତୀ ବାରିକ, ଚାଷୀ ସୁଦାମ ସାହୁ, ମନବୋଧ ବାରିକ, ଲକ୍ଷ୍ମଣ ଖମାରୀ ଏବଂ ସୁଜିତ ବିଶ୍ୱାଳଙ୍କୁ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ବଣ୍ଟନ କାର୍ଯ୍ୟକ୍ରମକୁ ସୁପ୍ରଭା ପ୍ରଧାନ ପରିଚାଳନା କରିଥିଲେ। ସାଧାରଣ ସମ୍ପାଦକ ଦେଓମ ପ୍ରଧାନ ସମ୍ପାଦକୀୟ ବିବରଣୀ ପଠନ କରିଥିଲେ। ଏହି ଅବସରରେ ରୀତିନୀତି ଅନୁଯାୟୀ ପୂଜା ପାଠ ହୋଇଥିଲା। କୁଲତା ସମାଜର ପୂଜକ ପଣ୍ଡିତ ଉପେନ୍ଦ୍ର ନାରାୟଣ ଭୋଇ, ଦେବୀ ପ୍ରସାଦ ଭୋଇ ଓ ନିର୍ମଳ ପ୍ରଧାନ ମା'ରାମଚଣ୍ଡୀଙ୍କ ପୂଜା ପାଠ କରିଥିଲେ। ଯୁଗ୍ମ ସମ୍ପାଦକ ଚୂଡ଼ାମଣି ବାରିକ ଧନ୍ୟବାଦ ଜ୍ଞାପନ କରିଥିଲେ।

## ବିଜେଡିରେ ଯୋଗଦେଲେ ଭାଜପା କର୍ମକର୍ତ୍ତା

ଝାରସୁଗୁଡା ଅଫିସ୍,୬।୩

ଝାରସୁଗୁଡା ଜିଲା ବିଜେଡି ତରଫରୁ ସହରର ଏକ ହୋଟେଲରେ ରବିବାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ, ଉପପର୍ଯ୍ୟବେକ୍ଷକ ବିଷ୍ଣୁ ପ୍ରସାଦ କେଡିଆ, ତାପସରାୟ ଚୌଧୁରୀ ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ଥିଲେ। ଏହି ମିଶ୍ରଣ ପର୍ବରେ ଭାଜପା ଜିଲା ମହିଳା ମୋର୍ଚ୍ଚା ସଂଯୋଜକ ସମୀର କୁମାର ମିଶ୍ର, ବେଲପାହାଡ ଭାଜପା ପୂର୍ବତନ ସାଧାରଣ ସମ୍ପାଦକ ରଶ୍ମୀରଞ୍ଜନ ମହାନ୍ତି, ସନ୍ତୋଷ କୁମାର ଲେଙ୍କା, ଭାଜପା ଜିଲା ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ସ୍ନିଗ୍ଧା ବହିଦାର ପ୍ରମୁଖ କର୍ମକର୍ତ୍ତା ବିଜୁ ଜନତା ଦଳରେ ବିଧିବଦ୍ଧ ଭାବେ ଯୋଗଦାନ କରିଛନ୍ତି। ବିଜେଡି ଦଳରେ ତାଙ୍କୁ ଉତ୍ତରୀୟ ପ୍ରଦାନକରି ସ୍ୱାଗତ କରାଯାଇଛି। ଏନେଇ ବିଜେଡି ଦଳରେ ଯୋଗଦେଇଥିବା ଭାଜପା କର୍ମକର୍ତ୍ତାମାନେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଭାଜପା ଦଳରେ ଦକ୍ଷ ନେତୃତ୍ୱର ଅଭାବ ରହିଛି। ଫଳରେ ଦଳର ସାଙ୍ଗଠନିକ ଅଭିବୃଦ୍ଧି ହୋଇପାରୁନାହିଁ। ଏହି ଦଳରେ ରହି କାମକଲେ ଆଗକୁ ଆମ୍ଭମାନଙ୍କର ଭବିଷ୍ୟତ ନାହିଁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛରାଜନୀତି ସାଙ୍ଗକୁ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ବଳିଷ୍ଠ ନେତୃତ୍ୱରେ ଅନୁପ୍ରାଣିତ ହୋଇ ଭାଜପା ଛାଡି ବିଜେଡିରେ ଯୋଗଦେଇଛୁ ବୋଲି କହିଛନ୍ତି। ଏନେଇ ସ୍ୱାସ୍ଥ୍ୟମନ୍ତ୍ରୀ ଦାସ କହିଛନ୍ତି, ଭାଜପାର ୪ଜଣ କର୍ମକର୍ତ୍ତାଙ୍କୁ ବିଜେଡିରେ ପାଇଥିବାରୁ ଦଳ ଅଧିକ ସଙ୍ଗଠିତ ହେବା ସହ ବେଲପାହାଡ ପୌର ପରିଷଦରେ ନିର୍ବାଚନରେ ଏହା ସହାୟକ ହେବ।



ମିଶ୍ରଣ ପର୍ବରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଦଳକୁ ଆସିଥିବା କର୍ମୀମାନଙ୍କୁ ସ୍ୱାଗତ କରୁଛନ୍ତି।

## ଟିଉଶନ ଛାତ୍ରୀକୁ ନେଇ ଶିକ୍ଷକ ଫେରାର

କୁତ୍ରା,୬।୩(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ଅନ୍ତର୍ଗତ ବୁଡାକଟା ଗ୍ରାମରେ ଜଣେ ଶିକ୍ଷକ ଛାତ୍ରୀଙ୍କୁ ନେଇ ଫେରାର ହୋଇଯାଇଛନ୍ତି। ଏହାକୁ ନେଇ ଶିକ୍ଷକଙ୍କ ବିରୋଧରେ କୁତ୍ରା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଘଟଣାରୁ ଜଣାପଡିଛି ଯେ ରାଜଗାଙ୍ଗପୁର ଅଞ୍ଚଳର ଜୋଗେସ ଶର୍ମା ନାମକ ଜନୈକ ଶିକ୍ଷକ ରାଞ୍ଚିରୋଡ ସ୍ଥିତ ଏକ ବିଦ୍ୟାଳୟରେ ଶିକ୍ଷକ ଭାବେ ପାଠ ପଢାଉଥିଲେ। ତେବେ କିଛିଦିନ ହେବ ସେ ବୁଡାକଟାରେ ୮ଜଣ ଛାତ୍ରଛାତ୍ରୀଙ୍କୁ ଟିଉସନ କରୁଥିଲେ। କିନ୍ତୁ ତାଙ୍କ ହାବଭାବ ଉପରେ ଗ୍ରାମବାସୀଙ୍କ ସନ୍ଦେହ ହେବାରୁ ସେଠାରେ ଟିଉସନ ବନ୍ଦ କରି ବିରିଙ୍ଗାଟୋଲିରେ ୪ ଛାତ୍ରୀଙ୍କୁ ଟିଉସନ କରୁଥିଲେ। ତେବେ ପୂର୍ବରୁ ଟିଉସନ କରୁଥିବା ବୁଡାକଟା ଗ୍ରାମର ଜନୈକ ଛାତ୍ରୀଙ୍କୁ ନେଇ ଫେରାର ହୋଇଯାଇଥିବା ପରିବାର ପକ୍ଷରୁ କୁତ୍ରା ଥାନାରେ ଅଭିଯୋଗ ହୋଇଛି।

## ଗ୍ରାଚ୍ୟୁଟି ସିଲିଂ ବିରୋଧରେ ହାଇକୋର୍ଟ ଗଲା ଶ୍ରମିକ ସଂଘ

ରାଉରକେଲା ଅଫିସ,୬।୩

ରାଉରକେଲା ସେକ୍ଟର-୪ ସ୍ଥିତ ବିଏମ୍ଏସ୍ କାର୍ଯ୍ୟାଳୟ ପରିସରରେ ରାଉରକେଲା ଇସ୍ପାତ କାରଖାନା କର୍ମଚାରୀ ସଂଘ(ରିକ୍ସ) ପକ୍ଷରୁ ରବିବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଛି। କାରଖାନାର ଗ୍ରାଚ୍ୟୁଟି ସିଲିଂ ବିରୋଧରେ ସଂଘ ଓଡିଶା ହାଇକୋର୍ଟର ଦାରସ୍ଥ ହୋଇ ଶ୍ରମିକମାନଙ୍କ ସ୍ୱାର୍ଥ ପାଇଁ ଲଢ଼େଇ ଜାରି ରଖିଛି ବୋଲି ସଂଘ ସଭାପତି ହିମାଂଶୁ ବଳ କହିଛନ୍ତି। ଦୀର୍ଘ ୬୩ ମାସ ବିତି ଯାଇଥିଲେ ମଧ୍ୟ ଇସ୍ପାତ ଶ୍ରମିକଙ୍କ ଦଶମ ବେତନ ଚୁକ୍ତିନାମା ଆଜି ପର୍ଯ୍ୟନ୍ତ ସମ୍ପନ୍ନ ହୋଇ ପାରୁନାହିଁ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏ ନେଇ ଗତ ଜାନୁଆରୀ ୧୯ରେ ରାଉରକେଲା ଇସ୍ପାତ କର୍ମଚାରୀ ସଂଘ ପକ୍ଷରୁ ଓଡ଼ିଶା ହାଇକୋର୍ଟରେ ପିଟିସନ ଦାୟର କରାଯାଇଥିଲା। ଏହି ମାମଲାର ୨୪ ଫେବୃଆରୀର ମେରିଟ ଦେଖି ବିଚାରପତି ମାମଲାକୁ ଗ୍ରହଣ କରିବା ସହ ସେଲ ଓ ଆରଏସ୍‌ପି କର୍ତ୍ତୃପକ୍ଷଙ୍କୁ ନୋଟିସ ଜାରି କରିଛନ୍ତି। ଏହି ସମ୍ମିଳନୀରେ ସଭାପତି ବଳଙ୍କ ସମେତ ପ୍ରଦୋଷ ପଣ୍ଡା, ରାଜେନ୍ଦ୍ର ମାହନ୍ତ, ସତ୍ୟାନନ୍ଦ ଦାସ, ଉମାକାନ୍ତ ସାମଲ, ସୁରେନ୍ଦ୍ର କୁମାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜୁ ଜୟନ୍ତୀ ପାଳିତ: ବିଜୁ ପାର୍କ ନିର୍ମାଣ କରିବାକୁ ଆଲୋଚନା

କୁଚିଣ୍ଡା,୬।୩(ଡି.ଏନ.ଏ.)

ସମ୍ବଲପୁର ଜିଲା କୁଚିଣ୍ଡା ଆଦିବାସୀ ଭବନଠାରେ ଆଦିବାସୀ ସାମାଜିକ ଓ ସାଂସ୍କୃତିକ ପରିଷଦ ପକ୍ଷରୁ ଶନିବାର ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଓ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ସୁବାସ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜୟନ୍ତୀ ଉତ୍ସବରେ ସାହିତ୍ୟିକ ତଥା ପଣ୍ଡିତ ଅଲେଖ କୁମାର ପତି ମୁଖ୍ୟଅତିଥି ,ବାଉରୀଗୋଡା ପଞ୍ଚାୟତର ନବନିର୍ବାଚିତ ସରପଞ୍ଚ ଗୋବର୍ଦ୍ଧନ ବାଘ ମୁଖ୍ୟବକ୍ତା, ପୂର୍ବତନ ବ୍ଲକ ଅଧକ୍ଷ କରୁଣାକର କିସାନ, ତୁଳସୀ ମଞ୍ଜରୀ ବହିଦାର ଓ ରବିନ୍ଦ୍ର ପଟେଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜୁ ପଟ୍ଟନାୟକଙ୍କ ସାହସିକତା ଓ ପଞ୍ଚାୟତିରାଜ ପାଇଁ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ତାଙ୍କର ସ୍ମୃତିରକ୍ଷା ନିମନ୍ତେ କୁଚିଣ୍ଡାରେ ବିଜୁ ପାର୍କ ନିର୍ମାଣ ଓ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଦାବି କରାଯିବାକୁ ଆଲୋଚନା ହୋଇଥିଲା। ରଶ୍ମିକାନ୍ତ ସାମଲ ପ୍ରାରମ୍ଭିକ ସୂଚନା ପ୍ରଦାନ ସହ ଉତ୍ସବ ପରିଚାଳନା କରିଥିଲେ। ସୁମତୀ ଟପ୍ପୋ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଅତିଥିଗଣ ମାନପତ୍ର ଓ ଉପଢୌକନ ଦେଇ ପୁରସ୍କୃତ କରିଥିଲେ। ଶେଷରେ ଲିପି ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ରମେଶ କିଶାନ, କେଶବ ବାବା, ଯମୁନା ପୋଢ଼ , ମଞ୍ଜରୀ ପ୍ରଧାନ, ବର୍ଷାରାଣୀ ବାରିକ, ସୁମତୀ ଟପ୍ପୋ, ସୁଚିତା କାକ, ଟିଂକିତା ବାଗ, ସୁପ୍ରଭା ବାଗ ପ୍ରମୁଖ ସହଯୋଗ କରିଥିଲେ।

## ବିଜେଡିରୁ ରଞ୍ଜନା, ଭାଜପାରୁ ତନୟା ପୌରାଧକ୍ଷା ପ୍ରାର୍ଥୀ

**ସୁନ୍ଦରଗଡ଼ ପୌରପରିଷଦ ପାଇଁ ବିଜେଡି ଓ ଭାଜପା ପକ୍ଷରୁ ପୌରାଧକ୍ଷ ଓ କାଉନସିଲର ପ୍ରାର୍ଥୀଙ୍କ ନାମ ଘୋଷିତ**



ରଞ୍ଜନା ପଣ୍ଡା(ବିଜେଡ଼ି)



ତନୟା ମିଶ୍ର(ଭାଜପା)

ସୁନ୍ଦରଗଡ଼,୬।୩ (ଡି.ଏନ୍.ଏ.)

ସୁନ୍ଦରଗଡ଼ ପୌରପରିଷଦର ପୌରାଧକ୍ଷ ଓ କାଉନସିଲର ପଦବୀ ପାଇଁ ବିଜେଡି ଓ ଭାଜପା ପକ୍ଷରୁ ପ୍ରାର୍ଥୀମାନଙ୍କ ନାମ ରବିବାର ସନ୍ଧ୍ୟାରେ ଘୋଷିତ ହୋଇଛି। ପୂର୍ବତନ ଉପନଗରପାଳ ରଞ୍ଜନା ପଣ୍ଡାଙ୍କୁ ବିଜେଡି ସୁନ୍ଦରଗଡ଼ ପୌରାଧକ୍ଷା ପ୍ରାର୍ଥୀ କରିଛି। ସେହିପରି ଭାଜପା ତନୟା ମିଶ୍ରଙ୍କୁ ପୌରାଧକ୍ଷା ପ୍ରାର୍ଥୀ କରିଛି। ତନୟା ମିଶ୍ର ହେଉଛନ୍ତି ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଟକିଶୋର ମିଶ୍ରଙ୍କ ସ୍ତ୍ରୀ। ଏନେଇ ଉଭୟ ଦଳ ପକ୍ଷରୁ ଆହୂତ ଖବରଦାତା ସମ୍ମିଳନୀରେ ପୌରାଧକ୍ଷା ଓ ବିଭିନ୍ନ ୱାର୍ଡ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ବିଜେଡି ପକ୍ଷରୁ ୧୯ଟି ୱାର୍ଡ ମଧ୍ୟରୁ ୨ଟି ୱାର୍ଡରେ ଜଣେ ପୂର୍ବତନ ନଗରପାଳ ଓ ଜଣେ ପୂର୍ବତନ ଉପନଗରପାଳଙ୍କୁ କାଉନସିଲର ପ୍ରାର୍ଥୀ କରିଛି। ୱାର୍ଡ଼ ନଂ. ୧ ପାଇଁ ହେମନ୍ତ ପାଢୀ, ୱାର୍ଡ ନଂ. ୨ ଅନୀଲ ମହାପାତ୍ର, ୩ ନଂ. ୱାର୍ଡ ମହମ୍ମଦ ଆଖାର ହୁସେନ୍, ୪ନଂ. ୱାର୍ଡ ଶ୍ୱେତା ଶେଫାଳୀ ମୁଣ୍ଡୁ, ନମ୍ବର ୫ରେ ଚିରସ୍ମିତା ଯୋଶୀ, ୬ରେ ଲଲାଟେନ୍ଦୁ ପରିଡା, ୭ରେ ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ୮ରେ ସସ୍ମିତା ମହାରଣା,୯ନଂରେ ସୁନାଦେଇ ନାଏକ ପ୍ରାର୍ଥୀ ହୋଇଛନ୍ତି। ସେହିପରି ୧୦ରେ ସୁଶୀଳା ଖେସ୍, ୧୧ନଂ.ରେ ରଜତ ରଂଜନ ଅଡା, ୧୨ନଂ.ରେ କୈଳାସ ତନ୍ତୀ, ୧୩ରେ ମମତାରାଣୀ ଟେଟେ, ୧୪ରେ ଦୁଶୀଲା ଡନସେନା, ୧୫ନଂରେ ସୁଶୀଲା ନାଗ, ୧୬ନଂ.ରେ ପୂର୍ବତନ ଉପନଗରପାଳ ସୁମନ୍ତ ପଣ୍ଡା, ୧୭ନଂ.ରେ ରଜନୀ ରୋହିଦାସ, ୧୮ନଂ.ରେ ଅନୀତା ଶର୍ମା, ୧୯ନଂରେ ଗୀତାରାଣୀ ମାଝିଙ୍କୁ ବିଜେଡ଼ି ପକ୍ଷରୁ ପ୍ରାର୍ଥୀ କରାଯାଇଛି। ସେହିପରି ଭାଜପା ପକ୍ଷରୁ ସୁନ୍ଦରଗଡ଼ର ୧୯ଟି ୱାର୍ଡ ମଧ୍ୟରୁ ୧ନଂ ପାଇଁ କ୍ଷୀରୋଦ କୁମାର ଷଣ୍ଡ, ୨ନଂ ୱାଡ ପାଇଁ ଜଗନ୍ନାଥ ସାହୁ, ୩ନଂ.ରେ ମହମ୍ମଦ ଆଜାଦ ଖାନ୍, ନଂ୪ରେ ସ୍ନେହଲତା ଭୋଇଙ୍କୁ ପ୍ରାର୍ଥୀ କରିଛି। ସେହିପରି ୱାର୍ଡ ନଂ. ୫ରେ କାନନବାଳା ବେହେରା, ୬ରେ ଜଗନ୍ନାଥ ଜେନା, ୭ ନଂ.ରେ ରଞ୍ଜିତ କୁମାର ବୁଡା, ୮ନଂ.ରେ ଭାରତୀ ପଟେଲ, ୯ନଂ.ରେ ଦୀପାଞ୍ଜଳି ନନ୍ଦ,୧୦ରେ ମିନତି ପୁରୋହିତ, ୧୧ରେ ବିଶାଲ କୁମୁରା, ନଂ.୧୨ରେ ଡିଲେଶ୍ୱର ତନ୍ତୀ, ୧୩ରେ ରମେଶ ସୋରେଙ୍ଗ, ୧୪ ନଂରେ ବବିତା ସୁନ୍ଦରୀ ଦାଶ, ୧୫ ନଂରେ ବିନତି ରକ୍ସା, ୱାର୍ଡ ନଂ. ୧୬ରେ ଇକବାଲ ସିଂ, ୧୭ରେ ନଳିନୀ ତନ୍ତୀ, ୧୮ରେ ପୌଷାଳି ବାରିକ, ୧୯ରେ ମମତା ଖାଲକୋ ପ୍ରାର୍ଥୀ ହୋଇଛନ୍ତି। ୭ତାରିଖ ସୋମବାର ନାମାଙ୍କନପତ୍ର ଦାଖଲର ଶେଷ ଦିବସ ରହିଛି। ହେଲେ କଂଗ୍ରେସ ପକ୍ଷରୁ ବର୍ତ୍ତମାନ ସୁଦ୍ଧା ପ୍ରାର୍ଥୀ ତାଲିକା ଘୋଷଣା କରାଯାଇ ନାହିଁ।

# ରେକର୍ଡ ଭାଙ୍ଗିଲେ ମୋକୋକା



**ଜିହ୍ୱେବର୍‌ହା (ଦକ୍ଷିଣ ଆଫ୍ରିକା), ୬।୩**

ଦକ୍ଷିଣ ଆଫ୍ରିକାର ଷ୍ଟିଫେନ୍ ମୋକୋକା ତାଙ୍କ ପ୍ରଥମ ରେସ୍‌ରେ ପୁରୁଷ ୫୦ କିଲୋମିଟର (୩୧ ମାଇଲ୍) ରେକର୍ଡ ଭଙ୍ଗ କରିଛନ୍ତି। ଏଠାରେ ରବିବାର ଅନୁଷ୍ଠିତ ନେଡ୍‌ବ୍ୟାଙ୍କ୍ ରନିଫାଏଡ୍ ଇଭେଣ୍ଟରେ ସେ ଦୁଇ ଘଣ୍ଟା ୪୦ ମିନିଟ୍ ୧୩ ସେକେଣ୍ଡରେ ରେସ୍ ଶେଷ କରିଥିଲେ। ପୂର୍ବରୁ ଏହି ରେକର୍ଡର ଅଧିକାରୀ ଥିଲେ ଇଥିଓପିଆର କେଟେମା ନେଗାସା। ଗତବର୍ଷ ୨:୪୨:୦୭ ଟାଇମିଂରେ ସେ ଏହି ରେକର୍ଡ ପ୍ରତିଷ୍ଠା କରିଥିଲେ। ମୋକୋକା ୨୦୧୨ ଓ ୨୦୨୦ ଅଲିମ୍ପିକ୍ସ ମାରାଥନ ଏବଂ ୨୦୧୬ ଅଲିମ୍ପିକ୍ସ ୧୦,୦୦୦ମିଟରରେ ଅଂଶଗ୍ରହଣ କରିଥିଲେ। ରେସ୍ ଦୀର୍ଘ ହୋଇଥିବାରୁ ମୁଁ କ୍ଲାନ୍ତ ହୋଇପଡ଼ିଛି। କିନ୍ତୁ ଏହାକୁ ମୁଁ ଉପଭୋଗ କରିଛି ବୋଲି ମୋକୋକା କହିଛନ୍ତି। ସୂଚନାଯୋଗ୍ୟ, ୱାର୍ଲ୍ଡ ଆଥଲେଟିକ୍ସ ଇତିମଧ୍ୟରେ ଏହାର ଇଭେଣ୍ଟ ତାଲିକାରେ ୫୦କିମି ଦୂରତାକୁ ସାମିଲ କରିଛି। ଜୁଲାଇରେ ବିଶ୍ୱ ରେକର୍ଡକୁ ସ୍ୱୀକୃତି ଦେଇଛି। ଅନ୍ୟପକ୍ଷରେ ଇଥିଓପିଆର ଆମେଲେୱର୍କ ଫିକାଡୁ ବୋସୋ ମହିଳା ରେସ୍‌ରେ ପ୍ରାଧାନ୍ୟ ବିସ୍ତାର କରିଥିଲେ। ସେ ୩:୦୪:୫୮ ଟାଇମିଂରେ ରେସ୍ ଜିତିଥିଲେ। ଦ୍ୱିତୀୟ ସ୍ଥାନରେଥିବା ପ୍ରତିଯୋଗୀଙ୍କଠୁ ପ୍ରାୟ ୪ ମିନିଟ ଆଗରେ ରହିଥିଲେ। କିନ୍ତୁ ବିଶ୍ୱ ରେକର୍ଡଠାରୁ ମାତ୍ର ୩୪ ସେକେଣ୍ଡ ପଛରେ ରହିଯାଇଥିଲେ। ଅନ୍ୟପକ୍ଷରେ ଡବଲ ଅଲିମ୍ପିକ ମାରାଥନ ଚାମ୍ପିୟନ ଏଲିଉଡ୍ କିପ୍‌ଚୋଗେ ଟୋକିଓ ମାରାଥନରେ ପଦାର୍ପଣରେ ୨:୦୨:୪୦ ଟାଇମିଂରେ ରେସ୍ ଜିତିଛନ୍ତି। କେନିଆର ବିଶ୍ୱରେକର୍ଡ ଅଧିକାରିଣୀ ବ୍ରିଗିଡୋ କୋସଗେଇ ମହିଳା ରେସ୍‌ରେ ୨:୧୬:୦୨ ଟାଇମିଂରେ ବିଜୟୀ ହୋଇଛନ୍ତି।

# ଓ୍ୱର୍ନଙ୍କ ରୁମ୍‌ରେ ରକ୍ତ ଦାଗ

**କୋ ସାମୁଇ (ଥାଇଲାଣ୍ଡ), ୬।୩ (ପି.ଟି.):** ଥାଇଲାଣ୍ଡ ପୋଲିସ କିମ୍ବଦନ୍ତୀ ଅଷ୍ଟ୍ରେଲୀୟ କ୍ରିକେଟର ଶେନ୍ ଓ୍ୱର୍ନଙ୍କ ଅକାଳ ମୃତ୍ୟୁକୁ ନେଇ ତଦନ୍ତ ବେଳେ ତାଙ୍କ ରୁମ୍‌ର ଚଟାଣ ଏବଂ ଗାଧୁଆ ଟାୱେଲରେ ରକ୍ତ ଦାଗ ଦେଖିବାକୁ ପାଇଛି। ଓ୍ୱର୍ନ ଥାଇଲାଣ୍ଡକୁ ଛୁଟି କଟାଇବାକୁ ଆସିଥିବା ବେଳେ ଏକ ବିଳାସପୂର୍ଣ୍ଣ ଭିଲାରେ ଅବସ୍ଥାନ କରୁଥିଲେ। ସେଠାରେ ତାଙ୍କର ହୃଦ୍‌ଘାତରେ ପ୍ରାଣହାନି ଘଟିଥିବା ସନ୍ଦେହ କରାଯାଉଛି। ଆମ୍ବୁଲାନ୍ସ ଆସିବା ପର୍ଯ୍ୟନ୍ତ ବିଳାସପୂର୍ଣ୍ଣ ଭିଲାରେ ଓ୍ୱର୍ନଙ୍କୁ ବଞ୍ଚାଇବା ଲାଗି ପ୍ରଥମେ ତାଙ୍କ ବନ୍ଧୁମାନେ ଚେଷ୍ଟା କରି ବିଫଳ ହୋଇଥିଲେ। ଶୁକ୍ରବାର ରାତିରେ ଥାଇ ଇଣ୍ଟରନ୍ୟାଶନାଲ ହସ୍ପିଟାଲରେ ଡାକ୍ତରମାନେ ୫୨ବର୍ଷୀୟ କ୍ରିକେଟ କିମ୍ବଦନ୍ତୀଙ୍କୁ ମୃତ ଘୋଷଣା କରିଥିଲେ। କୃତ୍ରିମ ଉପାୟରେ ଓ୍ୱର୍ନଙ୍କ ଶ୍ୱାସ ପ୍ରକ୍ରିୟା ସ୍ୱାଭାବିକ କରିବାଲାଗି ଚେଷ୍ଟା ବେଳେ ତାଙ୍କ ପାଟିରୁ ତରଳ ପଦାର୍ଥ ସହ ରକ୍ତ ବାହାରିଥିଲା। ସ୍ଥାନୀୟ ପୋଲିସ କର୍ତ୍ତୃପକ୍ଷ କହିଛନ୍ତି, ଓ୍ୱର୍ନ ନିକଟରେ ଜଣେ ଡାକ୍ତରଙ୍କୁ ଭେଟି ତାଙ୍କ ହାର୍ଟର ଅବସ୍ଥା କିପରି ଅଛି ସେ ସମ୍ପର୍କରେ ପଚାରି ବୁଝିଥିଲେ। ତେଣୁ ତାଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ଓ୍ୱର୍ନ ସାଙ୍ଗମାନଙ୍କ ସହ ଥାଇଲାଣ୍ଡ ଉପସାଗର ଅନ୍ତର୍ଗତ ଲୋକପ୍ରିୟ ଦ୍ୱୀପ କୋ' ସାମୁଇରେ ଛୁଟି କଟାଇବା ଲାଗି ଯାଇଥିଲେ। ସନ୍ଧ୍ୟା ୫ଟା ବେଳେ ଓ୍ୱର୍ନ ନିସ୍ତେଜ ଅବସ୍ଥାରେ ପଡ଼ି ରହିଥିବା କ୍ରିକେଟ କିମ୍ବଦନ୍ତୀଙ୍କ ଜଣେ ବନ୍ଧୁ ପ୍ରଥମେ ଦେଖିବାକୁ ପାଇଥିଲେ। ସାଙ୍ଗମାନେ ଆମ୍ବୁଲାନ୍ସକୁ ଅପେକ୍ଷା କରି ପ୍ରଥମେ ଓ୍ୱର୍ନଙ୍କ ଶ୍ୱାସପ୍ରକ୍ରିୟା ଚାଲୁ ପାଇଁ କୃତ୍ରିମ ଉପାୟରେ ଚେଷ୍ଟା କରିଥିଲେ। ଓ୍ୱର୍ନଙ୍କ ମ୍ୟାନେଜମେଣ୍ଟ ପରେ ଏକ ସଂକ୍ଷିପ୍ତ ବିବୃତିରେ ତାଙ୍କୁ ମୃତ ଘୋଷଣା କରିଥିଲା।




ସିକନ୍ଦରାବାଦ୍‌ରେ ଅନୁଷ୍ଠିତ ୧୪ ବର୍ଷରୁ କମ୍ ଜାତୀୟ ସବ୍‌ଜୁନିୟର ରଗ୍‌ବୀ ଚାମ୍ପିୟନଶିପ୍‌ରେ ଓଡ଼ିଶାର ରୌପ୍ୟ ବିଜୟୀ ବାଳିକା ଓ ବ୍ରୋଞ୍ଜ ବିଜେତା ବାଳକ ଦଳ।

# ସୁରେନ୍ଦ୍ର-ସିଦ୍ଧାର୍ଥ ଯୋଡ଼ି ଚାମ୍ପିୟନ



କୃତୀ ଖେଳାଳିମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

**ସମ୍ବଲପୁର, ୬।୩ (ବ୍ୟୁରୋ):** ସମ୍ବଲପୁର ମହାନଗର ନିଗମ ମାନେଶ୍ୱରରେ ପ୍ରଥମ ମାନଧାତା ବାବା ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଲାଙ୍ଗୀର ଜିଲାର ସୁରେନ୍ଦ୍ର ନେପାକ ଓ ସିଦ୍ଧାର୍ଥ ନାଏକଙ୍କ ଯୋଡି ଚାମ୍ପିୟନ ହୋଇଛି। ଫାଇନାଲରେ ସେମାନେ ନିଜ ଜିଲାର ସୋନୁ ନାଏକ ଓ ପ୍ରତୀକ ସିଂ ଯୋଡିକୁ ୨୧-୧୪ , ୨୧-୧୨ ରେ ହରାଇ ଦେଇଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ସମ୍ବଲପୁର, ବରଗଡ଼, ସୋନପୁର, ବଲାଙ୍ଗୀର, ରାଉରକେଲା, ସୁନ୍ଦରଗଡ, କୋରାପୁଟ, କଟକ ଓ ଭୁବନେଶ୍ୱର ପ୍ରଭୃତି ଜିଲାରୁ ମୋଟ ୨୮ ଟିମ୍ ଭାଗ ନେଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ରେଙ୍ଗାଲି ବିଧାୟକ ନାଉରୀ ନାଏକ ଏବଂ ସମ୍ମାନିତ ଅତିଥି ଭାବେ ସୁରେଶ ଅଗ୍ରୱାଲ, ରାଜେନ୍ଦ୍ର ବାରିକ, ଶାନ୍ତି ସାହୁ, ଅମରେଶ ପୁରୋହିତ, ପ୍ରକାଶ ସାହୁ, ଆର୍ତ୍ତ ବାଗ, ଜଗନ୍ନାଥ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ଭୁବନେଶ୍ୱରର କେ. ମୁରଲୀ କ୍ରିଷ୍ଣା, ଶ୍ରେଷ୍ଠ ସ୍ମାସର ଭାବେ ସୋନପୁରର ରାମ ମଲ୍ଲିକଙ୍କୁ ପୁରସ୍କାର ଦିଆଯାଇଥିଲା। ତୃତୀୟ ସ୍ଥାନରେ ରାଉରକେଲା ଓ ଚତୁର୍ଥ ସ୍ଥାନରେ ବରଗଡ ଜିଲା ଟିମ୍ ରହିଥିଲେ। ବିଜୟୀ ଟିମ୍‌କୁ ଟ୍ରଫି ସହ ଆର୍ଥିକ ପୁରସ୍କାର ଦିଆଯାଇଥିଲା। ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ରଞ୍ଜିତ ମେହେର, ବିବେକ ଭୂଷଣ ନାଏକ, ସନ୍ତୋଷ ରାଓଙ୍କ ସମେତ ମାନଧାତା ବାବା କ୍ଲବର ସଦସ୍ୟମାନେ ସହଯୋଗ କରିଥିଲେ।

# ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନର ନୂଆ କର୍ମକର୍ତ୍ତା

**ଭୁବନେଶ୍ୱର, ୬।୩ (କ୍ରୀଡ଼ା ପ୍ରତିନିଧି)**

ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନର ଏକ ବିଶେଷ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବରୁ ସଭାପତି ଓ ସମ୍ପାଦକ ନିର୍ବାଚିତ ହୋଇ ସାରିଥିବାବେଳେ ରବିବାର ଅନ୍ୟ କର୍ମକର୍ତ୍ତାଙ୍କୁ ମନୋନୀତ କରାଯାଇଛି। ନୂଆ କଳେବର ନେଇଥିବା ଆସୋସିଏଶନର କର୍ମକର୍ତ୍ତାମାନେ ହେଲେ ସଭାପତି ସୁରେଶ କୁମାର ରାଉତରାୟ, ଉପସଭାପତି ମନୋରଞ୍ଜନ ମହାନ୍ତି, ସନ୍ତୋଷ କୁମାର ଦାସ, ରାଧାନାଥ ମହାପାତ୍ର, ଭାଗ୍ୟଧର ଜଗଦେବ, ସାଧାରଣ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ଯୁଗ୍ମ ସମ୍ପାଦକ ଜୟନ୍ତ କୁମାର ପଟ୍ଟନାୟକ ଓ କୋଷାଧ୍ୟକ୍ଷ ରଘୁନାଥ ପଣ୍ଡା। ଫୁଟବଲ ସମ୍ପାଦକ ଭାବେ ଦିଲୀପ କୁମାର ଦାସଙ୍କୁ ମନୋନୀତ କରାଯାଇଛି। ଅନ୍ୟ କ୍ରୀଡ଼ା ପାଇଁ ମନୋନୀତ ସମ୍ପାଦକମାନେ ହେଲେ ଅଶୋକ କୁମାର ପଟ୍ଟନାୟକ, ଅଶୋକ କୁମାର ପାତ୍ର, ଜୟନ୍ତ କୁମାର ଜେନା, ରାଜେଶ ସାହୁ, ଗୁରୁ ପ୍ରସାଦ ପଟ୍ଟନାୟକ, ସତ୍ୟବ୍ରତ ନାୟକ, ସୂର୍ଯ୍ୟକାନ୍ତ ମହାନ୍ତି, ସସ୍ମିତା ଦାସ, ରବି ନାରାୟଣ ମହାରଣା, ମହେନ୍ଦ୍ର ନାୟକ ଓ ଗଣେଶ ଚନ୍ଦ୍ର ପାଲ। ସେହିପରି କାର୍ଯ୍ୟକାରିଣୀ କମିଟିରେ ଦିଲୀପ କୁମାର ପଟ୍ଟନାୟକ, ମଧୁ ମାଧବ ଜେନା, ବିଭୁ ରଞ୍ଜନ ମହାପାତ୍ର, ରଜତ ବଲ୍ଲଭ ଦାସ, ଜାନକୀ ବଲ୍ଲଭ ପଟ୍ଟନାୟକ, ନିହାରକାନ୍ତ ପଟ୍ଟନାୟକ, ନିକୁଞ୍ଜ କୁମାର ମହାନ୍ତି, ଗୌରୀ ପ୍ରସାଦ ନନ୍ଦ, ଦୀପକ କୁମାର ମଙ୍ଗରାଜ, ସୁଦୀପ୍ତା ଦାଶ, ମିନତି ସାହୁ, ପ୍ରଦୀପ କୁମାର ରାଉତରାୟ ଓ ଦେବଦତ୍ତ ବାବୁ ସ୍ଥାନ ପାଇଛନ୍ତି।




ରବିବାର ବୈଠକ ପରେ ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନର ନୂଆ କର୍ମକର୍ତ୍ତା।

# ଖ୍ୱାଜା ଶତକରୁ ବଞ୍ଚିତ

**ରାଓ୍ୱଲପିଣ୍ଡି, ୬।୩ (ଏପି):** ପାକିସ୍ତାନ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ଉସ୍‌ମାନ ଖ୍ୱାଜା ଅଳ୍ପକେ ଏକ ଶତକରୁ ବଞ୍ଚିତ ହୋଇଛନ୍ତି। ଅଷ୍ଟ୍ରେଲିଆର ଟପ୍ ଅର୍ଡର ବ୍ୟାଟରଭାବେ ପ୍ଲାସିଡ୍ ଉଇକେଟର ଫାଇଦା ଉଠାଇ ଥିଲେ। ଭ୍ରମଣକାରୀ ଦଳ ରବିବାର ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୨ ଉଇକେଟ ବିନିମୟରେ ୨୭୧ ରନ ସଂଗ୍ରହ କରିଛି। ଖ୍ୱାଜାଙ୍କ ଜନ୍ମସ୍ଥାନ ହେଉଛି ପାକିସ୍ତାନ। ତାଙ୍କୁ ଯେତେବେଳେ ମାତ୍ର ୪ବର୍ଷ ବୟସ ହୋଇଥିଲା ସେତେବେଳୁ ତାଙ୍କ ପରିବାର ଅଷ୍ଟ୍ରେଲିଆ ଯାଇ ସେଠାରେ ବସବାସ କରୁଛନ୍ତି। ଏଠାରେ ସେ ତାଙ୍କ ୯୭ ରନ ସ୍କୋରରେ ଦୁଇଥର ଜୀବନଦାନ ପାଇଛନ୍ତି। ତାଙ୍କ ଓପନିଂ ପାର୍ଟନର ଡେଭିଡ୍ ଓ୍ୱାର୍ନର (୬୮) ଓ ମାର୍ନସ ଲାବୁସେନ୍ (୬୯*) ଆକ୍ରମଣାତ୍ମକ ବ୍ୟାଟିଂ ସହ ଅର୍ଦ୍ଧଶତକ ହାସଲ କରିଛନ୍ତି। ବ୍ୟାଡ୍ ଲାଇଟ୍ ଯୋଗୁ ୨୧ ଓଭର ଖେଳ ବାକିଥାଇ ତୃତୀୟ ଦିବସ ଖେଳ ଶେଷ ହୋଇଥିଲା। ପାକିସ୍ତାନର ପ୍ରଥମ ଇନିଂସ ସ୍କୋରଠାରୁ ଅଷ୍ଟ୍ରେଲିଆ ୨୦୫ ରନ ପଛରେ ରହିଛି।

**ସଂକ୍ଷିପ୍ତ ସ୍କୋର**

**ପାକିସ୍ତାନ ପ୍ରଥମ ଇନିଂସ:** ୪୭୬/୪, ଘୋଷଣା (ଆଝାର ଅଲି-୧୮୫, ଇମାମ ଉଲ୍ ହକ୍-୧୫୭, ମାର୍ନସ ଲାବୁସେନ୍-୧/୫୩)। **ଅଷ୍ଟ୍ରେଲିଆ ପ୍ରଥମ ଇନିଂସ:** ୨୭୧/୨ (ଉସ୍‌ମାନ ଖ୍ୱାଜା-୯୭, ମାର୍ନସ ଲାବୁସେନ-୬୯*, ଡେଭିଡ ଓ୍ୱାର୍ନର-୬୮)।

## ରାଜ୍ୟ ଖବର

**ପ୍ରଥମ ପୃଷ୍ଠାରୁ...**

### ପ୍ରଧାନମନ୍ତ୍ରୀଙ୍କୁ ଚିଠି...

ଏ ସମ୍ପର୍କରେ କେନ୍ଦ୍ର ସରକାରଙ୍କୁ ସମ୍ପୂର୍ଣ୍ଣ ସମର୍ଥନ ଦେବେ ବୋଲି ନବୀନ ଚିଠିରେ ଉଲ୍ଲେଖ କରିଛନ୍ତି। ସୂଚନାଯୋଗ୍ୟ, ୟୁକ୍ରେନ୍ ଫେରନ୍ତା ଡାକ୍ତରୀ ଛାତ୍ରୀଛାତ୍ରଙ୍କୁ ଦେଶର ବିଭିନ୍ନ ମେଡିକାଲ କଲେଜରେ କୋର୍ସ ଶେଷ ଲାଗି ଅନୁମତି ଦେବା ପାଇଁ ପୂର୍ବରୁ ଇଣ୍ଡିଆନ୍ ମେଡିକାଲ ଆସୋସିଏଶନ୍ (ଆଇଏମ୍ଏ) ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଛି। ସଂଘର କହିବା କଥା, ୱାର୍ ଏକ ଲାଇଫ୍ ଟାଇମ୍ କ୍ରାଇସିସ୍। ଯୁଦ୍ଧ ସ୍ଥିତି ଯୋଗୁ ବାଧ୍ୟ ହୋଇ ସେମାନଙ୍କୁ ସ୍ୱଦେଶ ଫେରିବାକୁ ପଡ଼ିଛି। ତେଣୁ ୟୁକ୍ରେନ୍ ଫେରନ୍ତା ଡାକ୍ତରୀ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ନଜରରେ ରଖି ଭାରତୀୟ ମେଡିକାଲ୍ କଲେଜରେ ପଢ଼ିବା ଲାଗି ସେମାନଙ୍କୁ ସୁଯୋଗ ମିଳିବା ଉଚିତ। ଏଥିଲାଗି ନ୍ୟାଶନାଲ ମେଡିକାଲ କମିଶନ ନୂଆ ନିୟମ ଆଣୁ।

### ୨୬ରୁ ଆଇପିଏଲ୍

କ୍ୟାପିଟାଲ୍ସ ୫ଥର ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ ସହ ମୁକାବିଲା କରିବ। ପରେ ଡିୱାଇ ପାଟିଲ ଷ୍ଟାଡିୟମରେ ରାତିରେ ପଞ୍ଜାବ କିଙ୍ଗ୍ସ ବନାମ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମ୍ୟାଚ ଖେଳାଯିବ। ପୁଣେରେ ପ୍ରଥମ ମ୍ୟାଚ ସନରାଇଜର୍ସ ହାଇଦ୍ରାବାଦ ଓ ରାଜସ୍ଥାନ ରୟାଲ୍ସ ମଧ୍ୟରେ ଅନୁଷ୍ଠିତ ହେବ। ବିସିସିଆଇ ପକ୍ଷରୁ ପୂର୍ବରୁ ଘୋଷଣା କରାଯାଇସାରିଛି ଯେ, ୱାଙ୍ଖେଡେ ଷ୍ଟାଡିୟମ ଓ ଡିୱାଇ ପାଟିଲ ଷ୍ଟାଡିୟମରେ ୨୦ଟି ଲେଖାଏଁ ଏବଂ ପୁଣେ ଓ ବ୍ରାବୋର୍ନ ଷ୍ଟାଡିୟମରେ ୧୫ଟି ଲେଖାଏ ମ୍ୟାଚ ଆୟୋଜନ ହେବ। ଫାଇନାଲ ଲିଗ୍ ଗେମ୍ ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ମେ ୨୨ରେ ସନରାଇଜର୍ସ ହାଇଦ୍ରାବାଦ ଓ ପଞ୍ଜାବ କିଙ୍ଗ୍ସ ମଧ୍ୟରେ ହେବ। ଆଇପିଏଲ୍‌ର ଦୁଇ ନୂଆ ଦଳ ଗୁଜରାଟ ଟାଇଟାନ୍ସ ଓ ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ୱାଙ୍ଖେଡେରେ ସେମାନଙ୍କ ପ୍ରଥମ ମ୍ୟାଚରେ ପରସ୍ପରକୁ ମାର୍ଚ୍ଚ ୨୮ରେ ଭେଟିବେ। ମେ ୨୯ରେ ଫାଇନାଲ ଖେଳାଯିବାକୁଥିବା ବେଳେ ପ୍ଲେଅଫ୍‌ଗୁଡ଼ିକ ଲାଗି କାର୍ଯ୍ୟସୂଚୀ ବିସିସିଆଇ ପରେ ପ୍ରକାଶ କରିବ।

### ସ୍ପଷ୍ଟୀକରଣ ମାଗିଲା...

କେଉଁସବୁ ପ୍ରସଙ୍ଗ ଉପରେ ସ୍ପଷ୍ଟୀକରଣ ମାଗିଛନ୍ତି ତାହା ଜଣାପଡ଼ିନି। ଉଲ୍ଲେଖଯୋଗ୍ୟ ଯେ, ଓଡ଼ିଶାରେ ବିଧାନ ପରିଷଦ ଗଠନ ପାଇଁ ବିଧାନସଭାରେ ପାରିତ କୌଣସି ସଂକଳ୍ପ ପ୍ରସ୍ତାବ କେନ୍ଦ୍ର ସରକାରଙ୍କୁ ମିଳିନାହିଁ ବୋଲି ଫେବୃୟାରୀ ୧୨ରେ ରାଜ୍ୟ ସଭାରେ କେନ୍ଦ୍ର ଆଇନ ମନ୍ତ୍ରୀ କିରନ ରିଜିଜୁ ବିଜେଡି ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ସୂଚନା ଦେଇଥିଲେ। ତେବେ କେନ୍ଦ୍ରମନ୍ତ୍ରୀଙ୍କ ଏହି ଉତ୍ତରକୁ ନେଇ ଓଡ଼ିଶାରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା। ବାଚସ୍ପତି ଫେବୃୟାରୀ ୧୫ ତାରିଖରେ ବିସ୍ତୃତ ଦସ୍ତାବିଜ ସହ ୨ଟି ଚିଠି କେନ୍ଦ୍ରମନ୍ତ୍ରୀ କିରନ ରିଜିଜୁଙ୍କୁ ଲେଖି ସମଗ୍ର ଘଟଣାକ୍ରମର ତଦନ୍ତ କରିବାକୁ ଅନୁରୋଧ କରିଥିଲେ। ଏହାସହିତ ବିଧାନ ପରିଷଦ ଗଠନକୁ ନେଇ ପାରିତ ସଂକଳ୍ପ ସଂକ୍ରାନ୍ତ କେନ୍ଦ୍ର ସରକାରଙ୍କୁ ଦିଆଯାଇଥିବା ଚିଠିକୁ ମଧ୍ୟ ବାଚସ୍ପତି ଗଣମାଧ୍ୟମକୁ ଅବଗତ କରାଇଥିଲେ। ଅନ୍ୟପଟେ ବିଧାନପରିଷଦ ଗଠନ ପାଇଁ ରାଜ୍ୟ ବିଧାନସଭାରେ ୨୦୧୮ ସେପ୍ଟେମ୍ବର ୬ରେ ଏକ ସଂକଳ୍ପ ପାରିତ ହୋଇଥିଲା। ଏହି ସଂକଳ୍ପ ସଂକ୍ରାନ୍ତରେ ସେହି ମାସର ୧୮ ତାରିଖରେ ଓଡ଼ିଶା ବିଧାନସଭା ପକ୍ଷରୁ ଲୋକ ସଭା ଓ ରାଜ୍ୟ ସଭାରେ ସେକ୍ରେଟାରି ଜେନେରାଲ, ଆଇନ ମନ୍ତ୍ରଣାଳୟ, ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟ ସଚିବଙ୍କୁ ଚିଠି ଲେଖି ଅବଗତ କରାଇଥିଲେ।

### ଛେଳି ଚୋରିକୁ...

ପୋଲିସକୁ ଠେଲାପେଲା କରି ଓଡ଼ିଶା ପୋଲିସକୁ ମୁକୁଳାଇ ଚୋରଙ୍କୁ ଗାରାବନ୍ଧ ଥାନାକୁ ଆଣିଥିଲେ। ଦୁଇ ଛେଳି ଚୋର ଏ. ନବୀନ ଓ ଜି.ଆନନ୍ଦ ବର୍ତ୍ତମାନ ଗାରାବନ୍ଧ ଥାନାରେ ଅଟକ ଅଛନ୍ତି। ଏନେଇ ଥାନାରେ ନଂ.୧୯/୨୨ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ଦୁହେଁ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଜିଲା କୁରଲମ୍ ଗ୍ରାମର ବୋଲି ଗାରାବନ୍ଧ ଥାନା ଅଧିକାରୀ ସର୍ବେଶ୍ୱର ସାମନ୍ତରାୟ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ ଫେବୃୟାରୀରେ ସୀମାନ୍ତ ମାଣିକପାଟଣାରେ ଆନ୍ଧ୍ର ପଞ୍ଚାୟତ ନିର୍ବାଚନ କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲା। ହେଲେ ଏହାକୁ ମାଣିକପାଟଣାବାସୀ ଓ ଜିଲା ପ୍ରଶାସନ ବିରୋଧ କରିବାରୁ ଶେଷରେ ସେଠାରେ ନିର୍ବାଚନ ବାତିଲ ହୋଇଥିଲା। ବାରମ୍ବାର ଆନ୍ଧ୍ର ଏହି ଅଞ୍ଚଳରେ ପ୍ରବେଶ କରି ନିଜର ସ୍ଥିତି ଜାହିର କରିବାକୁ ଚେଷ୍ଟା କରିଛି।

# ମନ୍ଦିର ନିର୍ମାଣବେଳେ ଧର୍ମ-ନିରଞ୍ଜନ ଦେବତା ପୂଜା

**ଡ. ସୁରେନ୍ଦ୍ର କୁମାର ମିଶ୍ର**

■ ୧୨୪୦ ମସିହା ପୂର୍ବରୁ କୋଣାର୍କ ମଠରେ ଶ୍ରୀଦଧିବାମନ ପୂଜା ପାଉଥିଲେ
■ ସତ୍ୟବାଦୀ ଶ୍ରୀବାଲୁଙ୍କେଶ୍ୱର ମନ୍ଦିରରୁ ଯାଇଥିଲା ଶ୍ରୀନୃସିଂହଙ୍କ ଯୋଗାସନ ବିଗ୍ରହ

ଐତିହ୍ୟର ଓଡ଼ିଶା

ସିଦ୍ଧିଦୁର୍ଗା ପାହାଡ଼ରୁ ପଥର କଟାହୋଇ ଆସି ପହଞ୍ଚିବା ପର୍ଯ୍ୟନ୍ତ ବୀର ବଡ଼ଜେନାଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ ଥିଲା। ବୀର ବଡ଼ଜେନାଙ୍କ ପରିଚୟ ମିଳିପାରି ନାହିଁ। ତାଙ୍କର ଶୃଙ୍ଖଳିତ କାର୍ଯ୍ୟନିର୍ବାହ ପାଇଁ ତିନିତୋଳା ସୁନାର ୨ଟି ହାତଖଡ଼ୁ (ବ୍ରେସ୍‌ଲେଟ) ଦିଆଯାଇଥିଲା। ପଥରଗୁଡ଼ିକ ଭେଳାରେ ଲଦାଯାଇଥିଲା ମହାନଦୀ ବକ୍ଷରେ। ଗଭୀର ଜଳକୁ ଭେଳା ଆସିବା ପରେ ଚାପରେ ଲଦାଗଲା। ଚାପ ଦୟାନଦୀରେ ପହଞ୍ଚି ସୋଲନଦୀ-ଉଦିପୁରଦଣ୍ଡା ଦେଇ ପଦ୍ମତୋଳା ଗଣ୍ଡରେ ପହଞ୍ଚିଥିଲା। ଆଗରୁ ନିଷ୍ପତ୍ତି ହୋଇଥିଲା ବାଣେଶ୍ୱରନାସୀର ସିଦ୍ଧିଦୁର୍ଗା ପାହାଡ଼ରୁ ପଥର କାଟିବା ପାଇଁ ସ୍ଥାନୀୟ ପଥୁରିଆଙ୍କ ସାହାଯ୍ୟ ନିଆଯିବ। ସେଠାରେ ପଥୁରିଆ ତଥା ପଥରଶିଳ୍ପୀ ଥିଲେ। ସେଇମାନଙ୍କୁ ଖର୍ଚ୍ଚ ବାବଦ ସୁନାମାଢ଼ ଭରଣା କରାଯାଇଥିଲା। ଏବେ ବି ପାହାଡ଼ ଅଞ୍ଚଳରେ ପଥୁରିଆମାନଙ୍କ ଜନବସତି ରହିଥିବାର ଜଣାଯାଏ।

ପୂର୍ବରୁ ପୋଥି ବର୍ଣ୍ଣନା ଆଧାରରେ ସୂଚନା ଦେଇଥିଲୁ କୋଣାର୍କଠାରେ ଅରୁଣସ୍ତମ୍ଭ ନିର୍ମାଣ ପାଇଁ ୩୦ ହାତ ଲମ୍ବା ମୁଗୁନି ପଥର ଆସିଥିଲା। ବିଶ୍ୱନାଥ ମୁଣ୍ଡିଆ କଥା ସେଇ ପ୍ରସଙ୍ଗରେ ଜଡ଼ିତ ଥିଲା। ପୋଥିର ପତ୍ର ସଂ.-୨୬ରୁ ଜଣାପଡୁଛି ନୀଳଗିରିରୁ ୨୮ ହାତର ମୁଗୁନି ପଥର ଆସିଥିଲା 'ବିଶ୍ୱକାଣ୍ଡ ଖମ୍ବ' ପାଇଁ। ଆମେ ଏକଥା ଲେଖୁଛୁ ଏଇଥିପାଇଁ ଯେ ବହୁ ଲେଖକ 'ବିଶ୍ୱକାଣ୍ଡ ଖମ୍ବ'କୁ ଅରୁଣସ୍ତମ୍ଭ ସହିତ ଚିହ୍ନିତ କରିଛନ୍ତି। ଅରୁଣସ୍ତମ୍ଭ ପାଇଁ ଭିନ୍ନ ଭିନ୍ନ ଲମ୍ବର ଦୁଇଟି ପଥର ଆସିବ କାହିଁକି ବୁଝାପଡୁନି। 'ବିଶ୍ୱକାଣ୍ଡ ଖମ୍ବ' ମନ୍ଦିରର ଭଦ୍ରପୀଠ ସହିତ ସଂଲଗ୍ନ ହୋଇଥିଲା। ଭଦ୍ରପୀଠ 'ବିଜୟ ସିଂହ ଦ୍ୱାର' ସାମନାରେ ନିର୍ମାଣ ହୋଇଥିଲା। ସେଇ ଦ୍ୱାର ସାମନାରେ 'ବିଶ୍ୱକାଣ୍ଡ ଖମ୍ବ' ଲାଗିଥିଲା। ଏ ବିଷୟରେ ଉଠୁଥିବା ଶଙ୍କା ଆଗକୁ ସମାଧାନ ହେବ।

ଆବଶ୍ୟକ ଅନୁଯାୟୀ ଭଣ୍ଡାର (କୋଣାଦିତ୍ୟ)ର ହିସାବପତ୍ର ଦେଖାଯାଉଥିଲା। ସେଥିରେ କେତେ ଶସ୍ୟ ଅଛି, କାଠବାକ୍ସଗୁଡ଼ିକରେ ବସ୍ତ୍ର କେତେ ଅଛି, ଏପରି କି କତାଦଉଡ଼ି, ରାଶିତେଲ, ଝୁଣାବସ୍ତାର ହିସାବ ତଦାରଖ କରାଯାଉଥିଲା। କେତେବେଳେ କେଉଁ ଦରବ ଆବଶ୍ୟକ ହେବ ତାକୁ ନିଘା ରଖୁଥିଲେ। ବନ୍ଦ ବାକ୍ସରେ ବଡ଼ମାଢ଼ ସୁନା, ଛୋଟ ସୁନାମାଢ଼, ରୁପାର ଟଙ୍କା, ଗେଡ଼ିମୁଦ୍ରା, ସୁନାର କୁରୁଜାତକ କେତେ ମହଜୁଦ ଥିଲା ତାହା ତାଲିକାଭୁକ୍ତ ହେଉଥିଲା। ଗଜପତି କୋଣାର୍କ ଆସିବା ପୂର୍ବରୁ ପ୍ରସ୍ତୁତ ରହୁଥିଲେ ସମସ୍ତେ।

ଭଣ୍ଡାର ହିସାବ ସମୟରେ କାଠ ଭଣ୍ଡାର ଓ ପଥର ଭଣ୍ଡାରର ହିସାବ ହେଉଥିଲା। କାମ ସ୍ଥାନରେ କେତେ ପଥର ଅଛି, ମନ୍ଦିରର କେଉଁ ପାର୍ଶ୍ୱରେ କେତେ ପଥର କେଉଁ କିସମର ଅଛି ଏବଂ କାମ ପାଇଁ ଶିଳ୍ପୀମାନେ କେତେ ପଥର ରଖିଛନ୍ତି ତା'ର ହିସାବ ହେଉଥିଲା। ଉଦ୍ଦେଶ୍ୟ ଥିଲା କୌଣସି କାମ ପାଇଁ ପଥର ନିଅଣ୍ଟ ନ ହେଉ। ହିସାବରୁ ଜଣାପଡ଼ିବ କେଉଁ ପ୍ରକାର ପଥର ଆଉ ଆସିବ। ପୋଥିରୁ ମନ୍ଦିର ନିର୍ମାଣର ହାରାହାରି ଚାରିବର୍ଷ ପରେ ୧,୬୨୮ ଖଣ୍ଡ ବିଭିନ୍ନ କିସମର (ବଡ଼ସାନ ମିଶାଇ) ପଥର ମହଜୁଦ ରହିଥିଲା।

ଭଣ୍ଡାର ହିସାବ କାର୍ଯ୍ୟରେ ବସାଉଠାଘରେ ହିସାବ ନିଆଯାଉଥିଲା। ଏହି ଘରେ 'ଧର୍ମ ନିରଞ୍ଜନ ଦେବତା' କାନ୍ଧିଆହୋଇ ଯାଇପାରୁଥିବା ଏକ ବିମାନରେ ବିଜେ କରିଥିଲେ। ଆବଶ୍ୟକ ଅନୁଯାୟୀ ପଖଜ ଓ ଢୋଲ ବି ରହିଥିଲା। ତାହା ବି ହିସାବ ତାଲିକାରେ ଦରଜ ହୋଇଥିଲା। କେବଳ ଏତିକି ନୁହେଁ ମହାଶ୍ରମ (ଗଜପତି)ଙ୍କ ଶିବିର, ରୂପାସଗଡ଼ ଶିବିର, ମଠ ପରିସର, ଦେଉଳି ଶିବିର ଓ ସୂତ୍ରଧରଙ୍କ ଶିବିରରେ କ'ଣ କ'ଣ ରହିଥିଲା ତାହା ବି ତାଲିକାଭୁକ୍ତ ହୋଇଥିବାର ଜଣାଯାଏ। କୋଣାର୍କଠାରେ ଥିବା ମଠରେ ସେତେବେଳେ ମହନ୍ତ ଥିଲେ ବେଣୁଧର ଦାସ। ସେ ମଠରେ ଶ୍ରୀଦଧିବାମନ (ଶ୍ରୀଜଗନ୍ନାଥ)ଙ୍କୁ ପୂଜା କରୁଥିବାବେଳେ, ସୂତ୍ରଧର ଶିବେଇ ସାନ୍ତରା ନିଜ ଶିବିରରେ ଯୋଗାସନରେ ବସିଥିବା ଶ୍ରୀନୃସିଂହଙ୍କ ବିଗ୍ରହ ପୂଜା କରୁଥିଲେ। ସତ୍ୟବାଦୀ ନିକଟ ବଳପୁରର ଶ୍ରୀବାଲୁଙ୍କେଶ୍ୱର ମନ୍ଦିରରୁ ଏହି ଯୋଗାସନ ବିଗ୍ରହ ଶିବେଇ ସାନ୍ତରା ପୂଜା କରିବା ପାଇଁ ଆଣିଥିଲେ। ଶ୍ରୀବାଲୁଙ୍କେଶ୍ୱର ଶିବମନ୍ଦିର ତତ୍କାଳୀନ ସମୟର ବହୁ ପୂର୍ବରୁ ନିର୍ମିତ ହୋଇସାରିଥିଲା।



ବଳପୁରର ଶ୍ରୀବାଲୁଙ୍କେଶ୍ୱର ମନ୍ଦିର ଫଟୋ। (ଯଜ୍ଞେଶ୍ୱର ମହାନ୍ତି)

### ଶୋଭାଯାତ୍ରାରେ ଫସିଲା...

ପ୍ରାର୍ଥିପତ୍ର ଦାଖଲ ଶୋଭାଯାତ୍ରା ବେଳେ ଟ୍ରାଫିକ୍ ଜାମ୍ ଯୋଗୁ ଡାକବଙ୍ଗଳା ଛକରେ ଆମ୍ବୁଲାନ୍ସଟି ଅଟକି ଯାଇଥିଲା। ସ୍ଥାନୀୟ ସାମାଜିକ କର୍ମୀଙ୍କ ଉଦ୍ୟମରେ ଟ୍ରାଫିକ୍ ସମସ୍ୟା ସ୍ୱାଭାବିକ ହୋଇଥିଲା। ଏହାପରେ ପ୍ରାୟ ୨୦ ମିନିଟ୍ ଧରି ଅଟକି ରହିଥିବା ଆମ୍ବୁଲାନ୍ସଟି ସେଠାରୁ ଯାଇପାରିଥିଲା। କିନ୍ତୁ ଶୋଭାଯାତ୍ରା ଲମ୍ବା ଥିବାରୁ ସହରର ଦଳା ଛକ ଅତିକ୍ରମ କରିବାକୁ ଆମ୍ବୁଲାନ୍ସକୁ ୩୦ ମିନିଟରୁ ଊର୍ଦ୍ଧ୍ୱ ସମୟ ଲାଗିଥିଲା। ଏହାବାଦ୍ ବାଇକରେ ଜଣେ ମହିଳା ନିଜ ଶିଶୁଙ୍କୁ ଘୋଡ଼ାଇ କୁଆଡେ ଯାଉଥିବାବେଳେ ସେ ମଧ୍ୟ ଫସି ରହିଥିଲେ।

କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳା ଭାବେ ବ୍ୟାସନଗର ପରିଚିତ। ହେଲେ ସ୍ୱତନ୍ତ୍ର ଭାବେ ଟ୍ରାଫିକ ପୋଲିସ ବ୍ୟବସ୍ଥା ନ ଥିବାରୁ ସହର ଭିତରକୁ ଭାରିଯାନ ପ୍ରବେଶରେ କଟକଣା ରହୁନି। ପ୍ରଶାସନ ପକ୍ଷରୁ ଆବଶ୍ୟକ ଯୋଜନା ହୋଇ ନ ଥିବାରୁ ଏହାର ପରିଣାମ ସହରବାସୀ ଏବଂ ଆଗନ୍ତୁକଙ୍କୁ ଭୋଗିବାକୁ ପଡୁଛି। ସହରବାସୀଙ୍କ ପକ୍ଷରୁ ବିପର୍ଯ୍ୟସ୍ତ ଟ୍ରାଫିକ ସମସ୍ୟା ସୁଧାର ଆଣିବାକୁ ବାରମ୍ବାର ଜିଲା ପୋଲିସ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଉଥିଲେ ହେଁ କିଛି ସୁଫଳ ମିଳି ପାରୁନାହିଁ। ୧୯୯୪ରେ ୨୬ଟି ୱାର୍ଡକୁ ନେଇ ବ୍ୟାସନଗର ପୌରପରିଷଦ ଗଠିତ ହୋଇଥିଲା। ଇତିମଧ୍ୟରେ ଲୋକସଂଖ୍ୟା ସହ ଭାରିଯାନ ଗାଡ଼ି ଚଳାଚଳ ବଢ଼ିଚାଲିଛି। ଏବେ ସହରର ଲୋକସଂଖ୍ୟା ଦେଢ଼ ଲକ୍ଷ ଟପିଲାଣି। ଏଠାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଶ୍ରମ ଉପନିର୍ଦ୍ଦେଶାଳୟ, ଷ୍ଟେଟବ୍ୟାଙ୍କ ଆଞ୍ଚଳିକ କାର୍ଯ୍ୟାଳୟ, ଜିଲା ଶ୍ରମ ଅଧିକାରୀ, ଖଣି ଉପନିର୍ଦ୍ଦେଶକ, କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ, ଓଏମ୍‌ସି, ଇଡ୍‌କୋ, ଜିଲା ଉଠା ଜଳସେଚନ କାର୍ଯ୍ୟାଳୟ ଆଦି ରହିଛି। ଏହାସହ ଯାଜପୁର-କେନ୍ଦୁଝରରୋଡ୍ ରେଳଷ୍ଟେଶନ ଏବଂ ବ୍ୟାସ ସରୋବର ପର୍ଯ୍ୟଟନସ୍ଥଳୀ ରହିଛି। ତେଣୁ ଜିଲା ଓ ଜିଲା ବାହାରର ଲୋକେ ଏଠାକୁ ଆସିଥାନ୍ତି। ହେଲେ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ସହରର ଛକଗୁଡ଼ିକୁ ହୋମଗାର୍ଡଙ୍କ ଭରସାରେ ଛାଡ଼ି ଦିଆଯାଇଛି। ତେଣୁ ରେଳୱେ ମାଲଗୋଦାମଠାରୁ ଦଳାଛକ ପର୍ଯ୍ୟନ୍ତ ପ୍ରତିଦିନ ଟ୍ରାଫିକ ସମସ୍ୟାରେ ଲୋକେ ହନ୍ତସନ୍ତ ହେଉଛନ୍ତି। ଏଭଳିସ୍ଥଳେ ଲମ୍ବା ଶୋଭାଯାତ୍ରା ସମସ୍ୟାକୁ ଅଧିକ ଜଟିଳ କରୁଛି। ତାରିଣୀ ମାର୍କେଟଠାରେ ଥିବା ମାଲଗୋଦାମକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ବାରମ୍ବାର ଦାବି, ଆନ୍ଦୋଳନ ହେଉଛି। ହେଲେ ରେଳ କର୍ତ୍ତୃପକ୍ଷ ଏଥିପ୍ରତି ଆଦୌ ଧ୍ୟାନ ଦେଉନାହାନ୍ତି ବୋଲି ଅଭିଯୋଗ ହେଉଛି। ଏଭଳିସ୍ଥିତିରେ ଡାକବଙ୍ଗଳା ଛକରେ ଟ୍ରାଫିକ୍ ଜାମ୍‌ରେ ଆମ୍ବୁଲାନ୍ସ ଫସି ରହିବା ଘଟଣାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଅନ୍ୟପକ୍ଷରେ ଟ୍ରାଫିକ ସମସ୍ୟାରୁ ମୁକୁଳିବା ପାଇଁ ଦଳା ଛକରୁ ନହକା ଛକ ଦେଇ ଓଭର ବ୍ରିଜ ନିର୍ମାଣ କରାଯାଇଛି। ତେଣୁ ନହକା ଛକ ଦେଇ ପୌର ପରିଷଦ କାର୍ଯ୍ୟାଳୟକୁ ନିର୍ବାଚନୀ ଶୋଭାଯାତ୍ରା ଯାଇଥିଲେ ଏଭଳି ସମସ୍ୟା ଉପୁଜି ନ ଥାନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# ସ୍ୱାସ୍ଥ୍ୟ ଓ ବର୍ଜ୍ୟବସ୍ତୁ ପରିଚାଳନା


ଡା. ବସନ୍ତ କୁମାର ଷଡ଼ଙ୍ଗୀ

"ପ୍ଲାଷ୍ଟିକ ଓ ପଲିଥିନ ସାମଗ୍ରୀ ନିତ୍ୟ ବ୍ୟବହାର୍ଯ୍ୟ ନିମନ୍ତେ ଉପଯୋଗୀ ହେଉଥିଲେ ସୁଦ୍ଧା ଏହା ବିଘଟନ ହୋଇପାରି ନ ଥାଏ । ଏହାର ବର୍ଜ୍ୟବସ୍ତୁ ମଣିଷ ସମାଜ ପାଇଁ ଯଥେଷ୍ଟ କ୍ଷତିକାରକ ସାଜିଛି । ୧୮୬୨ ମସିହାରେ ଆଲେକଜାଣ୍ଡର ପାର୍କସ ସର୍ବପ୍ରଥମେ ପ୍ଲାଷ୍ଟିକ ବିଷୟ ନେଇ ଲଣ୍ଡନଠାରେ ଅନ୍ତର୍ଜାତୀୟସ୍ତରୀୟ ପ୍ରଦର୍ଶନୀରେ ସୂଚନା ଦେଇଥିଲେ । ପ୍ଲାଷ୍ଟିକ ସାମଗ୍ରୀ ମଣିଷ ସମାଜ ପାଇଁ ବ୍ୟବହାର ଉପଯୋଗୀ ହୋଇଥିଲେ ସୁଦ୍ଧା ବହୁମାତ୍ରାରେ ମନୁଷ୍ୟ ପାଇଁ ଏହା କ୍ଷତିକାରକ ।"

ସାରା ବିଶ୍ୱରେ ମଣିଷ ସମାଜ ସୁସ୍ଥ ଓ ଦୀର୍ଘାୟୁ ଭାବେ ବଞ୍ଚିରହିବା ପାଇଁ କେଉଁ ଆବହମାନ କାଳରୁ ପ୍ରକୃତି ଆମ ପାଇଁ ସମସ୍ତ ସୁବିଧା ସୁଯୋଗ ସୃଷ୍ଟି କରିଛି। ପୃଥିବୀର ଜୀବଜଗତ ମଧ୍ୟରେ ମନୁଷ୍ୟ ସବୁଠୁ ଚତୁର ଓ ବୁଦ୍ଧିମାନ ବୋଲି ବିବେଚନା କରାଯାଏ। ହେଲେ 'ପଣ୍ଡିତ ପୁଅ ମୂର୍ଖ' ନ୍ୟାୟରେ ମନୁଷ୍ୟ ନିଜ ପାଇଁ ଏପରି କେତେକ କାର୍ଯ୍ୟ କରିଚାଲିଛି ଯଦ୍ଦ୍ୱାରା ମନୁଷ୍ୟ ଦୀର୍ଘାୟୁ ହୋଇ ବଞ୍ଚିରହିବା ପରିବର୍ତ୍ତେ ଅଳ୍ପାୟୁ ନିମନ୍ତେ ପରିସ୍ଥିତି ସୃଷ୍ଟି କରିଚାଲିଛି ବୋଲି ଅତ୍ୟୁକ୍ତି ହେବନାହିଁ। ଦିନକୁଦିନ ଜଙ୍ଗଲ ସମ୍ପଦ ଧ୍ୱଂସ କରିବାଠାରୁ ଆରମ୍ଭ କରି ପ୍ରାଣୀସମ୍ପଦ ନଷ୍ଟ କରିବା, ପକ୍ଷୀମାନଙ୍କୁ ମାରି ମାଂସ ଭକ୍ଷଣ କରିବା ମନୁଷ୍ୟର ଅଭ୍ୟାସଗତ ହୋଇଯାଇଛି। ମନୁଷ୍ୟ ଏପରି କାର୍ଯ୍ୟ କରିଚାଲିଛି, ଯାହାକି ପ୍ରକୃତି ଓ ପରିବେଶ ପାଇଁ ଘାତକ ସଦୃଶ ହୋଇଛି। ହେଲେ ମନୁଷ୍ୟ ବୁଝିପାରୁନି ଯେ ନିଜର ଜୀବନ ସୁରକ୍ଷା ଓ ଆଗାମୀ ପିଢ଼ିଙ୍କ ପାଇଁ ନିଜେ କିପରି କ୍ଷତି ସାଧନ କରିଚାଲିଛି ନିଜେ ହିଁ ଜାଣିପାରୁନାହିଁ। ସାମ୍ପ୍ରତିକ ପରିସ୍ଥିତିରେ ମନୁଷ୍ୟ ସୁସ୍ଥ, ନିରାମୟ ଓ ଦୀର୍ଘଦିନ ବଞ୍ଚିରହିବାରେ ନିଜ ପାଇଁ ନିଜେ ପ୍ରତିବନ୍ଧକ ସାଜିଛି।

ମନୁଷ୍ୟ ଦୈନନ୍ଦିନ ନିଜର ବ୍ୟବହାର କରୁଥିବା ସାମଗ୍ରୀ ଭିତରେ ଅତି ଆଦର ଓ ନିକଟତମ ବ୍ୟବହାର ଉପକରଣ ମଧ୍ୟରେ ପ୍ଲାଷ୍ଟିକ ସାମଗ୍ରୀ ଓ ପଲିଥିନକୁ ଅତି ଆପଣାର କରିଛି। ପ୍ଲାଷ୍ଟିକଜାତ ଦ୍ରବ୍ୟ ଭିତରେ ପ୍ଲାଷ୍ଟିକ ଚେୟାର, ଟେବୁଲ, ପିଲାମାନଙ୍କ ପ୍ଲାଷ୍ଟିକ ଖେଳନା ସାମଗ୍ରୀ, କୁରକୁରେ, ଅଟା, ଚା'ପତ୍ର, ବିସ୍କୁଟ ଆଦି ବିଭିନ୍ନ ଖାଦ୍ୟ ଦ୍ରବ୍ୟ ରଖାଯାଉଥିବା ପ୍ୟାକେଟ, ପଲିଥିନ ବ୍ୟାଗ, ପାଣିବୋତଲ ସମେତ ସାଇକେଲ, ହେଲମେଟ, ଏୟାର ବ୍ୟାଗ, ମୋବାଇଲ ଆଦି ବହୁ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ପ୍ଲାଷ୍ଟିକ ଓ ପଲିଥିନ



ସାମଗ୍ରୀ ଦ୍ୱାରା ପ୍ରସ୍ତୁତ ହୋଇଥାଏ। ବ୍ୟବହାର ସରିବା ପରେ ଉକ୍ତ ପ୍ଲାଷ୍ଟିକ ଓ ପଲିଥିନକୁ ଆମେ ଏଣେତେଣେ ଫୋପାଡ଼ି ଦେଇଥାଉ। ସେଗୁଡ଼ିକ ଗ୍ରାମ, ସହରଗୁଡ଼ିକରେ ଏକତ୍ରୀକରଣ ହୋଇ କୁଢ଼ କୁଢ଼ ଆବର୍ଜନା ଭାବେ ଗଦା ହୋଇଥାଏ। କେବଳ ସେତିକି ନୁହେଁ, ଏପରି ଆବର୍ଜନା ଡ୍ରେନ୍‌ଗୁଡ଼ିକରେ ଜମା ହୋଇ ଜଳ ନିଷ୍କାସନରେ ପ୍ରତିବନ୍ଧକ ହୋଇଥାଏ। ନଦୀ, ପୁଷ୍କରିଣୀ ଏବଂ ସମୁଦ୍ରରେ ମଧ୍ୟ ହଜାର ହଜାର ଟନ୍ ପ୍ଲାଷ୍ଟିକ ସାମଗ୍ରୀ ଜମାହୋଇ ରହିଥିବାର ଦେଖାଯାଏ। ଏହି ପ୍ଲାଷ୍ଟିକ ସାମଗ୍ରୀ ସହଜରେ ମାଟି, ଜଳ କିମ୍ବା ଜଳବାୟୁରେ ସହଜରେ ଶହଶହ ବର୍ଷ ଧରି ବିଘଟନ ହୋଇ ପାରି ନ ଥାଏ। ଜଳଜୀବ ପ୍ରାଣୀମାନେ ଉକ୍ତ ପ୍ଲାଷ୍ଟିକକୁ ଭକ୍ଷଣ କରି ମୃତ୍ୟୁମୁଖରେ ପଡ଼ିଯାଆନ୍ତି। ଅନ୍ୟପକ୍ଷରେ ଉକ୍ତ ଜଳଚର ପ୍ରାଣୀମାନଙ୍କ ମୃତ ଶରୀର ପଚି ଜଳକୁ ଦୂଷିତ କରିଥାଏ। ଆମେ ଖାଦ୍ୟ ଖାଇ ଫୋପାଡ଼ି ଥିବା ପଲିଥିନ ଓ ପ୍ଲାଷ୍ଟିକକୁ ଗାଈ, ଗୋରୁ, ମଇଁଷି, କୁକୁର ଆଦି ଖାଇବା ଆଶାରେ ଭକ୍ଷଣ କରି ବିଭିନ୍ନ ପେଟଜନିତ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପଡ଼ିବାର ଆଶଙ୍କା ରହିଥାଏ। ସାଧାରଣତଃ ଆମେ ଦୈନନ୍ଦିନ ପ୍ଲାଷ୍ଟିକ ବୋତଲରେ ପାଣି ରଖି ପିଇଥାଉ। ପ୍ଲାଷ୍ଟିକ ବୋତଲରେ ବହୁ ସମୟ ଧରି ପାଣି ରହିବା ଦ୍ୱାରା ରାସାୟନିକ ପ୍ରକ୍ରିୟା ଘଟି ପ୍ଲାଷ୍ଟିକର କିଛି ପରିମାଣ ଜଳ ସହିତ ମିଶିଯାଏ। ତାହା ଶରୀରକୁ ପ୍ରବେଶ କରିବା ଦ୍ୱାରା ପେଟଜନିତ ସମସ୍ୟା, ଲିଭର, କିଡ୍‌ନୀ ଏବଂ ରକ୍ତ କଣିକାରେ ମିଶି କର୍କଟ ରୋଗ, ଶାରୀରିକ ଅକ୍ଷମତା, ରୋଗ ପ୍ରତିରୋଧକ ଶକ୍ତି ହ୍ରାସ କରାଇବା ସହ ବିଭିନ୍ନ ମାରାତ୍ମକ ରୋଗ ଶରୀରରେ ସୃଷ୍ଟି କରିଥାଏ ବୋଲି



ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତପୋଷଣ କରିଛନ୍ତି। ଉକ୍ତ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁଗୁଡ଼ିକ ମାଟି ତଳେ ପୋତି ହୋଇ ରହିବା ଦ୍ୱାରା ଭୂପୃଷ୍ଠର ଜଳସ୍ତର ସନ୍ତୁଳନରେ ପ୍ରତିବନ୍ଧକ ସାଜିଥାଏ। ଯଦ୍ଦ୍ୱାରା ବିଭିନ୍ନ ଫସଲ ଓ ବୃକ୍ଷ ବୃଦ୍ଧି ପାଇବାରେ ପ୍ରତିବନ୍ଧକ ହୋଇଥାଏ। ପ୍ଲାଷ୍ଟିକ ସାମଗ୍ରୀର ଏସବୁ ଖରାପ ପ୍ରଭାବ ଆମ ପୃଥିବୀର ପ୍ରକୃତି ଓ ପରିବେଶ ସୁରକ୍ଷାରେ ସମସ୍ୟା ସୃଷ୍ଟି କରିଥାଏ। ପ୍ଲାଷ୍ଟିକ ଓ ପଲିଥିନ ସାମଗ୍ରୀ ନିତ୍ୟ ବ୍ୟବହାର୍ଯ୍ୟ ନିମନ୍ତେ ଉପଯୋଗୀ ହେଉଥିଲେ ସୁଦ୍ଧା ଏହା ବିଘଟନ ହୋଇପାରି ନ ଥାଏ। ଏହାର ବର୍ଜ୍ୟବସ୍ତୁ ମଣିଷ ସମାଜ ପାଇଁ ଯଥେଷ୍ଟ କ୍ଷତିକାରକ ସାଜିଛି। ୧୮୬୨ ମସିହାରେ ଆଲେକଜାଣ୍ଡର ପାର୍କସ ସର୍ବପ୍ରଥମେ ପ୍ଲାଷ୍ଟିକ ବିଷୟ ନେଇ ଲଣ୍ଡନଠାରେ ଅନ୍ତର୍ଜାତୀୟସ୍ତରୀୟ ପ୍ରଦର୍ଶନୀରେ ସୂଚନା ଦେଇଥିଲେ। ପ୍ଲାଷ୍ଟିକ ସାମଗ୍ରୀ ମଣିଷ ସମାଜ ପାଇଁ ବ୍ୟବହାର ଉପଯୋଗୀ ହୋଇଥିଲେ ସୁଦ୍ଧା ବହୁମାତ୍ରାରେ ମନୁଷ୍ୟ ପାଇଁ ଏହା କ୍ଷତିକାରକ। ପ୍ଲାଷ୍ଟିକରେ ଲିଡ, କେଡମିୟମ, ପାରଦର ମାତ୍ରା ରହିଛି। ଏହା ମନୁଷ୍ୟର ବହୁ ମାତ୍ରା ସଂସ୍ପର୍ଶରେ ଆସିବା ଦ୍ୱାରା ବହୁ କ୍ଷତି ସାଧନ କରିଥାଏ। ଦୋକାନ ଓ ବଜାରକୁ ଆମେ ସଉଦା ପାଇଁ ଗଲାବେଳେ ଘରୁ ବ୍ୟାଗ ଧରି ଯିବା। ତା' ସହ ପ୍ଲାଷ୍ଟିକ ଖେଳନାଠାରୁ ପିଲାମାନଙ୍କୁ ଦୂରେଇ ରଖିବା ଉଚିତ। ପ୍ଲାଷ୍ଟିକ ଓ ପଲିଥିନର ବ୍ୟବହାର ପରେ ବର୍ଜ୍ୟବସ୍ତୁକୁ ଗୋଟିଏ ନିର୍ଦ୍ଦିଷ୍ଟ ଜାଗାରେ ପୋତିଦେବା ଉଚିତ। ପ୍ଲାଷ୍ଟିକ ଓ ପଲିଥିନକୁ ନିଆଁରେ ପୋଡ଼ିବା ଆଦୌ ଉଚିତ ନୁହେଁ। କାରଣ ସେଥିରୁ ନିର୍ଗତ ବିଷାକ୍ତ ଗ୍ୟାସ୍ ପ୍ରକୃତି, ପରିବେଶ, ମନୁଷ୍ୟ ଓ ପ୍ରାଣୀ ସମ୍ପଦ ନିମନ୍ତେ ବହୁତ କ୍ଷତିକାରକ ହୋଇଥାଏ। ଉକ୍ତ ଗ୍ୟାସ୍ ମନୁଷ୍ୟ ସଂସ୍ପର୍ଶରେ ଆସିବା ଦ୍ୱାରା ଫୁସ୍‌ଫୁସ୍ ଓ ଶ୍ୱାସନଳୀ ଉପରେ ଖରାପ ପ୍ରଭାବ ପକାଇଥାଏ। ତେଣୁ ଆମେ ଯଥା ସମ୍ଭବ ପ୍ଲାଷ୍ଟିକଠାରୁ ଦୂରେଇ ରହି ପ୍ଲାଷ୍ଟିକମୁକ୍ତ ଅଞ୍ଚଳ ସୃଷ୍ଟି କରିବାର ଆବଶ୍ୟକତା ରହିଛି। ଯଦ୍ଦ୍ୱାରା ପ୍ରକୃତି, ପରିବେଶ ସନ୍ତୁଳିତ ହେବାସହ ଆମେ ବିଭିନ୍ନ ମାରାତ୍ମକ ରୋଗରୁ ଦୂରେଇ ରହିପାରିବା ଏବଂ ସୁସ୍ଥ ଜୀବନଯାପନ କରିପାରିବା। ଏହା ଆଗାମୀ ଭବିଷ୍ୟତ ପିଢ଼ିଙ୍କ ନିମନ୍ତେ ସୁରକ୍ଷାର ବାର୍ତ୍ତା ହୋଇପାରିବ। ସର୍ବପ୍ରଥମେ ଆମ ଓଡ଼ିଶା ସରକାର ପ୍ଲାଷ୍ଟିକ ଓ ପଲିଥିନ ସାମଗ୍ରୀକୁ ରାଜ୍ୟରେ ନିଷେଧ କରିଥିଲେ, ଯାହାକି ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହି ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାରଠାରୁ ଯଥାସମ୍ଭବ ଦୂରେଇ ରହିବା ପାଇଁ ସରକାରୀ, ବେସରକାରୀ ତଥା ବ୍ୟକ୍ତିଗତସ୍ତରରେ ଉଦ୍ୟମ ଜାରି ରହିବା ଉଚିତ, ଯାହା ମନୁଷ୍ୟ ସମାଜ ପାଇଁ ହିତ ସାଧନ ହୋଇପାରିବ।

–ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର
ଚନ୍ଦାହାଣ୍ଡି, ନବରଙ୍ଗପୁର
ମୋ: ୭୮୯୪୧୧୨୪୮୭

## ଅଧିକ ଚା' ପିଇବା ସୁନିଦ୍ରାକୁ ପ୍ରଭାବିତ କରେ



କ୍ଳାନ୍ତ ମନକୁ ହାଲୁକା କରିବା ପାଇଁ ଅନେକେ ଚା' କିମ୍ବା କଫି ପିଇଥାଆନ୍ତି । ହେଲେ ଯଦି ଆପଣ ଅଧିକ ସମୟ ଚା' ପିଉଛନ୍ତି, ତେବେ ଏପରି ଅଭ୍ୟାସଠାରୁ ନିଜକୁ ଯଥାସମ୍ଭବ ଦୂରେଇ ରଖନ୍ତୁ । ଏଭଳି ମତବ୍ୟକ୍ତ କରିଛନ୍ତି ୱାଶିଂଟନ୍ ୟୁନିଭର୍ସିଟିର ବିଶେଷଜ୍ଞମାନେ। ଏକ ସଦ୍ୟତମ ସର୍ଭେରୁ ସେମାନେ ଏ ସମ୍ପର୍କରେ ଜାଣିବାକୁ ପାଇଥିଲେ। ଅଧିକ ଚା' ପିଇଲେ କେଉଁ ପ୍ରକାର ଖରାପ ପ୍ରଭାବ ଶରୀର ଉପରେ ପଡ଼େ, ସେ ନେଇ ସେମାନେ ସୂଚନା ଦେଇଥିଲେ। ଏହାଦ୍ୱାରା ଦାନ୍ତ ଉପରେ ହଳଦିଆ ରଙ୍ଗର ଏକ ଆସ୍ତରଣ ପଡ଼ିଯାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ଏହା ସୁନିଦ୍ରା ଉପରେ ମଧ୍ୟ ପ୍ରଭାବ ପକାଇଥାଏ, ଅର୍ଥାତ୍ ଏହା ଦ୍ୱାରା ଭଲ ନିଦ ହୋଇ ନ ଥାଏ। ଚା'ରେ କୈଫିନ୍ ଟେନିନ୍ ନାମକ ଏକ ବିଷାକ୍ତ ଦ୍ରବ୍ୟ ରହିଛି, ଯାହା ପେଟରେ ଅମ୍ଳ ବା ଏସିଡିଟିର ମାତ୍ରାକୁ ବଢ଼ାଇଦିଏ। ଫଳରେ ଏହାର ପ୍ରଭାବ ହାର୍ଟ ଏବଂ ମସ୍ତିଷ୍କ ଉପରେ ପଡ଼ି ପେଟ ଦରଜ ଏବଂ ପେଟ ଫୁଲିବା ପରି ସମସ୍ୟା ସୃଷ୍ଟି କରେ। ତେଣୁ ଏଥିପାଇଁ ସତର୍କ ରହିବାକୁ ଉକ୍ତ ୟୁନିଭର୍ସିଟିର ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।

## ମସ୍ତିଷ୍କର କାର୍ଯ୍ୟକୁ ପ୍ରଭାବିତ କରେ ଭିଡିଓ ଗେମ୍



ଭିଡିଓ ଗେମ ଖେଳିବାରେ କେବଳ ଛୋଟ ପିଲାମାନେ ନୁହନ୍ତି ବରଂ ଏଥିରେ ଯୁବପିଢ଼ି ବି ପଛରେ ପଡ଼ିନାହାନ୍ତି। ଏହା ମନକୁ ସାମୟିକ ଆନନ୍ଦ ଦେଇଥାଏ ସତ ହେଲେ ପରୋକ୍ଷରେ ଏହା ଆମର ଅନେକ କ୍ଷତିସାଧନ କରିଥାଏ। ଏବେ ଅନେକଙ୍କର ଏହା ଅଭ୍ୟାସରେ ପଡିଯାଇଛି। ଏପରି ଅଭ୍ୟାସ ଦ୍ୱାରା ନିଜର ଅନ୍ୟ କାମ ପ୍ରଭାବିତ ହୋଇଥାଏ। ଅଧିକ ସମୟ ଭିଡିଓ ଗେମ୍ ଖେଳିଲେ ତାହାର ପ୍ରଭାବ ମସ୍ତିଷ୍କର କାର୍ଯ୍ୟଧାରା ଉପରେ ପଡିଥାଏ ଓ କାର୍ଯ୍ୟ କରିବାର ଆଗ୍ରହ ମଧ୍ୟ ଏଥିଯୋଗୁ କମିଯାଏ। 'ଭିଡିଓ ଗେମ୍ ଏବଂ ମସ୍ତିଷ୍କର କାର୍ଯ୍ୟଧାରା' ବିଷୟକୁ ନେଇ କାଲିଫର୍ନିଆ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଅଧିକ ସମୟ ଭିଡିଓ ଗେମ୍ ଖେଳୁଥିବା ପିଲାମାନଙ୍କର ମସ୍ତିଷ୍କର କାର୍ଯ୍ୟାଧାରା ଏହା ଦ୍ୱାରା ପ୍ରଭାବିତ ହେଉଥିବା ଏକ ସର୍ଭେ ରିପୋର୍ଟରେ ସେମାନେ ଉଲ୍ଲେଖ କରିଥିଲେ।

# ଉପକାରୀ କଲରା



*କଲରା ପାଟିକୁ ପିତା ଲାଗିଥାଏ । ହେଲେ ଏଥିରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ବିଶେଷ ଭାବରେ ଡାଇବେଟିସ୍ ରୋଗୀଙ୍କ ପାଇଁ ଏହା ବରଦାନ ସଦୃଶ। ଜାଣନ୍ତୁ ସେ ସମ୍ପର୍କରେ...*

- କଲରାରେ ବହୁ ମାତ୍ରାରେ ଭିଟାମିନ୍ 'ଏ', 'ବି' ଓ 'ସି' ରହିଛି। ଏଥିରେ ଥିବା କ୍ୟାରୋଟିନ୍, ଆଇରନ୍, ପୋଟାସିୟମ ଶରୀରକୁ କେତେକ ରୋଗରୁ ରକ୍ଷା କରିଥାଏ।
- ଯଦି ଆପଣଙ୍କର ଲିଭରଜନିତ ସମସ୍ୟା ରହିଛି, ତେବେ କଲରା ଜୁସ୍ ପିଅନ୍ତୁ। ଏହା କେତେକାଂଶରେ ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ।
- ଆପଣଙ୍କର ଯଦି ଆଲର୍ଜି କିମ୍ବା ଇନ୍‌ଫେକଶନ୍ ହେଉଛି ତେବେ କଲରା କିମ୍ବା କଲରା ପତ୍ରକୁ ପାଣିରେ ଫୁଟାଇ ସେବନ କରନ୍ତୁ।
- ରକ୍ତରେ ଶର୍କରା (ସୁଗାର) ପରିମାଣକୁ ସନ୍ତୁଳିତ ରଖିବାରେ କଲରା ସାହାଯ୍ୟ କରିଥାଏ। ଡାଇବେଟିସ୍ ବା ମଧୁମେହ ରୋଗରେ ପୀଡିତ ଥିଲେ ଦୈନନ୍ଦିନ ଖାଦ୍ୟ ତାଲିକାରେ କଲରା ସାମିଲ କରନ୍ତୁ। ତା' ସହ କଲରା ଜୁସ୍ ପିଇବା ସେମାନଙ୍କ ପାଇଁ ଉପକାରୀ ସାବ୍ୟସ୍ତ ହୋଇଥାଏ। ଏହା ଶର୍କରାକୁ ନିୟନ୍ତ୍ରଣରେ ରଖିଥାଏ।
- କଲରା ଖାଇବା ଦ୍ୱାରା ମୁଖ୍ୟତଃ ବ୍ରେଷ୍ଟ କ୍ୟାନ୍‌ସରରୁ କିଛି ମାତ୍ରାରେ ଉପଶମ ମିଳିଥାଏ। କଲରାରେ ଥିବା ଭିଟାମିନ୍ କ୍ୟାନ୍‌ସର କୋଷ (ସେଲ୍)ଗୁଡ଼ିକୁ ମାରି ଆମର ଲଙ୍ଗସ୍, ଲିଭର୍ ଆଦିକୁ ସୁରକ୍ଷା ଦେଇଥାଏ।
- ଶରୀରର ଓଜନ ଏବଂ ଚର୍ବିକୁ କମାଇବାକୁ ଚାହୁଁଥିଲେ ଏହାକୁ ଖାଆନ୍ତୁ, କାରଣ ଏଥିରେ କ୍ୟାଲୋରି କମ୍ ଏବଂ ଫାଇବର୍ ଅଧିକ ଥାଏ।
- ଏଥିରେ ପଲିଫେନଲ୍ସ, ଫ୍ଲାଭୋନଏଡସ ଏବଂ ଆଣ୍ଟି–ଅକ୍ସିଡାଣ୍ଟ ଗୁଣ ଥିବାରୁ ଏହା ଇନ୍‌ଫ୍ଲାମେସନ୍‌କୁ କମାଇଥାଏ।

## ଔଷଧ ଖାଉଥିଲେ...

ସାଧାରଣତଃ ଆମେ କୌଣସି ରୋଗରେ ପୀଡିତ ହେଲେ ଔଷଧ ଖାଇଥାଉ। ବେଳେବେଳେ ମେଡିସିନ୍ ଷ୍ଟୋର୍‌ରୁ ରୋଗର କାରଣ ସମ୍ପର୍କରେ ସୂଚନା ଦେଇ ଔଷଧ ଆଣିବାକୁ କେତେକ ପସନ୍ଦ କରିଥାଆନ୍ତି। ହେଲେ କୌଣସି ଔଷଧ କିଣିବା ପୂର୍ବରୁ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ। ଅନ୍ୟପକ୍ଷରେ ମନକୁ ମନ କୌଣସି ରୋଗ ପାଇଁ ମେଡିସିନ୍ ଆଣି ଖାଇବା ପୂର୍ବରୁ ତାହା ଠିକ୍ କି ଭୁଲ ସେ ବିଷୟରେ ତର୍ଜମା କରନ୍ତୁ। ଯଦି ମେଡିସିନ୍ କିଣିବା ସମୟରେ ମନରେ କୌଣସି ଭ୍ରମ ଉପୁଜୁଛି ତେବେ ମେଡିସିନ୍ ଏକ୍ସପର୍ଟ ନ ହେଲେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ଯଦି ଆପଣ ଦୀର୍ଘକାଳୀନ ରୋଗରେ ପୀଡିତ, ତେବେ ମନକୁ ମନ ଔଷଧ ଖାଇବା ବନ୍ଦ କରି ଦିଅନ୍ତୁ ନାହିଁ। ଏ ନେଇ ଡାକ୍ତରଙ୍କ ସହ ଆଲୋଚନା କରନ୍ତୁ। ଯଦି କୌଣସି ଔଷଧ ଖାଇଲେ ଆପଣଙ୍କର ଆଲର୍ଜି ସମସ୍ୟା ରହିଛି ତେବେ ପରାମର୍ଶ ସମୟରେ ଡାକ୍ତରଙ୍କୁ ସେ ବିଷୟରେ ଅବଗତ କରାଇବାକୁ ଭୁଲନ୍ତୁ ନାହିଁ।



## ସ୍ୱାସ୍ଥ୍ୟ ସୂଚନା

- ଘରେ ଯଦି ଫାଷ୍ଟଏଡ୍ ବକ୍ସ ରଖିଛନ୍ତି ତେବେ ସେଥିରେ ଥିବା ଆବଶ୍ୟକ ଜିନିଷ ଠିକ୍ ଅଛି କି ନାହିଁ ଦେଖି ନିଅନ୍ତୁ।
- କେତେକ ରୋଗର ପ୍ରାଥମିକ ଉପଚାର ପାଇଁ ଘରେ କିଛି ଔଷଧ ରଖନ୍ତୁ। ହେଲେ ଏ ନେଇ ଡାକ୍ତରଙ୍କ ସହ ଆଲୋଚନା କରିବାକୁ ଭୁଲନ୍ତୁ ନାହିଁ।
- ଦିନ ରାତି ଯେତେ ବ୍ୟସ୍ତ ରହିଲେ ମଧ୍ୟ ଶୋଇବା ସମୟ ନିର୍ଦ୍ଧାରଣ କରନ୍ତୁ। ରାତିରେ ଅତିକମ୍‌ରେ ୬–୭ ଘଣ୍ଟା ଶୋଇବା ଭଲ।
- କୌଣସି ମେଡିସିନ୍ ଉପରେ ଯଥେଷ୍ଟ ଜ୍ଞାନ ନ ଥିଲେ ସେ ନେଇ କାହାକୁ ପରାମର୍ଶ ଦିଅନ୍ତୁ ନାହିଁ।
- ଯଦି ବ୍ୟାୟାମ କରିବାକୁ ସମୟ ନାହିଁ ତେବେ ସକାଳେ ଅତିକମ୍‌ରେ ଅଧ ଘଣ୍ଟାଏ ଚାଲନ୍ତୁ।
- ଡାକ୍ତରଙ୍କ ସହ ନିଜର କୌଣସି ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ଆଲୋଚନା କରିବା ସମୟରେ ନିଜ ସମସ୍ୟା ବିଷୟରେ ଭଲ ଭାବରେ କୁହନ୍ତୁ। ଯଦି ସେହି ରୋଗ ପାଇଁ ପୂର୍ବରୁ ମେଡିସିନ୍ ଖାଉଥିଲେ ତେବେ ପୁରୁଣା ପ୍ରେସକ୍ରିପସନକୁ ସାଙ୍ଗରେ ନେଇ ଯାଆନ୍ତୁ।




# ବାତ ବ୍ୟାଧିର ଆୟୁର୍ବେଦୀୟ ଚିକିତ୍ସା


ଡା.ଆଶିଷ ବାନାର୍ଜୀ

ମାନବ ଶରୀର ତ୍ରିଦୋଷ (ବାତ, ପିତ୍ତ, କଫ)ର ବିକୃତି କାରଣରୁ ବ୍ୟାଧି ଉତ୍ପନ୍ନ ହୋଇ ବାତ ବିକୃତି କାରଣରୁ ପକ୍ଷାଘାତ (ପାରାଲିସିସ୍), ଆମବାତ (ରିଉମାଟିଡ୍ ଆର୍ଥ୍ରାଇଟିସ୍), ଆଣ୍ଠୁଗଣ୍ଠିବାତ (ଜଏଣ୍ଟପେନ୍), ଅପସ୍ମାର (ଏପିଲେପ୍‌ସି), କଟିଗ୍ରହ (ଲୁମ୍ବାର ସ୍ପଣ୍ଡିଲିସିସ୍), ଗ୍ରୀବାଗ୍ରହ (ସର୍ଭାଇକାଲ ସ୍ପଣ୍ଡିଲିସିସ୍), ଗୃଧ୍ରସୀ (ସାଇଟିକା), ହନୁଗ୍ରହ (ଫେସିଆଲ୍ ପାରାଲିସିସ୍) ଆଦି ରୋଗ ହେବାର ଦେଖାଯାଇଥାଏ।

ଏହି ରୋଗରେ ରୋଗୀ କାର୍ଯ୍ୟକ୍ଷମ ନ ହେବା କାରଣରୁ ତାଙ୍କୁ ସେବାର ଆବଶ୍ୟକତା ରହିଥାଏ। ଯଦି ଉତ୍ତମ ସେବା ଶୁଶ୍ରୂଷା ନ ମିଳେ ତେବେ ସେ ଆରୋଗ୍ୟ ହେବା କଷ୍ଟକର ହୋଇପଡ଼େ। ଏଥିପାଇଁ ଉତ୍ତମ ଚରିତ୍ର ସମ୍ପନ୍ନ, ରାଗ ଦ୍ୱେଷ ରହିତ ସୁଖ ଭାବାପନ୍ନ ପରିଚାରିକା, ସେବିକା ଏବଂ ପରିବାର ସଦସ୍ୟ ଆନ୍ତରିକତାର ଆବଶ୍ୟକତା ରହିଛି। ତା' ସହ ରୋଗୀକୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରି ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ସେବା କଲେ ରୋଗୀ ଶୀଘ୍ର ଆରୋଗ୍ୟ ହୋଇପାରିବ।

ଏହି ରୋଗଗୁଡ଼ିକରେ ରୋଗୀକୁ ପ୍ରଥମେ ସ୍ନେହନ, ସ୍ୱେଦନ ଓ ବିରେଚନ ଦେଇ ସଂଶୋଧନ ଚିକିତ୍ସା କରିବା ଉଚିତ। ବାତ ଦୋଷକୁ ସାମ୍ୟାବସ୍ଥାରେ ଆଣିବା ପାଇଁ ରୋଗ ଅନୁଯାୟୀ ବାତନାଶକ ତୈଳରେ ଅଭ୍ୟଙ୍ଗ/ ମାଲିସ୍ କରିବା ଉଚିତ। ଏହି ତୈଳକୁ ଏକ ଷ୍ଟିଲ୍ ପାତ୍ରରେ ନିଆଁରେ ଉଷୁମ କରି ମାଲିସ କଲେ ଆଶୁ ଫଳ ମିଳେ। ତତ୍ ସଙ୍ଗେ ସଙ୍ଗେ ଆକ୍ରାନ୍ତ ଅଙ୍ଗକୁ ସ୍ୱେଦନ ବା ବାମ୍ଫ ଦିଆଯାଏ।

ରୋଗୀକୁ ତୈଳାଭ୍ୟଙ୍ଗ ପରେ ଗୋଟିଏ ଖଟ ବା ଟେବୁଲ ଉପରେ ଶୁଆଇ ବା ବସାଇ ଦିଆଯାଏ। ତା'ପରେ ଏକ ମୁଖ ଘୋଡ଼ଣି ଥିବା ହାଣ୍ଡି ବା ବଡ଼ ପ୍ରେସର କୁକୁର୍‌ରେ ବାତନାଶକ ଦ୍ରବ୍ୟ ବଳା, ରାସ୍ନା, ଶାଳପର୍ଣ୍ଣି, ପୃଷ୍ଣପର୍ଣ୍ଣି, ବୃହତୀ, କଣ୍ଟକାରୀ, ଗୋକ୍ଷୁରା, ବିଲ୍ୱ, ଶୈନାକ (ଅଗ୍ନିମନ୍ଥ), ପାଟଳି, ଗମ୍ଭାରୀ ଇତ୍ୟାଦି ଦ୍ରବ୍ୟକୁ ଦରକୁଟା କରି ୪ଗୁଣ ପାଣିରେ ସିଝା ଯାଇଥାଏ। ତା' ପରେ ସେହି ବାମ୍ଫକୁ ଏକ ପାଇପ୍ ସାହାଯ୍ୟରେ ଆଣି ପୂର୍ବରୁ ତୈଳାଭ୍ୟଙ୍ଗ ହୋଇଥିବା ଆକ୍ରାନ୍ତ ସ୍ଥାନରେ ଛଡ଼ାଯାଏ। ବର୍ତ୍ତମାନ ପଞ୍ଚକର୍ମ ଚିକିତ୍ସା କେନ୍ଦ୍ରରେ ଏହା ସହଜରେ ଉପଲବ୍ଧ ହେଉଅଛି। ଏଥିସହ ରୋଗୀର ବଳାବଳକୁ ଦେଖି ପ୍ରତି ତିନି ଦିନରେ ଥରେ ବିରେଚନା ପାଇଁ ଔଷଧ ବା ଏନିମା ଦିଆଯାଏ।

ରୋଗୀକୁ ଦୈନିକ ଉଷୁମ ଜଳରେ ସ୍ନାନ କରାଯାଇଥାଏ। ରୋଗୀକୁ ସକାଳେ ଓ ସନ୍ଧ୍ୟାରେ ସେବିକା ଓ ଘରଲୋକଙ୍କ ଉପସ୍ଥିତିରେ ଶାରୀରିକ ବ୍ୟାୟାମ କରାଇବେ। ଯଦି ସକ୍ଷମ ହୁଏ ଯୋଗାସନ କରିବା ଉଚିତ। ପକ୍ଷାଘାତ ରୋଗୀର ରକ୍ତଚାପ ଦୈନିକ ସକାଳେ ମାପିବା ଉଚିତ। ମଧୁମେହ ଥିଲେ ଔଷଧ ଠିକ୍ ମାତ୍ରାରେ ନିୟମିତ ସେବନ କରିବେ। ବିଭିନ୍ନ ବାତବ୍ୟାଧି ପାଇଁ ସ୍ୱତନ୍ତ୍ର ସେକର ଆବଶ୍ୟକତା ରହିଅଛି। ଯେପରି ପକ୍ଷାଘାତ ପାଇଁ ବିରିପୋଟଳି ସେକ, ଗୃଧ୍ରସୀ ପାଇଁ ବାଲୁକା ସେକ, ଆମବାତ ପାଇଁ ଯୁଆଣୀ ସୈନ୍ଧବ ଲୁଣ ସେକ, ଗଣ୍ଠିବାତ ପାଇଁ ବେଗୁନିଆ



ସୈନ୍ଧବ ଲୁଣ ସେକ ଦେଲେ ଆଶୁଫଳ ମିଳେ। ସେହିପରି ରୋଗୀକୁ ସ୍ୱର୍ଣ୍ଣାଦି ଭସ୍ମ ଔଷଧ ସହ ବିଭିନ୍ନ ରସ ଓ କ୍ୱାଥର ଅନୁପାନ ଦେଲେ ଉତ୍ତମ ଫଳ ମିଳେ। ସେହିପରି ପକ୍ଷାଘାତରେ ସଜନା ଛାଲି ରସ, ଅଶ୍ୱଗନ୍ଧା କ୍ୱାଥ ସହ, ଗଣ୍ଠିବାତରେ ବେଗୁନିଆ ପତ୍ର ସହ ସ୍ୱରସ, ଗନ୍ଧାଳି ପତ୍ର ଓ ରାସ୍ନା ରସ ସହ ଦିଆଯାଇଥାଏ।

ଏଥିସହ ପକ୍ଷାଘାତ ରୋଗୀ ବୃହତବାତ ଚିନ୍ତାମଣି ଇଞ୍ଜେକଶନ୍ ଦିନେ ଛାଡ଼ି ଦିନେ, ଗଣ୍ଠିବାତ ପାଇଁ ବାତ ଗଞ୍ଜନ (ଉପାଦାନ ରସୁଣ, ଅଶ୍ୱଗନ୍ଧା) କୋଚିଲା, ରାସ୍ନା ଇତ୍ୟାଦି ଇଞ୍ଜେକଶନ୍ ବ୍ୟବସ୍ଥା ରହିଅଛି। ମାତ୍ର ଓଡ଼ିଶାରେ ବର୍ତ୍ତମାନ ଏହାର ବ୍ୟବହାର ଅନୁମତି ନ ଥିବାରୁ ନିଷିଦ୍ଧ ରହିଅଛି।

ରୋଗୀର ପଥ୍ୟାପଥ୍ୟ ଉପରେ ମଧ୍ୟ ଧ୍ୟାନ ଦେବା ଉଚିତ। ରୋଗୀକୁ ଦୈତାଳୁ ପୋଇଶାଗ, ଭେଣ୍ଡି, ସାରୁ, ବିରିପିଠା, ସମୁଦ୍ର ମାଛ, ନୂଆ ଚାଉଳରେ ଭାତ ଖାଇବା ଉଚିତ। ଏହିପରି ଚିକିତ୍ସାର ବିଭିନ୍ନ ମାର୍ଗକୁ ଅବଲୋକନ କରି କେବଳ ଡାକ୍ତର ଲେଖିଦେଇଥିବା ଔଷଧ ସେବନ କଲେ ରୋଗୀ ସୁସ୍ଥ ହୋଇଯିବ ଏହା ଭାବିବା ଭୁଲ ଅଟେ। ଯେପରି ଏକ ଛିଦ୍ର ଥିବା ମାଠିଆରେ ଜଳପୂର୍ଣ୍ଣ କଲେ କିଛି ସମୟପରେ ମାଠିଆଟି ଜଳଶୂନ୍ୟ ହୋଇଯାଏ। ସେହିପରି ଦୋଷକୁ ସମ୍ଭାବ୍ୟବସ୍ଥାକୁ ଆଣିବା ପାଇଁ ଶରୀରରେ ସଂଶୋଧନ, ସଂଶମନ ଚିକିତ୍ସା ସହ ହିତ ଆହାର ବିହାର ପଥ୍ୟାପଥ୍ୟ ନିୟମ ପାଳନ କଲେ, ଠିକ୍ ଔଷଧ ସେବନ କଲେ ରୋଗୀ ସଂପୂର୍ଣ୍ଣ ଆରୋଗ୍ୟ ହୋଇପାରିବ। ଏଥିପାଇଁ ସେବିକା ଓ ଆତ୍ମୀୟ ସ୍ୱଜନଙ୍କ ଆତ୍ମୀୟତା ସହ ସେବା ଶୁଶ୍ରୁଷାର ଆବଶ୍ୟକତା ରହିଅଛି। ଏଥିପ୍ରତି ଦୃଷ୍ଟି ନ ଦେଇ କେବଳ ରୋଗୀକୁ ଔଷଧ ସେବନ କରାଇଦେଲେ କଣାଥିବା ମାଠିଆ ସଦୃଶ ଚିକିତ୍ସା ବିଫଳ ହେବ।



– ଆନନ୍ଦ ବଜାର
ବେତନଟୀ, ମୟୂରଭଞ୍ଜ
ମୋ: ୯୮୭୧୩୭୪୩୮୫

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

# ଭାରତର ଇନିଂସ ବିଜୟ

**ମୋହାଲି, ୬।୩ (ପି.ଟି.)**



ଖୁସି ମୁହୂର୍ତ୍ତରେ ବିରାଟ କୋହଲି, ରିଷଭ ପନ୍ତ ଓ ଅଧିନାୟକ ରୋହିତ ଶର୍ମା।

ରବୀନ୍ଦ୍ର ଜାଡେଜାଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ ବଳରେ ଭାରତ ଏଠାରେ ଅନୁଷ୍ଠିତ ପ୍ରଥମ କ୍ରିକେଟ ଟେଷ୍ଟରେ ଶ୍ରୀଲଙ୍କାକୁ ଏକ ଇନିଂସ ଓ ୨୨୨ ରନରେ ପରାସ୍ତ କରିଛି। ଜାଡେଜା ଓ ରବିଚନ୍ଦ୍ରନ ଅଶ୍ୱିନଙ୍କ ବୋଲିଂ ଆଗରେ ଶ୍ରୀଲଙ୍କା ଇନିଂସ ଅଧିକ ସମୟ ତିଷ୍ଠିପାରି ନ ଥିଲା। ଫଳରେ ୩ ଦିନରେ ମ୍ୟାଚ ଶେଷ ହୋଇଯାଇଥିଲା। ଭାରତ ଏହାର ପ୍ରଥମ ଇନିଂସକୁ ୫୭୪/୮ରେ ଘୋଷଣା କରିଥିଲା। ଜବାବରେ ପ୍ରଥମ ଇନିଂସରେ ୧୭୪ ରନରେ ଅଲ୍‌ଆଉଟ ହୋଇ ଫଲୋଅନ ଡାକରା ପାଇଥିବା ଶ୍ରୀଲଙ୍କା ଦ୍ୱିତୀୟ ଇନିଂସରେ ୧୭୮ ରନ କରିବାକୁ ସକ୍ଷମ ହୋଇଥିଲା। ଗୋଟିଏ ଦିନରେ ଶ୍ରୀଲଙ୍କାର ୧୬ ଉଇକେଟ ପତନ ଘଟିଥିଲା। ଏହି ବିଜୟ ସହ ଭାରତ ୨ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀଲାଭ କରିଛି। ୧୭୫ ରନରେ ଅପରାଜିତ ରହିବା ସହ ଉଭୟ ଇନିଂସରେ ମୋଟ ୯ (୫+୪) ଉଇକେଟ ସଫଳତା ପାଇଥିବା ଜାଡେଜା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଭାରତୀୟ ଦ୍ୱିତୀୟ ଅଧିନାୟକଭାବେ ନିଜ ପ୍ରଥମ ଟେଷ୍ଟରେ ଇନିଂସ ବିଜୟ ସ୍ୱାଦ ଚାଖିଛନ୍ତି ରୋହିତ ଶର୍ମା। ପୂର୍ବରୁ ଭାରତର ପଲି ଉମ୍ରିଗର ନିଜ ଅଧିନାୟକତ୍ୱର ପ୍ରଥମ ଟେଷ୍ଟରେ ୧୯୫୫/୫୬ରେ ମୁମ୍ବାଇଠାରେ ନ୍ୟୁଜିଲାଣ୍ଡକୁ ଏକ ଇନିଂସ ଓ ୨୭ ରନରେ ପରାସ୍ତ କରିଥିଲେ।

ଦ୍ୱିତୀୟ ଦିବସର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୧୦୮/୪ରୁ ଖେଳ ଆରମ୍ଭ କରିଥିବା ଶ୍ରୀଲଙ୍କା ୧୭୪ ରନରେ ସୀମିତ ରହି ଯାଇଥିଲା। ଦଳ ପକ୍ଷରୁ ପଥୁମ ନିଶଙ୍କା ସର୍ବାଧିକ ୬୧ ରନ କରିଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ ଜାଡେଜା ୫ଟି, ଯଶପ୍ରୀତ୍ ବୁମ୍‌ରା ଓ ରବିଚନ୍ଦ୍ରନ ଅଶ୍ୱିନ ୨ଟି ଲେଖାଏ ଏବଂ ମହମ୍ମଦ ଶାମି ଗୋଟିଏ ଉଇକେଟ ନେଇଥିଲେ। ଫଲୋଅନ ଡାକରା ପାଇବା ପରେ ଶ୍ରୀଲଙ୍କା ବ୍ୟାଟରମାନେ ଦ୍ୱିତୀୟ ଇନିଂସରେ ମଧ୍ୟ ସେହି ଭୁଲ୍ ଦୋହରାଇଥିଲେ। ଫଳରେ ଉଇକେଟ କିପର ନିରୋଶାନ ଡିକ୍‌ୱେଲାଙ୍କୁ ଛାଡ଼ିଦେଲେ କେହି ଅର୍ଦ୍ଧଶତକ ହାସଲ କରିପାରି ନ ଥିଲେ। ପ୍ରଥମ ଇନିଂସରେ ୬୫ ଓଭର ଖେଳିଥିବା ଶ୍ରୀଲଙ୍କା ଦ୍ୱିତୀୟ ଇନିଂସରେ ୬୦ ଓଭରରେ ଅଲ୍‌ଆଉଟ ହୋଇ ଯାଇଥିଲା। ଭାରତ ପକ୍ଷରୁ ଅଶ୍ୱିନ ଓ ଜାଡେଜା ୪ଟି ଲେଖାଏ ଉଇକେଟ ବାଣ୍ଟି ନେଇଥିବାବେଳେ ଶାମିଙ୍କୁ ୨ଟି ଉଇକେଟ ମିଳିଥିଲା।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୫୭୪/୮ (ଘୋଷଣା)। ଶ୍ରୀଲଙ୍କା ପ୍ରଥମ ଇନିଂସ: ୧୭୪/ଅଲଆଉଟ (ପଥୁମ ନିଶଙ୍କା-୬୧, ରବୀନ୍ଦ୍ର ଜାଡେଜା-୫/୪୧, ଯଶପ୍ରୀତ୍ ବୁମ୍‌ରା-୨/୩୬, ରବିଚନ୍ଦ୍ରନ ଅଶ୍ୱିନ-୨/୪୯, ମହମ୍ମଦ ଶାମି-୧/୨୭)। ଫଲୋଅନ୍ ପରେ ଶ୍ରୀଲଙ୍କା ଦ୍ୱିତୀୟ ଇନିଂସ: ୧୭୮/ଅଲ୍‌ଆଉଟ (ନିରୋଶାନ ଡିକ୍‌ୱେଲା-୫୧*, ରବିଚନ୍ଦ୍ରନ ଅଶ୍ୱିନ-୪/୪୭, ରବୀନ୍ଦ୍ର ଜାଡେଜା-୪/୪୬, ମହମ୍ମଦ ଶାମି-୨/୪୮)।

- ଗୋଟିଏ ଦିନରେ ଶ୍ରୀଲଙ୍କାର ୧୬ ଉଇକେଟ ପତନ
- ରବୀନ୍ଦ୍ର ଜାଡେଜା ପ୍ଲେୟର ଅଫ୍ ଦି ମ୍ୟାଚ

## ବିରଳ କ୍ଲବରେ ଜାଡେଜା

**ମୋହାଲି, ୬।୩:** ଶ୍ରୀଲଙ୍କା ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ଅତି ଚମତ୍କାର ପ୍ରଦର୍ଶନ କରିଛନ୍ତି ଭାରତୀୟ ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡେଜା। ସେ ଗୋଟିଏ ଟେଷ୍ଟରେ ୧୫୦ରୁ ଊର୍ଦ୍ଧ୍ୱ ରନ କରିବା ସହ ୫ ଉଇକେଟ ହାସଲ କରି ବିରଳ କ୍ଲବରେ ସାମିଲ ହୋଇଛନ୍ତି। ଭାରତର ତୃତୀୟ ଏବଂ ବିଶ୍ୱର ୭ମ ବୋଲରଭାବେ ଜାଡେଜା ଏହି ସଫଳତା ପାଇଛନ୍ତି। ଭାରତର ବ୍ୟାଟିଂ ସମୟରେ ଜାଡେଜା ୧୭୫ ରନରେ ଅପରାଜିତ ରହିଥିବାବେଳେ ଶ୍ରୀଲଙ୍କା ପ୍ରଥମ ଇନିଂସରେ ୫ ଉଇକେଟ ନେଇଥିଲେ। ଦ୍ୱିତୀୟ ଇନିଂସରେ ସେ ୪ ଉଇକେଟ ନେଇଥିଲେ। ଫଳରେ ଏହି ଟେଷ୍ଟରେ ସେ ମୋଟ ୯ ଉଇକେଟ ପାଇଥିଲେ। ତାଙ୍କ ପୂର୍ବରୁ ଭାରତର କେବଳ ଭିନୁ ମଙ୍କଡ ୧୯୫୨ ଓ ପଲି ଉମ୍ରିଗର ୧୯୬୨ରେ ଏହି ସଫଳତା ପାଇଥିଲେ। ଦୀର୍ଘ ୬୦ ବର୍ଷ ବ୍ୟବଧାନରେ ଜଣେ ଭାରତୀୟ ଭାବେ ଜାଡେଜା ଏହି କୃତିତ୍ୱ ଅର୍ଜନ କରିଛନ୍ତି।

**୧୫୦ରୁ ଊର୍ଦ୍ଧ୍ୱ ସ୍କୋର ଓ ୫ ଉଇକେଟ କ୍ଲବ**

- ଭିନୁ ମଙ୍କଡ, ଭାରତ (୧୮୪ ରନ ଓ ୫/୧୯୬) ବନାମ ଇଂଲଣ୍ଡ, ୧୯୫୨
- ଡେନିସ ଆଟକିନସନ, ୱେଷ୍ଟଇଣ୍ଡିଜ (୨୧୯ ରନ ଓ ୫/୫୬) ବନାମ ଅଷ୍ଟ୍ରେଲିଆ, ୧୯୫୫
- ପଲି ଉମ୍ରିଗର, ଭାରତ (୧୭୨ ରନ ଓ ୫/୧୦୭) ବନାମ ୱେଷ୍ଟଇଣ୍ଡିଜ, ୧୯୬୨
- ଗ୍ୟାରୀ ସୋବର୍ସ, ୱେଷ୍ଟଇଣ୍ଡିଜ (୧୭୪*, ୪/୪୧) ବନାମ ଇଂଲଣ୍ଡ, ୧୯୬୬
- ମୁସ୍ତାକ ମହମ୍ମଦ, ପାକିସ୍ତାନ (୨୦୧ ରନ, ୫/୪୯) ବନାମ ନ୍ୟୁଜିଲାଣ୍ଡ, ୧୯୭୩
- ରବୀନ୍ଦ୍ର ଜାଡେଜା, ଭାରତ (୧୭୫*, ୫/୪୧) ବନାମ ଶ୍ରୀଲଙ୍କା, ୨୦୨୨

## କପିଳଙ୍କୁ ଟପିଲେ ଅଶ୍ୱିନ



**ମୋହାଲି, ୬।୩ (ପି.ଟି.):** ଟେଷ୍ଟ କ୍ରିକେଟରେ ସର୍ବାଧିକ ଉଇକେଟ ନେବାରେ କିମ୍ବଦନ୍ତୀ ଖେଳାଳି କପିଳ ଦେବଙ୍କ ରେକର୍ଡକୁ ଅତିକ୍ରମ କରିଛନ୍ତି ତାରକା ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ। ଏଠାରେ କ୍ୟାରିୟରର ୮୫ତମ ଟେଷ୍ଟ ଖେଳିଥିବା ଅଶ୍ୱିନ ଶ୍ରୀଲଙ୍କା ଦ୍ୱିତୀୟ ଇନିଂସରେ ଚରିଥ ଅସଲଙ୍କାଙ୍କ ଉଇକେଟ ନେଇ କପିଳଙ୍କ ୪୩୪ ଟେଷ୍ଟ ଉଇକେଟ ରେକର୍ଡକୁ ପଛରେ ପକାଇଛନ୍ତି। ଏଥିସହ ସେ ଭାରତର ଦ୍ୱିତୀୟ ସର୍ବାଧିକ ଉଇକେଟ ହାସଲକାରୀ ହୋଇ ଯାଇଛନ୍ତି। କପିଳ ୧୩୧ ଟେଷ୍ଟରେ ୪୩୪ ଉଇକେଟ ନେଇଥିଲେ। ପୂର୍ବତନ ଭାରତୀୟ ଲେଗସ୍ପିନର ଅନିଲ କୁମ୍ବଲେ ୧୩୨ ମ୍ୟାଚରୁ ୬୧୯ ଉଇକେଟ ନେଇ ଏହି ତାଲିକାର ଶୀର୍ଷରେ ଅଛନ୍ତି। କୁମ୍ବଲେ, ଅଶ୍ୱିନ ଓ କପିଳଙ୍କ ବ୍ୟତୀତ ଭାରତର ହରଭଜନ ସିଂ ଟେଷ୍ଟ କ୍ରିକେଟରେ ୪୦୦ ଉଇକେଟ ନେଇଛନ୍ତି। ଏଠାରେ ଅଶ୍ୱିନ ପ୍ରଥମ ଇନିଂସରେ ୨ଟି ଓ ଦ୍ୱିତୀୟ ଇନିଂସରେ ୪ଟି ଉଇକେଟ ନେଇଛନ୍ତି। ଫଳରେ ତାଙ୍କ ଟେଷ୍ଟ ଉଇକେଟ ସଂଖ୍ୟା ୪୩୬ରେ ପହଞ୍ଚି ଯାଇଛି।

## ଓଡ଼ିଶା ଅଭିଯାନ ଶେଷ

**ଭୁବନେଶ୍ୱର, ୬।୩ (କ୍ରୀଡ଼ା ପ୍ରତିନିଧି)**



ଅଭିଷେକ ରାଉତ

ଅହମଦାବାଦରେ ଅନୁଷ୍ଠିତ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚରେ ଓଡ଼ିଶା ପରାଜୟ ସହ ଅଭିଯାନ ଶେଷ କରିଛି। ରବିବାର ଶେଷ ହୋଇଥିବା ମ୍ୟାଚରେ ଓଡ଼ିଶା ଏକ ଇନିଂସ ଓ ୧୦୮ ରନରେ ମୁମ୍ବାଇଠାରୁ ହାରି ଯାଇଛି। ୩ ମ୍ୟାଚରୁ ୧ ଡ୍ର ଓ ୨ ପରାଜୟ ସହ ୩ ପଏଣ୍ଟ ପାଇ ଓଡ଼ିଶା ଏଲିଟ୍ ଗ୍ରୁପ୍ 'ଡି'ରେ ୩ୟ ସ୍ଥାନରେ ରହିଛି। ଓଡ଼ିଶା ଏହାର ପ୍ରଥମ ମ୍ୟାଚକୁ ଗୋଆ ବିପକ୍ଷରେ ପ୍ରଥମ ଇନିଂସ ଅଗ୍ରଣୀ ସହ ଡ୍ର ରଖିଥିବାବେଳେ ସୌରାଷ୍ଟ୍ର ନିକଟରୁ ଏକ ଇନିଂସ ୧୩୧ ରନରେ ହାରିଥିଲା। ତୃତୀୟ ମ୍ୟାଚରେ ଓଡ଼ିଶା ପ୍ରଥମ ଇନିଂସରେ ୨୮୪ ରନ କରିଥିବାବେଳେ ମୁମ୍ବାଇ ୫୩୨/୯ରେ ଇନିଂସ ଘୋଷଣା କରିଥିଲା। ଦ୍ୱିତୀୟ ଇନିଂସରେ ଓଡ଼ିଶା ୧୪୦ ରନରେ ସମସ୍ତ ଉଇକେଟ ହରାଇଥିଲା। ଦଳ ପକ୍ଷରୁ ଅଭିଷେକ ରାଉତ ସର୍ବାଧିକ ୫୯, ଅଂଶୁମାନ ରଥ ୩୪ ଓ ଦେବାଶିଷ ସାମନ୍ତରାୟ ୨୨ ରନ କରିଥିଲେ। ଓଡ଼ିଶା ଇନିଂସ ମାତ୍ର ୪୨ ଓଭର ତିଷ୍ଠିଥିଲା। ମୁମ୍ବାଇ ବୋଲରଙ୍କ ମଧ୍ୟରେ ଶାମ୍ସ ମୁଲାନୀ ୫ ଉଇକେଟ ସଫଳତା ପାଇଥିବାବେଳେ ତନୁଶ୍ କୋଟିଆନ୍‌ଙ୍କୁ ୩ଟି ଓ ସିଦ୍ଧାର୍ଥ ରାଉତଙ୍କୁ ୨ଟି ଉଇକେଟ ମିଳିଥିଲା।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୨୮୪। ମୁମ୍ବାଇ ପ୍ରଥମ ଇନିଂସ: ୫୩୨/୯ (ଘୋଷଣା)। ଓଡ଼ିଶା ଦ୍ୱିତୀୟ ଇନିଂସ: ୧୪୦/ଅଲ୍‌ଆଉଟ (ଅଭିଷେକ ରାଉତ-୫୯, ଶାମ୍ସ ମୁଲାନୀ-୫/୬୪, ତନୁଶ୍ କୋଟିଆନ୍-୩/୩୧, ସିଦ୍ଧାର୍ଥ ରାଉତ-୨/୪୪)।

## ଶ୍ରୀୟଙ୍କାଙ୍କୁ ବ୍ରୋଞ୍ଜ ପଦକ

**ଭୁବନେଶ୍ୱର, ୬।୩ (କ୍ରୀଡ଼ା ପ୍ରତିନିଧି)**



ଶ୍ରୀୟଙ୍କା ଷଡ଼ଙ୍ଗୀ

ଓଡ଼ିଶାର ଅନ୍ତର୍ଜାତୀୟ ଶୁଟର ଶ୍ରୀୟଙ୍କା ଷଡ଼ଙ୍ଗୀ ଇଜିପ୍ଟର କାଏରୋରେ ଅନୁଷ୍ଠିତ ଆଇଏସ୍ଏସ୍ଏଫ୍ ବିଶ୍ୱକପ୍‌ରେ ବ୍ରୋଞ୍ଜ ପଦକ ପାଇଛନ୍ତି। ସମ୍ପ୍ରତି କିଟ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଶ୍ରୀୟଙ୍କା ୫୦ ମିଟର ରାଇଫଲ ୩ ପୋଜିଶନ ମିକ୍ସଡ ଟିମ୍ ଇଭେଣ୍ଟରେ ଏହି ସଫଳତା ପାଇଛନ୍ତି। ଶ୍ରୀୟଙ୍କା ଓ ଅଖିଲ ଶେଓରନଙ୍କୁ ନେଇ ଗଠିତ ଭାରତୀୟ ଯୋଡ଼ି ବ୍ରୋଞ୍ଜ ପଦକ ମୁକାବିଲାରେ ପ୍ରତିପକ୍ଷ ଅଷ୍ଟ୍ରିଆ ଯୋଡ଼ିଙ୍କୁ ୧୬-୧୦ ପଏଣ୍ଟ ବ୍ୟବଧାନରେ ହରାଇବାରେ ସକ୍ଷମ ହୋଇଥିଲେ। ଶ୍ରୀଲଙ୍କାଙ୍କୁ ଏହି ସଫଳତା ପାଇଁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।

**ସ୍ପାନିଶ୍ ପାରା ବ୍ୟାଡ୍‌ମିଣ୍ଟନ**

## ପ୍ରମୋଦଙ୍କୁ ୩ ସ୍ୱର୍ଣ୍ଣ

**ଭୁବନେଶ୍ୱର, ୬।୩ (କ୍ରୀଡ଼ା ପ୍ରତିନିଧି):**



୩ ସ୍ୱର୍ଣ୍ଣ ପଦକ ସହ ପ୍ରମୋଦ ଭଗତ।

ସ୍ପେନ୍‌ରେ ଅନୁଷ୍ଠିତ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ଓଡ଼ିଶାର ପ୍ରମୋଦ ଭଗତ ୩ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଟୋକିଓ ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚିଥିବା ପ୍ରମୋଦ ରବିବାର ସ୍ପାନିଶ୍ ପ୍ରତିଯୋଗିତାର ପୁରୁଷ ସିଙ୍ଗଲ୍ସ ଫାଇନାଲରେ ନିଜ ଦେଶର ନିତେଶ କୁମାରଙ୍କୁ ୧୭-୨୧, ୨୧-୧୭, ୨୧-୧୭ରେ ପରାସ୍ତ କରିଛନ୍ତି। ଏହା ବ୍ୟତୀତ ମନୋଜ ସରକାର ଓ ପ୍ରମୋଦ ଯୋଡ଼ି ପୁରୁଷ ଡବଲ୍ସ ଇଭେଣ୍ଟ ଫାଇନାଲରେ ନିଜ ଦେଶର ସୁକାନ୍ତ କଦମ ଓ ନିତେଶ କୁମାର ଯୋଡ଼ିଙ୍କୁ ୨୧-୧୯, ୧୧-୨୧, ୨୧-୧୧ ପଏଣ୍ଟରେ ପରାସ୍ତ କରିଛନ୍ତି। ସେହିପରି ପଲକ କୋହଲିଙ୍କୁ ସାଥିକରି ଖେଳିଥିବା ପ୍ରମୋଦ ମିକ୍ସଡ ଡବଲ୍ସ ଫାଇନାଲରେ ଅନ୍ୟତମ ଭାରତୀୟ ଯୋଡ଼ି ରିତିକ ରଘୁପତି ଓ ମାନସୀ ଯୋଶୀଙ୍କୁ ୧୪-୨୧, ୨୧-୧୧, ୨୧-୧୪ ପଏଣ୍ଟରେ ହରାଇ ଦେଇଛନ୍ତି। ପ୍ରମୋଦ କୌଣସି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ପ୍ରଥମଥରପାଇଁ ୩ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି।

## ହାଇଦ୍ରାବାଦ, ବେଙ୍ଗଲ ବିଜୟୀ

**ଭୁବନେଶ୍ୱର, ୬।୩ (କ୍ରୀଡ଼ା ପ୍ରତିନିଧି):** ବିକାଶ କ୍ରିକେଟ ଗ୍ରାଉଣ୍ଡ ଓ କଟକର ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ୨ଟି ରଣଜୀ ଟ୍ରଫି କ୍ରିକେଟ ମ୍ୟାଚରେ ଯଥାକ୍ରମେ ହାଇଦ୍ରାବାଦ ଓ ବେଙ୍ଗଲ ବିଜୟୀ ହୋଇଛନ୍ତି। ବିକାଶ ପଡ଼ିଆରେ ହାଇଦ୍ରାବାଦ ୪୩ ରନରେ ବରୋଦାକୁ ହରାଇ ଦେଇଛି। ପ୍ରଥମ ଇନିଂସରେ ହାଇଦ୍ରାବାଦ ୧୯୭ ଓ ବରୋଦା ୧୬୩ ରନ କରିଥିଲା। ହାଇଦ୍ରାବାଦ ଦ୍ୱିତୀୟ ଇନିଂସରେ ୨୦୧ ରନ କରିଥିବାବେଳେ ବରୋଦା ୧୯୨ ରନରେ ସମସ୍ତ ଉଇକେଟ ହରାଇଥିଲା। ସେହିପରି ବାରବାଟୀରେ ଅନୁଷ୍ଠିତ ମ୍ୟାଚରେ ବେଙ୍ଗଲ ୧୫୨ ରନରେ ଚଣ୍ଡିଗଡ଼କୁ ପରାସ୍ତ କରିଛି। ପ୍ରଥମ ଇନିଂସରେ ୪୩୭ ରନ କରିଥିବା ବେଙ୍ଗଲ ଦ୍ୱିତୀୟ ଇନିଂସକୁ ୧୮୧/୮ରେ ଘୋଷଣା କରିଥିଲା। ଚଣ୍ଡିଗଡ଼ ଦୁଇ ଇନିଂସରେ ଯଥାକ୍ରମେ ୨୦୬ ଓ ୨୬୦ ରନ କରିବାକୁ ସକ୍ଷମ ହୋଇଥିଲା।









## ଗାଡି ଧକ୍କାରେ ବାଇକ ଆରୋହୀ ମୃତ

ଡୁଙ୍ଗୁରିପାଲି,(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ କାପାସିରାଠାରେ ରବିବାର ରାତିରେ ଗାଡି ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବରଗଡ ଜିଲା ମେଲଛାମୁଣ୍ଡା ଥାନା ଆନ୍ତର୍ଗତ ସମାରପାଲି ଗାଁର କିଶୋର ମହାନନ୍ଦ(୪୫)। କିଶୋର କାକାଶୁର ଘର ବିନିକା ବ୍ଲକ ବିଲେଇବାହାଲିରୁ ବାଇକରେ ଘରକୁ ଫେରୁଥିବା ବେଳେ କପାସିରା ନିକଟରେ ଏକା ଗାଡି ତାଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଡୁଙ୍ଗୁରିପାଲି ଡାକ୍ତରଖାନାକୁ ନେଇଥିଲେ। ହେଲେ ସେଠାରେ ଡାକ୍ତ ତାଙ୍କୁ ମୃତ ଘୋଷଣା କରିଥିଲେ।

## ସଂକ୍ଷେପରେ

### ମରଣାନ୍ତକ ଆକ୍ରମଣ ଘଟଣା: ଜେଲ ଗଲେ ୭ଅଭିଯୁକ୍ତ

ଦେଓଗାଁ,୬।୩ (ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ବହଲି ଗାଁରେ ସାମାନ୍ୟ ବଚସାକୁ କେନ୍ଦ୍ର କରି ମାରଣାନ୍ତକ ଆକ୍ରମଣ ଘଟଣାରେ ରବିବାର ପୂର୍ବତନ ୱାର୍ଡସଭ୍ୟଙ୍କ ସମେତ ୭ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆ ଯାଇଛି। ଅଭିଯୁକ୍ତମାନେ ହେଲେ ପୂର୍ବତନ ୱାର୍ଡସଭ୍ୟ ଜୟକାନ୍ତ ବାଗ, ରମାକାନ୍ତ ବାଗ, ମୋହନ ବାଗ, ଅଜେଶ ବାଗ, ଭଗବାନ ବାଗ, ସୁରେଶ ବାଗ, ଚିନ୍ମୟ ବାଗ। ଶୁକ୍ରବାର ରାତିରେ ତିନିସାଙ୍ଗ ମଧରେ ବଚସା ହୋଇ ହାତାହାତି ହେବାପରେ ବୁଝାମଣା ହୋଇଥିଲା। ସେମାନେ ଘରକୁ ଗଲା ପରେ ଦୁଇ ଜଣ ସାଙ୍ଗଙ୍କ ସମ୍ପର୍କୀୟ ଘଟଣା ସମ୍ପର୍କରେ ଜାଣି ପ୍ରତି ଆକ୍ରମଣ ପାଇଁ ବାହାରିଥିଲେ। ପ୍ରତିପକ୍ଷର ଜଣଙ୍କୁ ଦେଖି ମାଡ ମାରିଥିଲେ। ଘଟଣାର ମଧ୍ୟସ୍ଥତା କରିବାକୁ ଆସି ମାଡ ଖାଇଥିବା ସମ୍ପୃକ୍ତ ଯୁବକଙ୍କ ମାମୁ କୁମୁଦ ପୋଢ ମଧ ଉକ୍ତ ଆଠ ଜଣଙ୍କ ଆକ୍ରମଣର ଶିକାର ହୋଇଥିଲେ। ଗୁରୁତର ହୋଇଥିବା କୁମୁଦଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି।

### ଜିଲାସ୍ତରୀୟ ଯୁବ ସଂସଦ କାର୍ଯ୍ୟକ୍ରମ




ବରଗଡ଼ ଅଫିସ୍,୬।୩: ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ରବିବାର ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଜିଲାସ୍ତରୀୟ ଯୁବ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ନବୀନ ପଟେଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଡଃ ସୁଜିତ ପୃଷେଠ୍ ମୁଖ୍ୟବକ୍ତା ଏବଂ ବରଗଡ଼ ପଞ୍ଚାୟତ କଲେଜର ଅଧ୍ୟକ୍ଷ ପତିତପାବନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ବରଗଡ଼ ପୌର ନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା, ମହିଳା କଲେଜର ପୂର୍ବତନ ଅଧ୍ୟାପକ ସନ୍ତୋଷ ପଣ୍ଡା ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏଥିରେ ବରଗଡ଼ ନେହେରୁ ଯୁବକେନ୍ଦ୍ର ଅଧିକାରୀ ରୋସନ ଟଣ୍ଡନ ସଭାପତିତ୍ୱ କରିଥିବାବେଳେ ଉପଦେଷ୍ଟା କମିଟି ସଦସ୍ୟ ତ୍ରିଲୋଚନ ଶତପଥି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଜିଲାର ୧୨ଟି ବ୍ଲକର ବିଭିନ୍ନ ଯୁବକ ସଂଘ, ମହିଳା ସମିତିର ସଭ୍ୟବୃନ୍ଦ ଅଂଶଗ୍ରହଣ କରିଥିଲେ। ସ୍ୱେଚ୍ଛାସେବୀ ପ୍ରୀତି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ମୁନା ନାୟକ, ଟିଙ୍କି ସାହୁ, ଜ୍ୟୋସ୍ନା ବେହେରା, ତୁଳସୀରାମ ବରିହା, କ୍ଷୀରସିନ୍ଧୁ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

### ୫୧ ୟୁନିଟ୍ ରକ୍ତ ସଂଗ୍ରହ

ଜାମଟିକ୍ରା,୬।୩(ଡି.ଏନ.ଏ.): ଅତାବିରା ବ୍ଲକ ଅଧୀନ ନୂଆଁ ଖଇରପାଲି ରାମମନ୍ଦିରରେ ରବିବାର ପୂର୍ବାହ୍ନରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ନୂଆଁ ଖଇରପାଲ ଓ କୋଶଲ ଆନ୍ଧ୍ରା ୱେଲଫେୟାର ଆସୋସିଏଶନର ମିଳିତ ପ୍ରୟାସରେ ଅନୁଷ୍ଠିତ ରକ୍ତଦାନ ଶିବିରକୁ ଗ୍ରାମର ବରିଷ୍ଠ ବ୍ୟକ୍ତି ସି.ଏଚ୍. ଚକ୍ରବର୍ତ୍ତୀ ଓ ବି. ସତ୍ୟନାରାୟଣ ଫିତାକାଟି ଉଦ୍‌ଘାଟନ କରିଥିଲେ। ଶିବିରରେ ମୋଟ୍ ୫୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିବା ବେଳେ ୧୧ଜଣ ମହିଳା ଓ ୪୦ ଜଣ ପୁରୁଷ ରକ୍ତଦାନ କରିଥିଲେ।

### ବିଦ୍ୟୁତ୍ ଶର୍ଟସର୍କିଟରୁ ଘର ପୋଡ଼ି

ଲାଞ୍ଜିଗଡ,୬।୩(ଡି.ଏନ.ଏ.): କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଗୋବର୍ଦ୍ଧନପୁର ଗ୍ରାମପଞ୍ଚାୟତ ଗୋବର୍ଦ୍ଧନପୁର ଗାଁରେ ରବିବାର ଭୋରେ ବିଦ୍ୟୁତ୍ ଶର୍ଟସର୍କିଟରେ ନିଆଁଲାଗି ଏକ ଘର ସମ୍ପୂର୍ଣ୍ଣ ପୋଡ଼ିଯାଇଛି। ଫଳରେ ଜଣେ ଗରିବ ଓ ଅସହାୟ ମହିଳାଙ୍କ ପରିବାର ଏବେ ସର୍ବସ୍ୱାନ୍ତ ହୋଇଯାଇଛନ୍ତି। ଗୋବର୍ଦ୍ଧନପୁରର ଗୋମତୀ ହରିଜନ ଗାଁର ଶେଷମୁଣ୍ଡରେ ଗୋଟିଏ ପୁଅ ଓ ଝିଅଙ୍କୁ ନେଇ ଏକ ଝାଟିମାଟି ଘରେ ରହନ୍ତି। ଗୋମତୀଙ୍କ ସ୍ୱାମୀ ସନ୍ତୋଷ ହରିଜନ ଦାଦନ ଖଟିବାକୁ କେରଳ ଯାଇଥିବାବେଳେ ଘରେ ଗୋମତୀ ନିଜ ପୁଅଝିଅଙ୍କୁ ନେଇ ରହୁଥିଲେ। ଭୋରରୁ ତାଙ୍କ ଘରେ ଲାଗିଥିବା ବିଦ୍ୟୁତ୍ ସଟସର୍କିଟରେ ନିଆଁ ଲାଗିଯାଇଥିଲା। ତାଙ୍କ ଦୁଇ ବଖରା ଝାଟିମାଟି ଘର ପୋଡିଯାଇଥିବାବେଳେ ଘରେ ଥିବା ଧାନଚାଉଳ, ଆସବାବପତ୍ର, କପଡା ସହିତ ପୁଅଝିଅଙ୍କ ବହି ପୋଡି ନଷ୍ଟ ହୋଇଯାଇଛି। ବର୍ତ୍ତମାନ ପରିବାର ସର୍ବସ୍ୱାନ୍ତ ହୋଇ ପଡିଥିବାବେଳେ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗୋମତୀ ନିବେଦନ କରିଛନ୍ତି।

# ହଲେ ଶାର୍ଟ ପ୍ୟାଣ୍ଟ ପିନ୍ଧି ୟୁକ୍ରେନ୍‌ରୁ ଫେରିଲେ ସିଦ୍ଧାର୍ଥ

ବୌଦ୍ଧ,୬।୩(ସ୍ୱ.ପ୍ର.)


ମା' ବାପାଙ୍କ ଗହଣରେ ୟୁକ୍ରେନରୁ ଫେରିଥିବା ସିଦ୍ଧାର୍ଥ।

- ବଖାଣିଲେ ଯୁଦ୍ଧର ଭୟାବହତା
- ରକେଟ୍ ମାଡ଼ର ଦୃଶ୍ୟ ପାଖରୁ ଦେଖିଲେ

ବହୁ ବାଧାବିଘ୍ନର ସମ୍ମୁଖୀନ ହୋଇ ଶେଷରେ ୟୁକ୍ରେନ୍‌ରୁ ଆସି ରବିବାର ପ୍ରତ୍ୟୁଷରେ ବୌଦ୍ଧରେ ପହଞ୍ଚିଛନ୍ତି ଡାକ୍ତରୀ ଛାତ୍ର ସିଦ୍ଧାର୍ଥ ରାହୁଲ ମହାପାତ୍ର। ବୌଦ୍ଧ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମହାପାତ୍ର ଓ ଅଧ୍ୟାପିକା ଗୀତାରାଣୀ ମହାପାତ୍ରଙ୍କ ଏକମାତ୍ର ପୁତ୍ର ସିଦ୍ଧାର୍ଥ ଘରକୁ ଫେରି ଆସିବା ପରେ ପରିବାର ଓ ସାହିପଡ଼ିଶାରେ ଖୁସିର ଲହରି ଖେଳିଯାଇଛି। ସେଠାକାର ଯୁଦ୍ଧର ଭୟାବହତା ନେଇ ସିଦ୍ଧାର୍ଥ ନିଜର ଅନୁଭୂତିକୁ ଆମ ପ୍ରତିନିଧିଙ୍କ ନିକଟରେ ବଖାଣିଛନ୍ତି। କେବଳ ହଲେ ପ୍ୟାଣ୍ଟ ଶାର୍ଟ ପିନ୍ଧି ସେ ୟୁକ୍ରେନରୁ ବାହାରି ଘରେ ପହଞ୍ଚିଥିବା ପ୍ରକାଶ କରିଛନ୍ତି। ଫେରିବା ରାସ୍ତାରେ ସେଠାକାର କ୍ୱିଭ୍ ସହରରେ ଅଳ୍ପ ଦୂରତାରେ ରକେଟ୍ ମାଡ଼ ହୋଇ ବିସ୍ଫୋରଣ ହେଉଥିଲା। ଏହାର ଦୃଶ୍ୟ ସେ ଦେଖିବା ସହିତ ନିଜ ମୋବାଇଲରେ ଏହାକୁ କଏଦ୍ କରିଥିବା କହି ଦେଖାଇଥିଲେ। ତାଙ୍କ କହିବା ଅନୁଯାୟୀ, ଗତ ମାସ ୧୨ ତାରିଖରେ ତାଙ୍କର ଭିଜା ସରିଯାଉଥିବାରୁ ସେ ୟୁକ୍ରେନ୍ ଯିବାକୁ ବାଧ ହୋଇଥିଲେ। ସେଠାରେ ପହଞ୍ଚିବା ବେଳକୁ ଦୁଇଦେଶ ମଧ୍ୟରେ ତିକ୍ତତା ଚରମ ସୀମାରେ ପହଞ୍ଚି ସାରିଥିଲା। କିନ୍ତୁ ଯୁଦ୍ଧ ଆରମ୍ଭ ହୋଇ ନ ଥିଲା। ହଠାତ୍ ଯୁଦ୍ଧ ଆରମ୍ଭ ହେବା ପରେ ତୁରନ୍ତ ୟୁକ୍ରେନ ଛାଡିବାକୁ ଭାରତୀୟ ଦୂତାବାସ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ସିଦ୍ଧାର୍ଥ ଅନ୍ୟ ତିନିଜଣ ଭାରତୀୟ ଛାତ୍ରଙ୍କ ସହିତ କ୍ୱିଭ ସିଟିର ଡ୍ରାଗମାନବ ଷ୍ଟ୍ରିଟ୍‌ରେ ରହୁଥିଲେ। ଯୁଦ୍ଧ ପରିସ୍ଥିତି ପରେ ସେଠାରୁ ସେ ଭାରତୀୟ ହଷ୍ଟେଲର ବଙ୍କରକୁ ଚାଲି ଯାଇଥିଲେ। ସେଠାରେ ୟୁକ୍ରେନ୍ ସରକାରଙ୍କ ପକ୍ଷରୁ ମାଗଣାରେ ଖାଦ୍ୟ ଓ ପାନୀୟ ଯୋଗାଇ ଦିଆଯାଉଥିଲା। ଯୁଦ୍ଧ ପରିସ୍ଥିତି ଅଧିକ ଜଟିଳ ହେବା ପରେ ଭାରତୀୟ ଦୂତାବାସ ପକ୍ଷରୁ ନିଜ ରିସ୍କରେ ସେହି ଦେଶ ଛାଡିବାକୁ ନିର୍ଦ୍ଦେଶ ଜାରି କରାଯାଇଥିଲା।

ସେଠାରେ ରୁଷ ସୈନ୍ୟ ପକ୍ଷରୁ କେବଳ ମିଲିଟାରି ବେସ୍ ଓ ୟୁକ୍ରେନ୍‌ର ସରକାରୀ କୋଠାଗୁଡିକ ଉପରେ ଆକ୍ରମଣ କରାଯାଉଥିବା ବେଳେ କୌଣସି ସାଧାରଣ ନାଗରିକଙ୍କର କିଛି କ୍ଷତି କରୁ ନ ଥିବା ସୂଚନା ଦେଇଥିଲେ। ଗତ ୨୭ ତାରିଖରେ ସିଦ୍ଧାର୍ଥ ଭାରତର ବିଭିନ୍ନ ରାଜ୍ୟର ଅନ୍ୟ ତିନିଜଣ ବନ୍ଧୁଙ୍କ ସମେତ ପ୍ରାୟ ୩୦୦ ଭାରତୀୟ ଛାତ୍ରୀଛାତ୍ର ନିକଟସ୍ଥ ଏକ ରେଳଷ୍ଟେଶନରେ ପହଞ୍ଚିବା ପରେ ହଠାତ୍ ଆକ୍ରମଣ ନେଇ ସାଇରନ୍ ବାଜି ଉଠିଥିଲା। ଫଳରେ ସେମାନେ ଭୟଭୀତ ହୋଇ ସେଠାରେ ଥିବା ବଙ୍କରରେ ଆଶ୍ରୟ ନେଇଥିଲେ। ପ୍ରାୟ ୪ ଘଣ୍ଟା ଅପେକ୍ଷା କରିବା ପରେ ଏକ ଟ୍ରେନ ଆସିଥିଲା। କିନ୍ତୁ ଏତେ ଯାତ୍ରୀ ଥିଲେ ଯେ ହାତରେ ଟିକେଟ ଧରି ମଧ ଟ୍ରେନରେ ଚଢି ପାରି ନ ଥିଲେ। ପରବର୍ତ୍ତୀ ଟ୍ରେନ ପାଇଁ ପୁନର୍ବାର ୫ ଘଣ୍ଟାରୁ ଅଧିକ ସମୟ ଅପେକ୍ଷା କରିବାକୁ ପଡିଥିଲା। ସେଠାରୁ ଟ୍ରେନ ଧରି ହଙ୍ଗେରୀ ସୀମାରେ ପହଞ୍ଚିଥିଲେ। ପରେ ସୀମା ପାର ହୋଇ ବସ ଯୋଗେ ବୁଦାପେଷ୍ଟରେ ପହଞ୍ଚିଥିଲେ। ହଙ୍ଗେରୀ ସୀମାରେ ପ୍ରବେଶ କରିବା ପରେ ଭାରତୀୟ ଦୂତାବାସ ପକ୍ଷରୁ ସେମାନଙ୍କୁ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦିଆଯାଇଥିଲା। ସେଠାରେ ଦୁଇଦିନ ରହିବା ପରେ ସେ ଫ୍ଲାଇଟ ଯୋଗେ ଆସି ମୁମ୍ବାଇରେ ପହଞ୍ଚିଥିଲେ।

ସେଠାରେ ଓଡ଼ିଶା ସରକାରଙ୍କ ପକ୍ଷରୁ ତାଙ୍କୁ ଓଡ଼ିଶା ଭବନରେ ରଖାଯିବା ସହିତ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦିଆଯାଇଥିଲା। ସେଠାରୁ ରାଜ୍ୟ ସରକାର ନିଜସ୍ୱ ଖର୍ଚ୍ଚରେ ତାଙ୍କୁ ଭୁବନେଶ୍ୱର ଆଣି ରାଜ୍ୟ ପର୍ଯ୍ୟଟନ ବିଭାଗ ଅତିଥି ଭବନରେ ରଖାଇଥିଲେ। ଅତିଥିଭବନରୁ ଆସି ସିଦ୍ଧାର୍ଥ ରବିବାର ବୌଦ୍ଧରେ ନିଜ ଘରେ ପହଞ୍ଚିଥିଲେ। କ୍ୱିଭ୍ ସହରରେ ଥିବା ମେଡିକାଲ ୟୁନିଭରସିଟିର ୫ମ ବର୍ଷର ଛାତ୍ର ସିଦ୍ଧାର୍ଥ ସୁରକ୍ଷିତ ଭାବରେ ଘରକୁ ଫେରିଥିବା କହିଛନ୍ତି। ଏଥିପାଇଁ ସେ ଓ ତାଙ୍କ ପରିବାର ଭାରତ ସରକାର, ରାଜ୍ୟ ସରକାର, ବୌଦ୍ଧ ଜିଲାପାଳ ଓ ଏସ୍‌ପିଙ୍କୁ କୃତଜ୍ଞତା ଜଣାଇଛନ୍ତି। ରବିବାର ୟୁକ୍ରେନ୍‌ର ମେଡିକାଲ ୟୁନିଭରସିଟି ପକ୍ଷରୁ ତାଙ୍କ ପାଖକୁ ପାଠପଢା ନେଇ ଏକ ମେଲ୍ ଆସିଥିବା ସେ ପ୍ରକାଶ କରିଛନ୍ତି। ତେବେ ସେଠାକାର ପରିସ୍ଥିତି ସ୍ୱାଭାବିକ ହେଲେ କିମ୍ବା ଭାରତ ସରକାରଙ୍କ ପକ୍ଷରୁ ଯାହା ନିର୍ଦ୍ଦେଶ ଦିଆଯିବ ସେହି ଅନୁଯାୟୀ ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି।

## ୟୁକ୍ରେନ୍‌ରୁ ଫେରିଲେ ଡାକ୍ତରୀ ଛାତ୍ର ଆଲୋକ

ଲୋଇସିଂହା, ୬।୩(ଡି.ଏନ.ଏ)



ଅଭିଭାବକଙ୍କ ସହ ଆଲୋକ।

ୟୁକ୍ରେନ ଉପରେ ରୁଷର ଘନଘନ ଆକ୍ରମଣ ଜାରି ରହିଛି। ଭୟଭୀତ ଅବସ୍ଥାରେ ସେଠାରେ ଡାକ୍ତରୀ ପଢୁଥିବା ଭାରତୀୟ ଛାତ୍ରୀଛାତ୍ର ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରୁଛନ୍ତି। ଏହିକ୍ରମରେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ହୀରାପୁର ପଞ୍ଚାୟତ ସାରେସମୁଣ୍ଡା ଗାଁର ଡାକ୍ତରୀ ଛାତ୍ର ଆଲୋକ ବଘାର(୧୯) ଶନିବାର ଘରେ ପହଞ୍ଚିଛନ୍ତି। ସୁରକ୍ଷିତ ଭାବେ ପୁଅ ଘରେ ପହଞ୍ଚିଥିବାରୁ ପରିବାର ଲୋକେ ଓ ସମ୍ପର୍କୀୟ ଆଶ୍ୱସ୍ତ ହୋଇଛନ୍ତି। ସୁରକ୍ଷିତ ଉଦ୍ଧାର ପାଇଁ ସେମାନେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ସାରେସମୁଣ୍ଡା ଗାଁର ମା' ଗୀତାଞ୍ଜଳି ବଘାର ଓ ନିର୍ମଳ ବଘାରଙ୍କ ପୁଅ ଆଲୋକ ୨୦୨୦ରେ ୬ବର୍ଷିଆ ଡାକ୍ତରୀ ପଢିବା ପାଇଁ ୟୁକ୍ରେନ ଯାଇଥିଲେ। ୟୁକ୍ରେନର ନର୍ଟୋଫିଲଜାତୀୟ ମେଡିକାଲ ବିଶ୍ୱବିଦ୍ୟାଳୟର ସେ ଦ୍ୱିତୀୟ ବର୍ଷର ଛାତ୍ର ଥିଲେ। ୨୦୨୧ ଜୁଲାଇରେ ଗାଁକୁ ଆସି ସେପ୍ଟେମ୍ବରରେ ଆଲୋକ ୟୁକ୍ରେନ ଫେରିଥିଲେ। ଫେବୃୟାରୀ ଶେଷ ସପ୍ତାହରେ ୟୁକ୍ରେନରେ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଥିଲା। ଫେବୃୟରୀ ୨୮ ତାରିଖରେ ଇଣ୍ଡିଆ ଆମ୍ବାସି କହିବା ପରେ ୧୦ କିମି ଚାଲି କରି ସେ ରୋମାନିଆ ସୀମାକୁ ଆସିଥିଲେ। ସେଠାରେ ଗୋଟିଏ ଦିନ ରହଣି ପରେ ସେଣ୍ଟରକୁ ବସ୍‌ରେ ଫେରି ଫ୍ଲାଇଟ ଧରିଥିବା ଆଲୋକ କହିଛନ୍ତି। ପୁଅ ଘରକୁ ଫେରିବା ପର୍ଯ୍ୟନ୍ତ ଆଖିରେ ନିଦ ନଥିଲା। ମା ମାହେଶ୍ୱରୀଙ୍କ ନିକଟରେ ଦୀପ ଜାଳି ଅଧିଆ ପଡିଥିଲୁ ବୋଲି ଆଲୋକଙ୍କ ମା' ଗୀତାଞ୍ଜଳି କହିଛନ୍ତି। ପରିସ୍ଥିତି ଦେଖି ପୁଅକୁ ସେଠାକୁ ଡାକ୍ତରୀ ଶିକ୍ଷା ପାଇଁ ପଠାଇବେ ବୋଲି ବାପା ନିର୍ମଳ ବଘାର କହିଛନ୍ତି।

## ସ୍ମୃତିରେ ରୋମାଞ୍ଚିତ ହେଲେ ପୁରାତନ ଛାତ୍ର

ବଲାଙ୍ଗୀର ଅଫିସ, ୬।୩



୧୯୭୨ ମାଟ୍ରିକ୍ ବ୍ୟାଚ୍ ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ମଞ୍ଚାସୀନ ଅତିଥି।

**୧୯୭୨ ମାଟ୍ରିକ୍ ବ୍ୟାଚର ସୁବର୍ଣ୍ଣ ଜୟନ୍ତୀ ସମାରୋହ**

ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲ ୧୯୭୨ ମସିହା ମାଟ୍ରିକ୍ ବ୍ୟାଚ୍‌ର ସୁବର୍ଣ୍ଣ ଜୟନ୍ତୀ ସମାରୋହ ରବିବାର ସ୍ଥାନୀୟ ସାମ୍ବାଦିକ ଭବନଠାରେ ଅନୁଷ୍ଠିତ ହୋଇଥିଲା। ବିଜୟ କୁମାର ଦୀକ୍ଷିତଙ୍କ ସଂଯୋଜନାରେ ଅନୁଷ୍ଠିତ ସମାରୋହରେ ଅତିଥି ମର୍ଯ୍ୟାଦାରେ ପୃଥ୍ୱୀରାଜ ହାଇସ୍କୁଲର ପୂର୍ବତନ ଶିକ୍ଷକ ଲକ୍ଷ୍ମୀନାରାୟଣ ଦାଶ, ପ୍ରାଣବନ୍ଧୁ ନାୟକ, ଶ୍ୟାମସୁନ୍ଦର ଉଦ୍‌ଗାତା, ଭାବଗ୍ରାହୀ ରଥ, ଘାସିରାମ ବିଶ୍ୱାଳ, ପ୍ରଫୁଲ୍ଲ କୁମାର ମହାନ୍ତି ମଞ୍ଚାସୀନ ହୋଇଥିଲେ। ସ୍ମରଣିକା କମିଟି ପରିଚାଳନା ସମ୍ପାଦକ ଭବାନୀ ଶଙ୍କର ପଟେଲ, ରାମଶଙ୍କର ନନ୍ଦ, ଗୋପବନ୍ଧୁ ଶତପଥୀ, ସୁରେନ୍ଦ୍ର କୁମାର ତ୍ରିପାଠୀ, ଅଶୋକ ଶତପଥୀ ଓ ବିଜୟ କୁମାର ଦୀକ୍ଷିତ ମାନପତ୍ର ପାଠ କରିଥିଲେ। ଛାତ୍ର ଜୀବନର ଶିକ୍ଷକଙ୍କୁ ଦେଖି ପୁରାତନ ଛାତ୍ରମାନେ ଭାବବିହ୍ୱଳ ହୋଇପଡିଥିଲେ। ଶିକ୍ଷକମାନେ ମଧ ୫୦ ବର୍ଷ ତଳର ସ୍ମୃତି ବଖାଣିଥିଲେ। ଏହି ଅବସରରେ ଏକ ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ସମାରୋହରେ ରାଜ୍ୟ ତଥା ବିଦେଶରେ ରହୁଥିବା ବହୁ ପୁରାତନ ଛାତ୍ର ସପତ୍ନୀକ ଯୋଗଦାନ କରିଥିଲେ।

## ଚର୍ଚ୍ଚାରେ ରିତେଶ, ଆଖିବୁଜି କରିପାରୁଛନ୍ତି ସବୁ କାମ

କୋକସରା,୬।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ପୋଡାଗୁଡା ଗାଁର ବିସ୍ମୟ ବାଳକ ରିତେଶ କୁମାର ସାହୁ (୮)। ସାଧାରଣତଃ ଆମ ଆଖିରେ ପଟି ବାନ୍ଧିଲେ ଆମକୁ କିଛି ଦେଖାଯାଏ ନାହିଁ। ହେଲେ ରିତେଶ ଆଖି ବନ୍ଦ କରି ସବୁ କାମ କରିପାରୁଛନ୍ତି। ଯାହାକୁ ନେଇ ସେ ଏବେ ଚର୍ଚ୍ଚାରେ। ପୋଡାଗୁଡା ଗାଁର ବବ୍ରୁବାହାନ ସାହୁ ଓ ସୁରଭି ସାହୁଙ୍କ ପୁଅ ରିତେଶ। ଗାଁ ବିଦ୍ୟାଳୟରେ ସେ ଦ୍ୱିତୀୟ ଶ୍ରେଣୀରେ ପଢ଼ନ୍ତି। ରିତେଶ ଆଖିରେ କଳା କପଡ଼ା ବାନ୍ଧି ଲେଖିବା, ପଢ଼ିବା, ଦୌଡ଼ିବା, ଲୋକଙ୍କୁ ଚିହ୍ନିବା, ସାଇକେଲ ଚଳାଇବା ଆଦି କାମ ସହଜରେ କରିପାରୁଛନ୍ତି। ଭବିଷ୍ୟତରେ ରିତେଶ ଜଣେ ଇଞ୍ଜିୟର ହେବା ଲକ୍ଷ୍ୟ ରଖିଛନ୍ତି। ତେବେ ରିତେଶ ଇଭେନ୍ସ ଏକାଡେମୀ ଜୟପୁରରୁ ଅନଲାଇନ୍ ମାଧ୍ୟମରେ ଦିବ୍ୟଶକ୍ତି କୋର୍ସ କରୁଛନ୍ତି। ଏହି ବିସ୍ମୟ ପ୍ରତିଭା ପାଇଁ ସ୍ଥାନୀୟ ଲୋକେ ତାଙ୍କୁ ବେଶ୍ ପ୍ରଶଂସା କରିବା ସହ ଉତ୍ସାହିତ କରୁଛନ୍ତି।


ରିତେଶ କୁମାର ସାହୁ।

## ପୌରାଧ୍ୟକ୍ଷା ପ୍ରାର୍ଥୀ ଘୋଷଣା କଲେ ୩ ପ୍ରମୁଖ ଦଳ


ତମସ୍ୱି ତମସ୍ୱିତା ନାୟକ


ସୁନୀତା ଗିରି


ରାଜଶ୍ରୀ ଦ୍ୱିବେଦୀ।

ସୋନପୁର,୬।୩(ନି.ପ୍ର.)

**ସୁବର୍ଣ୍ଣପୁର ପୌରପାଳିକା**

- ବିଜେଡି-ତମସ୍ୱି ତମସ୍ୱିତା, ଭାଜପା-ସୁନୀତା, କଂଗ୍ରେସରୁ ରାଜଶ୍ରୀ

ସୁବର୍ଣ୍ଣପୁର ପୌର ପରିଷଦର ପୌରାଧ୍ୟକ୍ଷା ପଦବୀ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ପ୍ରମୁଖ ରାଜନୈତିକ ଦଳଗୁଡିକ ବହୁ ବିଚାର ବିମର୍ଶ ପରେ ଦଳୀୟ ପୌରାଧ୍ୟକ୍ଷା ପ୍ରାର୍ଥୀଙ୍କ ନାମ ଘୋଷଣା କରିଛନ୍ତି। ବିଜେଡି ପ୍ରାକ୍ତନ ପୌରାଧ୍ୟକ୍ଷ ପ୍ରକାଶ ସାହୁଙ୍କ ପତ୍ନୀ ତମସ୍ୱି ତମସ୍ୱିତା ନାୟକଙ୍କୁ ପ୍ରାର୍ଥୀ କରିଛି। ତମସ୍ୱି ତମସ୍ୱିତା ପୂର୍ବରୁ ପରିଷଦର ଉପାଧ୍ୟକ୍ଷା ଥିଲେ। ବିଜେଡିର ସୁବର୍ଣ୍ଣପୁର ଜିଲା ପର୍ଯ୍ୟବେକ୍ଷକ ତଥା ବୌଦ୍ଧ ବିଧାୟକ ପ୍ରଦୀପ ଅମାତ ରବିବାର ତମସ୍ୱି ତମସ୍ୱିତାଙ୍କୁ ଦଳୀୟ ପ୍ରାର୍ଥୀ ଭାବେ ଘୋଷଣା କରିଛନ୍ତି। ଭାଜପା ପ୍ରାର୍ଥୀ ସୁନିତା ଗିରି ଭୋଟ ରାଜନୀତିରେ ନୂଆ। ତେବେ ସେ ଦଳରେ ସକ୍ରିୟ ଥିଲେ। ଉଚ୍ଚ ଶିକ୍ଷିତା ସୁନିତାଙ୍କୁ ଭାଜପା ପ୍ରାର୍ଥୀ କରିଛି। କଂଗ୍ରେସ ବହୁ ପୂର୍ବରୁ ରାଜଶ୍ରୀ ଦ୍ୱିବେଦୀଙ୍କୁ ଦଳୀୟ ପ୍ରାର୍ଥୀ ଭାବେ ଚୟନ କରିଥିବା ବେଳେ ରବିବାର ଆନୁଷ୍ଠାନିକ ଭାବେ ନାମ ଘୋଷଣା କରିଛି। ରାଜଶ୍ରୀ ନବାଗତ ହୋଇଥିଲେ ହେଁ ତାଙ୍କ ପରିବାର କଂଗ୍ରେସ ଦଳ ସହିତ ଦୀର୍ଘବର୍ଷ ଧରି ଜଡିତ ହୋଇ ରହିଛନ୍ତି। ତିନି ପ୍ରାର୍ଥୀ ସୋମବାର ନାମାଙ୍କନ ପତ୍ର ଦାଖଲ କରିବେ। ଚଳିତ ଥର ଭୋଟର ସିଧାସଳଖ ଅଧ୍ୟକ୍ଷ ନିର୍ବାଚନ କରିବାର ଥିବାରୁ ଅଧ୍ୟକ୍ଷ ପଦକୁ ନେଇ ଉତ୍କଣ୍ଠା ପ୍ରକାଶ ପାଇଛି।

## ୭ ଭାଜପା, ୪ ସ୍ୱାଧୀନ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ

ସୋନପୁର,୬।୩(ନି.ପ୍ର.)

ପୌର ନିର୍ବାଚନ ପାଇଁ ରବିବାର ସୁବର୍ଣ୍ଣପୁର ପୌର ପରିଷଦରେ ୭ ଜଣ ଭାଜପା ପ୍ରାର୍ଥୀ ଓ ୪ ଜଣ ସ୍ୱାଧୀନ ପ୍ରାର୍ଥୀ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ୧ ନମ୍ବର ୱାର୍ଡରୁ ଭାଜପା ପ୍ରାର୍ଥୀ ଅନିତା ସାମଲ, ୬ ନମ୍ବରରୁ ଗଙ୍ଗାଧର ତରିଆ, ୭ ନମ୍ବରରୁ ସ୍ୱରୂପ ପାତ୍ର, ୧୨ ନମ୍ବରରୁ ସ୍ମୃତିରେଖା ଦୀପ, ୧୩ ନମ୍ବରରୁ ଶ୍ରୀଧର ତରିଆ, ୧୪ ନମ୍ବରରୁ ସୁକାନ୍ତ ସାହୁ, ୧୫ ନମ୍ବର ୱାର୍ଡରୁ ଗୀତା ମେହେର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଦଳୀୟ ନେତୃବୃନ୍ଦ ଓ ସମର୍ଥକଙ୍କ ସହିତ ପ୍ରାର୍ଥୀମାନେ ଶୋଭାଯାତ୍ରାରେ ଆସିଥିଲେ। ଭାଜପାର ବାକି ୮ ୱାର୍ଡର କାଉନସିଲର ଓ ପୌରାଧ୍ୟକ୍ଷା ପାଇଁ ଭାଜପା ସୋମବାର ପ୍ରାର୍ଥୀପତ୍ର ଦାଖଲ କରିବ। ସେହିପରି ୧୫ ନମ୍ବର ୱାର୍ଡରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ବାସନ୍ତି ମେହେର, ୧୨ ନମ୍ବରରୁ ସ୍ୱାଧୀନ ପ୍ରାର୍ଥୀ ସୁଭଦ୍ରା ବିଶି, ୧୦ ନମ୍ବରରୁ ସ୍ୱାଧୀନ ପ୍ରାର୍ଥୀ ସାବିତ୍ରୀ ନାଏକ ଓ ୭ ନମ୍ବର ୱାର୍ଡରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ରାଜକିଶୋର ରାଓ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। କଂଗ୍ରେସ ଓ ବିଜେଡି ଆଦୌ ପ୍ରାର୍ଥୀପତ୍ର ଦାଖଲ କରିନାହାନ୍ତି। ରବିବାର ବିଜେଡି ଦଳୀୟ ପ୍ରାର୍ଥୀଙ୍କୁ ଧରି ସହରରେ ଶୋଭାଯାତ୍ରା କରିଥିଲା। ଦଳୀୟ ପ୍ରାର୍ଥୀମାନେ ସୋନପୁର ବିଧାୟକ ତଥା ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ଗହଣରେ ସୁରେଶ୍ୱରୀ ମନ୍ଦିରରୁ ଶୋଭାଯାତ୍ରାରେ ଆସି ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ତେବେ ପ୍ରାର୍ଥୀମାନେ କେବଳ ଫର୍ମ କିଣିଥିଲେ।

## ବିଏସ୍‌ଏ ଉଲୁଣ୍ଡା ଚାମ୍ପିୟନ

ସୋନପୁର, ୬।୩(ନି.ପ୍ର.)

**ଭଗବତୀ ଟ୍ରଫି କ୍ରିକେଟ**

ସୋନପୁର ଗାନ୍ଧୀ ପଡିଆରେ ଚାଲିଥିବା ୧୧ ତମ ଆନ୍ତଃ ଜିଲା ଭଗବତୀ ଟ୍ରଫି କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ବିଏସଏ ଉଲୁଣ୍ଡା ଏହି ଟୁର୍ନାମେଣ୍ଟରେ ଚାମ୍ପିୟନ ହୋଇଛି। ବିସିସି ସୋନପୁର ଓ ବିଏସଏ ଉଲୁଣ୍ଡା ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଉଲୁଣ୍ଡା ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦଳ ନିର୍ଦ୍ଧାରିତ ୨୫ ଓଭରରେ ୮ ଉଇକେଟ ହରାଇ ୨୧୦ ରନ ସଂଗ୍ରହ କରିଥିଲେ। ଅଭିଳାଶ ନାଏକ ୮୨ ରନ, ଯଦୁଲାଲ ନନ୍ଦ ୨୬ ରନ ଓ ପ୍ରଶାନ୍ତ ବିଶି ୨୫ ରନ ସଂଗ୍ରହ କରିଥିଲେ। ସୋନପୁରର ରାଜା ବିଶ୍ୱଜିତ ଓ ମଳୟ ହାତୀ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ସୋନପୁରର ସିକନ ସେଠୀ ୪୮ ରନ, ଶଙ୍କର ସେଠୀ ୪୧ ରନ ଓ ନିରଞ୍ଜନ ପଣ୍ଡା ୫୩ ରନ ସଂଗ୍ରହ କରିଥିଲେ। ଉଲୁଣ୍ଡାର କେ.ଜି.କ୍ରିଷ୍ଣା ୩ଟି ଓ ଉମା ଶଙ୍କର ହୋତା ୨ଟି ଉଇକେଟ୍ ଅକ୍ତିଆର କରିଥିଲେ। ବିଏସଏ ଉଲୁଣ୍ଡା ଦଳ ୧୮ ରନରେ ଏହି ମ୍ୟାଚ୍‌କୁ ଜିତି ନେଇଥିଲା। ବ୍ୟାଟ୍ସମ୍ୟାନ୍ ଅଭିଳାଶ ନାଏକଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍, ରାଜା ବିଶ୍ୱଜିତଙ୍କୁ ଟୁର୍ନାମେଣ୍ଟର ଶ୍ରେଷ୍ଠ ବୋଲର, ନିରଞ୍ଜନ ପଣ୍ଡାଙ୍କୁ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଓ କିଷନଲାଲ ସାଗରଙ୍କୁ ପ୍ଲେୟାର ଅଫ ଦି ଟୁର୍ନାମେଣ୍ଟ ଭାବେ ପୁରସ୍କୃତ କରାଯାଇଥିଲା। ଶ୍ୟାମସୁନ୍ଦର ପଣ୍ଡା ଓ ଶ୍ରୀବନ୍ତ କୁମାର ନାୟକ ମ୍ୟାଚ୍ ପରିଚାଳନା କରିଥିଲେ। ପିଙ୍କୁ ବେହେରା ଓ ବବୁଲୁ ମେହେର ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ। ସାମାଜିକ କର୍ମୀ ଶ୍ରୀବତ୍ସ ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ପୁରସ୍କୃତ କରିଥିଲେ। କଳାପଥର ପଞ୍ଚାୟତ ସମିତି ସଭ୍ୟ ଅରବିନ୍ଦ ବାରିକ, ପ୍ରାକ୍ତନ ନଗରପାଳ ପ୍ରକାଶ ସାହୁ, ଜୟକୃଷ୍ଣ ସାହା ଓ ନିର୍ମଳ ନେଗୀ ସମ୍ମାନିତ ଅତିଥିଭାବେ ଯୋଗଦେଇ ରନର୍ସ ଅପ ଟିମ୍ ଓ ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ।

## ଆନ୍ତଃଜିଲାସ୍ତରୀୟ କ୍ରିକେଟ: କଣ୍ଟାବାଞ୍ଜି ଚାମ୍ପିୟନ

ଜୁନାଗଡ,୬।୩(ଡି.ଏନ.ଏ.)



ଚାମ୍ପିୟନ ଦଳକୁ ଗୃହ ରାଷ୍ଟ୍ରମନ୍ତ୍ରୀ ପୁରସ୍କୃତ କରୁଛନ୍ତି।

କଳାହାଣ୍ଡି ଜିଲା ଜୁନାଗଡ ସହର ଭୈରବ ପଡିଆଠାରେ ଗତ ୨୩ ତାରିଖରୁ ଚାଲିଥିବା ସ୍ୱର୍ଗତ ମହେଶ୍ୱର ବରାଡ ମେମୋରିଆଲ ଆନ୍ତଃଜିଲାସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ବଲାଙ୍ଗୀର ଓ କଣ୍ଟାବାଞ୍ଜି ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ କଣ୍ଟାବାଞ୍ଜି ଚାମ୍ପିୟନ ହୋଇଛି। ବଲାଙ୍ଗୀର ପ୍ରଥମେ ଟସ୍ ଜିଣି ବ୍ୟାଟିଂ କରି ୨୩.୨ ଓଭରରେ ସମସ୍ତ ଓଇକେଟ ହରାଇ ୮୭ ରନ୍ ସଂଗ୍ରହ କରିଥିଲା। ଜବାବରେ କଣ୍ଟାବାଞ୍ଜି ଦଳ ୧୬.୩ ଓଭରରେ ୭ ଉଇକେଟ୍ ହରାଇ ୮୮ ରନ୍ କରି ବିଜୟୀ ହୋଇଥିଲା। ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ଓ ମ୍ୟାନ ଅଫ୍ ଦି ସିରିଜ୍ ଭାବେ ଗୌରବ ରାଉତ ପୁରସ୍କୃତ ହୋଇଥିଲେ। ଫାଇନାଲ ମ୍ୟାଚ୍‌କୁ ବିସିସିଆଇ ଲେବେଲ ୧ ଅମ୍ପାୟର ଜୟପୁରର ଅସିତ ପଟ୍ଟନାୟକ ଓ ଭବାନୀପାଟଣାର ଅଶୋକ ସାହାଣୀ ପରିଚାଳନା କରିଥିଲେ। ସେହିପରି ନୀତିଶ ମହାପାତ୍ର, ବିନୟ ସାହୁ, ତେଜରାଜ ଠାକୁର, କ୍ରିଷ୍ଣାଚନ୍ଦ୍ର ସୋନି, ସୋଓର ରଞ୍ଜନ ସାହୁ, ବିନୋଦ ବାରିକ ପ୍ରମୁଖ ଧାରାବିବରଣୀ ପ୍ରଦାନ କରିଥିଲେ। ସ୍କୋରର ଭାବେ ଭୁଜ ପୋଟା ଓ ଓହାସମୀ ଖାନ୍ ଦାୟିତ୍ୱ ତୁଲାଇଥିଲେ। ଜୁନାଗଡର ଅଗ୍ରଣୀ କ୍ରୀଡା ଅନୁଷ୍ଠାନ ନ୍ୟୁରେଡ୍ ଷ୍ଟାର ସ୍ପୋର୍ଟ୍ସ କ୍ଲବ ପକ୍ଷରୁ ଆୟୋଜିତ ଟୁର୍ନାମେଣ୍ଟର ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷକ ବିଜୟ ପାଢି, ରାଜୁ ଗୋୟଲ, ଦୀପକ ସାହୁ, ନ୍ୟୁରେଡ୍ ଷ୍ଟାର ସ୍ପୋର୍ଟ୍ସ କ୍ଲବ ସଭାପତି ହିମାଂଶୁ ଶେଖର ବରାଡ, ସମ୍ପାଦକ କାଳିନ୍ଦ୍ରୀ ପାଣିଗ୍ରାହୀ, ଉପସଭାପତି ସରୋଜ ପଣ୍ଡା, ମାନସ ସାହୁ, ସମୀର ସାହୁ, କୋଷାଧ୍ୟକ୍ଷ ଦିଲୀପ ପଣ୍ଡା, ଦିପେନ ସାହୁ, ରମଣୀ ରଞ୍ଜନ ପଣ୍ଡା, ସୁଜିତ କୁମାର ପଣ୍ଡା, ସତିଶ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

**ଗର୍ଭବତୀଙ୍କୁ ଉଦ୍ଧାର କଲେ ସ୍ୱେଚ୍ଛାସେବୀ**

ବରଗଡ଼ ଅଫିସ୍: ବରଗଡ଼ ଜିଲା ଅତାବିରା ବ୍ଲକ ଅଞ୍ଚଳରେ ଅସହାୟ ଅବସ୍ଥାରେ ବୁଲାବୁଲି କରୁଥିବା ଜଣେ ଗର୍ଭବତୀ ମହିଳାଙ୍କୁ ରବିବାର ସଂକଳ୍ପ ଅନୁଷ୍ଠାନର ସଦସ୍ୟମାନେ ଉଦ୍ଧାର କରିଛନ୍ତି। ମାନସିକ ରୋଗାକ୍ରାନ୍ତ ଉକ୍ତ ମହିଳା ଜଣକ ଅସହାୟ ଅବସ୍ଥାରେ ବୁଲୁଥିବା ସୂଚନା ପାଇ ସଂଯୋଜକ ବିକାଶ ଅଗ୍ରୱାଲ ଏବଂ ଅନ୍ୟ ସଦସ୍ୟ ସେଠାରେ ପହଞ୍ଚ ସମ୍ପୃକ୍ତ ମହିଳାଙ୍କୁ ଉଦ୍ଧାର କରି ଜିଲା ସଖୀ ସେଣ୍ଟରକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ମହିଳା ଜଣକ ୬ମାସର ଗର୍ଭବତୀ ଥିବା ଜଣାପଡ଼ିଥିଲା । ସେ ବର୍ତ୍ତମାନ ଚିକିତ୍ସାଧୀନ ଅଛନ୍ତି ।

## ସଂକ୍ଷେପରେ

### ମ୍ୟୁନିସିପାଲିଟି, ୩ ଏନ୍‌ଏସି ପାଇଁ ପ୍ରାର୍ଥୀ ଘୋଷଣା କଲା ଭାଜପା

**ଷଷ୍ଠ ଦିନରେ ୨୦ ନାମାଙ୍କନପତ୍ର ଦାଖଲ**

ଭବାନୀପାଟଣା,୬।୩(ସ୍ୱ.ପ୍ର.): କଳାହାଣ୍ଡି ଜିଲାର ଗୋଟିଏ ମ୍ୟୁନିସିପାଲିଟି ଓ ୩ଟି ଏନ୍‌ଏସି ଅଧକ୍ଷ ପଦ ପାଇଁ ରବିବାର ପ୍ରାର୍ଥୀ ଘୋଷଣା କରିଛି ଭାଜପା। ଏଥିରେ ଭବାନୀପାଟଣା ମ୍ୟୁନିସିପାଲିଟି ଅଧକ୍ଷା ପଦ ପାଇଁ ବିନିତା ଦାଶ, ଜୁନାଗଡ ଏନ୍‌ଏସି ପାଇଁ ମୁକେଶ ଅଗ୍ରୱାଲ, ଧର୍ମଗଡ ପାଇଁ ଅଶୋକ ମହାନ୍ତି ଓ କେସିଙ୍ଗା ପାଇଁ ସଚିନ ଜୈନଙ୍କ ନାମ ଘୋଷଣା କରାଯାଇଛି। ଏ ନେଇ ଦଳୀୟ ପତ୍ର ମାଧମରେ ଜିଲା ସଭାପତି ଦେବେନ୍ଦ୍ର ମହାନ୍ତି ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ନାମାଙ୍କନ ଦାଖଲ ପ୍ରକ୍ରିୟାର ରବିବାର ପଞ୍ଚମ ଦିନରେ ଭବାନୀପାଟଣା ପୌର ପରିଷଦ ସହ ଜୁନାଗଡ, ଧର୍ମଗଡ ଓ କେସିଙ୍ଗା ଏନ୍‌ଏସିରେ ମୋଟ ୨୦ଟି ନାମାଙ୍କନ ପତ୍ର ଦାଖଲ ହୋଇଛି। ସେଥିମଧ୍ୟରୁ ଅଧକ୍ଷ ପଦ ପାଇଁ ୩ଟି ଓ କାଉନସିଲର ୧୭ଟି ରହିଛି। ସୋମବାର ନାମାଙ୍କନ ପତ୍ର ଦାଖଲ କରିବା ଶେଷ ଦିନ ରହିଛି। ଫଳରେ ଉକ୍ତ ଦିନ ବିଭିନ୍ନ ରାଜନୈତିକ ଦଳର ଆଶାୟୀ ପ୍ରାର୍ଥୀଙ୍କ ଭିଡ ପରଲକ୍ଷିତ ହେବ ବୋଲି ଆଶଙ୍କା କରାଯାଉଛି।

### ପ୍ରାର୍ଥୀ ଚୟନ ନେଇ ତିନି ପ୍ରମୁଖ ଦଳର ଅଙ୍କ ଛିଣ୍ଡୁନି

**ବୌଦ୍ଧଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାଚନ**

ବୌଦ୍ଧ,୬।୩(ସ୍ୱ.ପ୍ର.): ବୌଦ୍ଧଗଡ଼ ଏନଏସି ନିର୍ବାଚନ ପାଇଁ ରବିବାର ଥିଲା ନାମାଙ୍କନପତ୍ର ଦାଖଲର ପଞ୍ଚମ ଦିନ। ପଞ୍ଚମ ଦିନରେ ଅଧକ୍ଷ ପଦ ପାଇଁ ୩ ଜଣ ଓ କାଉନସିଲର ପଦ ପାଇଁ ୪୨ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର କିଣିଛନ୍ତି। ପଞ୍ଚମ ଦିନ ସୁଦ୍ଧା ୭୭ ଜଣ ନାମାଙ୍କନ ପତ୍ର କିଣିଥିବା ଜଣାପଡିଛି। ପଞ୍ଚମ ଦିନରେ ଅଧକ୍ଷ ପଦ ପାଇଁ ବଗିଚା ସାହିର ଦେବାଶିଷ ପୁରୋହିତ, ବୁଟୁପାଲିର ରାଜ କୁମାର ମେହେର ଓ ନୂଆସାହିର ଯୁଗୋଲ କିଶୋର ସାମଲ ପ୍ରାର୍ଥୀପତ୍ର କିଣିଛନ୍ତି। ସୋମବାର ନାମାଙ୍କନ ପତ୍ର ଦାଖଲର ଶେଷ ଦିନ ଥିବା ବେଳେ ବୌଦ୍ଧ ବିଜ୍ଞାପିତ ଅଞ୍ଚଳର ଅଧକ୍ଷ ଓ ୧୭ଟି ୱାର୍ଡର କାଉନସିଲର ପଦବୀ ପାଇଁ ତିନି ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସର ଅଙ୍କ ଛିଣ୍ଡୁ ନାହିଁ। ଏଥିପାଇଁ ଆଶାୟୀଙ୍କ ମଧ୍ୟରେ ଉତ୍କଣ୍ଠା ବୃଦ୍ଧି ପାଇବାରେ ଲାଗିଛି। ଏପର୍ଯ୍ୟନ୍ତ ମାତ୍ର ୨ ଜଣ ପ୍ରାର୍ଥୀ ଅଧକ୍ଷ ପଦ ପାଇଁ ନାମାଙ୍କନ ପତ୍ର ଦାଖଲ କରିଥିବା ଜଣାପଡିଛି।

### ସୁକାନ୍ତି ପାଢ଼ୀ ବିଜେଡି ଚେୟାରମ୍ୟାନ ପ୍ରାର୍ଥୀ

ଟିଟିଲାଗଡ଼,୬।୩(ଡି.ଏନ.ଏ.): ଟିଟିଲାଗଡ଼ ପୌର ପରିଷଦ ଅଧକ୍ଷା ପଦ ପାଇଁ ସୁକାନ୍ତି ପାଢ଼ୀ ବିଜେଡି ପ୍ରାର୍ଥୀ ହେବେ। ଏ ନେଇ ରବିବାର ସନ୍ଧ୍ୟାରେ ତାଙ୍କ ନାମକୁ ଜିଲା ବିଜେଡି ସଭାପତି ତଥା ମନ୍ତ୍ରୀ ଟୁକୁନି ସାହୁ ଘୋଷଣା କରିଛନ୍ତି। ଏଥିସହିତ ୧୫ୱାର୍ଡ ପାଇଁ କାଉନସିଲର ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ସେମାନେ ହେଲେ ୱାର୍ଡ କ୍ରମିକ ନମ୍ବର ଅନୁସାରେ ମମତା ସାହୁ, ଚନ୍ଦ୍ରକାନ୍ତି ନାଗ, ଗୋପାଳ ବେହେରା, ଭୁବନେଶ୍ୱର ପଟ୍ଟନାୟକ, ଚନ୍ଦ୍ରଶେଖର ନାୟକ, ସୁଧୀର ଅଗ୍ରୱାଲ, ଭାରତୀ ଭରା ସାଗର, ସୁନିତା ଦାସ, ସ୍ମିତାଞ୍ଜଳୀ ଗହୀର, ସଞ୍ଜୀବ ଗୋୟଲ, ମିନାକ୍ଷୀ ବଗର୍ତ୍ତି, ମାନସ ସାହୁ, ସାବିତ୍ରୀ ବାରିକ, ତରୁଣୀ ସିଂ ପାତ୍ର, ଅନିତା ଚନ୍ଦନ।

# ଦଳ ସମର୍ଥନ ପାଇଁ ପଡ଼ାରେ ପ୍ରାକ୍ ଭୋଟ

**ବଲାଙ୍ଗୀର ଅଫିସ, ୬।୩**

- ଇନ୍ଦିରାନଗରରେ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ
- ସୋସିଆଲ ମିଡିଆରେ ଭୋଟିଂ ଭିଡିଓ ଭାଇରାଲ
- ଅଭିଯୋଗର ତଦନ୍ତ କରାଯିବ: ଉପଜିଲାପାଳ

ପଞ୍ଚାୟତ ନିର୍ବାଚନରେ ବଲାଙ୍ଗୀର ଜିଲାର ବିଲେଇସର୍ଡା ଗ୍ରାମରେ ୪୪ଲକ୍ଷ ୧୦ ହଜାର ଟଙ୍କାରେ ସରପଞ୍ଚ ପଦବୀ ନିଲାମ ଘଟଣା ରାଜ୍ୟବ୍ୟାପୀ ହଇଚଇ ସୃଷ୍ଟି ହୋଇଥିଲା। ଏବେ ପୌର ନିର୍ବାଚନ ପୂର୍ବରୁ ବଲାଙ୍ଗୀର ମ୍ୟୁନିସିପାଲିଟି ୱାର୍ଡ ନମ୍ବର ୨୦ରେ ପୁଣି ଏକ ଅଭିନବ ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଏହି ୱାର୍ଡ ଅନ୍ତର୍ଗତ ଇନ୍ଦିରାନଗରପଡାରେ ଚଳିତ ପୌର ନିର୍ବାଚନରେ କେଉଁ ଦଳକୁ ପଡାବାସୀ ସମର୍ଥନ ଦେବେ ସେଥି ନିମନ୍ତେ ଏକ ପ୍ରାକ୍-ଭୋଟ ହୋଇଥିବା ଚର୍ଚ୍ଚାର ବିଷୟ ହୋଇଛି। ଏସଂକ୍ରାନ୍ତୀୟ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଘଟଣା ଲୋକଲୋଚନକୁ ଆସିଛି।

ମିଳିଥିବା ସୂଚନା ମୁତାବକ ଇନ୍ଦିରାନଗରପଡା ସ୍ଥିତ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଶୁକ୍ରବାର ଏକ ଭୋଟବାକ୍ସ ରଖାଯାଇଥିଲା। ପଡାର ଶତାଧିକ ମହିଳା ଓ ପୁରୁଷ ଉକ୍ତ ମନ୍ଦିରକୁ ଯାଇ ଭୋଟ ଦେଇଥିଲେ। ସେଠାରେ ବାଲାଟ୍ ପେପର ତିଆରି କରାଯାଇଥିଲା ଓ ସେଥିରେ ତିନି ପ୍ରମୁଖ ରାଜନୈତିକ ଦଳର ଚିହ୍ନ ରହିଥିଲା। ଯେଉଁ ଦଳକୁ ଅଧିକ ଭୋଟ ପଡିବ ତାକୁ ପଡାବାସୀ ସମର୍ଥନ ଦେବେ ବୋଲି ନିଷ୍ପତ୍ତି ହୋଇଥିବା ଚର୍ଚ୍ଚାର ବିଷୟ ହୋଇଛି। ଇନ୍ଦିରାନଗର ଅଞ୍ଚଳର ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ପାଇଁ ଜିଲା ପ୍ରଶାସନ ପକ୍ଷରୁ କିଛି ମାସ ପୂର୍ବରୁ ନୋଟିସ୍ ଜାରି କରାଯାଇଥିଲା। ଏହାର ପ୍ରତିବାଦରେ ପଡାବାସୀ ସେତେବେଳେ ଜିଲାପାଳ କାର୍ଯ୍ୟାଳୟ, ମ୍ୟୁନିସିପାଲିଟି ଅଫିସ ଘେରାଉ କରିବା ସହ ବିଭିନ୍ନ ରାଜନୈତିକ ଦଳର ନେତା, ବିଧାୟକ ଓ ଏମ୍‌ପିଙ୍କୁ ଭେଟିଥିଲେ। ତେବେ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ନହେବା ନେଇ କୌଣସିଠାରୁ ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ନ ପାଇବା ପରେ କେତେକ ପଡାବାସୀ ଚଳିତ ପୌର ନିର୍ବାଚନକୁ ବର୍ଜନ କରିବେ ବୋଲି ନିଷ୍ପତ୍ତି ନେଇଥିଲେ। ମାତ୍ର କିଛିଦିନ ତଳେ କେତେଜଣଙ୍କ ଉଦ୍ୟମରେ ଭୋଟ ବର୍ଜନ ପୂର୍ବରୁ କେଉଁ ଦଳକୁ ପଡାବାସୀ ସମର୍ଥନ ଦେବାକୁ ଚାହୁଁଛନ୍ତି ସେ ନେଇ ଜାଣିବା ପାଇଁ ଏକ ପ୍ରାକ୍-ଭୋଟ କରାଯାଇଥିଲା। ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବାବେଳେ କୌଣସି ଦଳକୁ ସମର୍ଥନ ଦେବାକୁ ଯାଇ ପଡାର କେତେକ ସର୍ବସାଧାରଣ ମନ୍ଦିରରେ କିଭଳି ପ୍ରାକ୍-ଭୋଟ କଲେ ତାକୁ ନେଇ ଏବେ ଚର୍ଚ୍ଚା ଆଲୋଚନା ଜୋର ଧରିଛି। ଏଦିଗରେ ବଲାଙ୍ଗୀର ଉପଜିଲାପାଳ ଲମ୍ବୋଦର ଧରୁଆଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ତାଙ୍କ ପାଖରେ ବିଧିବଦ୍ଧ କିଛି ସୂଚନା ନାହିଁ। ତେବେ ଏଭଳି ଅଭିଯୋଗ ଉଠୁଥିବାରୁ ଏହାର ତଦନ୍ତ କରାଯିବ ବୋଲି କହିଛନ୍ତି।

## ପୌରାଧକ୍ଷା, ୧୬ କଂଗ୍ରେସ କାଉନସିଲର ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର ଦାଖଲ

**ବଲାଙ୍ଗୀର ଅଫିସ, ୬।୩**


ବଲାଙ୍ଗୀର କଂଗ୍ରେସ ପୌରାଧକ୍ଷା ପ୍ରାର୍ଥୀ ମିଲନୀ ସାହୁ ରବିବାର ନାମାଙ୍କନ ପତ୍ର ଦାଖଲ କରୁଛନ୍ତି।

ବଲାଙ୍ଗୀର ପୌର ପରିଷଦ ନିର୍ବାଚନ ସକାଶେ କଂଗ୍ରେସ ପୌରାଧକ୍ଷା ପ୍ରାର୍ଥୀ ମିଲନୀ ସାହୁଙ୍କ ସମେତ ଦଳର ୧୬ଜଣ କାଉନସିଲର ପ୍ରାର୍ଥୀ ରବିବାର ସ୍ଥାନୀୟ ପୌରପାଳିକା ଅଫିସରେ ନାମାଙ୍କନପତ୍ର ଦାଖଲ କରିଥିଲେ। ପିସିସି ସାଧାରଣ ସମ୍ପାଦକ ସମରେନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରାରେ ପ୍ରାର୍ଥୀମାନେ ସହର ପରିକ୍ରମା ପୂର୍ବକ ପୌରପାଳିକା ଅଫିସରେ ପହଞ୍ଚି ନାମାଙ୍କନପତ୍ର ନିର୍ବାଚନ ଦାୟିତ୍ୱରେ ଥିବା ଉପଜିଲାପାଳ ଲମ୍ବୋଧର ଧରୁଆଙ୍କୁ ପ୍ରଦାନ କରିଥିଲେ। ରବିବାର ଅଧକ୍ଷା ପ୍ରାର୍ଥୀ ସାହୁଙ୍କ ସହ ୱାର୍ଡ ନମ୍ବର ୧ର ପ୍ରାର୍ଥୀ ସସ୍ମିତା କୁମ୍ଭାର, ୨ର ସୁଜାତା ପୋଡ, ୩ର ରଜନୀ ବନଛୋର, ୫ର ଗୋବିନ୍ଦ ମହାନ୍ତି, ୬ର ସ୍ମିତାରାଣୀ ପଟ୍ଟନାୟକ, ୭ର ସବିତା ଶତପଥି, ୮ର ସୁଧା ସିଂଦେଓ, ୧୦ର ସୀତାରାମ କୁମ୍ଭାର, ୧୧ର ପ୍ରଦୀପ କୁମାର ମିଶ୍ର, ୧୨ର ଅଞ୍ଜଳି ସାହୁ, ୧୩ର ରଜନୀ ସେଠ, ୧୪ର ଜ୍ୟୋସ୍ନା ବେହେରା, ୧୬ର କଳ୍ପନା ସେଠ, ୧୮ର ସୁରେନ୍ଦ୍ର ଅଶ୍ୱପାଳ, ୧୯ର ସତ୍ୟବ୍ରତ ବଗର୍ତ୍ତୀ ଏବଂ ୨୧ର ମନୋଜ କୁମାର ବେହେରା ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଜିଲା କଂଗ୍ରେସ ମହିଳା ସଭାନେତ୍ରୀ ତଥା ଦଳର ପୌରାଧକ୍ଷା ପ୍ରାର୍ଥିନୀ ମିଲନୀ ସାହୁ ଗଣମାଧମକୁ କହଛନ୍ତି ଯେ, ଲଗାତାର ୩ ଥର ବିଜେଡି ହାତରେ ବଲାଙ୍ଗୀର ପୌରପାଳିକା ରହିଥିଲେ ମଧ ଏଠାରେ କୌଣସି ବିକାଶମୂଳକ କାର୍ଯ୍ୟ ହୋଇନାହିଁ। ୨୦୧୪ ମସିହାରେ କଂଗ୍ରେସ ବିଧାୟକ ଭାବେ ନରସିଂହ ମିଶ୍ର ବିଜୟୀ ହେବା ପରେ ଏଠାରେ ବିକାଶ ଆଖିଦୃଶିଆ ହୋଇଛି। ଲୋକେ ବିଧାୟକ ମିଶ୍ରଙ୍କ ନେତୃତ୍ୱରେ ଏଠାରେ କଂଗ୍ରେସକୁ ହିଁ ଭୋଟ ଦେବ ଓ ବିଜୟୀ କରାଇବେ ବୋଲି ସେ କହିଥିଲେ। ଆଗକୁ ଏକ ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ ପୌରପାଳିକା ଗଠନ ଦିଗରେ କଂଗ୍ରେସ ପକ୍ଷରୁ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ। ବିଧାୟକ ମିଶ୍ରଙ୍କ ବିକାଶମୂଳକ କାର୍ଯ୍ୟ ଓ ଶାସକ ଦଳର ବିଫଳତାକୁ ନେଇ ଲୋକଙ୍କ ପାଖକୁ ଭୋଟ ମାଗିବାକୁ ଯିବୁ ବୋଲି ପିସିସି ସାଧାରଣ ସମ୍ପାଦକ ମିଶ୍ର କହିଥିଲେ।

## ୩ ଅଧକ୍ଷ, ୨୨ କାଉନସିଲର୍ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ

**ଖଡିଆଲ ଏନଏସି: ନାମାଙ୍କନ ଦାଖଲ ଷଷ୍ଠ ଦିନ**

ଖଡିଆଲ,୬।୩(ଡି.ଏନ.ଏ.)

ମାର୍ଚ୍ଚ ୨୪ରେ ଖଡିଆଲ ଏନ୍‌ଏସି ଅଧକ୍ଷ ସମେତ ୧୩ଟି କାଉନସିଲର ପଦ ପାଇଁ ହେବ ନିର୍ବାଚନ। ଏଥିପାଇଁ ନାମାଙ୍କନ ଦାଖଲ ପ୍ରକ୍ରିୟା ଜାରି ରହିଥିବା ବେଳେ ରବିବାର ୬ଷ୍ଠ ଦିନରେ କଂଗ୍ରେସ ପ୍ରାର୍ଥୀ ଭାବେ ଉଜ୍ୱଳ ଗୁପ୍ତା, ବିଜେଡି ପ୍ରାର୍ଥୀ ମୁଲଚନ୍ଦ ଅଗ୍ରୱାଲ ଏବଂ ସ୍ୱାଧୀନ ପ୍ରାର୍ଥୀ ଭାବେ ଅବସରପ୍ରାପ୍ତ ଆୟକର କମିଶନର ଶ୍ରୀକାନ୍ତ ଚଟର୍ଯୀ ୪ସେଟ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେହିପରି ୧୩ଟି କାଉନସିଲର ପଦ ପାଇଁ ରବିବାର ୨୨ କାଉନସିଲର ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିବା ଜଣାପଡିଛି। କଂଗ୍ରେସ ପକ୍ଷରୁ ୧ ନଂ. ୱାର୍ଡ ବେସନବାଇ କରୁଆଁ, ୱାର୍ଡ ନଂ.୨ରୁ କଂଗ୍ରେସ ପ୍ରାର୍ଥୀ ରେବତୀ ଶବର ଏବଂ ବିଜେଡି ପ୍ରାର୍ଥୀ କୁନ୍ତି ଶବର, ୱାର୍ଡ ନଂ. ୩ରେ କଂଗ୍ରେସ ପ୍ରାର୍ଥୀ ରାଜାରାଣି , ବିଜେଡି ପ୍ରାର୍ଥି ହିନା ପ୍ରଧାନୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ୱାର୍ଡ ନଂ. ୪ରୁ କଂଗ୍ରେସ ପ୍ରାର୍ଥୀ ସୋନିଆ ପାଣିଗ୍ରାହୀ, ବିଜେଡି ପ୍ରାର୍ଥୀ କିରଣ ତାଣ୍ଡି, ୱାର୍ଡନଂ. ୫ରେ ବିଜେଡିରୁ ସତ୍ୟନାରାୟଣ ସାହୁ, ୱାର୍ଡ ନଂ.୬ରୁ କଂଗ୍ରେସର ହେମନ୍ତ ମନହରେ ଏବଂ ବିଜେଡିରୁ ଜ୍ୟୋତିଲାଲ ବଞ୍ଜାରେ, ୱାର୍ଡ ନଂ. ୭ରୁ କଂଗ୍ରେସ ପ୍ରାର୍ଥୀ ଭାବେ ଶକୁନ୍ତଳା ରାଉତ ଏବଂ ବିଜେଡି ପ୍ରାର୍ଥୀ ଭାବେ ନିଶା କେତକୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ୱାର୍ଡ ନଂ. ୮ରୁ ବିଜେଡିର ସୁବେର ସିଂଦେଓ, ୱାର୍ଡ ନଂ.୯ରୁ ବିଜେଡି ପ୍ରବିନ ପ୍ରଧାନୀ, ୱାର୍ଡ ନଂ. ୧୦ରୁ କଂଗ୍ରେସର ଗୋମତୀ ଠେଲା, ବିଜେଡିରୁ ଚନ୍ଦନ କୁମାର ସାହୁ, ୱାର୍ଡ ନଂ. ୧୧ରୁ କଂଗ୍ରେସ ପ୍ରାର୍ଥୀ ନରେନ୍ଦ୍ର ଶବର ଏବଂ ବିଜେଡି ପ୍ରାର୍ଥୀ ମନୋଜ ଶବର ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେହିପରି ୱାର୍ଡ ନଂ. ୧୨ରୁ କଂଗ୍ରେସର ବିନତୀ ହଂସ ଏବଂ ବିଜେଡିର ମମତା ଦଣ୍ଡସେନା ଏବଂ ୱାର୍ଡ ନଂ. ୧୩ କଂଗ୍ରେସରୁ ପ୍ରମିଳା ତାଣ୍ଡି ଏବଂ ବିଜେଡିରୁ ଯଶୋଦା ସିନ୍ଧୁର ନିଜ ନାମାଙ୍କନପତ୍ର ଦାଖଲ କରିଥିବା ଜଣାପଡିଛି।

## ନବନିର୍ବାଚିତ ସରପଞ୍ଚଙ୍କ କର୍ମକର୍ତ୍ତା ଚୟନ ବୈଠକ


ବୈଠକରେ ସାମିଲ ନବନିର୍ବାଚିତ ସରପଞ୍ଚବୃନ୍ଦ।

**କୋକସରା,୬।୩(ଡି.ଏନ.ଏ.)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବିଜୟୀ ହେବା ପରେ ଆରମ୍ଭ ହୋଇଛି ବ୍ଲକରେ ନବ ନିର୍ବାଚିତ ସରପଞ୍ଚଙ୍କ ବନ୍ଧୁମିଳନ ସହ କର୍ମକର୍ତ୍ତା ଚୟନ ପାଇଁ ବୈଠକ। ଏହିକ୍ରମରେ କଳାହାଣ୍ଡି ଜିଲା କୋକସରା ବ୍ଲକ ୨୨ ପଞ୍ଚାୟତ ସରପଞ୍ଚଙ୍କ ବନ୍ଧୁମିଳନ ଓ କର୍ମକର୍ତ୍ତା ଚୟନ ବୈଠକ ରବିବାର ଆମପାଣି ନିୟନ୍ତ୍ରିତ ବଜାର କମିଟି ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କୋକସରା ବ୍ଲକର ୨୨ ପଞ୍ଚାୟତମଧ୍ୟରୁ ୧୯ ସରପଞ୍ଚ ଯୋଗଦେଇ ବିଜୟୀ ସରପଞ୍ଚ ନିଜ ମଧ୍ୟରେ ଅଭିନନ୍ଦନ ସହ ଶୁଭେଚ୍ଛା ଜଣାଇଛନ୍ତି। ବୈଠକରେ ପ୍ରଥମେ ସମସ୍ତ ବିଜୟୀ ସରପଞ୍ଚଙ୍କୁ ସମ୍ବର୍ଦ୍ଧନା କରାଯାଇଛି। ପରେ ସର୍ବସମ୍ମତି କ୍ରମେ ଲଡୁଗାଁ ସରପଞ୍ଚ ନକୁଳ ନାଏକଙ୍କୁ ବ୍ଲକ ସଂଘ ସଭାପତି, ଉପସଭାପତି ଭାବେ କାଶିବାହାଲ ସରପଞ୍ଚ ପୁଷ୍ପାଳି ନାଏକ, ସାଧାରଣ ସମ୍ପାଦକ ମହିମା ସରପଞ୍ଚ ଇଶରାମ କୋଲଥିଆ, ସହସମ୍ପାଦକ ମୋଟେର ସରପଞ୍ଚ ବାସନ୍ତି ନାଏକ, କୋଷାଧକ୍ଷ ଭାବେ ଆମପାଣି ସରପଞ୍ଚ ରୁକ୍ମଣୀ ବାଣୁଆଙ୍କୁ କାର୍ଯ୍ୟଭାର ଦିଆଯାଇଛି। କର୍ମକର୍ତ୍ତା ଚୟନ ବୈଠକରେ କୋକସରା ବ୍ଲକର ୧୯ ପଞ୍ଚାୟତ ସରପଞ୍ଚମାନେ ଉପସ୍ଥିତ ରହିଥିଲେ। ଆଗାମୀ ଦିନରେ ନିଜ ପଞ୍ଚାୟତରେ ବିକାଶ ଧାରାକୁ ଅଗ୍ରାଧିକାର ଦେଇ କାର୍ଯ୍ୟ କରିବା ସହ ବ୍ଲକ ପ୍ରଶାସନ ସହ ସୁସମ୍ପର୍କ ରଖି ପଞ୍ଚାୟତ ବିକାଶ ଦିଗରେ ଚେଷ୍ଟା କରିବା ପାଇଁ ମତପ୍ରକାଶ ପାଇଛି।

## ବିଜେଡି ଅଧକ୍ଷ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର ଦାଖଲ


ନାମାଙ୍କନ ପତ୍ର ଦାଖଲ ପାଇଁ ଦଳୀୟ ପ୍ରାର୍ଥୀଙ୍କ ସହ ମନ୍ତ୍ରୀ ଟୁକୁନି ସାହୁ ଏନଏସି କାର୍ଯ୍ୟାଳୟକୁ ଯାଉଛନ୍ତି।

**ଗୁଡ଼ଭେଲା, ୬।୩(ଡି.ଏନ.ଏ.)**

**ମନ୍ତ୍ରୀଙ୍କ ଉପସ୍ଥିତିରେ ୯ କାଉନସିଲର ପ୍ରାର୍ଥୀ ନାମାଙ୍କନ ଭରିଲେ**

ବଲାଙ୍ଗୀର ଜିଲା ତୁଷୁରା ଏନସି ନିର୍ବାଚନ ପାଇଁ ରବିବାର ବିଜେଡି ଅଧକ୍ଷ ପ୍ରାର୍ଥୀ ଅଜୟ କୁମାର ଜୟସ୍ୱାଲ ଓ ୯ଜଣ କାଉନସେଲର ପ୍ରାର୍ଥୀ ଏନଏସି କାର୍ଯ୍ୟାଳୟରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ନିର୍ବାଚନ ଅଧିକାରୀ ତଥା ତୁଷୁରା ତହସିଲଦାର ରବିନ୍ଦ୍ର ପଟେଲ ପ୍ରାର୍ଥୀପତ୍ର ଗ୍ରହଣ କରିଥିଲେ। ରାଜ୍ୟ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁଙ୍କ ଉପସ୍ଥିତିରେ ବିଜେଡି ପ୍ରାର୍ଥୀମାନେ ସମଲେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ଏକ ଶୋଭାଯାତ୍ରାରେ ଏନଏସି କାର୍ଯ୍ୟାଳୟରେ ପହଞ୍ଚିଥିଲେ। ତୁଷୁରା ଏନଏସିରେ ୧୧ଟି ୱାର୍ଡ ରହିଥିବା ବେଳେ ୮୨୭୪ ଜଣ ଭୋଟର ରହିଛନ୍ତି। ସେମାନଙ୍କ ମଧ୍ୟରେ ୪୧୮୭ ପୁରୁଷ , ୪୦୮୬ ମହଳା ଓ ଜଣେ ଅନ୍ୟାନ୍ୟ ବର୍ଗର ଭୋଟର ରହିଛନ୍ତି।

## ପାଟଣାଗଡ଼ ଏନ୍‌ଏସି: ୨୦ ନାମାଙ୍କନ ପତ୍ର ଦାଖଲ

**ପାଟଣାଗଡ, ୬।୩(ଡି.ଏନ୍.ଏ.)**

ପାଟଣାଗଡ ବିଜ୍ଞାପିତ ଅଞ୍ଚଳ ପରିଷଦରେ ରବିବାର ୨୦କାଉନସିଲର ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ୱାର୍ଡ ନମ୍ବର ୧, ୪, ୫, ୭, ୮, ୯, ୧୦, ୧୧ ଓ ୧୫ ପାଇଁ ଜଣେ ଲେଖାଏ ମନୋନୟନ ପତ୍ର ଦାଖଲ କରିଥିବା ବେଳେ ୱାର୍ଡ ନମ୍ବର ୨, ୬, ୧୨ ଓ ୧୪ ପାଇଁ ୨ ଜଣ ଲେଖାଏ ଏବଂ ୱାର୍ଡ ନମ୍ବର ୧୩ ପାଇଁ ୩ ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି।

ଭାଜପାର ୧୩ ଜଣ ପ୍ରାର୍ଥୀ ଦଳୀୟ କାର୍ଯ୍ୟାଳୟ ରାଜଖମାରଠାରୁ ନଗର ସଭାପତି ମୁନା ମହାନ୍ତି ଏବଂ ଜିଲା କୋଷାଧକ୍ଷ ପ୍ରଦୀପ କୁମାର ବଂଶଲଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରାରେ ଏନଏସି କାର୍ଯ୍ୟାଳୟ ଆସି ନାମାଙ୍କନ ଦାଖଲ କରିଥିଲେ । ୧୫ ୱାର୍ଡ ବିଶିଷ୍ଟ ପାଟଣାଗଡ ବିଜ୍ଞାପିତ ଅଞ୍ଚଳ ପରିଷଦର ୩ ଏବଂ ୯ ନମ୍ବର ୱାର୍ଡକୁ ଛାଡି ଅବଶିଷ୍ଟ ୧୩ଟିରେ ଭାଜପା ପକ୍ଷରୁ ରବିବାର ନାମାଙ୍କନ ଦାଖଲ କରାଯାଇଛି। ସୋମବାର ଶେଷ ଦିବସରେ ଦଳର ଅଧକ୍ଷ ପ୍ରାର୍ଥୀ ଏବଂ ୨ ଜଣ ୱାର୍ଡସଭ୍ଯ ପ୍ରାର୍ଥୀ ନାମାଙ୍କନ ଦାଖଲ କରିବେ ବୋଲି ବରିଷ୍ଠ ଭାଜପା ନେତା ରମାନାଥ ହୋତାଙ୍କଠାରୁ ପ୍ରକାଶ । ସେହିଭଳି କଂଗ୍ରେସ ନେତା ଅନୀଲ କୁମାର ମେହେରଙ୍କ ନେତୃତରେ ୱାର୍ଡ ନମ୍ବର ୨, ୬, ୯, ୧୨, ୧୩ ଓ ୧୪ ପାଇଁ ୬ଜଣ ପ୍ରାର୍ଥୀ ସେମାନଙ୍କ ନାମାଙ୍କନ ଦାଖଲ କରିଥିଲେ। ପରେ ଜଣେ ସ୍ୱାଧୀନ ପ୍ରାର୍ଥୀ ପ୍ରାର୍ଥୀପତ୍ର ପତ୍ର ଦାଖଲ କରିଛନ୍ତି। ସୋମବାର ବିଜେଡି ପକ୍ଷରୁ ଚେୟାରମ୍ୟାନଙ୍କ ସହ ୧୫ ୱାର୍ଡସଭ୍ୟ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିବେ ବୋଲି ଜଣାଯାଇଛି ।

## ନାମାଙ୍କନ ଭରିଲେ କଂଗ୍ରେସ ଅଧକ୍ଷ ପଦ ପ୍ରାର୍ଥୀ


କଂଗ୍ରେସ ଅଧକ୍ଷ ପଦ ପ୍ରାର୍ଥୀ ବରିୟାମ ସିଂ ସାଲୁଜା ପ୍ରାର୍ଥୀପତ୍ର ଦାଖଲ କରୁଛନ୍ତି।

**କଣ୍ଟାବାଞ୍ଜି, ୬।୩(ଡି.ଏନ.ଏ.)**

**କାଉନସିଲର ପାଇଁ ୧୮ ପ୍ରାର୍ଥୀପତ୍ର ଦାଖଲ**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଏନଏସି ନିର୍ବାଚନୀ ପାଇଁ ପ୍ରାର୍ଥୀପତ୍ର ଦାଖଲର ଷଷ୍ଠ ଦିନ ରବିବାର ୧୯ଟି ନାମାଙ୍କନ ପତ୍ର ଦାଖଲ ହୋଇଛି। ଅଧକ୍ଷ ପଦ ପାଇଁ କଂଗ୍ରେସରୁ ବରିୟାମ ସିଂ ସାଲୁଜା ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେହିପରି କାଉନସିଲର ପାଇଁ ୧୮ ଜଣ ନାମାଙ୍କନ ପତ୍ର ଭରିଛନ୍ତି। ୱାର୍ଡ ନଂ.୨ ରୁ ସୁରଜ କୁମାର ଜୈନ, ୱାର୍ଡ ନଂ. ୩ରୁ ମନୀଶ ଅଗ୍ରୱାଲ, ୱାର୍ଡ ନଂ ୪ ରୁ ମୀନା ପାଠକ ଓ ସୁଧା ଅଗ୍ରୱାଲ, ୱାର୍ଡ ନଂ୬ ରୁ ସୁଲୋଚନା ତାଣ୍ଡି ଓ ନୀଳକଣ୍ଠ ଶତପଥୀ, ୱାର୍ଡ ନଂ ୧୩ ରୁ ବାସନ୍ତି ପୁଟେଲ, ମନୋରମା ରାଉତ ଓ ଭୂମି ବାଗ, ୱାର୍ଡ ନଂ ୮ ରୁ ଅନୀତା ଅଗ୍ରୱାଲ, ୱାର୍ଡ ନଂ୧୨ ରୁ ହେମାନି ଜଗତ, ୱାର୍ଡ ନଂ୧୦ରୁ ଶାନ୍ତି ଦୀକ୍ଷିତ, ୱାର୍ଡ ନଂ୧୧ ସୁଦାମ ସାହୁ ଓ ଶାଳିନି ବେହେରା, ୱାର୍ଡ ନଂ.୧୪ ରୁ କୈଳାସ ସୁନା, ୱାର୍ଡ ନଂ ୧୫ ରୁ ପିଙ୍କି ଖର୍ସେଲ, ସତ ରାଉତ ଏବଂ ୱାର୍ଡ ନଂ ୧୬ ନିତୁ ବେହେରା। ସୋମବାର ଅନ୍ତିମ ଦିନରେ ବିଜେଡି, ଭାଜପାର ଅଧକ୍ଷ ଓ କାଉନସିଲର ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ କରିବେ ବୋଲି ଜଣାପଡିଛି।

## ଭାଜପାରେ ମିଶିଲେ ଜିଲା ବିଜେଡି ସମ୍ପାଦକ

**ଧର୍ମଗଡ,୬।୩(ଡି.ଏନ.ଏ.)**

**ଧର୍ମଗଡ ଏନ୍‌ଏସି ଅଧକ୍ଷ ପଦ ପାଇଁ ଘୋଷଣା**

କଳାହାଣ୍ଡି ଜିଲା ଧର୍ମଗଡ ଏନ୍‌ଏସିର ପୂର୍ବତନ ଉପାଧକ୍ଷ ତଥା ବିଜେଡି ଜିଲା ସମ୍ପାଦକ ଅଶୋକ ମହାନ୍ତି ରବିବାର ଶତାଧିକ କର୍ମୀଙ୍କ ସହ ଭାଜପାରେ ସାମିଲ ହୋଇଛନ୍ତି। ଭାଜପାରେ ସାମିଲ ହେବା ପରେ ଦଳ ପକ୍ଷରୁ ଧର୍ମଗଡ ଏନ୍‌ଏସରି ଅଧକ୍ଷ ପଦ ପାଇଁ ତାଙ୍କ ନାମ ଘୋଷଣା କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଧର୍ମଗଡ ଏନ୍‌ଏସି ନିର୍ବାଚନରେ ଅଧକ୍ଷ ପଦ ପାଇଁ ଏଥର ବିଜେଡିରୁ ପ୍ରାର୍ଥୀ ଭାବେ ଅଶୋକ ଆଶାୟୀ ରହିଥିଲେ। ହେଲେ ବିଜେଡି ପକ୍ଷରୁ ତାଙ୍କୁ ଟିକେଟ ନ ଦେଇ ଯୁବଆଇନଜୀବୀ ରାଜେନ୍ଦ୍ର ମୁନିଙ୍କ ନାମ ଚୟନ କରିଛି। ଫଳରେ ଅଶୋକ ଅସନ୍ତୋଷ ହୋଇ ବିଜେଡି ଛାଡି ଭାଜପାରେ ସାମିଲ ହୋଇଛନ୍ତି। ଏହି ସମୟରେ ତାଙ୍କୁ ଭାଜପା ଜିଲା ସାଧାରଣ ସମ୍ପାଦକ ସୁଧୀର ପଟ୍ଟଯୋଷୀ, ପୂର୍ବତନ ଜିଲା ସଭାପତି ଧନଞ୍ଜୟ ପାତ୍ର, ଶିଶୁ ଦେବ ମୁଣ୍ଡ, ନଗର ସଭାପତି ହରେକୃଷ୍ଣ ପଣ୍ଡା, ନବରଙ୍ଗପୁର ପ୍ରଭାରୀ ହିମାଂଶୁ ଶେଖର ପଣ୍ଡା, ଅପ୍ରେଶ ସ୍ୱାଇଁ, ଜଗବନ୍ଧୁ ମିଶ୍ର ପ୍ରମୁଖ ଉପଢୌକନ ଦେଇ ତାଙ୍କୁ ସ୍ୱାଗତ କରିଥିଲେ।


ଅଶୋକ ମହାନ୍ତିଙ୍କ ସହିତ ଭାଜପା ନେତୃମଣ୍ଡଳୀ।

## ୧୭ କାଉନସିଲର ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ

**ନୂଆପଡ଼ା ଅଫିସ,୬।୩**

- ଭାଜପା, କଂଗ୍ରେସ ପାଇଁ ଅଧକ୍ଷ ପ୍ରାର୍ଥୀ ଖୋଜା ଚାଲିଛି
- ଆଜି ନାମାଙ୍କନପତ୍ର ଶେଷ ତାରିଖ

ପୌର ନିର୍ବାଚନ ଲାଗି ସୋମବାର ନାମାଙ୍କନପତ୍ର ଦାଖଲର ଶେଷ ଦିନ। ହେଲେ ନୂଆପଡା ଜିଲାରେ ସର୍ବ ପୁରାତନ ଓ ସର୍ବବୃହତ ବିଜ୍ଞାପିତ ଅଞ୍ଚଳ ପରିଷଦ ଖରିଆର ରୋଡ ଏବଂ ନୂଆପଡା ସଦର ବିଜ୍ଞାପିତ ପରିଷଦ ନିର୍ବାଚନୀ ଚିତ୍ର ଏବେ ବି ସ୍ପଷ୍ଟ ହୋଇ ପାରିନାହିଁ। ବର୍ତ୍ତମାନ ପର୍ଯ୍ୟନ୍ତ ବିଜେଡି ଛାଡି ଭାଜପା ଓ କଂଗ୍ରେସ ୨ ବିଜ୍ଞାପିତ ଅଞ୍ଚଳ ପରିଷଦ ପାଇଁ ଅଧକ୍ଷ ପ୍ରାର୍ଥୀ ଚୟନ କରି ପାରିନାହାନ୍ତି। ରବିବାର ସୁଦ୍ଧା ୧୪ ୱାର୍ଡ ବିଶିଷ୍ଟ ନୂଆପଡା ଏନ୍‌ଏସିରେ ମୋଟ ୧୭ଜଣ କାଉନସିଲର ଓ ୨ଜଣ ପ୍ରାର୍ଥୀ ସ୍ୱାଧୀନ ଭାବେ ଅଧ୍ୟକ୍ଷ ପଦବୀ ପାଇଁ ନାମାଙ୍କନପତ୍ର ଦାଖଲ କରିଛନ୍ତି। ୧୭ଜଣ କାଉନସିଲରଙ୍କ ମଧ୍ୟରୁ ୧୧ଜଣ ଭାଜପାରୁ ୱାର୍ଡ କ୍ରମିକ ସଂଖ୍ୟା ୧ରୁ ୧୧ ପର୍ଯ୍ୟନ୍ତ ପାଇଁ ନାମାଙ୍କନପତ୍ର ଦାଖଲ କରିଥିବା ବେଳେ ଜଣେ ବହୁଜନ ସମାଜ ପାର୍ଟିରୁ ଓ ୫ଜଣ ସ୍ୱାଧୀନ ଭାବେ ନାମାଙ୍କନପତ୍ର ଦାଖଲ କରିଛନ୍ତି।

ପ୍ରାପ୍ତ ସୂଚନାନୁସାରେ ୱାର୍ଡ ନଂ. ୧୩, ୧୪ ପାଇଁ ନିଦ୍ୱନ୍ଦରେ କାଉନସିଲର ଚୟନ କରିଛନ୍ତି । ସେମାନେ ସ୍ୱାଧୀନ ଭାବେ ନାମାଙ୍କନପତ୍ର ଦାଖଲ କରିଥିଲେ। ସେଠାରେ ୩ ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସ ନିଜ ପ୍ରାର୍ଥୀ ଦେଇନାହାନ୍ତି। ଅନ୍ୟପଟେ ବର୍ତ୍ତମାନ ପର୍ଯ୍ୟନ୍ତ ଅଧ୍ୟକ୍ଷ ପଦ ପାଇଁ ୨ଜଣ ସ୍ୱାଧୀନ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେମାନେ ହେଲେ ମହମ୍ମଦ ଆଦାମ ଓ ଅନ୍ୟ ଜଣେ ବିଶ୍ୱନାଥ ରଣା। ନୂଆପଡା ଏନ୍‌ଏସି ଅଧ୍ୟକ୍ଷ ପାଇଁ ବିଜେଡି ପକ୍ଷରୁ ଯୁବ ଆଇନଜୀବୀ କ୍ଷିତିଶ ଅଶୋକ ବୋଧନକରଙ୍କ ନାମରେ ଚୂଡାନ୍ତ ହୋଇଥିବା ବେଳେ ରବିବାର ସନ୍ଧ୍ୟା ପର୍ଯ୍ୟନ୍ତ ଭାଜପା ଅଧ୍ୟକ୍ଷ ପଦ ପାଇଁ ଚୂଡାନ୍ତ ହୋଇପାରିନାହିଁ। ଏଠାରେ ଭାଜପାରୁ ୩ଜଣ ପ୍ରମୁଖ ଦାବିଦାର ଅଛନ୍ତି। ସେମାନଙ୍କ ମଧ୍ୟରୁ ଭାଜପା ଜିଲା ଉପସଭାପତି ଗୋଲଡି ଅଗ୍ରୱାଲଙ୍କ ସ୍ତ୍ରୀ ସୋନିଆ ଜେନ୍, ଏମ୍‌ପି ପ୍ରତିନିଧି ପ୍ରଦୀପ ଶର୍ମାଙ୍କ ମା' ପ୍ରମିଳା ଶର୍ମା ଓ ଭାଜପା କରିଆର ରୋଡ ମଣ୍ଡଳ ଅଧକ୍ଷ ରାକେଶ ଜୈନ୍‌ଙ୍କ ସ୍ତ୍ରୀ ଅଞ୍ଜନା ଜୈନଙ୍କ ନାମରେ ସର୍ବାଙ୍ଗେ ଚର୍ଚ୍ଚା ହେଉଛି। ଭାଜପା ଶିବିରରୁ ମିଳଥିବା ସୂଚନା ମୁତାବକ ରବିବାର ରାତିସୁଦ୍ଧା କୌଣସି ଜଣକ ନାମ ଉପରେ ସହମତି ପ୍ରକାଶ ପାଇବ। ତେବେ ନୂଆପଡା ପରି ଖରିଆରୋଡରେ ମଧ କଂଗ୍ରେସ ପଛରେ ପଡିଯାଇଛି। ଜିଲା କଂଗ୍ରେସ ସଭାପତି ଘାସିରାମ ମାଝି ଉଭୟ ବିଜ୍ଞାପିତ ପରିଷଦ ଦାୟିତ୍ୱରେ ଥିବା ବେଳେ ବିଶେଷ କରି କଂଗ୍ରେସରୁ ଦଳୀୟ ଟିକେଟ୍‌ରେ ନୂଆପଡାର ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକଙ୍କ ନାମରେ ଚର୍ଚ୍ଚାକୁ ଆସୁଛି।